# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୫/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, March 25/2019 | ★★★★

୪୫ଶ ଭାଗ ୧୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## କଂଗ୍ରେସରେ ଯୋଗଦେଇ ନାହିଁ: ସପ୍ନା

ହରିୟାଣାର ଗାୟିକା ତଥା ନୃତ୍ୟଶିଳ୍ପୀ ସପ୍ନା ଚୌଧୁରୀ କଂଗ୍ରେସରେ ଯୋଗଦେବା ଖବରକୁ ଖଣ୍ଡନ କରିଛନ୍ତି।

୦୨ | ୧୯

## କେକେଆରକୁ ବିଜୟୀ କଲେ ରସେଲ

ଆନ୍ଦ୍ରେ ରସେଲଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ କୋଲକାତା ନାଇଟ ରାଇଡର୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି।



**ଆଜିର ସମ୍ପାଦକୀୟ**

**ଚାଷୀଙ୍କୁ ବାଉଳା**

**ଆଜିର ମନ୍ତବ୍ୟ**

“ଚୌକିଦାରମାନେ ଗରିବଙ୍କ କଥା ଚିନ୍ତା କରିବା ବଦଳରେ କେବଳ ଧନୀଙ୍କ ପାଇଁ କାମ କରୁଛନ୍ତି।

– ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ





NATIONAL EGG CO-ORDINATION COMMITTEE | 24.03.2019 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 97 | 154 | 164 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply

Eggs Retail Price- 43/-Dozen

Issued in the Interest of Consumers


# ହଜାଇଦେଲେ ଅସଲ ପ୍ରସଙ୍ଗ

**ନିର୍ବାଚନ ବେଳେ ସମାନ ରାସ୍ତାରେ ଶାସକ-ବିରୋଧୀ**

**ଶୀତଳଭଣ୍ଡାରରେ ଜନସାଧାରଣଙ୍କ ସମସ୍ୟା**

ନୂଆଦିଲ୍ଲୀ,୨୪।୩

ଯେଉଁ ପ୍ରସଙ୍ଗଗୁଡ଼ିକୁ ନେଇ ପାର୍ଲାମେଣ୍ଟକୁ ଅଚଳକରିଦିଆଯାଉଥିଲା, ଜନସାଧାରଣଙ୍କ ସ୍ୱାର୍ଥ ସହ ଜଡ଼ିତ ଯେଉଁ ପ୍ରଶ୍ନଗୁଡ଼ିକ ପ୍ରତିଦିନ ଉଠୁଥିଲା ଶେଷରେ ଶାସକ–ବିରୋଧୀ ମିଳିମିଶି ସେସବୁକୁ ହଜାଇ ଦେଇଛନ୍ତି। ଏବେ ଦେଶ ନିର୍ବାଚନମୁହାଁ। ତେଣୁ ମୂଳ ସମସ୍ୟାଗୁଡ଼ିକ ଉପରୁ ଧ୍ୟାନ ହଟାଇବା ପାଇଁ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଛଦ୍ମ ରାଷ୍ଟ୍ରବାଦ ଓ ଉଗ୍ର ହିନ୍ଦୁତ୍ୱବାଦର ଆଶ୍ରୟ ନେଇଥିବାବେଳେ ଏହାର ଜାଲରେ ବିରୋଧୀ ଦଳଗୁଡ଼ିକ ମଧ୍ୟ ଛନ୍ଦି ହୋଇଯାଇଛନ୍ତି। ଏଭଳି ସମୟରେ ସାଧାରଣ ନିର୍ବାଚନରେ ପୁଲ୍‌ୱାମା ଆକ୍ରମଣ ଓ ବାଲାକୋଟ ପ୍ରତିଆକ୍ରମଣ ଆଜି ପାଲଟିଛି ପ୍ରସଙ୍ଗ।

ମଣିଷର ମୌଳିକ ଆବଶ୍ୟକତା ହେଉଛି ବାସ, ଖାଦ୍ୟ, ପାନୀୟ ଜଳ, ବିଦ୍ୟୁତ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା। ଏହି ପ୍ରସଙ୍ଗଗୁଡ଼ିକ ବିଗତ ୫ ବର୍ଷରେ ସର୍ବାଧିକ ଚର୍ଚ୍ଚାରେ ରହିଆସିଥିଲା। ସେହିପରି ବିମୁଦ୍ରୀକରଣ, ସାମଗ୍ରୀ ଓ ସେବା କର (ଜିଏସ୍‌ଟି) ଏବଂ କୂଟନୈତିକ ବିଫଳତା ଭଳି ପ୍ରସଙ୍ଗଗୁଡ଼ିକୁ ନେଇ ମୋଦି ସରକାରଙ୍କୁ ବିରୋଧୀ ଲଗାତର ଟାର୍ଗେଟ କରୁଥିଲେ। ବେକାରି, କଳାଧନ, ଦରଦାମ ବୃଦ୍ଧି, ମାନବ ଚାଲାଣ, ମହିଳାଙ୍କ ସୁରକ୍ଷା, ଦଳିତ ଓ ସଂଖ୍ୟାଲଘୁଙ୍କୁ ଆକ୍ରମଣ, ଅସହିଷ୍ଣୁତା, ସାମ୍ପ୍ରଦାୟିକ ତଥା ବୁଦ୍ଧିଜୀବୀଙ୍କୁ ନିର୍ଯାତନା ଏପରି କି



ସ୍ଥଳବିଶେଷରେ ହତ୍ୟା ଭଳି ଘଟଣା ଏନ୍‌ଡିଏ ଅମଳରେ ଖବରକାଗଜର ପ୍ରଥମପୃଷ୍ଠାରେ ଶିରୋନାମା ମଣ୍ଡନ କରୁଥିଲା। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି, ବରିଷ୍ଠ ନାଗରିକଙ୍କ ସୁରକ୍ଷା, ଚାଷୀ ଆତ୍ମହତ୍ୟା, ତିନି ତଲାକ, ରାଫାଲ ଦୁର୍ନୀତି, ରାମମନ୍ଦିର, ବ୍ୟାଙ୍କ ଠକେଇ ଆଦିକୁ ନେଇ ସରକାରଙ୍କୁ ଉଠବସ କରୁଥିଲେ କଂଗ୍ରେସ ସମେତ ବିରୋଧୀ ଦଳର ନେତାମାନେ। ହେଲେ ଅସଲ ସମୟରେ ଏହି ଅସଲ ସମସ୍ୟାଗୁଡ଼ିକ କୁଆଡ଼େ ଉଭାନ ହୋଇଯାଇଛି ଅଥବା ଶୀତଳଭଣ୍ଡାରକୁ ଚାଲିଯାଇଛି। ସତେ ଯେପରିକି ଏହି ପ୍ରସଙ୍ଗଗୁଡ଼ିକ ଏବେ ପାଲଟିଯାଇଛି ମୂଲ୍ୟହୀନ ବିଷୟ ଏବଂ ଏହାର ସ୍ଥାନ ନେଇସାରିଛି ପୁଲ୍‌ୱାମା ଆକ୍ରମଣ ଓ ତତ୍‌ଉପରାନ୍ତ ବାଲାକୋଟ ଏୟାରଷ୍ଟ୍ରାଇକ୍। ରାଜନୈତିକ ବିଶ୍ଳେଷକ କୁହନ୍ତି, ପ୍ରକୃତପକ୍ଷେ ବିଚାର କଲେ ଗୋଟିଏ କଥା ସାମ୍ନାକୁ ଆସୁଛି ଯେ, ମୋଦି ସରକାର ଯେଉଁସବୁ ସଫଳତାର କଥା କହି ନିଜ ପିଠି ଥାପୁଡ଼ାଉଥିଲେ, ସେହି କ୍ଷେତ୍ରଗୁଡ଼ିକରେ ଅନେକ କାମ ବାକି ଅଛି। ଯେପରିକି ଆଜି ବି ଦେଶର ହଜାର ହଜାର ଗାଁକୁ ବିଦ୍ୟୁତ୍ ସଂଯୋଗ ହୋଇନାହିଁ ଓ ସେଠାକାର ଲୋକେ ରାତିରେ ଆଲୋକ ଦେଖିପାରି ନାହାନ୍ତି। ୨୦୧୬ ନଭେମ୍ବର ୮ର ବିମୁଦ୍ରୀକରଣ ଏବଂ ୨୦୧୭ ଜୁଲାଇ ୧ର ଜିଏସ୍‌ଟି ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରି ଏକପ୍ରକାର ଆର୍ଥିକ ଜରୁରୀ ପରିସ୍ଥିତି ସୃଷ୍ଟି କରିଛି। ଏଥିଯୋଗୁ ☞ପୃଷ୍ଠା–୪

# ବିଜେଡିର ୯ ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର,୨୪।୩(ବ୍ୟୁରୋ)

- ବଲାଙ୍ଗୀରରୁ ଅର୍କେଶ
- ବ୍ରଜରାଜନଗରରୁ କିଶୋର
- ୪ ବିଧାୟକଙ୍କ ଟିକେଟ କଟିଲା
- ବୀରମିତ୍ରପୁର, ଫୁଲବାଣୀ ଆସନ ଘୋଷଣା ହେଲାନି

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା କୋରାପୁଟ ଲୋକ ସଭା ଅନ୍ତର୍ଗତ ପଟାଙ୍ଗୀ, ନବରଙ୍ଗପୁର ଲୋକ ସଭା ଅନ୍ତର୍ଗତ ମାଲକାନଗିରି ଓ ଝରିଗାଁ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। କଳାହାଣ୍ଡି ଲୋକ ସଭା ଅଧୀନରେ ଥିବା ଲାଞ୍ଜିଗଡ଼ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ବଲାଙ୍ଗୀର ଲୋକ ସଭା ଅନ୍ତର୍ଗତ ବଲାଙ୍ଗୀର, ଲୋଇସିଂହା, ବରଗଡ଼ ଲୋକ ସଭା ଅନ୍ତର୍ଗତ ବ୍ରଜରାଜନଗର ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ସେହିପରି ତୃତୀୟ ପର୍ଯ୍ୟାୟରେ ହେବାକୁ ଥିବା ସମ୍ବଲପୁର ଲୋକ ସଭା ଅନ୍ତର୍ଗତ ସମ୍ବଲପୁର ଏବଂ ରେଢ଼ାଖୋଲ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ବୀରମିତ୍ରପୁର ଏବଂ ଫୁଲବାଣୀ ପାଇଁ କାହାରି ନାଁ ଘୋଷଣା କରାଯାଇନାହିଁ। ଏହି ଦୁଇଟି ଆସନ ନେଇ ଦଳରେ ସହମତି ହୋଇପାରୁ ନ ଥିବା ଚର୍ଚ୍ଚା ହେଉଛି।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ରହିଛି। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପାଇଁ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ କରିବାର ଶେଷଦିନ ଧାର୍ଯ୍ୟ କରାଯାଇଛି। ତେଣୁ ବୀରମିତ୍ରପୁର ଏବଂ ଫୁଲବାଣୀ ଆସନ ପାଇଁ ବିଜେଡି ସୋମବାର ନିଶ୍ଚିତ ପ୍ରାର୍ଥୀ ଘୋଷଣା କରିବ ବୋଲି ସୂତ୍ରରୁ ପ୍ରକାଶ। ବଲାଙ୍ଗୀର ବିଧାନସଭା ଆସନ ପାଇଁ ଅର୍କେଶ ନାରାୟଣ ସିଂଦେଓଙ୍କ ସହ ଶ୍ରୀମୟୀ ମିଶ୍ରଙ୍କ ନାଁ ଚର୍ଚ୍ଚା ହେଉଥିଲା। ପୂର୍ବରୁ ଅର୍କେଶଙ୍କ ବଡ଼ଭାଇ କଳିକେଶ ନାରାୟଣ ସିଂଦେଓ ବଲାଙ୍ଗୀର ଲୋକ ସଭା ଟିକେଟ ପାଇସାରିଛନ୍ତି। ପାଟଣାଗଡ଼ରେ ସରୋଜ ମେହେରଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ପାଟଣାଗଡ଼ ପାଇଁ ଆଶାୟୀ ଥିବା ଶ୍ରୀମୟୀଙ୍କୁ ବଲାଙ୍ଗୀରରେ ଟିକେଟ ମିଳିପାରେ ବୋଲି ଆଲୋଚନା ହେଉଥିଲା। ଲୋଇସିଂହାରେ ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ନିଜ ପୁଅ ନୀହାର ରଞ୍ଜନ ବେହେରାଙ୍କ ପାଇଁ ଲବି କରୁଥିଲେ। ହେଲେ ସ୍ଥାନୀୟ ସଙ୍ଗଠକ ପ୍ରଦୀପ ବେହେରାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଛି। ସମ୍ବଲପୁର ଏବଂ ରେଢ଼ାଖୋଲରେ ଦଳୀୟ ସ୍ଥିତି ସୁଧାରିବା ପାଇଁ ଆଗୁଆ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ଦୁଇ ଆସନରେ ପୂର୍ବରୁ ପ୍ରାର୍ଥୀ ଥିବା ରାସେଶ୍ୱରୀ ☞ପୃଷ୍ଠା–୪

**ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା**

**ପ୍ରଥମ ପର୍ଯ୍ୟାୟ ନିର୍ବାଚନ**

ଲାଞ୍ଜିଗଡ଼: ପ୍ରଦୀପ କୁମାର ଦିଶାରି
ଝରିଗାଁ: ପ୍ରକାଶ ଚନ୍ଦ୍ର ମାଝି
ମାଲକାନଗିରି: ମୁକୁନ୍ଦ ସୋଡ଼ୀ
ପଟାଙ୍ଗୀ: ପ୍ରୀତମ ପାଢ଼ୀ

**ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ**

ବ୍ରଜରାଜନଗର: କିଶୋର ମହାନ୍ତି
ଲୋଇସିଂହା: ପ୍ରଦୀପ ବେହେରା
ବଲାଙ୍ଗୀର: ଅର୍କେଶ ନାରାୟଣ ସିଂଦେଓ
ବୀରମିତ୍ରପୁର: ଘୋଷଣା ହୋଇନି
ଫୁଲବାଣୀ: ଘୋଷଣା ହୋଇନି

**ତୃତୀୟ ପର୍ଯ୍ୟାୟ ନିର୍ବାଚନ**

ସମ୍ବଲପୁର: ଡା. ରାସେଶ୍ୱରୀ ପାଣିଗ୍ରାହୀ
ରେଢ଼ାଖୋଲ: ରୋହିତ ପୂଜାରୀ









“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚା'ବାଲାଙ୍କ ସହ ଥିବା ତାଙ୍କର ମଧୁର ସମ୍ପର୍କକୁ ଭୁଲିଯାଇ ଏବେ ଚୌକିଦାରମାନଙ୍କୁ ମନେପକାଉଛନ୍ତି। ରାଜନୈତିକ ଫାଇଦା ପାଇଁ ସେ ପରବର୍ତ୍ତୀ ସମୟରେ ଅନ୍ୟ କାହାକୁ ଫୋକସ୍ କରିପାରନ୍ତି।

– କପିଲ ଶିବଲ, କଂଗ୍ରେସ ନେତା

## ସଂକ୍ଷେପରେ

### ଭାଜପା ନେତାଙ୍କୁ ଗୁଳି

**ଜୟପୁର,୨୪।୩(ପି.ଟି.):** ରାଜସ୍ଥାନର ଝଲାୱାରରେ ଏକ ଉତ୍ସବ ଚାଲିଥିବାବେଳେ କେତେଜଣ ଦୁର୍ବୃତ୍ତ ଗୁଳି ଚଳାଇବାରୁ ଭାଜପା ନେତାଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭାଜପା ନେତା ତଥା ନଗରପାଳିକାର ପୂର୍ବତନ ଅଧକ୍ଷ ରାମଲାଲ ଗୁର୍ଜର (୫୮) ଶନିବାର ରାତିରେ ଏକ ଉତ୍ସବରେ ଯୋଗଦେଇ ଫେରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲେ। ଗୁର୍ଜରଙ୍କ ସମେତ ୪ ଜଣଙ୍କ ଦେହରେ ଗୁଳି ଚିହ୍ନ ରହିଛି। ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି।

### ୟୁପି, ବିହାରରେ ନିର୍ବାଚନ ଲଢ଼ିବ ଏଏପି

ନୂଆଦିଲ୍ଲୀ,୨୪।୩(ପି.ଟି.)
ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଉତ୍ତରପ୍ରଦେଶ (ୟୁପି) ଏବଂ ବିହାରରୁ ଲୋକ ସଭା ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଉଭୟ ରାଜ୍ୟରେ ଦଳ ୩ ଜଣ ଲେଖାଏ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ତେବେ ଉତ୍ତରପ୍ରଦେଶର ୨୫ଟି ଆସନରେ ଏଏପି ଲଢ଼ିପାରେ ବୋଲି ଏହାର ନେତା ସଞ୍ଜୟ ସିଂ କହିଛନ୍ତି। ୟୁପିର ସାହରନପୁରରୁ ଯୋଗେଶ ଡାହିୟା, ଆଲିଗଡ଼ରୁ ସତୀଶ ଚନ୍ଦ୍ର ଶର୍ମା ଏବଂ ଗୌତମବୁଦ୍ଧ ନଗରରୁ ଶ୍ୱେତା ଶର୍ମାଙ୍କୁ ଏଏପି ପ୍ରାର୍ଥୀ କରିଛି। ସେହିପରି ବିହାରର କିଶନଗଞ୍ଜରୁ ଅଲିମୁଦ୍ଦିନ ଅନ୍‌ସାରୀ, ସୀତାମାଢ଼ିରୁ ରଘୁନାଥ କୁମାର ଏବଂ ଭଗଲପୁରରୁ ସତ୍ୟେନ୍ଦ୍ର କୁମାର ଏଏପି ଟିକେଟରେ ନିର୍ବାଚନ ଲଢ଼ିବେ।

### ରାଜନାଥଙ୍କ ବିରୋଧରେ ପ୍ରାର୍ଥୀ ହୋଇପାରନ୍ତି ପୁନମ୍ ସିହ୍ନା



**ନୂଆଦିଲ୍ଲୀ,୨୪।୩(ପି.ଟି.):** କ୍ଷୁବ୍ଧ ଭାଜପା ନେତା ଶତ୍ରୁଘ୍ନ ସିହ୍ନାଙ୍କ ପତ୍ନୀ ପୁନମ୍ ସମାଜବାଦୀ ପାର୍ଟି ଟିକେଟରେ ଲକ୍ଷ୍ନୌ ଆସନରୁ ଲଢ଼ିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡିଛି। ଏହି ଆସନରେ ଭାଜପା ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ପ୍ରାର୍ଥୀ କରିଛି। ଶତ୍ରୁଘ୍ନଙ୍କୁ ଭାଜପା ପାଟନା ସାହିବ ଆସନରୁ ବାଦ୍ ଦେଇ ତାଙ୍କ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ପ୍ରାର୍ଥୀ କରିଛି। ତାଙ୍କୁ ଉକ୍ତ ଆସନରୁ ମହାମେଣ୍ଟ ପ୍ରାର୍ଥୀ କରିପାରେ। କିଛିଦିନ ପୂର୍ବରୁ ଶତ୍ରୁଘ୍ନ ଲକ୍ଷ୍ନୌରେ ଏସ୍‌ପି ନେତା ଅଖିଳେଶ ଯାଦବଙ୍କୁ ଭେଟିଥିଲେ। ସେତେବେଳେ ପୁନମ୍ ସିହ୍ନାଙ୍କ ରାଜନୀତି ପ୍ରବେଶ ନେଇ ଆଲୋଚନା ହୋଇଥିବା କୁହାଯାଉଛି।

### ସୀମାପାର ଗୁଳିରେ ଯବାନ ଶହୀଦ

**ଜମ୍ମୁ,୨୪।୩(ପି.ଟି.):** ଜମ୍ମୁ-କଶ୍ମୀରର ପୁଞ୍ଚ୍ ଓ ରାଜୌରୀ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ରବିବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତୀୟ ସେନାର ଆଗୁଆ ଘାଟି ଉପରକୁ ଗୁଳିବର୍ଷଣ କରିବା ସହ ରକେଟ ମାଡ କରିଛି। ସେମାନଙ୍କ ଗୁଳିମାଡ଼ରେ ଜଣେ ଯବାନ ଶହୀଦ ହୋଇଥିବା ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି। ଭାରତୀୟ ସେନାର ପାଲଟା ଜବାବରେ ପାକିସ୍ତାନ ସୈନ୍ୟବାହିନୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

ପାକ୍ ସେନା ଗୁଳିମାଡ଼ରେ ଗୁରୁତର ଆହତ ହୋଇଥିବା ଗ୍ରେନାଡିୟର ହରି ଭାକରଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହା ପୂର୍ବରୁ ଗତ ୧୮ ତାରିଖରେ ପାକିସ୍ତାନୀ ସେନା ଗୁଳିରେ ରାଜୌରୀ ଜିଲାରେ ରାଇଫଲମ୍ୟାନ୍ କରମଜିତ ସିଂ ଶହୀଦ ହୋଇଥିଲେ। ୨୧ ତାରିଖରେ ଉକ୍ତ ସେକ୍ଟରର ଅନ୍ୟ ଜଣେ ରାଇଫଲମ୍ୟାନ ୟାଶ୍ ପାଲ୍‌ଙ୍କ ମୃତ୍ୟୁ ଘଟିଥିଲା।

### [ଇତିହାସର ଆଇନାରେ]

### ମାର୍ଚ୍ଚ ୨୫ର ପ୍ରମୁଖ ଘଟଣା

୧୯୭୯ ମାର୍ଚ୍ଚ ୨୫ରେ ପ୍ରଥମ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ସ୍ପେସ୍ ଶଟଲ୍ ଅର୍ବିଟର କଲମ୍ବିଆ ଜନ୍ ଏଫ୍. କେନେଡି ସ୍ପେସ୍ ସେଣ୍ଟରକୁ ପଠାଯାଇଥିଲା।

୧୯୪୭ ମାର୍ଚ୍ଚ ୨୫ରେ ଇଲିନଏର ସେଣ୍ଟ୍ରାଲିଆସ୍ଥିତ କୋଇଲାଖଣିରେ ବିସ୍ଫୋରଣ ଯୋଗୁ ୧୧୧ଜଣଙ୍କ ମୃତ୍ୟୁ ଘଟିଥିଲା। କୋଇଲା ଗୁଣ୍ଡରେ ଅକସ୍ମାତ୍ ନିଆଁ ଲାଗିଯିବା ଯୋଗୁ ଏହି ବିସ୍ଫୋରଣ ଘଟିଥିଲା।



ଆନ୍ଧ୍ରପ୍ରଦେଶର କ୍ରିଷ୍ଣା: ଲୋକ ସଭା ନିର୍ବାଚନ ପ୍ରଚାରରେ ଜନସେନା ପାର୍ଟି ମୁଖ୍ୟ ତଥା ଅଭିନେତା ପବନ କଲ୍ୟାଣ।




ବିହାରର ପାଟନା: ସାଧାରଣ ନିର୍ବାଚନରେ ମତଦାନ ପାଇଁ ସାଇକେଲ ଯାତ୍ରା ଜରିଆରେ ସଚେତନତାର ବାର୍ତ୍ତା ବାଣ୍ଟୁଛନ୍ତି ମୁଢ଼ିବାଲା ଲାଲମଣି ଦାସ।



ମଧ୍ୟପ୍ରଦେଶର ଇନ୍ଦୋର: ଭାଜପା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭଳି ବେଶଭୂଷା ଧାରଣ କରିଥିବା ଜଣେ ବ୍ୟକ୍ତିଙ୍କ ସହ ସେଲ୍‌ଫି ନେଉଛନ୍ତି ସୁରକ୍ଷା କର୍ମୀ।

# ପାକ୍‌ରେ ୨ ହିନ୍ଦୁ ନାବାଳିକାଙ୍କୁ ଅପହରଣ

ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୨୪।୩(ପି.ଟି.)



**ଧର୍ମ ପରିବର୍ତ୍ତନ କରାଇ ବିବାହ**

**ରିପୋର୍ଟ ମାଗିଲେ ସୁଷମା**

**ତଦନ୍ତ ନିର୍ଦ୍ଦେଶ ଦେଲେ ଇମ୍ରାନ୍**

ହୋଲି ଅବସରରେ ପାକିସ୍ତାନର ସିନ୍ଧ୍ ପ୍ରଦେଶ ଅନ୍ତର୍ଗତ ଗୋଟ୍‌କି ଜିଲାରେ ହିନ୍ଦୁ ସମ୍ପ୍ରଦାୟର ୨ ଜଣ ନାବାଳିକାଙ୍କୁ ଅପହରଣ କରିନେଇ ଜୋରଜବରଦସ୍ତ ଧର୍ମ ପରିବର୍ତ୍ତନ କରିଦିଆଯାଇଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାକୁ ନେଇ ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଇସ୍‌ଲାମାବାଦରେ ଥିବା ଭାରତୀୟ ଉଚ୍ଚାୟୁକ୍ତଙ୍କୁ ସବିଶେଷ ରିପୋର୍ଟ ମାଗିଛନ୍ତି। ଅନ୍ୟ ପକ୍ଷରେ ୨ ହିନ୍ଦୁ ନାବାଳିକା ଅପହରଣ, ଧର୍ମପରିବର୍ତ୍ତନ ଓ କମ୍ ବୟସରେ ଜବରଦସ୍ତ ବିବାହ ଖବର ଉପରେ ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ତୁରନ୍ତ ପଦକ୍ଷେପ ନିଆଯାଉଥିବା ପାକ୍ ସୂଚନା ମନ୍ତ୍ରୀ ଫୱାଦ ଚୌଧୂରୀ କହିଛନ୍ତି। ଅପହରଣ ଖବରକୁ ନେଇ ସୁଷମା ସ୍ୱରାଜ ଏବଂ ଫୱାଦଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ହୋଇଛି। ସୁଷମାଙ୍କ ଟୁଇଟ୍‌ର ଜବାବ ଦେଇ ଚୌଧୂରୀ କହିଛନ୍ତି, ଏହା ପାକିସ୍ତାନର ଆଭ୍ୟନ୍ତରୀଣ ପ୍ରସଙ୍ଗ, ସଂଖ୍ୟାଲଘୁ ଅବହେଳିତ ହେଉଥିବା ମୋଦି ସରକାରଙ୍କ ଭାରତ ନୁହେଁ।

ହୋଲି ଦିନ ରବିନା (୧୩) ଏବଂ ରୀନା (୧୫)ଙ୍କୁ କେତେଜଣ ଲୋକ ସେମାନଙ୍କ ଘରୁ ଅପହରଣ କରିନେଇଥିଲେ। ଜଣେ ମୌଲବୀ ସେମାନଙ୍କର ବିବାହ କରାଉଥିବାର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଦେଶବ୍ୟାପୀ ଉତ୍ତେଜନା ପ୍ରକାଶ ପାଇଛି। ତେବେ ଅନ୍ୟ ଏକ ଭିଡିଓରେ ସେମାନେ ସ୍ୱଇଚ୍ଛାରେ ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା କଥା କହୁଥିବା ଦେଖାଯାଇଛି। ନାବାଳିକା ଅପହରଣ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର ବୃଦ୍ଧି ପାଉଥିବା ଭାରତ ଅଭିଯୋଗ କରିଆସୁଛି।

## ଆଜମଗଡ଼ରୁ ଲଢ଼ିବେ ଅଖିଳେଶ

ଲକ୍ଷ୍ନୌ,୨୪।୩(ପି.ଟି.)



ସମାଜବାଦୀ ପାର୍ଟି (ଏସ୍‌ପି) ଅଧକ୍ଷ ଅଖିଳେଶ ଯାଦବ ଉତ୍ତରପ୍ରଦେଶର ଆଜମଗଡ଼ ଲୋକ ସଭା ଆସନରୁ ଲଢ଼ିବେ। ଏହି ଆସନରୁ ତାଙ୍କ ବାପା ମୁଲାୟମ ସିଂ ଯାଦବ ପ୍ରତିନିଧିତ୍ୱ କରି ଆସୁଥିଲେ। ୨୦୧୪ରେ ମୁଲାୟମ ଆଜମଗଡ଼ ଓ ମୈନପୁରରୁ ନିର୍ବାଚନ ଲଢ଼ି ଉଭୟ ଆସନରୁ ଜିତିଥିଲେ। ଏଥର ତାଙ୍କୁ ମୈନପୁରରୁ ପ୍ରାର୍ଥୀ କରାଯାଇଛି। ଦଳ ପକ୍ଷରୁ ପ୍ରକାଶିତ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକାରେ ମୁଲାୟମଙ୍କ ନାଁ ନ ଥିଲା । ଏହାକୁ ନେଇ ସମାଲୋଚନା ପରେ ଉକ୍ତ ତାଲିକାରେ ତାଙ୍କ ନାଁ ଯୋଡା ଯାଇଥିବା ଜଣାପଡିଛି। ଏଥିରେ ଅଖିଳେଶ, ଆଜମ ଖାନ୍, ଡିମ୍ପଲ ଯାଦବ, ରାମଗୋପାଳ ଯାଦବ, ଜୟା ବଚନ ଓ ଅନ୍ୟମାନେ ରହିଛନ୍ତି। ଏସ୍‌ପିର ବରିଷ୍ଠ ନେତା ମହମ୍ମଦ ଆଜମ ଖାନ ରାମପୁରରୁ ଲଢ଼ିବେ। ଏସ୍‌ପି ବର୍ତ୍ତମାନ ସୁଦ୍ଧା ଉତ୍ତରପ୍ରଦେଶ ପାଇଁ ୧୯ ଜଣ ଏବଂ ମଧ୍ୟପ୍ରଦେଶ ଲାଗି ଜଣେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଅନ୍ୟ ପ୍ରମୁଖ ପ୍ରାର୍ଥୀ ହେଲେ ଅଖିଳେଶଙ୍କ ସମ୍ପର୍କୀୟ ଭାଇ ଧର୍ମେନ୍ଦ୍ର ଏବଂ ଅକ୍ଷୟ ଯାଦବ। ଧର୍ମେନ୍ଦ୍ର ବଦାଉଁ ଏବଂ ଅକ୍ଷୟ ଫିରୋଜାବାଦ ଆସନରୁ ଲଢ଼ିବେ। ସେହିପରି ଡିମ୍ପଲଙ୍କୁ କନୌଜ ଆସନରୁ ପ୍ରାର୍ଥୀ କରାଯାଇଛି।

### ■ ରାହୁଲଙ୍କ ସମ୍ପତ୍ତିକୁ ନେଇ ପ୍ରଶ୍ନ ଉଠାଇଲା ଭାଜପା

## ୧୦ ବର୍ଷରେ ୫୫ ଲକ୍ଷରୁ ୯ କୋଟି

ନୂଆଦିଲ୍ଲୀ,୨୪।୩(ପି.ଟି.)



କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ସମ୍ପତ୍ତି ୨୦୦୪ରେ ୫୫ ଲକ୍ଷ ଟଙ୍କା ଥିବାବେଳେ ୨୦୧୪ରେ ଏହା ୯ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ରାହୁଲଙ୍କ ଆୟର କୌଣସି ଜ୍ଞାତ ଉତ୍ସ ନ ଥିବାବେଳେ ୧୦ ବର୍ଷରେ କିପରି ଏତେ ବୃଦ୍ଧି ପାଇଲା ତାହାକୁ ନେଇ ଭାଜପା ପ୍ରଶ୍ନ ଉଠାଇଛି। ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ନିର୍ବାଚନ କମିଶନଙ୍କ ପାଖରେ ରାହୁଲ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ୨୦୦୪ରୁ ୨୦୧୪ ମଧ୍ୟରେ ତାଙ୍କ ଆୟ ୫୫ ଲକ୍ଷରୁ ୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। କଂଗ୍ରସ ଅଧକ୍ଷ ଓ ତାଙ୍କ ଭଉଣୀ ନାମରେ ଦିଲ୍ଲୀରେ ୪.୬୯ ଏକର ଜମିରେ ଫାର୍ମ ହାଉସ ଅଛି, ଯାହାକୁ ଫାଇନାନ୍ସିଆଲ ଟେକ୍‌ନୋଲୋଜି (ଇଣ୍ଡିଆ) ଲିମିଟେଡକୁ ଭଡ଼ାରେ ଦିଆଯାଇଥିବା ସମ୍ବିତ କହିଛନ୍ତି। ଏହା ବ୍ୟତୀତ ଦିଲ୍ଲୀର ମେହରୁଲିଠାରେ ଥିବା ଇନ୍ଦିରା ଫାର୍ମ ହାଉସ୍‌ର ମୂଲ୍ୟ ୯ ଲକ୍ଷ ଟଙ୍କା ବୋଲି ରାହୁଲ ତାଙ୍କ ନିର୍ବାଚନୀ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ଉକ୍ତ ସମ୍ପତ୍ତିର ପ୍ରକୃତ ଦାମ୍ ବହୁକୋଟି ଟଙ୍କା ବୋଲି ସମ୍ବିତ ଅଭିଯୋଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ମଧ୍ୟ ଅନୁରୂପ ଅଭିଯୋଗ ଆଣିଛନ୍ତି। ରାହୁଲଙ୍କ ଭିଣୋଇ ରବର୍ଟ ଭଦ୍ରାଙ୍କ ବିକାଶ ମଡେଲ ସମ୍ପର୍କରେ ଜଣାଥିଲା। ଯେଉଁଠି ୬-୭ ଲକ୍ଷ ନିବେଶ କଲେ ଦୁଇ ତିନି ବର୍ଷରେ ୭୦୦-୮୦୦ କୋଟି ଟଙ୍କା ହୋଇପାରୁଥିଲା। ଏବେ ରାହୁଲ ଗାନ୍ଧୀଙ୍କ ବିକାଶ ମଡେଲ ସମ୍ପର୍କରେ ଜଣାପଡିଲା ବୋଲି ପ୍ରସାଦ କହିଛନ୍ତି। ୨ଜି ସ୍କେକ୍ଟ୍ରମ ଦୁର୍ନୀତିରେ ସମ୍ପୃକ୍ତ ୟୁନିଟେକ୍‌ଠାରୁ ରାହୁଲ ଦୁଇଟି ସମ୍ପତ୍ତି ୧.୪୪ କୋଟି ଓ ୫.୩୬ କୋଟି ଟଙ୍କାରେ କିଣିବା ଉପରେ ଭାଜପା ନେତା ପ୍ରଶ୍ନ ଉଠାଇଛନ୍ତି।

### ଦେଶକୁ ମୋଦି ହିଁ ଦେଇପାରିବେ ସୁରକ୍ଷା: ଶାହ

ଲକ୍ଷ୍ନୌ,୨୪।୩

ଦେଶକୁ କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁରକ୍ଷା ଦେଇପାରିବେ ବୋଲି ଉତ୍ତରପ୍ରଦେଶର ଆଗ୍ରାରେ ରବିବାର ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ କହିଛନ୍ତି। ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରି ଶାହ କହିଛନ୍ତି, କଂଗ୍ରେସ ଭୋଟବ୍ୟାଙ୍କ ରାଜନୀତି ପାଇଁ ବାଲାକୋଟ ଆକ୍ରମଣକୁ ନେଇ ପ୍ରଶ୍ନ ଉଠାଉଛି। ମେଣ୍ଟ ନେତାମାନେ ଦେଶକୁ ସୁରକ୍ଷା ଦେଇପାରିବେ ନାହିଁ। ଭାଜପା ଏବଂ ମୋଦି ହିଁ ଦେଶର ନିରାପତ୍ତାକୁ ସୁନିଶ୍ଚିତ କରିପାରିବେ।



## ‘ତୁଳସୀ ବଣରେ ଗଞ୍ଜେଇ ଗଛ ଜଗନ୍’

କଡାପା,୨୪।୩(ଆଇଏଏନ୍‌ଏସ୍)



ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମୁଖ୍ୟ ୱାଇ.ଏସ୍. ଜଗନ୍‌ମୋହନ୍ ରେଡ୍ଡୀ ତୁଳସୀ ବଗିଚାରେ ଏକ ଗଞ୍ଜେଇ ଗଛ ବୋଲି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ସମାଲୋଚନା କରିଛନ୍ତି। ଆନ୍ଧ୍ରରେ ସାଧାରଣ ନିର୍ବାଚନ ସହ ବିଧାନସଭା ନିର୍ବାଚନ ହେଉଛି। ଏଥିଲାଗି ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧକ୍ଷ ଚନ୍ଦ୍ରାବାବୁ ରବିବାର ଜଗନ୍‌ମୋହନଙ୍କ ଜିଲା କଡାପାର ବୁଡ୍‌ଭେଲରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ତାଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ଅନ୍ନାମାୟା, ବୀର ବ୍ରହ୍ମେନ୍ଦ୍ର ସ୍ୱାମୀ ଓ ଯୋଗୀ ଭେମାନାଙ୍କୁ ଜନ୍ମ ଦେଇଥିବା କଡାପା ଜିଲା ଏକ ତୁଳସୀ ବଣ ଭଳି। ଏହି ତୁଳସୀ ବଗିଚାରେ ଏକ ଗଞ୍ଜେଇ ଗଛ ମଧ୍ୟ ଉଠିଛି। ସେ ହେଉଛନ୍ତି, ଜଗନ୍‌ମୋହନ ରେଡ୍ଡୀ। ଏହା ପୂର୍ବରୁ ଚନ୍ଦ୍ରାବାବୁ ଜଗନ୍‌ମୋହନଙ୍କୁ ଅପରାଧର ବ୍ରାଣ୍ଡ ଅମ୍ବାସାଡର ବୋଲି ଅଭିହିତ କରି ତାଙ୍କ ବିରୋଧରେ ୩୧ ଆପରାଧିକ ମାମଲା ଥିବା କହିଥିଲେ।

### ୧୬ ବର୍ଷ ପରେ ମଇଦାନରେ ଦିଗ୍‌ବିଜୟ

ଭୋପାଳ,୨୪।୩(ପି.ଟି.)



୧୬ ବର୍ଷର ବ୍ୟବଧାନ ପରେ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ନିର୍ବାଚନ ମୈଦାନକୁ ଓହ୍ଲାଇଛନ୍ତି। ତାଙ୍କୁ ଭୋପାଳ ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଛି। କଂଗ୍ରେସ ପ୍ରଥମ ଦଫାରେ ଦିଗ୍‌ବିଜୟ, ମୀନାକ୍ଷୀ ନଟରାଜନଙ୍କ ସମେତ ମଧ୍ୟପ୍ରଦେଶ ପାଇଁ ୯ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ନଟରାଜନ ମନ୍ଦସୁର ଆସନରୁ, କବିତା ସିଂ ଖଜୁରାହୋରୁ, କିରନ ଅହିରୱାର ଟିକମଗଡରୁ, ପ୍ରମିଳା ସିଂ ଶାହଡୋଲରୁ ଓ ଶୈଳେନ୍ଦ୍ର ଦିୱାନ ହୋସାଙ୍ଗାବାଦରୁ ପ୍ରାର୍ଥୀ ହୋଇଛନ୍ତି।

ଭୋପାଳରୁ କଂଗ୍ରେସ ଦିଗ୍‌ବିଜୟଙ୍କୁ ପ୍ରାର୍ଥୀ କରିବା ପରେ ଭାଜପା ସେଠାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ପ୍ରାର୍ଥୀ କରାଇବା ନେଇ ଚର୍ଚ୍ଚା ହେଉଛି। ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ମଧ ଦିଗ୍‌ବିଜୟଙ୍କ ବିରୋଧରେ ପ୍ରାର୍ଥୀ ହେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି।

### ଆଦିବାସୀଙ୍କୁ ଜଙ୍ଗଲ ଜମିରୁ ଉଚ୍ଛେଦ ବିରୋଧରେ ଆବେଦନ

## ସୁପ୍ରିମକୋର୍ଟରେ ଶୁଣାଣି ଆଜି

ନୂଆଦିଲ୍ଲୀ,୨୪।୩(ପି.ଟି.)

ଜଙ୍ଗଲ ଜମିରୁ ଆଦିବାସୀଙ୍କୁ ଉଚ୍ଛେଦ ନ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ସାନି ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର ଶୁଣାଣି କରିବେ। ବେଆଇନ ଭାବେ ଆଦିବାସୀଙ୍କ ଜମି ଅଧିଗ୍ରହଣ ଅଭିଯୋଗର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିବା ନିମନ୍ତେ ମଧ ଆବେଦନକାରୀ କୋର୍ଟଙ୍କୁ ନିବେଦନ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୫ ତାରିଖରେ ଉକ୍ତ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ୧୧.୮ ଲକ୍ଷ ବନବାସୀଙ୍କୁ ଉଚ୍ଛେଦ କରିବା ଲାଗି ଫେବୃୟାରୀ ୧୩ରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଉପରେ ୨୮ରେ ସ୍ଥଗିତାଦେଶ ଦେଇଥିଲେ।

## ‘କେବଳ ଧନୀଙ୍କ ପାଇଁ ଚୌକିଦାର’

ନୂଆଦିଲ୍ଲୀ/ଲକ୍ଷ୍ନୌ,୨୪।୩(ପି.ଟି.)

ଚୌକିଦାରମାନେ ଗରିବଙ୍କ କଥା ଚିନ୍ତା କରୁନାହାନ୍ତି। ସେମାନେ କେବଳ ଧନୀଙ୍କ ପାଇଁ କାମ କରୁଛନ୍ତି ବୋଲି ରବିବାର କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉତ୍ତରପ୍ରଦେଶର ଭାଜପା ନେତାମାନଙ୍କୁ ଟାର୍ଗେଟ କରିଛନ୍ତି। ରାଜ୍ୟର ଆଖୁ ଚାଷୀଙ୍କ ବକେୟା ୧୦,୦୦୦ କୋଟି ଟଙ୍କା ଟପିଗଲାଣି ବୋଲି ପ୍ରକାଶିତ ଏକ ରିପୋର୍ଟକୁ ନେଇ ସେ ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ସମାଲୋଚନା କରିଛନ୍ତି। ଆଖୁ ଚାଷୀଙ୍କ ପରିବାର ଦିନରାତି ପରିଶ୍ରମ କରୁଥିବାବେଳେ ରାଜ୍ୟ ସରକାର ସେମାନଙ୍କୁ ଆଖୁର ପାଉଣା ଦେଉନାହାନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ତେବେ ୨୦୧୨ରୁ ୨୦୧୭ ମଧ୍ୟରେ କୃଷକମାନେ ଅନାହାରରେ ପଡ଼ିଥିବାବେଳେ କଂଗ୍ରେସର ଶୁଭଚିନ୍ତକମାନେ କେଉଁଠି ଥିଲେ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଶ୍ନ କରିଛନ୍ତି। ପ୍ରକାଶ ଯେ, ‘ଚୌକିଦାର ଚୋର୍ ହେ’ ବୋଲି କଂଗ୍ରେସ ପ୍ରଚାର କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ନେତାମାନେ ଟୁଇଟର୍‌ରେ ନିଜ ନାମ ଆଗରେ ‘ଚୌକିଦାର’ ଯୋଡ଼ିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୮ | ୧୯.୭ |
| ଚାନ୍ଦବାଲି | ୩୪.୮ | ୨୧.୫ |
| କଟକ | ୩୭.୬ | ୨୧.୬ |
| ପାରାଦ୍ୱୀପ | ୩୨.୩ | ୨୩.୮ |
| ଭୁବନେଶ୍ୱର | ୩୮.୭ | ୨୧.୯ |
| ଗୋପାଳପୁର | ୩୨.୫ | ୨୩.୦ |
| ପୁରୀ | ୩୨.୮ | ୨୫.୦ |
| ଅନୁଗୋଳ | ୩୭.୧ | ୧୭.୦ |
| ବାରିପଦା | ୩୫.୦ | ୨୦.୪ |
| ଝାରସୁଗୁଡ଼ା | ୩୬.୧ | ୧୮.୪ |
| କେନ୍ଦୁଝର | ୩୩.୨ | ୧୭.୭ |
| ସମ୍ବଲପୁର | ୩୬.୧ | ୧୮.୩ |
| ସୁନ୍ଦରଗଡ଼ | ୩୫.୦ | ୧୬.୦ |
| ହୀରାକୁଦ | ୩୬.୫ | ୧୮.୬ |
| ତାଳଚେର | ୩୬.୫ | ୨୦.୫ |
| ଭବାନୀପାଟଣା | ୩୫.୮ | ୨୧.୦ |
| ବଲାଙ୍ଗୀର | ୩୭.୦ | ୨୨.୫ |
| କୋରାପୁଟ | ୩୫.୮ | ୧୯.୬ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୯.୦ |
| ମାଲକାନଗିରି | ୪୦.୦ | ୨୧.୦ |
| ସୋନପୁର | ୩୫.୮ | ୧୮.୦ |
| ଦାରିଙ୍ଗିବାଡ଼ି | ୩୨.୫ | ୧୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ଚର୍ଚ୍ଚାରେ ସପ୍ନା ଚୌଧୁରୀ

**କଂଗ୍ରେସରେ ମିଶିବା ଖବରକୁ ଖଣ୍ଡନ କଲେ**



**ନୂଆଦିଲ୍ଲୀ:** ଉତ୍ତରପ୍ରଦେଶ କଂଗ୍ରେସ ମୁଖ୍ୟ ରାଜ ବବର ହରିୟାଣାର ଗାୟିକା ତଥା ନୃତ୍ୟଶିଳ୍ପୀ ସପ୍ନା ଚୌଧୁରୀଙ୍କୁ ଦଳକୁ ସ୍ୱାଗତ କରିବାର କିଛି ସମୟ ପରେ ସପ୍ନା ଦଳରେ ଯୋଗ ଦେଇ ନ ଥିବା ସ୍ୱୀକାର କରିଛନ୍ତି। ପୂର୍ବରୁ ପ୍ରିୟଙ୍କା ଗାନ୍ଧୀଙ୍କ ସହିତ ଥିବା ତାଙ୍କର ଫଟୋକୁ ଏଥିପାଇଁ ବ୍ୟବହାର କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ବବର ଶନିବାର ରାତିରେ ଚୌଧୁରୀଙ୍କୁ ସ୍ୱାଗତ କରିବା ସହିତ ପୂର୍ବ ଉତ୍ତରପ୍ରଦେଶ ଦାୟିତ୍ୱରେ ଥିବା କଂଗ୍ରେସ ଜେନେରାଲ ସେକ୍ରେଟାରି ପ୍ରିୟଙ୍କା ଗାନ୍ଧୀଙ୍କ ଫଟୋ ସହିତ ତାଙ୍କର ଏକ ଛବିକୁ ଟୁଇଟରରେ ପୋଷ୍ଟ କରିଥିଲେ। କଂଗ୍ରେସ ପରିବାର ସପ୍ନା ଚୌଧୁରୀଙ୍କୁ ସ୍ୱାଗତ କରେ ବୋଲି ବବର ଟୁଇଟ୍ କରିଥିଲେ। ଅପରପକ୍ଷରେ ଚୌଧୁରୀ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ଲୋକ ସଭା ନିର୍ବାଚନରେ ସେ କୌଣସି ରାଜନୈତିକ ଦଳ ପାଇଁ ପ୍ରଚାର କରୁନାହାନ୍ତି। ଅପରପକ୍ଷରେ ବବରଙ୍କର ଜଣେ ଘନିଷ୍ଠ ସହଯୋଗୀ କହିଛନ୍ତି, ଗାୟିକା ସପ୍ନା ୟୁ-ଟର୍ନ ନେଇଥିବା ଦୃଷ୍ଟିରୁ ଏଥିରେ କିଛି କହିବାର ନାହିଁ। ସପ୍ନା ଦଳରେ ଯୋଗ ଦେବାପାଇଁ ସଦସ୍ୟତା ଫର୍ମ ପୂରଣ କରିଥିବା ସେ ଦେଖାଇଥିଲେ।

# ୨୯ ଓ ୧ରେ ଓଡ଼ିଶା ଆସିବେ ମୋଦି

**ଭୁବନେଶ୍ୱର,୨୪।୩ (ବ୍ୟୁରୋ)**

ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି। ସବୁ ଦଳରେ ପ୍ରାର୍ଥୀ ଚୟନ ସହ ଅସନ୍ତୁଷ୍ଟମାନଙ୍କୁ ମନାଇବା ଏକ ପ୍ରକାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଛି। ହେଲେ ଏହା ମଧ୍ୟରେ ଦୁଇ ଦଳ ବିଜେଡି ଏବଂ ଭାଜପା ନିର୍ବାଚନ ପାଇଁ ନିଜର ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ କରିସାରିଛି। ଏଥିରେ କଂଗ୍ରେସ ସାମାନ୍ୟ ପଛରେ ରହିଛି। ଖୁବ୍‌ଶୀଘ୍ର ଦଳ ଏହା ଘୋଷଣା କରିବ ବୋଲି ଜଣାପଡିଛି। ଭାଜପା ନିଜ ଷ୍ଟାର ପ୍ରଚାରକ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ରଖିଛି। ଏହିକ୍ରମରେ ଚଳିତ ମାସ ୨୯ ଓ ଏପ୍ରିଲ ୧ରେ ଦଳୀୟ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ଓଡିଶା ଗସ୍ତରେ ଆସୁଛନ୍ତି। ମୋଦିଙ୍କ ଏହି ଗସ୍ତ ସୂଚନା ମିଳିବାପରେ ଭାଜପା ନେତୃବୃନ୍ଦ ଏବଂ କର୍ମୀ ମହଲରେ ଉତ୍ସାହ ବଢିଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଆସନ୍ତା ୨୬ରେ ୬ଜଣ କେନ୍ଦ୍ରମନ୍ତ୍ରୀ ମଧ୍ୟ ଓଡିଶା ଆସିବେ ବୋଲି ଦଳର ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

■ ୨୯ରେ ଜୟପୁର, ୧ରେ କଳାହାଣ୍ଡି ଆସିବେ
■ ୨୬ରେ ଆସୁଛନ୍ତି ୬ କେନ୍ଦ୍ରମନ୍ତ୍ରୀ
■ ମୋଦିଙ୍କ ଗସ୍ତର ୭ଦିନ ପରେ ଆସିପାରନ୍ତି ଶାହ
■ ରାହୁଲଙ୍କ ସଭାକୁ କାଉଣ୍ଟର ପାଇଁ ଲକ୍ଷ୍ୟ

କିଛିଦିନ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡିଶା ଗସ୍ତରେ ଆସି କଳାହାଣ୍ଡି ଏବଂ ଜୟପୁରଠାରେ ସାଧାରଣ ସଭା କରି ଉଭୟ ମୋଦି ଏବଂ ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଥିଲେ। ରାହୁଲ ଏହି ଗସ୍ତ କାଳରେ ଚାଷୀମାନଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ଏହାକୁ କାଉଣ୍ଟର କରିବା ଲାଗି ସମାନ ସ୍ଥାନରେ ଭାଜପାର ସାଧାରଣ ସଭା ଆୟୋଜନ କରାଯାଉଥିବା ଜଣାପଡିଛି। ଆସନ୍ତା ୨୯ରେ ମୋଦି ରାଜ୍ୟ ଗସ୍ତରେ ଆସି ଜୟପୁରଠାରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେବେ। ଏହାର ୨ ଦିନ ପରେ ଅର୍ଥାତ୍ ଏପ୍ରିଲ ୧ରେ କଳାହାଣ୍ଡି ଆସି ରାଜନୈତିକ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସବୁ ଦଳର ବର୍ତ୍ତମାନ ପଶ୍ଚିମ ଓଡିଶା ଭୋଟରଙ୍କ ଉପରେ ନଜର ରହିଛି। ମୋଦିଙ୍କ ଗସ୍ତର ୭ଦିନ ପରେ ଶାହଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ ରହିଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଅପରପକ୍ଷରେ ଭାଜପା ପକ୍ଷରୁ ଆରମ୍ଭ ହୋଇଥିବା ବିଜୟ ସଂକଳ୍ପ ସମାବେଶ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ୬ କେନ୍ଦ୍ରମନ୍ତ୍ରୀ ତଥା ସଞ୍ଜୟ ପାଶ୍ୱାନ, ଶିବରାଜ ସିଂ ଚହ୍ୱାନ, ଆର୍.କେ. ସିଂ, ରାମ ବିଚାର ନେତମ, ରାଧାମୋହନ ସିଂ ଏବଂ ଜୟନ୍ତ ସିହ୍ନା ୨୬ରେ ଓଡିଶା ଆସିବେ। ଭାଜପା ନିଜ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ ଚୂଡାନ୍ତ କରିସାରିଥିବା ବେଳେ ବିଜେଡି ସଭାପତି ରବିବାର ନୟାଗଡଠାରୁ ନିର୍ବାଚନ ପ୍ରଚାର ଆରମ୍ଭ କରି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ଆରମ୍ଭ କରିଛନ୍ତି।




## ଫୁଲବାଣୀ ବିଧାନସଭା : ମହିଳା ପ୍ରାର୍ଥୀ ଖୋଜୁଛି ବିଜେଡି

**ଭୁବନେଶ୍ୱର,୨୪।୩(ବ୍ୟୁରୋ):** ଫୁଲବାଣୀ ବିଧାନସଭା ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିପାରିନାହିଁ। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ପ୍ରଥମ ଦୁଇଟି ପର୍ଯ୍ୟାୟରେ ବାକିଥିବା ୯ ଆସନ ମଧ୍ୟରୁ ୭ଟି ଲାଗି ପ୍ରାର୍ଥୀ ଘୋଷଣା କରିଛନ୍ତି। ଫୁଲବାଣୀ ସମେତ ବୀରମିତ୍ରପୁର ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ହୋଇପାରିନାହିଁ। ଫୁଲବାଣୀ ବିଧାନସଭା ପାଇଁ ବିଜେଡି ମହିଳା ପ୍ରାର୍ଥୀ ସନ୍ଧାନରେ ଥିବା ଜଣାପଡିଛି। ହେଲେ କୌଣସି ନାଁ ଉପରେ ଚୂଡାନ୍ତ ନିଷ୍ପତ୍ତି ନେଇ ପାରୁନାହିଁ। ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ପାଇଁ ପ୍ରାର୍ଥିପତ୍ର ଦାଖଲ କରିବାର ଶେଷ ତାରିଖ। ତେଣୁ ସୋମବାର ଦଳର ସଭାପତି କାହାକୁ ପ୍ରାର୍ଥୀ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ।




## ମାଟ୍ରିକ ପରୀକ୍ଷା: ଆଜିଠାରୁ ଖାତା ଦେଖା

**କଟକ ଅଫିସ,୨୪।୩:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୧୯ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷାର ଖାତା ଦେଖା ସୋମବାରଠାରୁ ଆରମ୍ଭ ହେବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରାଜ୍ୟର ୬୦ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହେବ। ଆବଶ୍ୟକସ୍ଥଳେ ସନ୍ଧ୍ୟା ୬ଟା ଯାଏ ଖାତାଦେଖା ସମୟ ଘୁଞ୍ଚାଯିବ ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ ସୂଚନା ଦେଇଛନ୍ତି। ରବିବାର ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ପରୀକ୍ଷକମାନେ ପହଞ୍ଚି ସାରିଥିବାବେଳେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ମୂଲ୍ୟାୟନ ସମ୍ପର୍କିତ ବୈଠକ ଡକାଯାଇଥିଲା। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର ଖାତା ଦେଖା ନିମନ୍ତେ ମୋଟ୍ ୧୬,୦୩୦ଜଣ ଶିକ୍ଷକ ନିଯୁକ୍ତ ହୋଇଥିବାବେଳେ ମଧ୍ୟମା ପରୀକ୍ଷା ଖାତା ଦେଖିବେ ୧୭୬ଜଣ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ମୁଖ୍ୟ ପରୀକ୍ଷକ ଭାବେ ୭୬୧ଜଣଙ୍କୁ ନିଯୁକ୍ତ କରାଯାଇଛି। ଏହାଛଡ଼ା ୧୪୮୨ଜଣଙ୍କୁ ଡେପୁଟି ମୁଖ୍ୟ ପରୀକ୍ଷକ, ୧୨,୨୬୫ଜଣଙ୍କୁ ସହକାରୀ ପରୀକ୍ଷକ, ୧୫୨୨ଜଣ ସ୍କ୍ରୁଟିନାଇଜର ଭାବେ ନିଯୁକ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ତିନୋଟି ପରୀକ୍ଷା କେନ୍ଦ୍ରରେ ଇଂଲିଶ ପରୀକ୍ଷା ବାତିଲ ଓ ୧୦୮ ପରୀକ୍ଷାର୍ଥୀଙ୍କ ଉତ୍ତରଖାତା ହଜିବା ଘଟଣା ଉପରେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି ବୋର୍ଡ ସଭାପତି ଡ. ବେଗମ୍। ପରୀକ୍ଷା କମିଟିର ନିଷ୍ପତ୍ତିକୁ ସର୍ବସାଧାରଣରେ ଘୋଷଣା କରାଯାଇ ପାରିବନାହିଁ। ପରୀକ୍ଷା କମିଟିର ନିଷ୍ପତ୍ତି ଓ ସେମାନଙ୍କ ମୂଲ୍ୟାୟନକୁ ଗୋପନୀୟ ରଖାଯାଇଛି ବୋଲି ସେ କହିଥିଲେ।






## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ସିମ୍ରନ୍
ପରିବାରବର୍ଗ


ଅନୁସ୍କା
ପରିବାରବର୍ଗ


ଲିଜା
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

WagonR 2010, Alto 2013, Indica 2012 model for sale. Two wheeler also available. Contact Motodeal, Cuttack. 9437323645. D-66036

Lt pc 71 komatsu excavator immediately sale in excellent condition. Model 2010. Mo no: 9437278100.D-11548




### SALE

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66047

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Sun Green Gardens at Kanti presents: sthitiban, litigation free, gharabari, high leavel, lowcost land for immediate construction under BDA Extension area with 30ft. internal road near Xavier University/ Aditya Birla International School. Promoted by: Bijan Patnaik Group: 8984647778, 9861028878. D-65396

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Booking simplex 2BHK 1200 sqft. land 20,50,000/- near Tankapani road Sai Temple 70% finance available. 7735738102. D-11721

Patia KIIT ଜଗନ୍ନାଥ ମନ୍ଦିରଠାରେ residential plot 30'road, electricity ପାଚେରିସହ 1150/-. 8658935829. D-65392

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65865

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

ଭୁବନେଶ୍ୱର Infosys-2 ପଛପଟେ boundarywall ସହିତ sqft.- 600/- . 8658962508, 8480864171. D-66302

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-65306

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66304

Kalingavihar 1250/-, CV Raman College 600/-, Xavier University 140/-. 9337381796. D-56638

Conversion demarcation plot sale Brahmanjharilo, ନଖରା ସ୍ଥିତିବାନ ପିଚୁରୋଡ୍ sideରେ ୧୫୦୦ ବର୍ଗଫୁଟକୁ ୮,୨୫,୦୦୦/-. 9437306208. D-65307

**ପିତାପଲ୍ଲିଛକ NH-5ରୁ 100ft. ଦୁରତାରେ 30' roadକୁ ଲାଗି BDA commercial plot ବିକ୍ରିହେବ। 8917543041.** D-66309




Open space available at Pahal near Utkal Signature (Audi Showroom) 15000 sqft. and 25000 sqft. Contact: 9338401309, 9853916309. D-62171

### ACCOMMODATION

We largest realestate marketing agency requires project of plot, duplex and apartment in Bhubaneswar and near Bhubaneswar for exclusive marketing rights, if any builder, property owners are interested to quickly disposed of his property, then contact us immediately. 9937711302. D-66052




Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Herbal full body massage with refreshment by well trained therapist. 7381239385, 06742540855. D-66038

Experience full body massage with us by experts. Enquiry. 0674259782 2, 7377048581. D-66039

Herbal full body massage by smart/ expert therapist. Contact: 8338067247. D-66040

Newly opening ayurvedic body massage smart therapist, Shree herbal. 7750020754. D-66041

Improving your health, skin care through expert therapist, excellent offer. 9668374480. D-66042

Ayurvedic full body massage ladies/ gents smart experts therapist. 9114697517. D-65859

**ପ୍ରଥମ ବାର୍ଷିକ ଜନ୍ମୋତ୍ସବ ଶୁଭେଚ୍ଛା**



(ରିଷି)

**ଆୟୁଷ୍ମାନ ମୋହିତ**

ଭୀମଟାଙ୍ଗି, ଭୁବନେଶ୍ୱର

ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ କୋଟି ପରମାୟୁ ଆଶୀର୍ବାଦ କରନ୍ତୁ। ଶୁଭେଚ୍ଛା ସହ: ଜେଜେ- ମାନସ, ଜେଜେମା- ସରସ୍ୱତୀ, ସଂଯୁକ୍ତା, ସ୍ନିଗ୍ଧା, ନୃସିଂହ କୁମାର, ଅନିମା, ମୋହନ, ସୁମିତ୍ରା, ମୁରାରୀ, ରିଙ୍କି, ମୁକୁନ୍ଦ ପ୍ରସାଦ ଓ ପରିବାର ଆତ୍ମୀୟସ୍ୱଜନ। ଧ-୧୧୮୦୯

**ପ୍ରଥମ ବାର୍ଷିକ ଜନ୍ମୋତ୍ସବ ଶୁଭେଚ୍ଛା**



(ରିଦ୍ଧି)

**ଆୟୁଷ୍ମତୀ ମାନବୀ**

ଭୀମଟାଙ୍ଗି, ଭୁବନେଶ୍ୱର

ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ କୋଟି ପରମାୟୁ ଆଶୀର୍ବାଦ କରନ୍ତୁ। ଶୁଭେଚ୍ଛା ସହ: ଜେଜେ- ମାନସ, ଜେଜେମା- ସରସ୍ୱତୀ, ସଂଯୁକ୍ତା, ସ୍ନିଗ୍ଧା, ନୃସିଂହ କୁମାର, ଅନିମା, ମୋହନ, ସୁମିତ୍ରା, ମୁରାରୀ, ରିଙ୍କି, ମୁକୁନ୍ଦ ପ୍ରସାଦ ଓ ପରିବାର ଆତ୍ମୀୟସ୍ୱଜନ। ଧ-୧୧୮୧୦

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ଆୟୁଷ୍ମାନ ମେହେର**

ଶୁଭ ଜନ୍ମଦିନ ଅବସରରେ ଅନେକ ଶୁଭେଚ୍ଛା। ତୁମର ଭବିଷ୍ୟତ ଉଜ୍ଜ୍ୱଳ ଓ ସୁଖମୟ ହେଉ। ଶୁଭେଚ୍ଛା ଜଣାଇଛନ୍ତି: ବାପା, ନାନୀ, ଦାଦା, ଅମ୍ବିତ, କୁନି, ରଶ୍ମି ଏବଂ ସମସ୍ତ ପରିବାରବର୍ଗ। ଧ-୧୧୭୮୩

**ଶୁଭ ବ୍ରତୋପନୟନ ଶୁଭେଚ୍ଛା**



(ପ୍ରଭୁ)

**ରିତୁରାଜ**

ଭାଗ୍ୟଲକ୍ଷ୍ମୀ ଓ ଶରତ ଚନ୍ଦ୍ର ଉପାଧ୍ୟାୟଙ୍କ ସୁପୁତ୍ର

ଜଗନ୍ନାଥପୁର, ପିପିଲି

ନବବ୍ରହ୍ମଚାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ। ପ୍ରଭୁ ଶ୍ରୀଜଗନ୍ନାଥ ଚଲାପଥ କୁସୁମିତ କରନ୍ତୁ। ପପୁଲାର ଅଟୋମୋବାଇଲସ୍, ପିପିଲି। ଧ-୧୧୭୮୪

**ପାଠକଙ୍କ ପାଇଁ ସୂଚନା:**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**କିଛି ତଥ୍ୟ**

ଚଳିତ ମାସରେ ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକ ମାନେ ୩୮,୨୧୧ କୋଟି ଟଙ୍କା ନିବେଶ କରିଛନ୍ତି। **- ବିଏସ୍‌ଇ**

## ସହକାରୀ ଜିଲାପାଳଙ୍କ ଆତ୍ମହତ୍ୟା

### କାର୍ଯ୍ୟଚାପ ଯୋଗୁ ଆତ୍ମହତ୍ୟା ଅଭିଯୋଗ ଆଣିଲେ ପୁତୁରା

**ରାୟଗଡ଼ା ଅଫିସ୍,୨୪।୩**

ରାୟଗଡ଼ା ସହକାରୀ ଜିଲାପାଳ ଶିବପ୍ରସାଦ ପାଣିଗ୍ରାହୀ ରବିବାର ଆତ୍ମହତ୍ୟା କରିଛନ୍ତି । ବହୁ ମାତ୍ରାରେ ବଟିକା ଖାଇଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟାଳୟ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥିବା ତାଙ୍କ ପୁତୁରା କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଅଭିଯୋଗ କରିଛନ୍ତି।ଅନ୍ୟ ପ୍ରଶାସନିକ ଅଧିକାରୀ କିନ୍ତୁ ଏହି ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ତେବେ ତାଙ୍କ ଉପରେ କେଉଁ ପ୍ରକାର ଚାପ ରହିଥିଲା ନା ଆତ୍ମହତ୍ୟା ପଛରେ ଅନ୍ୟ କିଛି କାରଣ ରହିଛି, ତାହା ଏବେ ବଡ଼ ପ୍ରଶ୍ନ। ପୂର୍ବରୁ ଏଠାରେ ଜଣେ ଜିଲା ମଙ୍ଗଳ ଅଧିକାରୀ ମଧ୍ୟ କାର୍ଯ୍ୟଚାପ ଯୋଗୁ ଆତ୍ମହତ୍ୟା କରିଥିବା ଅଭିଯୋଗ ରହିଛି। ରବିବାର ଏଭଳି ଘଟଣା ପରେ ରାୟଗଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (୧୧/୧୯) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ନିହାର ରଞ୍ଜନ ପ୍ରଧାନ କହିଛନ୍ତି।

## ଅଗ୍ନିକାଣ୍ଡରେ ୪୦ ବଖରା ଛାରଖାର

- **୨୧ ପରିବାର ସର୍ବସ୍ୱାନ୍ତ**
- **୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ**

**ଛେଣ୍ଡିପଦା,୨୪।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ପାତ୍ରପଡା ଗ୍ରାମରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨୧ ପରିବାରର ୪୦ରୁ ଊର୍ଦ୍ଧ୍ୱ ବଖରା ଜଳି ପାଉଁଶ ହୋଇଯାଇଛି। ଖବରପାଇ ଛେଣ୍ଡିପଦା ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଦମକଳ କର୍ମଚାରୀଙ୍କ ସୂତ୍ରରୁ ପ୍ରକାଶ।

ଘଟଣାରୁ ଜଣାପଡିଛି, ପାତ୍ରପଡା ଗ୍ରାମ କମାରସାହିର ଅଧିକାଂଶ ଲୋକ ସକାଳୁ ମଜୁରି କାମରେ ବାହାରି ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଗୋଟିଏ ଘରେ ନିଆଁ ଲାଗିଯାଇଥିଲା। ଆଖି ପିଛୁଳାକେ ଏହା ଅନ୍ୟ ଘରଗୁଡିକୁ ବ୍ୟାପି ଯାଇଥିଲା। ସାହି ଲୋକେ ଚେଷ୍ଟା କରି ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଗ୍ୟାସ ଚୁଲାରୁ ନିଆଁ ଲାଗି ଏହି ଅଗ୍ନିକାଣ୍ଡ ଘଟିଥିବା ଦମକଳ କର୍ମଚାରୀ ପ୍ରକାଶ କରିଛନ୍ତି। ଏହି ସମୟରେ ନରେଶ ବେହେରାଙ୍କ ୩ ବର୍ଷର ଶିଶୁ କନ୍ୟା ଘର ଭିତରୁ ବାହାରିପାରି ନ ଥିଲେ। ଦମକଳ କର୍ମଚାରୀ ତାଙ୍କୁ ସେଠାରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଅଗ୍ନିକାଣ୍ଡ ପରେ ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ ଘଟଣାସ୍ଥଳରେ ପହଞ୍ଚି ବିପନ୍ନଙ୍କୁ ଭେଟିଥିଲେ। ସେମାନଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରିବା ସହ ସେଠାରେ ରହିବାର ବନ୍ଦୋବସ୍ତ କରାଯିବ ବୋଲି ସେ କହିଥିଲେ। ପରେ ବାଗଡିଆ ରାଜସ୍ୱ ନିରୀକ୍ଷକ ଦୋଳଗୋବିନ୍ଦ ମଲ୍ଲିକ ଓ ଛେଣ୍ଡିପଦା ରାଜସ୍ୱ ନୀରିକ୍ଷକ ରବିନାରାୟଣ ସେନାପତି ଘଟଣାସ୍ଥଳରେ ପହଞ୍ଚି ସମସ୍ତ ବିପନ୍ନ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି। ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ବିଡିଓ ରୋମାଞ୍ଚଳ ଖମାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ୩ ଦିନ ପର୍ଯ୍ୟନ୍ତ ବିପନ୍ନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି।

# ଆହୁରି ୩ ଦିନ ଗ୍ରୀଷ୍ମ ପ୍ରବାହ

## ମାଲକାନଗିରିରେ ସର୍ବାଧିକ ୪୦ ଡିଗ୍ରୀ ତାପମାତ୍ରା

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି। ରବିବାର ଅଧିକାଂଶ ସ୍ଥାନରେ ପାରଦ ୩୫ ଡିଗ୍ରୀ ଉପରେ ରହିଥିଲା। ଝାଞ୍ଜି ପବନ ସାଙ୍ଗକୁ ଅଧିକ ଖରା ସାଧାରଣ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ଆସନ୍ତା ୩ ଦିନ ମଧ୍ୟ ଏଭଳି ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆଗକୁ ଗ୍ରୀଷ୍ମ ପ୍ରବାହ ଆହୁରି ଅସହ୍ୟ ହୋଇପଡ଼ିବ। ମାଲକାନଗିରିରେ ଗତ କିଛିଦିନ ହେବ ପାରଦ ୪୦ ଡିଗ୍ରୀ ଛୁଉଁଥିବା ବେଳେ ରାଜ୍ୟର ବାକି ସ୍ଥାନରେ ପାରଦ ୨ରୁ ୩ ଡିଗ୍ରୀ ବଢ଼ିଥିବା ଦେଖାଯାଇଛି।

ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସର୍ବୋଚ୍ଚ ତାପମାତ୍ରା ହାରାହାରି ୩୯ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୨୨ ଡିଗ୍ରୀ ପାଖାପାଖି ରହିବ। ଏହା ପ୍ରଭାବରେ ପୂର୍ବାହ୍ନରେ ଗରମ ଅନୁଭୂତ ହେବ ଏବଂ ଅପରାହ୍ନରେ କାଳବୈଶାଖୀ ଜନିତ ବର୍ଷା, ପବନ ହୋଇପାରେ। ଆସନ୍ତା ୨୬ ଓ ୨୭ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା, ବୌଦ୍ଧ, ଖୋର୍ଦ୍ଧା, ନୟାଗଡ଼ ଆଦି ସ୍ଥାନରେ କାଳବୈଶାଖୀ ହେବା ସମ୍ଭାବନା ରହିଛି। ୨୮ତାରିଖରୁ ପାଗରେ ପରିବର୍ତ୍ତନ ଆସିପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମାଲକାନଗିରି ୪୦ ଡିଗ୍ରୀ ପରେ ଦ୍ୱିତୀୟ ଉତ୍ତପ୍ତ ସହର ଭାବେ ଭୁବନେଶ୍ୱରରେ ରବିବାର ୩୮.୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି କଟକ ୩୭.୬, ଅନୁଗୋଳ ୩୭.୧, ବଲାଙ୍ଗୀର ୩୭, ହୀରାକୁଦ ଓ ତାଳଚେର ୩୬.୫, ସମ୍ବଲପୁର ଓ ଝାରସୁଗୁଡ଼ା ୩୬.୧, ସୋନପୁର, କୋରାପୁଟ ଓ ଭବାନୀପାଟଣା ୩୫.୮ ଏବଂ ବାରିପଦା ଓ ସୁନ୍ଦରଗଡ଼ରେ ୩୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ବାକି ଅନ୍ୟ ସହରଗୁଡ଼ିକରେ ୩୨ ଡିଗ୍ରୀ ଉପରେ ତାପମାତ୍ରା ରହିଥିବା ଜଣାପଡ଼ିଛି।

**ପ୍ରଥମ ପୃଷ୍ଠାରୁ...**

## ହଜାଇଦେଲେ...

ଲକ୍ଷ ଲକ୍ଷ ଚାକିରିଆ ନିଯୁକ୍ତି ହରାଇ ବେକାର ହୋଇଗଲେ ଏବଂ ଛୋଟ ବ୍ୟବସାୟୀ ବାଧହୋଇ ବେପାର ପେଡ଼ି ବନ୍ଦ କଲେ। ଦେଶରେ ବେକାରି ସମସ୍ୟା ୪୫ ବର୍ଷ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ନିଯୁକ୍ତି ଆଶାୟୀ ଯୁବତୀଯୁବକମାନେ କର୍ମସଂସ୍ଥାନ ପାଇଁ ଘୂରି ବୁଲୁଛନ୍ତି। କାମଧନ୍ଦା ଅଭାବ ଯୋଗୁ ଲକ୍ଷ ଲକ୍ଷ ପରିବାର ଅନ୍ୟ ରାଜ୍ୟ ଓ ଦେଶକୁ ଦାଦନ ଖଟିଯିବାକୁ ବାଧ ହେଉଛନ୍ତି। କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ସମାଗ୍ରୀର ଉଚିତ ମୂଲ୍ୟ ମିଳୁନାହିଁ। ଚାଷୀଙ୍କ ଆୟ ଦୁଇଗୁଣା କରିବା ପାଇଁ ସରକାର ପ୍ରୟାସ ଚଳାଇଥିବା କହୁଛନ୍ତି। କିନ୍ତୁ ହକ୍ ମାଗିଲେ ଗୁଳି ମିଳୁଛି। ଆନ୍ଦୋଳନ କଲେ ମୁଣ୍ଡ ଗଡ଼ୁଛି। ଫସଲହାନିରେ ମର୍ମାହତ ଚାଷୀ ଋଣବୋଝରେ ଉବୁଟୁବୁ ହୋଇ ଶେଷରେ ଆତ୍ମହତ୍ୟା କରୁଛି।

ଭାରତରେ ମହିଳାଙ୍କ ବିରୋଧରେ ଘଟୁଥିବା ଚତୁର୍ଥ ହିଂସା ହେଉଛି ବଳାତ୍କାର। ଦେଶରେ ପ୍ରତିଦିନ କେଉଁଠି ନା କେଉଠି ମହିଳାମାନେ ଶାରୀରିକ ନିର୍ଯାତନା ଓ ଉତ୍ପୀଡ଼ନର ଶିକାର ହେଉଛନ୍ତି। ଅଭିବ୍ୟକ୍ତି ସ୍ୱାଧୀନତା ଉପରେ ସବୁବେଳେ ସରକାରୀ ଅଙ୍କୁଶ ଦେଖିବାକୁ ମିଳିଛି। ବାସ୍ତବ ଚିତ୍ର ସାମ୍ନାକୁ ଆଣି କେନ୍ଦ୍ରର ନୀତିଗୁଡ଼ିକୁ ସମାଲୋଚନା କରୁଥିବା ଲେଖକ, ଖବରଦାତା ଓ ବୁଦ୍ଧିଜୀବୀଙ୍କୁ ଅନେକ ସମୟରେ ଜୀବନ ହାରିବାକୁ ପଡ଼ିଛି। ଗୋବିନ୍ଦ ପାନ୍‌ସରେ(୨୦୧୫ ଫେବୃୟାରୀ), ଏମ୍.ଏମ୍. କଲବୁର୍ଗୀ (୨୦୧୫ ଅଗଷ୍ଟ) ଓ ଗୌରୀ ଲଙ୍କେଶ (୨୦୧୭ ସେପ୍ଟେମ୍ବର)ଙ୍କ ହତ୍ୟାକାଣ୍ଡ ଏହାର ଗୋଟିଏ ଗୋଟିଏ ଜ୍ୱଳନ୍ତ ଦୃଷ୍ଟାନ୍ତ। ବିଶେଷକରି ୨୦୧୪ରୁ ଏହି ଧାରା ଲମ୍ବିବାରେ ଲାଗିଛି। ଗୋସୁରକ୍ଷା ନାମରେ ତଥାକଥିତ ଗୋରକ୍ଷକ ଓ ହିନ୍ଦୁବାଦୀମାନେ ଦଳିତ ଏବଂ ସଂଖ୍ୟାଲଘୁଙ୍କୁ ବିଗତ ୫ ବର୍ଷରେ କେତେଥର ଆକ୍ରମଣ କରି କେତେଜଣଙ୍କୁ ହତ୍ୟା କରିଛନ୍ତି, ଏହାର ହିସାବ ସରକାରଙ୍କ ନଥିପତ୍ରରେ ନ ଥିବ। ସବୁବେଳେ ଚର୍ଚ୍ଚାର ବିଷୟ ପାଲଟୁଥିବା ଏହି ପ୍ରସଙ୍ଗ ସମୟ ସ୍ରୋତରେ ଏବେ ଇତିହାସ ପାଲଟିଯାଇଛି। ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ ବହୁକୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଣୁଥିବା ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ମଧ୍ୟ ନିର୍ବାଚନ ସମୟରେ ଏହି ପ୍ରସଙ୍ଗରେ ଏକପ୍ରକାର ଚୁପ୍ ବସିଯାଇଛି। ବିଦେଶ ବୁଲିବାରେ ସର୍ବାଧିକ ଅର୍ଥ (୨୦୧୪ରୁ ୨୦୧୯ ମଧ୍ୟରେ ୯୨ ଦେଶ, ୪୮ ଥର ଗସ୍ତରେ ୨୦୨୧ କୋଟି ଟଙ୍କା) ଶ୍ରାଦ୍ଧ କରିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହିର୍ବ୍ୟାପାର ନୀତି ବିଶେଷକରି ଚାଇନା ଓ ପାକିସ୍ତାନ ପ୍ରସଙ୍ଗରେ କଂଗ୍ରେସ ଟାର୍ଗେଟ କରିଆସିଛି। ଆଣବିକ ଯୋଗାଣକାରୀ ରାଷ୍ଟ୍ରଗୋଷ୍ଠୀ (ଏନ୍‌ଏସ୍‌ଜି)ରେ ସଦସ୍ୟତା, ୨୦୧୭ ଜୁନ୍‌ର ଡୋକ୍‌ଲାମ୍ ବିବାଦ ଓ ଭାରତରେ ଅନେକ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କୁ ଜାତିସଂଘରେ କଳାତାଲିକାଭୁକ୍ତ କରାଇବା ଉଦ୍ୟମ ସବୁଥିରେ (ଚାଇନା ଯୋଗୁ) ଭାରତକୁ ବାରମ୍ବାର ବିଫଳତାର ସ୍ୱାଦ ଚାଖିବାକୁ ପଡ଼ିଛି ବୋଲି କେନ୍ଦ୍ରକୁ ଟାର୍ଗେଟ କରୁଥିବା କଂଗ୍ରେସ ଚଳିତ ନିର୍ବାଚନରେ ଏହି ପ୍ରସଙ୍ଗ ଉଠାଉନାହିଁ। ପ୍ରାୟ ସବୁ ସାଧାରଣ ନିର୍ବାଚନର ଦଳୀୟ ଇସ୍ତାହାରରେ ରାମମନ୍ଦିର ନିର୍ମାଣର ପ୍ରତିଶ୍ରୁତି ଦେଉଥିବା ଭାଜପା ଏହାକୁ କେବଳ ଭୋଟ ଧ୍ରୁବୀକରଣର ଅସ୍ତ୍ର ଭାବେ ବ୍ୟବହାର କରୁଥିବା ବିରୋଧୀ ଅଭିଯୋଗ କରନ୍ତି। ଠିକଣା ବେଳେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାହି ଦେଇ ହାତବାନ୍ଧି ବସିଯାଇଛନ୍ତି। ଭାଜପାର ସଂକଳ୍ପପତ୍ର ପ୍ରକାଶ ପାଇଲେ ଏହାର ପରିବର୍ତ୍ତିତ ଆଭିମୁଖ୍ୟ ଜଣାପଡ଼ିବ।

ଅନ୍ୟପକ୍ଷରେ ଭାଜପା ନିର୍ବାଚନ ବେଳେ ଯେଉଁ ସବୁ ରଣନୀତି ଆପଣେଇ କ୍ଷମତାସୀନ ହୋଇଥାଏ, କଂଗ୍ରେସ ମଧ୍ୟ ସେହି ସହଜ ବାଟରେ ଚାଲୁଥିବା ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଭଳି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଏବଂ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭୋଟ ପାଇଁ ମଠମନ୍ଦିର ବୁଲି ଗଙ୍ଗାନଦୀକୁ ଆପଣେଇଛନ୍ତି। 'ନରମ ହିନ୍ଦୁତ୍ୱବାଦ'ର ଆଶ୍ରୟ ନେଇ ସଂଖ୍ୟାଗରିଷ୍ଠ ମତଦାତାଙ୍କ ଭୋଟ ହାତେଇବା ଆଶା ଏହାର ଏକମାତ୍ର କାରଣ ହୋଇପାରେ। ଏଭଳି ସମୟରେ ସମସ୍ତ ମୂଳ ପ୍ରସଙ୍ଗକୁ ପଛରେ ପକାଇ ଆତଙ୍କବାଦୀଙ୍କ ପୁଲୱାମା ଆକ୍ରମଣ ଓ ଭାରତୀୟ ବାୟୁସେନାର ବାଲାକୋଟ ପ୍ରତିଆକ୍ରମଣ କଥା ଉଠାଇ ଭାଜପା ଫାଇଦା ନେବାକୁ ଅଣ୍ଟାଭିଡ଼ିଛି ବୋଲି ବିଶ୍ଳେଷକମାନେ ମତବ୍ୟକ୍ତ କରୁଛନ୍ତି। ମୋଦି ମଧ୍ୟ ଆଉ 'ବିକାଶ' କଥା ପ୍ରାୟତଃ କହୁନାହାନ୍ତି। ତେଣୁ ଭୋଟର ଏଥର କେଉଁ ପ୍ରସଙ୍ଗକୁ ନେଇ ମତଦାନ କରିବେ ସେନେଇ ଦ୍ୱନ୍ଦ୍ୱ ଓ ବିଭ୍ରାନ୍ତି ସୃଷ୍ଟି ହେବା ଅସ୍ୱାଭାବିକ ନୁହେଁ ବୋଲି ଚର୍ଚ୍ଚା ହେଉଛି।

## ବିଜେଡିର...

ପାଣିଗ୍ରାହୀ ଏବଂ ରୋହିତ ପୂଜାରୀଙ୍କୁ ପୁଣିଥରେ ଟିକେଟ ପ୍ରଦାନ କରାଯାଇଛି। ଝରିଗାଁ ବିଧାୟକ ତଥା ମନ୍ତ୍ରୀ ରମେଶ ମାଝି ନବରଙ୍ଗପୁର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ରମେଶଙ୍କ ସ୍ଥାନରେ ତାଙ୍କ ଭାଇ ପ୍ରକାଶ ମାଝିଙ୍କୁ ପ୍ରାର୍ଥୀ କରାଯାଇଛି। ମାଲକାନଗିରି ବିଧାୟକ ଥିବା ମାନସ ମାଡକାମୀ, ଲୋଇସିଂହା ବିଧାୟକ ଯୋଗେନ୍ଦ୍ର ବେହେରା, ଲାଞ୍ଜିଗଡ଼ ବିଧାୟକ ବଳଭଦ୍ର ମାଝି ଏବଂ ପଟାଙ୍ଗୀ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀଙ୍କୁ ଟିକେଟ ମିଳିନାହିଁ। ସେହିପରି ଗତଥର ବଲାଙ୍ଗୀର ବିଧାନସଭାରୁ ପ୍ରାର୍ଥୀ ହୋଇଥିବା ଏ.ୟୁ. ସିଂଦେଓଙ୍କ ବଦଳରେ ତାଙ୍କ ପୁତ୍ର ଅର୍କେଶଙ୍କୁ ଟିକେଟ ପ୍ରଦାନ କରାଯାଇଛି। ବ୍ରଜରାଜନଗରରେ ଅନୁପ ସାଏଙ୍କୁ ପରିବର୍ତ୍ତନ କରାଯାଇ କିଶୋର ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଅନୁପଙ୍କୁ ଆଗାମୀ ଦିନରେ ରାଜ୍ୟ ସଭାରେ ଥଇଥାନ କରାଯିବ ବୋଲି ଦଳୀୟ ମହଲରେ ଆଲୋଚନା ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ଚନ୍ଦ୍ରଙ୍କ ପ୍ରତି ମଙ୍ଗଳଙ୍କ ପ୍ରତ୍ୟକ୍ଷଦୃଷ୍ଟି ପ୍ରଭାବରେ ସାହସିକତାର ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ରାହୁଙ୍କ ପ୍ରଭାବଜନିତ ପାଖ ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ କରିପାରନ୍ତି। ବନ୍ଧୁମାନଙ୍କ ସହଯୋଗ କାର୍ଯ୍ୟକୁ ବଢ଼ାଇ ନେବାରେ ସାହାଯ୍ୟ କରିବ। ଯାତ୍ରା ସମୟରେ ନିକଟ ସମ୍ପର୍କୀୟମାନଙ୍କୁ ଅପେକ୍ଷା କରି କରି ବିରକ୍ତି ପ୍ରକାଶ କରିପାରନ୍ତି।

**ବୃଷ**



କର୍ମଭାବରେ ବୁଧ ଓ ଶୁକ୍ର ଏକାଧାରରେ ଅର୍ଥ, ସମ୍ମାନ ଓ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନରେ ସହାୟକ ହେବ। ସାମୟିକ ଭାବରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଅତୀତରୁ ଲାଗି ରହିଥିବା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବାର ଆଶଙ୍କା ରହିଛି। ମାଙ୍ଗଳିକ କାମରେ ବ୍ୟସ୍ତ ରହି ଗୁରୁତ୍ୱପୂର୍ଣ୍ଣ କାମଟିକୁ ପାଶୋରି ଦେଇପାରନ୍ତି।

**ମିଥୁନ**



ରାଶିରେ ବଳବାନ୍ ରାହୁ ଧନାଧିପତି ଠାରୁ ଅଷ୍ଟମସ୍ଥ ହେତୁ ଆପଣଙ୍କ ପ୍ରାପ୍ତି ଆଶା ନିରର୍ଥକ ହେବନାହିଁ। ପଦସ୍ଥବ୍ୟକ୍ତିଙ୍କ ହସ୍ତକ୍ଷେପ ଦ୍ୱାରା କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇ ପାରନ୍ତି। ବନ୍ଧୁମାନଙ୍କର ପ୍ରତ୍ୟେକ କାର୍ଯ୍ୟ ଓ ଚାଲିଚଳନ ଆପଣଙ୍କ ପସନ୍ଦଯୋଗ୍ୟ ନ ହୋଇପାରେ।

**କର୍କଟ**



ଆଜିର ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କୁ ସମ୍ମାନଜନକ ସ୍ଥିତି ସଙ୍ଗକୁ ଅର୍ଥ ଓ ଉପହାରାଦି ପ୍ରଦାନ କରିପାରେ। ଏକାଦଶସ୍ଥ ମଙ୍ଗଳ ଯୋଗ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଲକ୍ଷ୍ୟ ହାସଲରେ ଅସୁବିଧା ହେବନାହିଁ । ଶନିଙ୍କ ପ୍ରଭାବରେ ସାଧାରଣ କଥାରେ ମଧ୍ୟ ସନ୍ଦେହ କରି ନିଜ ଲୋକମାନଙ୍କୁ ଭୁଲ୍ ବୁଝିପାରନ୍ତି।

**ସିଂହ**



ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୀର୍ଘ ଦିନରୁ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ। ମହିଳା ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ।

**କନ୍ୟା**



ରବି ଅଷ୍ଟମସ୍ଥାନସ୍ଥ ହେତୁ ସରକାରୀ ସ୍ତରରେ ସମସ୍ୟା ଜନିତ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ବ୍ୟୟାଧିପ ଚତୁର୍ଥଭାବରେ ରହି ଆପଣଙ୍କ ନୂତନ ଯାନବାହନ, ଗୃହ, ଯାନ୍ତ୍ରିକ ଜିନିଷ କିମ୍ବା ମୂଲ୍ୟବାନ ଗୃହୋପକରଣ କ୍ରୟ କରାଇବାର ମାନସିକତା ପ୍ରଦାନ କରିବେ। ବୁଧଙ୍କ ଦୁର୍ବଳତା ଜନିତ ପୁରାତନ ରୋଗର ପୀଡ଼ା ଅନୁଭବ ହେବାର ସୂଚନା ରହିଛି।

**ତୁଳା**



ଚତୁଃକେନ୍ଦ୍ର ଗ୍ରହଶୂନ୍ୟ ହେତୁ ସବୁ କିଛି ଥାଇ ମଧ୍ୟ କିଛି ନ ଥିବା ଭଳି ଅନୁଭବ କରିବେ। ଅବଶ୍ୟ ମୁଖଭାବରେ ଶୁଭଗ୍ରହ ପ୍ରଭାବରେ ବନ୍ଧୁଙ୍କ ଶ୍ରୁତିମଧୁର କଥା ସହ ଅର୍ଥଲାଭ ଘଟିପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ତଥାପି ପ୍ରତ୍ୟେକ କ୍ଷେତ୍ରରେ କିଛିନାକିଛି ଅଶାନ୍ତି ଓ ଅସନ୍ତୋଷ ମାନସିକ ସୁସ୍ଥତାକୁ ନଷ୍ଟ କରିବ।

**ବିଛା**



ଉଚ୍ଚ ଚିନ୍ତା ଓ ମହତ୍ ଉଦ୍ଦେଶ୍ୟ ନେଇ କାମ କଲେ ମଧ୍ୟ ଚତୁର୍ଥଭାବ ପ୍ରତି ଶନିଙ୍କ ଦୃଷ୍ଟି ଓଲଟାଫଳ ପ୍ରଦାନ କରିବ। ଫଳରେ ଭଲ କଲେ ମଧ୍ୟ ଅନ୍ୟମାନେ ତାହାକୁ ସକାରାତ୍ମକ ଭାବରେ ଗ୍ରହଣ କରିବେ ନାହିଁ। ବାଣିଜ୍ୟ,ବ୍ୟବସାୟ, ଆନୁଷ୍ଠାନିକ କାମ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**



ଶନି ଓ କେତୁ ରାଶିରେ ରହି ଶାରୀରିକ ଓ ମାନସିକ ସୁସ୍ଥତାକୁ ନଷ୍ଟ କରିପାରନ୍ତି। ଅବଶ୍ୟ ଉଚ୍ଚାରୋହୀ ରବିଙ୍କ ପ୍ରଭାବରେ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଭୁଲ୍ ବୁଝାମଣା କାରଣରୁ ଆତ୍ମୀୟମାନଙ୍କ ସହ ସୁସମ୍ପର୍କ ହ୍ରାସ ଘଟିପାରେ। ଅର୍ଥ ସମ୍ପର୍କ, ବ୍ୟବସାୟ ଓ ଯାତ୍ରା ପ୍ରଭୃତିରେ କୌଣସି ଅସୁବିଧା ରହିବନାହିଁ।

**ମକର**



ଏକାଦଶସ୍ଥ ଚନ୍ଦ୍ର ଓ ବୃହସ୍ପତି କୌଣସି ଆତ୍ମୀୟ ସ୍ୱଜନଙ୍କ ସହ ସୁସମ୍ପର୍କ ସ୍ଥାପିତ କରାଇବ। ରଚନାତ୍ମକ କାର୍ଯ୍ୟ, ଆଲୋଚନା, ସଭାସମିତି, ନୂତନ କର୍ମାରମ୍ଭ ପ୍ରଭୃତି ପାଇଁ ଦିନଟି ବହୁତ ଭଲ। ଯାନବାହନ, ଲୋକସମ୍ପର୍କ ଓ ପାରିବାରିକ ସମସ୍ୟା ନେଇ ରହିଥିବା ଦୁଃଶ୍ଚିନ୍ତା ସାମୟିକ ମନକୁ ବିଭ୍ରାନ୍ତ କରାଇବ। ହଠାତ୍ କୌଣସି ଖବର ମନଦୁଃଖର କାରଣ ହୋଇପାରେ।

**କୁମ୍ଭ**



ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟେକ କାମରେ ସଫଳତା ପ୍ରଦାନ କରିବ। ପ୍ରଶାସନିକ ସଫଳତା, ମାନସିକ ପ୍ରଫୁଲ୍ଲତା ଓ ଅର୍ଥନୈତିକ ଅଭିବୃଦ୍ଧିରୁ ଖୁସି ରହିବେ। ରାଜନୀତି କ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ସ୍ୱାର୍ଥ ସାଧନ ମାନସରେ ବନ୍ଧୁଙ୍କ କାର୍ଯ୍ୟକଳାପ ସନ୍ଦେହଜନକ ସ୍ଥିତି ଉତ୍ପନ୍ନ କରିବ।

**ମୀନ**



ଅନ୍ୟମାନଙ୍କୁ ଯେତେ ସାହାଯ୍ୟ କଲେ ମଧ୍ୟ ସେମାନେ ତାହାର ମୂଲ୍ୟ ବୁଝି ନ ପାରନ୍ତି। ପରିବାରରେ ମଧ୍ୟ ପ୍ରଶଂସା କରିବା ତେଣେ ଥାଉ ଆକ୍ଷେପୋକ୍ତି ଦ୍ୱାରା ମାନସିକ ଆଘାତ ପାଇ ଦୁଃଖ ପ୍ରକାଶ କରିବେ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଗୁରୁଜନଙ୍କ ସାନ୍ତ୍ୱନା ବାଣୀ ସାମୟିକ ଭାବରେ ମନରେ ଆଶ୍ୱସ୍ତି ଭରିପାରେ।

ଆଜି ଚୈତ୍ର କୃଷ୍ଣ ୫ମୀ ସୋମବାର, ମାର୍ଚ୍ଚ ୨୫ ତାରିଖ, ରାଶି ନକ୍ଷତ୍ର- ଅନୁରାଧା/ବିଛା, ମିଥୁନ ରାଶିର ଘାତବାର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଅନୁରାଧା ନକ୍ଷତ୍ରେ ବ୍ରତୋପନୟନ, ସକାଳ ଘ୭।୨୦ମି. ମଧ୍ୟେ ଘ୧।୨୪ମି. ଗତେ, ଘ୨।୫୪ମି. ମଧ୍ୟେ ଘ୪।୨୫ମି. ଗତେ, ଘ୫।୫୬ମି. ମଧ୍ୟେ ଅମୃତ ବେଳା। ଦିବା ଘ୮।୫୧ମି. ଗତେ ଘ୧୦।୨୧ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୭।୨୧ମି. ଗତେ ଘ୮।୫୧ମି. ମଧ୍ୟେ ରାହୁକାଳ।

■ ନୟାଗଡ଼ରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ଆରମ୍ଭ

# ୨୧ଲୋକ ସଭା ଆସନ ଜିତିବାର ଦମ୍ଭୋକ୍ତି

■ ସ୍ୱତନ୍ତ୍ର ପାହ୍ୟା ଦେବାରେ କେନ୍ଦ୍ର ଅବହେଳା କରିଛି
■ ବିଜେଡିର ହାଇକମାଣ୍ଡ ହେଉଛନ୍ତି ଓଡ଼ିଶାବାସୀ
■ ଆମ ରିମୋଟ୍ କଣ୍ଟ୍ରୋଲ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ହାତରେ

ନୟାଗଡ଼ ଅଫିସ,୨୪।୩

ଆଉ ମାତ୍ର ଦିନ କେଇଟା ପରେ ସାଧାରଣ ନିର୍ବାଚନ। ଏହି ପରିପ୍ରେକ୍ଷୀରେ ସାହିତ୍ୟ ଓ ସଂସ୍କୃତିର ସାଧନା ପୀଠ ନୟାଗଡ଼ରୁ ବିଜେଡି ରବିବାର ନିଜର ପ୍ରଚାର ଆରମ୍ଭ କରିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୟାଗଡ଼ ଷ୍ଟାଡ଼ିୟମଠାରେ ଆୟୋଜିତ କର୍ମୀ ସମାବେଶରେ ଯୋଗଦେଇ ଦଳର ପ୍ରଚାର କରିଛନ୍ତି। ଜିଲା ବିଜେଡ଼ି ସଭାପତି ତଥା ରଣପୁର ବିଧାୟକ ରବି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଟାର୍ଗେଟ କରିଥିଲେ। ଅପରପକ୍ଷେ ନୟାଗଡରେ ବିଧାନସଭା ଆସନ ପ୍ରାର୍ଥୀ କିମ୍ବା ପୁରୀ ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରି ନ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଏହି ସଭାକୁ ଲୋକଦେଖାଣିଆ ବୋଲି ବିରୋଧୀ କହିଛନ୍ତି।

ପ୍ରଥମେ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ବିଷୟରେ ମା'ମାନଙ୍କୁ ଅବଗତ କରାଇ ସେମାନଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ମିଶନ ଶକ୍ତିର ମା' ପ୍ରମିଳା ବିଶୋୟୀଙ୍କୁ ଆସିକା ଲୋକ ସଭା ଆସନରୁ ପ୍ରାର୍ଥୀ କରିଥିବା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଜେଡ଼ି ପ୍ରଥମ ଦଳ ଯିଏ ମହିଳାଙ୍କ ପାଇଁ ଲୋକ ସଭାରେ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଥିବା ସୂଚନା ଦେଇଥିଲେ। ମହିଳାଙ୍କ ଶକ୍ତି ବୃଦ୍ଧି ହେଲେ ଘର, ଗାଁ, ରାଜ୍ୟ ଓ ଦେଶର ଉନ୍ନତି ହେବ ବୋଲି କହିଥିଲେ। ଚଳିତ ନିର୍ବାଚନରେ ଓଡ଼ିଶାର ୨୧ରୁ ୨୧ ଲୋକ ସଭା ଆସନରେ ଶଙ୍ଖ କ୍ଲିନ୍ ସୁଇପ୍ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବିଜେଡିର ହାଇକମାଣ୍ଡ ହେଉଛନ୍ତି ଓଡ଼ିଶାବାସୀ। ଆମର ରିମୋଟ୍ କଣ୍ଟ୍ରୋଲ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କ ହାତରେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାଳିଆ ଯୋଜନାରେ ଯେପରି କୌଣସି ଚାଷୀ ବାଦ୍ ନ ପଡ଼ିବେ ସେ ବିଷୟରେ ସେ ଧ୍ୟାନ ଦେଉଥିବା କହିଥିଲେ। ୨୦୧୪ରେ ଭାଜପା ନିର୍ବାଚନୀ ଇସ୍ତାହାରରେ ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମାନ୍ୟତାରେ ଏକ ନମ୍ବରରେ ରଖିଥିଲା। ହେଲେ ନିର୍ବାଚନ ପରେ ଏହାକୁ ଭୁଲିଗଲା। କୋଇଲା ଓ ରେଳବାଇ କ୍ଷେତ୍ରରେ କେନ୍ଦ୍ର ଅବହେଳା କରିଥିବା କଥା ଉଠାଇଥିଲେ। କେନ୍ଦ୍ରରେ ସରକାର ଗଠନ କରିବା ପାଇଁ ଚଳିତଥର କୌଣସି ଦଳକୁ ବହୁମତ ମିଳିବ ନାହିଁ, ଏ କ୍ଷେତ୍ରରେ ବିଜେଡ଼ି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ସଂଯୋଜନା କରି ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସୂଚନା ଦେଇଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୁନାଲଟିଠାରେ ୧୮୩ କୋଟି ଟଙ୍କା ବ୍ୟୟ ଅଟକଳରେ ବ୍ୟାରେଜ ନିର୍ମାଣ କରାଯାଉଛି। ଏହାଦ୍ୱାରା ନୟାଗଡ଼ ଓ ଖଣ୍ଡପଡ଼ା ବ୍ଲକର ୮୦୦୦ ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ ବୋଲି କହିଥିଲେ। ପୁରୀ ଏମ୍‌ପି ପିନାକୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସବୁବେଳେ ନୟାଗଡ଼ ଜିଲା ଉପରେ ନଜର ରଖିଥିବା ପ୍ରକାଶ କରିଥିଲେ। ଭାଜପା ନିର୍ବାଚନୀ ଇସ୍ତାହାର ପାଳନ କରୁନଥିବାବେଳେ ବିଜେଡ଼ି ଏହାକୁ ଗୁରୁତ୍ୱ ଦେଉଥିବା ପ୍ରକାଶ କରିଥିଲେ। ରାଜ୍ୟ ସଭା ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ୮ ବ୍ଲକର ଅଧ୍ୟକ୍ଷ, ଉପାଧ୍ୟକ୍ଷ ମଞ୍ଚାସୀନ ଥିଲେ। ସମାବେଶରେ ବହୁ ସଂଖ୍ୟାରେ ମହିଳାପୁରୁଷ କର୍ମୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମକୁ ବିରୋଧ କରି ଜିଲା କଂଗ୍ରେସ ସଭାପତି ରଣଜିତ ଦାସ କହିଛନ୍ତି ଯେ, ଏହା କେବଳ ଲୋକଦେଖାଣିଆ। ନୟାଗଡ଼ ଜିଲାର ବିଧାୟକମାନଙ୍କ ଟିକେଟ କଟାଯାଉଥିବାରୁ ସେମାନଙ୍କ ମଧ୍ୟରେ ଥିବା କନ୍ଦଳ ପ୍ରଶମିତ କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ରଣଜିତ୍ କହିଛନ୍ତି।



ନୟାଗଡ଼ ଷ୍ଟାଡ଼ିୟମଠାରେ ଆୟୋଜିତ କର୍ମୀ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିଭାଷଣ ଦେଉଛନ୍ତି।

■ ଦିଗପହଣ୍ଡି ବିଧାନସଭା କ୍ଷେତ୍ର

# ଭାଜପାରୁ ପିଙ୍କିଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ଧାରଣା

ବ୍ରହ୍ମପୁର ଅଫିସ,୨୪।୩

ଗଞ୍ଜାମ ଜିଲାର ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଓଡ଼ିଆ ସିନେ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏହାକୁ ବିରୋଧ କରି ଦଳର କେତେଜଣ ବିଦ୍ରୋହୀ ସାଜିଛନ୍ତି। ଶନିବାର ମହନ୍ତ ଚିନ୍ମୟାନନ୍ଦ ଓ ତାଙ୍କ ସମର୍ଥକମାନେ ବ୍ରହ୍ମପୁର ଷ୍ଟେଶନରୋଡ ନିକଟ ଭାଜପାର ନିର୍ବାଚନୀ କାର୍ଯ୍ୟାଳୟ ଆଗରେ ହୋହଲ୍ଲା କରିବା ସହ ଦୀର୍ଘ ସମୟ ଧାରଣା ଦେଇଥିଲେ। ଦିଗପହଣ୍ଡି ପ୍ରାର୍ଥୀ ପରିବର୍ତ୍ତନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଅନ୍ୟ ଜଣେ ଆଶାୟୀ ଇଂ. ଉତ୍ତମ ପାଣିଗ୍ରାହୀ ମଧ୍ୟ ଘୋଷିତ ପ୍ରାର୍ଥୀ ତାଲିକାରୁ ପିଙ୍କିଙ୍କ ନାମ ବାଦଦେଇ ତାଙ୍କୁ ଟିକେଟ ଦେବାକୁ ଦାବି କରିଥିଲେ। ଉତ୍ତମ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିଥିଲେ। ସେଠାରୁ ନିରାଶ ହେବା ପରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଦିଗପହଣ୍ଡି ଆସନରୁ ପ୍ରତିଦ୍ୱନ୍ଦିତା କରିବେ ବୋଲି ଚେତାବନୀ ଶୁଣାଇଛନ୍ତି।

ସେହିପରି ଭାଜପାରୁ ଦିଗପହଣ୍ଡି ବିଧାନସଭା କ୍ଷେତ୍ରରେ ଲଢ଼ିବାକୁ ଆଉ ଜଣେ ଆଶାୟୀ ଥିବା ଶ୍ରୀକାନ୍ତ ପାଢ଼ୀଙ୍କ ସମର୍ଥକମାନେ ରବିବାର ବ୍ରହ୍ମପୁର ଆସି ନିର୍ବାଚନ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଶ୍ରୀକାନ୍ତଙ୍କୁ ପ୍ରାର୍ଥୀ କରିବା ପାଇଁ ସେମାନେ ନାରା ଦେଇଥିଲେ। ଏହି ସମୟରେ ପିଙ୍କି ଓ ଦଳର କେତେଜଣ ନେତା ସେଠାରେ ପହଞ୍ଚିଥିଲେ। ଦଳ ପକ୍ଷରୁ ପିଙ୍କିଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ତାହା ପରିବର୍ତ୍ତନ ସମ୍ଭବ ନୁହେଁ ବୋଲି କେତେଜଣ ନେତା ଚରମବାଣୀ ଶୁଣାଇବାରୁ ଆନ୍ଦୋଳନକାରୀ ଫେରିଥିଲେ। ଆନ୍ଦୋଳନାକରୀଙ୍କ ମଧ୍ୟରୁ କେତେଜଣ ପିଙ୍କିଙ୍କ ସହ ସେଲ୍‌ଫି ନେଉଥିବା ଦେଖାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସରୋଜ ସାବତ କହିଛନ୍ତି, ସୋମବାର ପିଙ୍କି ବ୍ରହ୍ମପୁର ଉପଜିଲାପାଳଙ୍କ ଦପ୍ତରକୁ ଆସି ନାମାଙ୍କନପତ୍ର ଦାଖଲ କରିବା କାର୍ଯ୍ୟକ୍ରମ ରହିଛି। ତାଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଥିବା ମହନ୍ତ ଓ ତାଙ୍କ ସମର୍ଥକମାନେ ପିଙ୍କିଙ୍କ ସହିତ ଦିଗପହଣ୍ଡି ଯାଇ ନିର୍ବାଚନୀ କାର୍ଯ୍ୟରେ ସାମିଲ ହୋଇଥିବା ସାବତ କହିଛନ୍ତି।

CORESONANT SYSTEMS IT TECHNOLOGIES
Wanted Graduates with Computer Skills for SUPERVISOR Role at Haldia, WB.
SALARY: 2.2 Lakhs/Annum.
Interview: 26th & 27th March 2019.
Hotel Grand Central, Old Station Bazar Road, Bhubaneswar.
Contact: +91 9748124266, +91 9652478657.

# ଭାଜପାରେ ପ୍ରକାଶ ମିଶ୍ର

ଯୋଗଦେଲେ ଦୁଇ ପୂର୍ବତନ ବିଧାୟକ

ଭୁବନେଶ୍ୱର,୨୪।୩ (ବ୍ୟୁରୋ)

ପୂର୍ବତନ ପୋଲିସ ଓ ସିଆରପିଏଫ୍ ଡିଜି ପ୍ରକାଶ ମିଶ୍ର ରବିବାର ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦଳର ବରିଷ୍ଠ ନେତା ବିଶ୍ୱଭୂଷଣ ହରିଚନ୍ଦନ ଏବଂ ଦାମୋଦର ରାଉତଙ୍କ ଉପସ୍ଥିତିରେ ପ୍ରକାଶ ଭାଜପାରେ ସାମିଲ ହୋଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଦୀର୍ଘଦିନ ହେବ ପ୍ରକାଶ ବିଜେଡିରେ ଯୋଗଦେବା ନେଇ ଚର୍ଚ୍ଚା ଲାଗି ରହିଥିଲା। ଏବେ ପ୍ରକାଶଙ୍କୁ ଭାଜପା କଟକ ଲୋକ ସଭା ଆସନରୁ ପ୍ରାର୍ଥୀ କରିପାରେ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ପ୍ରକାଶଙ୍କ ସମେତ ଦୁଇ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ଓ ବୃନ୍ଦାବନ ମାଝୀ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି। ଏହି ଦୁଇ ନେତାଙ୍କୁ ମଧ୍ୟ ଧର୍ମେନ୍ଦ୍ର ଉତ୍ତରୀୟ ଓ ଦଳୀୟ ଟୋପି ଦେଇ ଭାଜପାକୁ ସ୍ୱାଗତ କରିଛନ୍ତି।

ଦଳରେ ଯୋଗଦେବା ଅବସରରେ ପ୍ରକାଶ କହିଛନ୍ତି, ଦୀର୍ଘ ୪୧ବର୍ଷ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପାଇଁ କାର୍ଯ୍ୟ କରିଛି। ସେଥିରୁ ଅଧା ସମୟ ଓଡିଶାରେ କଟିଯାଇଛି। ଗତ ୫ବର୍ଷରେ ଓଡିଶାର ଶାସନ ଅତ୍ୟନ୍ତ ନୀଚ ସ୍ତରକୁ ଚାଲିଯାଇଛି। ଓଡିଆଙ୍କ ଆତ୍ମ ସମ୍ମାନକୁ ଯେଉଁ ଆଘାତ ଦିଆଯାଉଛି, ତାହାର ପ୍ରତିକାର କରିବାର ସମୟ ଆସିଛି। ଅନ୍ୟପଟେ ମୋଦୀଙ୍କ ନେତୃତ୍ୱରେ ଦେଶର ବିକାଶ ହୋଇଛି। ମୋଦୀଙ୍କ ସହ କାର୍ଯ୍ୟ କରିବା ଅବସରରେ ଏହା ଅନୁଭବ କରିଛି। ପ୍ରଧାନମନ୍ତ୍ରୀ ଦେଶର ସୁରକ୍ଷା ପାଇଁ ଅତ୍ୟନ୍ତ ଚିନ୍ତିତ ଏବଂ ସେ ଦିଗରେ କାର୍ଯ୍ୟ କରୁଛନ୍ତି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଛି ବୋଲି ପ୍ରକାଶ କହିଛନ୍ତି।

ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରକାଶ ମିଶ୍ର ଭାଜପାରେ ଯୋଗଦାନ ପରେ ଓଡିଶାର କିଛି ଲୁଟେରା ଏବଂ ଦୁର୍ନିତିଗ୍ରସ୍ତ ରାଜନେତାଙ୍କର ନିଦ ହଜିଯାଇଥିବ। ସେ ଯେତେବେଳେ ପୋଲିସ ଡିଜି ଥିଲେ ସେତେବେଳେ ରାଜ୍ୟରେ ହୋଇଥିବା ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରିବା ଆରମ୍ଭ କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଦୁର୍ନିତିରେ ଛନ୍ଦି ହୋଇଯିବା ଭୟରେ ପ୍ରକାଶଙ୍କୁ ଦାୟୀତ୍ୱରୁ ହଟାଇ ଦେଇଥିଲେ। ଏପରିକି ୨୦୧୪ ନିର୍ବାଚନ ବେଳେ ବିଜେଡି ପୋଲିସ ଗାଡିରେ ଟଙ୍କା ବାଣ୍ଟିବା ପାଇଁ ତାଙ୍କୁ ବାଧ୍ୟ କରିଥିଲେ। ଯାହାକୁ ପ୍ରକାଶ ମାନି ନ ଥିଲେ। ଏଭଳି ଜଣେ ସ୍ୱଚ୍ଛ ପୋଲିସ ଅଧିକାରି ଭାଜପାରେ ଯୋଗଦେବା ଫଳରେ ଦଳ ଆହୁରି ଶକ୍ତିଶାଳି ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଦାମୋଦର ରାଉତ କହିଛନ୍ତି, ରାଜ୍ୟର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାଁକୁ ବିକି ବିଜେଡି ଶାସନ କରୁଛି। ମୁଖ୍ୟମନ୍ତ୍ରୀଙ୍କ ଚାରିପଟେ ବୁଲୁଥିବା କିଛି ନେତା ରାଜ୍ୟ ରାଜକୋଷକୁ ଲୁଟି ଚାଲିଛନ୍ତି। ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢ଼ିବାରେ ଲାଗିଛି। କାଳିଆ ଯୋଜନା କଳା ଯୋଜନାରେ ପରିଣତ ହୋଇଛି। ଚାଷୀ ନୁହେଁ ବରଂ ବିଜେଡି ଦଳର ନେତାମାନେ ଏହି ଯୋଜନାର ଲାଭ ଉଠାଇଛନ୍ତି। ଅନ୍ୟପଟେ କେନ୍ଦ୍ର ସରକାରଙ୍କ ଅନୁଦାନକୁ ରାଜ୍ୟ ସରକାର ଖର୍ଚ୍ଚ କରି ନ ପାରି ସବୁ ସମୟରେ କେନ୍ଦ୍ର ଉପରକୁ ଦୋଷ ଲଦି ଚାଲିଛନ୍ତି। ଏହାର ଜବାବ ଓଡିଶାବାସୀ ଦେବେ ବୋଲି ଦାମ କହିଛନ୍ତି।




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପୂର୍ବତନ ଡିଜି ପ୍ରକାଶ ମିଶ୍ରଙ୍କୁ ଦଳୀୟ ଉତ୍ତରୀୟ ଦିଆଯାଇ ସ୍ୱାଗତ କରାଯାଉଛି।

# ଆଜି ବିଜେପୁରରୁ ନାମାଙ୍କନ ଭରିବେ ମୁଖ୍ୟମନ୍ତ୍ରୀ

ବରଗଡ଼ ଅଫିସ୍/ସୋହେଲା,୨୪।୩

ବରଗଡ଼ ଜିଲା ବିଜେପୁର ବିଧାନସଭା ଆସନ ପାଇଁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଦାଖଲ କରିବେ। ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନ ଦାଖଲ ନେଇ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିବା ବେଳେ ପ୍ରସ୍ତୁତି ମଧ୍ୟ ଚୂଡ଼ାନ୍ତ ହୋଇ ସାରିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ପଦ୍ମପୁର ନିକଟ ସତୀଭଟା ଏୟାରପୋର୍ଟରେ ଦିନ ୧ଟା ୩୫ ମିନିଟ୍‌ରେ ଓହ୍ଲାଇବେ ଏବଂ ଏକ ସାଧାରଣ ସଭାରେ ସମ୍ବୋଧିତ କରିବା ସହିତ ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ପଦ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ଦାଖଲ କରିବେ।




■ ବୀରମିତ୍ରପୁର ବିଧାନସଭା ଆସନ

# ଦିଲୀପଙ୍କୁ ନେଇ ଅଡୁଆରେ ବିଜେଡି

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ବିଜେଡି ପକ୍ଷରୁ ପ୍ରଥମ ଦୁଇ ପର୍ଯ୍ୟାୟ ପାଇଁ ୯ ଲୋକ ସଭା ଏବଂ ୬୧ ବିଧାନସଭା ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ହେଲେ ସୁନ୍ଦରଗଡ଼ ଲୋକ ସଭା ଅନ୍ତର୍ଗତ ବୀରମିତ୍ରପୁର ପାଇଁ ରବିବାର ସୁଦ୍ଧା କୌଣସି ସହମତି ହୋଇପାରୁନାହିଁ। ସୁନ୍ଦରଗଡ଼ ଲୋକ ସଭାରେ ପୂର୍ବଥର ପ୍ରାର୍ଥୀ ହୋଇଥିବା ଦିଲୀପ ତିର୍କୀଙ୍କୁ ଏଥର ପ୍ରାର୍ଥୀ କରାଯାଇନାହିଁ। ତାଙ୍କ ବଦଳରେ କଂଗ୍ରେସରୁ ଆସିଥିବା ସୁନୀତା ବିଶ୍ୱାଳଙ୍କୁ ପ୍ରାର୍ଥୀ କରାଯାଇଛି। ତେଣୁ ଦିଲୀପଙ୍କୁ ବୀରମିତ୍ରପୁରରୁ ପ୍ରାର୍ଥୀ କରିବା ପାଇଁ ବିଜେଡି ନେତୃତ୍ୱ ଚେଷ୍ଟା କରୁଛି। ହେଲେ ସେଠାରେ ଆଶାୟୀ ଥିବା ଏକାଧିକ ପ୍ରାର୍ଥୀ ଏହାକୁ ବିରୋଧ କରୁଛନ୍ତି, ଯାହାକୁ ପ୍ରଶମିତ କରିବା ପାଇଁ ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଥିବା ଜଣାପଡିଛି।

ପୁରୀ ଜିଲାର ସତ୍ୟବାଦୀ ନିର୍ବାଚନମଣ୍ଡଳୀ ପରି ବିଜେଡି ଏଠାରେ କେବେ ବି ଜିତିନାହିଁ। ୨୦୧୪ ନିର୍ବାଚନରେ ବିଜେଡି ଏଠାରେ ଚତୁର୍ଥ ଏବଂ ୨୦୦୯ରେ ତୃତୀୟ ସ୍ଥାନରେ ରହିଥିଲା। ତେଣୁ ଏହି ଆସନ ଜିତିବା ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଦିଲୀପଙ୍କ ପ୍ରାର୍ଥିତ୍ୱ ବ୍ୟତୀତ ବିଜେଡିରୁ ରାଜେନ୍ଦ୍ର କୁଜୁର, ଇମ୍ମା ଇକ୍କା, ପୂର୍ବତନ ବିଧାୟକ ନୀହାର ସୁରିନ୍ ଏବଂ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମୁକୁଲ ଏକ୍କାଙ୍କ ନାଁ ଚର୍ଚ୍ଚା ହେଉଛି। ଏମାନଙ୍କ ମଧ୍ୟରୁ ରାଜେନ୍ଦ୍ର କୁଜୁରଙ୍କ ନାମ ନେଇ ସର୍ବାଧିକ ଚର୍ଚ୍ଚା ହେଉଥିଲା। ହେଲେ କଂଗ୍ରେସ ଛାଡ଼ି ବିଜେଡିରେ ନବ ଦାସ ଯୋଗଦେବା ପରେ ସୁନ୍ଦରଗଡ଼ ବିଜେଡି ରାଜନୀତିରେ ବ୍ୟାପକ ପରିବର୍ତ୍ତନ ଦେଖିବାକୁ ମିଳିଛି। ନବ ହିଁ ବିଜେଡି ନେତୃତ୍ୱକୁ ପ୍ରଭାବିତ କରି ଦିଲୀପଙ୍କ ବଦଳରେ ସୁନୀତାଙ୍କୁ ସୁନ୍ଦରଗଡ଼ ଲୋକ ସଭା ଏବଂ ଯୋଗେଶଙ୍କୁ ବିଧାନସଭା ପାଇଁ ପ୍ରାର୍ଥୀ କରାଇ ପାରିଥିଲେ। ଏହାପରେ ଦିଲୀପଙ୍କୁ ଥଇଥାନ କରିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ବିଜେଡି ଯଦି ଦିନକ ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ନେଇ ସହମତି ଆଣି ନ ପାରେ, ତେବେ ଦଳ ଆଉଥରେ ପରାଜିତ ହେବ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଦିଲୀପ ମୂଳତଃ ତଳସରା ଅଞ୍ଚଳର ହୋଇଥିବାରୁ ବୀରମିତ୍ରପୁରରେ ତାଙ୍କର ଗ୍ରହଣୀୟତା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କଂଗ୍ରେସ ଓ ଭାଜପା କିନ୍ତୁ ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବାରେ ବିଜେଡିଠାରୁ ଢେର୍ ଆଗରେ। କଂଗ୍ରେସ ପକ୍ଷରୁ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫ୍ ତିର୍କୀଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି ଭାଜପା ପକ୍ଷରୁ ଶଙ୍କର ଓରାମଙ୍କୁ ପ୍ରାର୍ଥୀ କରାଯାଇଛି। ଏହି ଆସନରେ ଜେଏମ୍‌ଏମ୍‌ର ମଧ୍ୟ ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ରହିଛି। ତେଣୁ ପ୍ରାର୍ଥୀ ଚୟନ ବିଜେଡି ପାଇଁ ଏତେଟା ସହଜ ନୁହେଁ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ରଖିଛନ୍ତି।

# ଏପ୍ରିଲ ୨ରେ ଓଡ଼ିଶା ଆସିବେ ମାୟାବତୀ

## ରାଜ୍ୟରେ ଏସ୍‌ପି, ବିଏସ୍‌ପି, ଏଏପିର ଆସନ ବୁଝାମଣା

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି) ମୁଖ୍ୟ ତଥା ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ସୁଶ୍ରୀ ମାୟାବତୀ ଆସନ୍ତା ଏପ୍ରିଲ ୨ରେ ଓଡ଼ିଶା ଗସ୍ତରେ ଆସିବେ। ସେ ରାଜଧାନୀ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆରେ ହେବାକୁ ଥିବା ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାରେ ବିଏସ୍‌ପିର କୌଣସି ବିଧାୟକ କିମ୍ବା ଏମ୍‌ପି ନାହାନ୍ତି। ହେଲେ ଭବିଷ୍ୟତରେ ଓଡ଼ିଶାରେ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ବିଏସ୍‌ପି ଚେଷ୍ଟା କରୁଛି। ୟୁପି ଭଳି ଓଡ଼ିଶାରେ ମଧ୍ୟ ବିଏସ୍‌ପି ସମାଜବାଦୀ ପାର୍ଟି(ଏସ୍‌ପି) ସହ ମେଣ୍ଟ କରିଛି। ସେହିପରି ଆମ୍ ଆଦ୍‌ମୀ ପାର୍ଟି(ଏଏପି) ମଧ୍ୟ ରାଜ୍ୟରେ ଏସ୍‌ପି, ବିଏସ୍‌ପି ସହ ଆସନ ବୁଝାମଣା କରିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନରେ ବିଏସ୍‌ପି ପକ୍ଷରୁ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଲୋକ ସଭା ଏବଂ ଏହା ଅନ୍ତର୍ଗତ ପ୍ରାୟ ସମସ୍ତ ବିଧାନସଭା ଆସନରେ ପ୍ରାର୍ଥୀ ଦେବ ବୋଲି ସ୍ଥିର କରିଛି। ସେହିପରି ମେଣ୍ଟ ସହଯୋଗୀ ଥିବା ଏସ୍‌ପି କେବଳ ଜୁନାଗଡ଼, ଏଏପି ଖରିଆର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେବ। ଏଏପି ପକ୍ଷରୁ ରବିବାର ୯ଟି ବିଧାନସଭା ଏବଂ ଗୋଟିଏ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ଏହି ଆସନଗୁଡ଼ିକ ହେଉଛି– ସୁନ୍ଦରଗଡ଼ ଲୋକ ସଭା, ଏହା ଅନ୍ତର୍ଗତ ସୁନ୍ଦରଗଡ଼, ତଳସରା, ରାଜଗାଙ୍ଗପୁର, ବୀରମିତ୍ରପୁର, ରାଉରକେଲା, ରଘୁନାଥପାଲି ଏବଂ ବଣାଇ ବିଧାନସଭା। ଏହାକୁ ବାଦ୍ ଦେଇ ବଲାଙ୍ଗୀର ବିଧାନସଭା ପାଇଁ ମଧ୍ୟ ଦଳ ପ୍ରାର୍ଥୀ ଘୋଷଣା କରିଛି। କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବିଏସ୍‌ପିର ମଙ୍ଗ ଧରିଛନ୍ତି। ସେ ନିଜେ ଜୟପୁର ବିଧାନସଭା ଏବଂ ଭୁବନେଶ୍ୱର ଲୋକ ସଭାରୁ ପ୍ରାର୍ଥୀ ହେବେ ବୋଲି ଘୋଷଣା କରିସାରିଛନ୍ତି।

# ପୁରୀରେ ସମ୍ବିତ୍‌ଙ୍କ ପାଇଁ ଚ୍ୟାଲେଞ୍ଜ

ହେମନ୍ତ ନାୟକ
ପୁରୀ ଅଫିସ,୨୪।୩


ସମ୍ବିତ୍ ପାତ୍ର

ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରୁଥିବା ପୁରୀ ସହରର ନିର୍ବାଚନୀ ପରିବେଶ ଧୀରେ ଧୀରେ ଉଷ୍ମ ହେବାରେ ଲାଗିଲାଣି। ଏଥର ପୁରୀ ଲୋକ ସଭା ଆସନକୁ ହାତେଇବା ପାଇଁ ବିଭିନ୍ନ ରାଜନୈତିକ ଦଳ ଲାଗି ପଡ଼ିଛନ୍ତି। ନିର୍ବାଚନୀ ମଇଦାନକୁ କାହାକୁ ଛାଡିଲେ ସଫଳତା ମିଳିବ ସେ ନେଇ ତୁଙ୍ଗ ନେତୃତ୍ୱ ଭାବିଚିନ୍ତି ଗୋଟି ଚାଳନା କରୁଛନ୍ତି। ପ୍ରମୁଖ ତିନୋଟି ଦଳ ମଧ୍ୟରୁ କେବଳ ଭାଜପା ପ୍ରାର୍ଥୀ ଚୂଡ଼ାନ୍ତ ହୋଇସାରିଥିବା ବେଳେ ବିଜେଡି ଓ କଂଗ୍ରେସ କିଏ ପ୍ରାର୍ଥୀ ହେବେ ତାହା ଉପରେ ଏବେ ସମସ୍ତଙ୍କ ନଜର। ଏଥର ପୁରୀ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଛନ୍ତି ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର। ବିଭିନ୍ନ ଟେଲିଭିଜନ ଚ୍ୟାନେଲରେ ରାଜନୈତିକ ଚର୍ଚ୍ଚା ଆଲୋଚନାରେ ଦଳ ବିରୋଧରେ କୌଣସି ଜଟିଳ ପ୍ରଶ୍ନର ଜବାବ୍ ଦେବାରେ ମାହିର ହେଉଛନ୍ତି ସମ୍ବିତ୍। କିନ୍ତୁ ପୁରୀ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବା ତାଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ସମୀକ୍ଷକଙ୍କ ମଧ୍ୟରେ ଆଲୋଚନା ହେଉଛି।

ପୁରୀକୁ ଫୋକସରେ ରଖିଛି ଭାଜପା। ପୂର୍ବୋଦୟରୁ ଭାରତର ବିକାଶ ନାରା ଦେଉଥିବା ଏହି ଜାତୀୟ ଦଳ ଗତ କିଛି ମାସ ମଧ୍ୟରେ ପୁରୀରେ ବଡ଼ ବଡ଼ ସଭା, ସମାବେଶ କରିଛି। ଜାତୀୟସ୍ତରୀୟ ନେତୃବୃନ୍ଦଙ୍କୁ ଶ୍ରୀକ୍ଷେତ୍ର ମାଟିରେ ଏକାଠି କରି ପରିବର୍ତ୍ତନର ଆହ୍ୱାନ ଦେଇଛି। ଯେଉଁଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀରୁ ଲଢ଼ି ପୂର୍ବ ଭାରତରେ ଭାଜପା ସ୍ଥିତିକୁ ଆହୁରି ସୁଦୃଢ଼ କରିବେ ବୋଲି ଚର୍ଚ୍ଚା ଜୋର୍ ଧରିଥିଲା। ଭୁବନେଶ୍ୱରରେ ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରେ ଏହି ଚର୍ଚ୍ଚା ରାଜଧାନୀ ଦିଲ୍ଲୀରେ ବି ପହଞ୍ଚିଥିଲା। ଏପରି କି ରାଜ୍ୟ ଶାଖା ତରଫରୁ କୁହାଯାଇଥିଲା, ଏ ନେଇ ଏକ ସଂକଳ୍ପ ପାରିତ କରାଯାଇ କେନ୍ଦ୍ରୀୟ ଟିମ୍ ନିକଟକୁ ପଠାଇ ଦିଆଯାଇଛି। ପୁରୀ ଜିଲା ଭାଜପା ସଭାପତି ମଧ୍ୟ ଏ ନେଇ ସକାରାତ୍ମକ ଆଭିମୁଖ୍ୟ ରଖିଥିଲେ। ପ୍ରତ୍ୟହ ରାତିରେ ଦଳ ପକ୍ଷରୁ ସ୍ଥିତି ସମ୍ପର୍କରେ ରିପୋର୍ଟ ନିଆଯାଉଥିବା କହିଥିଲେ। ହେଲେ ପୁରୀରୁ ପ୍ରଧାନମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ନେଇ ହେଉଥିବା ଚର୍ଚ୍ଚା ଏବେ ଥଣ୍ଡା ପଡିଯାଇଛି। ପୁରୀରୁ ନିର୍ବାଚନ ଲଢିବାକୁ ସମ୍ବିତଙ୍କୁ ଦଳ ଟିକେଟ ଦେବା ପରେ ଏହି ଚର୍ଚ୍ଚାରେ ପଡିଛି ପୂର୍ଣ୍ଣଚ୍ଛେଦ। କିନ୍ତୁ ସମ୍ବିତଙ୍କ ପାଇଁ ଏହା ସହଜ ହେବ ନାହିଁ ବୋଲି ଶୁଣିବାକୁ ମିଳୁଛି।

ସମ୍ବିତ ୨୦୧୨ରେ ଦିଲ୍ଲୀ ପୌର ନିର୍ବାଚନରେ କାସ୍‌ମେର ଗେଟ୍‌ରୁ ଭାଜପା ପ୍ରାର୍ଥୀ ଭାବେ ଲଢିଥିଲେ। ଏହାପୂର୍ବରୁ ୨୦୧୦ରେ ତାଙ୍କୁ ଦିଲ୍ଲୀ ଭାଜପା ୟୁନିଟ୍‌ର ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଥିଲା। ଏହାପରେ ରାଷ୍ଟ୍ରୀୟ ମୁଖପାତ୍ର ଭାବେ ତାଙ୍କୁ ଦାୟିତ୍ୱ ମିଳିଥିଲା। କଟକ ଏସ୍‌ସିବି ମେଡିକାଲ କଲେଜରୁ ସର୍ଜନରେ ମାଷ୍ଟର ଡିଗ୍ରୀ ହାସଲ କରିଥିବା ସମ୍ବିତ୍ ସମ୍ବଲପୁର ଭିଏସ୍ଏସ୍ ମେଡିକାଲ କଲେଜରେ ଏମ୍‌ବିବିଏସ୍ କରିଛନ୍ତି। ବର୍ତ୍ତମାନ ଓଏନ୍‌ଜିସିର ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି। ଦେଖିବାକୁ ଗଲେ ସମ୍ବିତ୍‌ଙ୍କର ପୁରୀ ଉପରେ ଏତେଟା ଦଖଲ ନାହିଁ। ସେ ପୁରୀ ଜିଲାବାସୀ ମଧ୍ୟ ନୁହନ୍ତି। ତେଣୁ ତାଙ୍କ ପାଇଁ ଏଥର ନିର୍ବାଚନ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ଭାଜପା ଏଠାରେ ତୃତୀୟ ସ୍ଥାନରେ ରହିଥିଲା। ଅର୍ଥାତ୍ ୨୦୧୪ରେ ବିଜେଡିର ପିନାକୀ ମିଶ୍ର ୫,୨୩,୧୬୧ ଭୋଟ ପାଇଥିବାବେଳେ କଂଗ୍ରେସର ସୁଚରିତା ମହାନ୍ତି ୨,୫୯,୮୦୦ ଏବଂ ଭାଜପାର ଅଶୋକ ସାହୁଙ୍କୁ ମିଳିଥିଲା ୨,୧୫,୭୬୩ ଭୋଟ। ପୁରୀରେ ଦଳର ସ୍ଥିତି ଏମିତି ରହିଥିବା ବେଳେ ଭାଜପା ସମ୍ବିତଙ୍କୁ ଗେମ୍ ଚେଞ୍ଜର ଭାବେ ଏଠାରେ ଅବତୀର୍ଣ୍ଣ କରାଇଛି। ସେ ଜଣେ ଭଲ ବକ୍ତା ଏବଂ ଯୁବ ଗୋଷ୍ଠୀଙ୍କୁ ଆକୃଷ୍ଟ କରିବା ଭଳି ଦକ୍ଷତା ତାଙ୍କର ରହିଥିବା ଦଳ ଭାବୁଛି। କିନ୍ତୁ ପୁରୀ ଲୋକ ସଭା ଅଞ୍ଚଳବାସୀ କେତେଦୂର ତାଙ୍କୁ ଗ୍ରହଣ କରୁଛନ୍ତି ତାହା ଫଳାଫଳ ପ୍ରକାଶ ପାଇବା ପରେ ସ୍ପଷ୍ଟ ହେବ।

୨୦୧୪ ନିର୍ବାଚନରେ ପୁରୀ ଲୋକ ସଭା ଅଧୀନ ୭ଟି ବିଧାନସଭା ଆସନ ମଧ୍ୟରୁ ୬ଟି ବିଜେଡି କବ୍‌ଜାରେ ରହିଛି। ପୁରୀ ଜିଲାର ୪ଟି(ପୁରୀ, ସତ୍ୟବାଦୀ, ବ୍ରହ୍ମଗିରି, ପିପିଲି) ଓ ନୟାଗଡ଼ ଜିଲାର ୨(ରଣପୁର, ନୟାଗଡ଼)ଟି ନିର୍ବାଚନମଣ୍ଡଳୀରେ ବିଜେଡି ବିଜୟୀ ହୋଇଥିବା ବେଳେ କେବଳ ଖୋର୍ଦ୍ଧା ଜିଲାର ଚିଲିକା ଆସନ ଭାଜପା ଦଖଲରେ ରହିଛି। ବିଜେଡି ଗଠନ ପରଠାରୁ ପୁରୀ ଲୋକ ସଭା ଆସନ ବିଜେଡିର ଏକ ଅଭେଦ୍ୟ ଦୁର୍ଗ ଭାବେ ରହିଆସିଛି। ଏଭଳି ସ୍ଥିତିରେ ସମ୍ବିତଙ୍କ ଆବିର୍ଭାବ ଭାଜପା ଆଶାକୁ କେତେଦୂର ସାକାର କରିବ ତାହା ଉପରେ ସମସ୍ତଙ୍କ ନଜର।

ଏ ସମ୍ପର୍କରେ ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର କହିଛନ୍ତି, ଲୋକ ସଭା ନିର୍ବାଚନରେ ସବୁବେଳେ ଜାତୀୟସ୍ତରୀୟ ପ୍ରସଙ୍ଗକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ। ତେଣୁ ଏଥର ମୋଦି ଏବଂ ମୋଦି ବିରୋଧୀ ଲଢେଇ ହେଉଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ତା'ଛଡା ଅତୀତରେ ପୁରୀ ବାହାର ବ୍ୟକ୍ତି ଏଠାରୁ ଲୋକ ସଭା ପ୍ରାର୍ଥୀ ହୋଇ ଜିତିଛନ୍ତି। ଡା. ସମ୍ବିତ ପାତ୍ର ଜଣେ ଜାତୀୟ ସ୍ତରୀୟ ନେତା ହୋଇଥିବା କାରଣରୁ ତାଙ୍କୁ ଆଞ୍ଚଳିକତାବାଦ ଛୁଇଁପାରିବ ନାହିଁ।

## ନବୀନ ନିବାସରେ ଭିଡ଼







ନବୀନ ନିବାସରେ ରବିବାର ଟିକେଟ ଆଶାୟୀ, ପ୍ରାର୍ଥୀ ଓ ନେତାଙ୍କ ଭିଡ଼।



ବରଗଡ଼ ଜିଲାର କଂଗ୍ରେସ ନେତା ସାଧୁ ନେପାକ ରବିବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି।



କେନ୍ଦ୍ରାପଡ଼ାର ସଂଖ୍ୟାଲଘୁ ସମ୍ପ୍ରଦାୟର ଡ. ସଲିମ ଓ ଅନ୍ୟମାନେ ରବିବାର ନବୀନ ନିବାସରେ ବିଜେଡିରେ ଯୋଗଦେଇଛନ୍ତି।



ରବିବାର ବିଜେଡିରେ ଯୋଗଦେଇଥିବା କୋରାପୁଟ ଜିଲା ଲକ୍ଷ୍ମୀପୁରର କଂଗ୍ରେସ ନେତା ରାଜେନ୍ଦ୍ର ହିକ୍କା ଓ ସୁନ୍ଦରଗଡ଼ର କଂଗ୍ରେସ ନେତା ଜଟିଆ ମୁଣ୍ଡା।

# କଂଗ୍ରେସରେ ଭିମ୍‌ସାରର ପୂର୍ବତନ ନିର୍ଦ୍ଦେଶକ

ଭୁବନେଶ୍ୱର,୨୪।୩ (ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ର ପୂର୍ବତନ ନିର୍ଦ୍ଦେଶକ ଡ. ଅଶ୍ୱିନୀ ପୂଜାହାରୀ ରବିବାର କଂଗ୍ରେସରେ ଯୋଗ ଦେଇଛନ୍ତି। ଦୀର୍ଘଦିନ ହେବ ଅଶ୍ୱିନୀ ରାଜନୀତିରେ ଯୋଗଦେଇ ପାରନ୍ତି ବୋଲି ଚର୍ଚ୍ଚା ଲାଗି ରହିଥିଲା। ସେ ପୂର୍ବରୁ ରାଜନୀତିକୁ ଆସିପାରନ୍ତି ବୋଲି ପରୋକ୍ଷରେ ଇଙ୍ଗିତ ଦେଇଥିଲେ। ହେଲେ ସେ କେଉଁ ଦଳକୁ ଯିବେ ସେନେଇ ସ୍ପଷ୍ଟ କରି ନ ଥିଲେ। କଂଗ୍ରେସରେ ଯୋଗଦେବା ପରେ ସେ କହିଛନ୍ତି ଯେ, କଂଗ୍ରେସ ହେଉଛି ଏକମାତ୍ର ଦଳ ଯିଏ ଭାରତରେ ଗଣତନ୍ତ୍ରକୁ ସୁରକ୍ଷାଦେବା ସହ ତଳେ ପଡ଼ିଥିବା ମଣିଷର ଉନ୍ନତି କଥା ଚିନ୍ତା କରିଥାଏ। ଜୀବନର ୩୩ବର୍ଷ ସେନାରେ କାର୍ଯ୍ୟକରି ଭାରତ ବର୍ଷର ଜନଗଣଙ୍କ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ପୁଣି ସେହି କାର୍ଯ୍ୟକରିବା ପାଇଁ କଂଗ୍ରେସରେ ଯୋଗଦେଇଛନ୍ତି ବୋଲି ଅଶ୍ୱିନୀ କହିଛନ୍ତି।

କଂଗ୍ରେସ ରାଜ୍ୟ ପ୍ରଭାରୀ ତଥା ଛତିଶଗଡ଼ର ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍.ସିଂଦେଓ ଅଶ୍ୱିନୀଙ୍କୁ ଉତ୍ତରୀୟ ଓ ଦଳୀୟ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ ଜଣାଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଉଦ୍‌ବୋଧନ ଦେଇ ପ୍ରଭାରୀ ସିଂହଦେଓ କହିଛନ୍ତି, ଚଳିତ ନିର୍ବାଚନରେ କଂଗ୍ରେସ ବିଜେଡି ଓ ଭାଜପା ସହ ତ୍ରିମୁଖୀ ଲଢ଼େଇରେ ରହିବ। ଛତିଶଗଡ଼ର ଯେଉଁ ପ୍ରସଙ୍ଗକୁ ନେଇ କଂଗ୍ରେସ ଲଢ଼ିଥିଲା ଓଡ଼ିଶାରେ ମଧ୍ୟ ଦଳ ସମାନ କଥାକୁ ଗୁରୁତ୍ୱ ଦେବ। କୃଷି ଓ କୃଷକ, ମହିଳା ଓ ଯୁବକମାନଙ୍କ ନିଯୁକ୍ତି ତଥା ଉନ୍ନତି ପାଇଁ କଂଗ୍ରେସ ସଂକଳ୍ପବଦ୍ଧ। ଏହି ପ୍ରସଙ୍ଗରେ କଂଗ୍ରେସ ଓଡ଼ିଶାରେ ଶାସନ କ୍ଷମତାକୁ ଆସିବ ବୋଲି ସିଂଦେଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନିରଞ୍ଜନ କହିଛନ୍ତି, ଏଥର କଂଗ୍ରେସ ବରିଷ୍ଠ, ମହିଳା, ଯୁବକ ଓ ସମାଜର ହିତ ପାଇଁ କାର୍ଯ୍ୟକରୁଥିବା ବୁଦ୍ଧିଜୀବୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଦଳୀୟ ଟିକେଟ ପ୍ରଦାନ କରିଛି। ତେଣୁ ରାଜ୍ୟରେ ଚଳିତ ନିର୍ବାଚନରେ କଂଗ୍ରେସ ଭଲ ପ୍ରଦର୍ଶନ କରି ସରକାର ଗଠନ କରିବାକୁ ସକ୍ଷମ ହେବ ବୋଲି ସେ କହିଛନ୍ତି।




କଂଗ୍ରେସରେ ଯୋଗ ଦେଇଥିବା ଭିମସାରର ପୂର୍ବତନ ନିର୍ଦ୍ଦେଶକ ଡ. ଅଶ୍ୱିନୀ ପୂଜାହାରୀଙ୍କୁ ଦଳ ପକ୍ଷରୁ ସ୍ୱାଗତ କରାଯାଉଛି।

## ୨୦୧୪ ନିର୍ବାଚନ ଖର୍ଚ୍ଚର ହିସାବ ଦେଲେନି
## ୬ ପ୍ରାର୍ଥୀ ନିର୍ବାଚନ ଲଢିବାକୁ ଅଯୋଗ୍ୟ ଘୋଷିତ

ଯାଜପୁର ଅଫିସ,୨୪।୩

୨୦୧୪ ସାଧାରଣ ନିର୍ବାଚନରେ ଅର୍ଥ ତଦାରଖ ପର୍ଯ୍ୟବେକ୍ଷକଙ୍କୁ ଉପଯୁକ୍ତ ତଥ୍ୟ ପ୍ରଦାନ କରି ପାରି ନ ଥିବା କାରଣରୁ ଯାଜପୁର ଜିଲାର ୬ଜଣ ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଛି। ଜନପ୍ରତିନିଧି ଆଇନ ୧୯୫୧ ଧାରା ୧୦(କ) ଅନୁଯାୟୀ ଭାରତର ନିର୍ବାଚନ କମିଶନ ଏଭଳି ପଦକ୍ଷେପ ନେଇଛନ୍ତି। କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀର ପରମାନନ୍ଦ ଜ୍ୟୋତିଷ, ଗୋପାଳକୃଷ୍ଣ ମହାନ୍ତି ଓ ବିଶ୍ୱନାଥ ସାହୁଙ୍କୁ ନିର୍ବାଚନ କମିଶନ ଗତ ୧୩।୯।୨୦୧୭ରେ ଅଯୋଗ୍ୟ ଘୋଷଣା କରିବା ସହ ଏହାର ସମୟ ଅବଧି ୧୩।୭।୨୦୨୦ ପର୍ଯ୍ୟନ୍ତ ଧାର୍ଯ୍ୟ କରିଛନ୍ତି। ସେହିପରି ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଚନ୍ଦ୍ରମଣି ନାୟକ ଓ ନିର୍ମଳ କୁମାର ରାଉତ ଏବଂ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ରାଜେନ୍ଦ୍ର ଧଳଙ୍କୁ କମିଶନ ଗତ ୨୫।୭।୨୦୧୮ରେ ଅଯୋଗ୍ୟ ଘୋଷଣା କରିବା ସହ ଏହି ସମୟ ସୀମା ୨୫।୭।୨୦୨୧ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ଚଳିତ ନିର୍ବାଚନରେ ଉପରୋକ୍ତ ପ୍ରାର୍ଥୀମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ ବୋଲି କମିଶନ ଅବଗତ କରାଇଛନ୍ତି। ଚଳିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବା ପ୍ରାର୍ଥୀମାନେ ଏହି ଦିଗ ପ୍ରତି ଧ୍ୟାନ ଦେବାକୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି।

# ଭାଜପାରେ ମିଶିବା ପରେ ବାସନ୍ତୀଙ୍କ ପୋଷ୍ଟର ପୋଡ଼ିଲେ ବିଜେଡି କର୍ମୀ



ମୋହନା,୨୪।୩ (ଡି.ଏନ୍.ଏ.)

ଗଜପତି ଜିଲା ମୋହନା ନିର୍ବାଚନମଣ୍ଡଳୀ ବିଧାୟିକା ବାସନ୍ତୀ ମଲ୍ଲିକ ବିଜେଡି ଛାଡ଼ି ଭାଜପାରେ ମିଶିବା ପରେ ଏବେ ବିଜେଡି କର୍ମୀଙ୍କ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ। ଭାଜପାରେ ତାଙ୍କ ଯୋଗଦାନକୁ ମୋହନା ବିଜେଡି କର୍ମୀମାନେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ବ୍ଲକ ବିଜେଡି ସଭାପତି ରଞ୍ଜୀବ ଶବରଙ୍କ ନେତୃତ୍ୱରେ ବହୁ ବିଜେଡି କର୍ମୀ ଶନିବାର ବାସନ୍ତୀଙ୍କ ଫଟୋଚିତ୍ର ଧରି ବଜାର ପରିକ୍ରମା କରି ତାଙ୍କ ବିରୋଧରେ ନାରାବାଜି କରିଥିଲେ। ଶେଷରେ ତାଙ୍କର ପୋଷ୍ଟର ପୋଡିଥିଲେ।

ଦଳୀୟ କର୍ମୀମାନଙ୍କ ଅଭିଯୋଗ ଯେ, ମୋହନାରେ କର୍ମୀମାନେ ହିଁ ତାଙ୍କୁ ସରପଞ୍ଚରୁ ବ୍ଲକ ଚେୟାରମ୍ୟାନ କରାଇଥିଲେ। ପରେ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ସେ ବିଜେଡିର ବିଧାୟିକା ହୋଇଥିଲେ। ମାତ୍ର ଦଳୀୟ ସଙ୍ଗଠନ ପ୍ରତି ଦୃଷ୍ଟି ଦେଲେନାହିଁ କିମ୍ବା କର୍ମୀଙ୍କୁ ପଚାରିଲେ ନାହିଁ। ଫଳରେ ଦଳ ତାଙ୍କୁ ଚଳିତ ନିର୍ବାଚନରେ ଟିକେଟ ଦେଲା ନାହିଁ। ମାତ୍ର ସେ ନିଜର ସ୍ୱାର୍ଥ ପାଇଁ ଏବେ ଭାଜପାରେ ମିଶିଛନ୍ତି। ତେଣୁ ଭାଜପାରେ ତାଙ୍କର ଯୋଗଦାନ ପରେ ମୋହନା ନିର୍ବାଚନମଣ୍ଡଳୀରେ କିଛି ଫରକ ପଡିବ ନାହିଁ ବୋଲି ବିଜେଡି ସଭାପତି କହିଛନ୍ତି। ଆଗାମୀ ନିର୍ବାଚନରେ ଜନସାଧାରଣ ଏହାର ଉଚିତ୍ ଜବାବ ଦେବେ ବୋଲି ବରିଷ୍ଠ ନେତା ରଜେନ୍ଦ୍ର ନାୟକ କହିଛନ୍ତି। ଏଥିରେ ବିଜେଡ଼ି କର୍ମୀ ଶିବ ସାହୁ, ଦୀନବନ୍ଧୁ ସାହୁ, ବିଳାସ ନାୟକ, ଦେବା ନାୟକ, ଫିରୋଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ବିଜେଡିରେ ଯୋଗଦେଲେ ପୂର୍ବତନ କଂଗ୍ରେସ ବିଧାୟକ ସାଧୁ
### ରୁଦ୍ର ସାମନ୍ତରାୟ ମଧ୍ୟ ସାମିଲ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

କଂଗ୍ରେସ ନେତା ତଥା ବରଗଡ଼ର ପୂର୍ବତନ ବିଧାୟକ ସାଧୁ ନେପାକ ରବିବାର ବିଜେଡିରେ ଯୋଗ ଦେଇଛନ୍ତି। ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ୨୦୦୯ରେ ବିଜେଡି ହେଭିୱେଟ୍ ଆନନ୍ଦ ଆଚାର୍ଯ୍ୟଙ୍କୁ ପରାସ୍ତ କରି ସାଧୁ ଚର୍ଚ୍ଚାକୁ ଆସିଥିଲେ। ୨୦୧୪ରେ ସାଧୁ ସ୍ୱର୍ଗତ ଆନନ୍ଦ ଆଚାର୍ଯ୍ୟଙ୍କ ପୁତ୍ର ଦେବେଶ ଆଚାର୍ଯ୍ୟଙ୍କଠାରୁ ପରାସ୍ତ ହୋଇଥିଲେ। କିନ୍ତୁ ଆସନ୍ତା ନିର୍ବାଚନ ପାଇଁ କଂଗ୍ରେସ ତାଙ୍କୁ ଟିକେଟ ଦେଇ ନ ଥିଲା। ସେହିପରି ବିଷମ କଟକ ନିର୍ବାଚନମଣ୍ଡଳୀରୁ ପୂର୍ବରୁ ଭାଜପା ପ୍ରାର୍ଥୀ ହୋଇଥିବା ସାରଙ୍ଗଧର କାଡ୍ରେକା, ଲକ୍ଷ୍ମୀପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ କଂଗ୍ରେସର ରାଜେନ୍ଦ୍ର ହିକ୍କା ଓ ଟାଙ୍ଗରପାଲ୍ଲୀ ବ୍ଲକର କଂଗ୍ରେସ ନେତା ନିଜର ଶତାଧିକ କର୍ମୀମାନଙ୍କ ସହ ରବିବାର ବିଜେଡିରେ ସାମିଲ ହୋଇଛନ୍ତି।

ସେହିପରି ଅନ୍ୟ ଏକ ମିଶ୍ରଣ ପର୍ବରେ 'ଜୟ ଓଡ଼ିଶା'ର ସଭାପତି ତଥା ଇଂ. ରୁଦ୍ର ସାମନ୍ତରାୟ ଓ ତାଙ୍କ ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ ମାନେ ହେଉଛନ୍ତି– ସତ୍ୟଜିତ ଦାସ, ସୌରଭ କୁମାର, ରାଜା ନିର୍ମାଲ୍ୟ, ବିବେକପାଣ୍ଡେ, ତୃପ୍ତିମହାନ୍ତି, ବୈଶାଳୀ ନନ୍ଦ, ଅରୁପା ରାୟ ଯୋଶୀ, ଡ. ଇନ୍ଦୁରେଖା ଦାସ, ଖାନ୍‌ସି ମହାନ୍ତି, ଅର୍ପିତା ପ୍ରିୟଦର୍ଶିନୀ, ତନ୍ମୟ ଦାସ, ମିସ୍ ରେନୁ, ଶଶଧର ମିଶ୍ର, ମିସ୍ କିରନ, ମିସ ପଦ୍ମାଙ୍କ ସମେତ ସଂଖ୍ୟାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

# ପ୍ରକାଶ ଭାଜପା ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା

କଟକ ଅଫିସ, ୨୪।୩

**କଟକ ଲୋକ ସଭା ଆସନ**


ପ୍ରକାଶ ମିଶ୍ର

ରାଜ୍ୟର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ର ରବିବାର ଭାଜପାରେ ଯୋଗ ଦେଇଛନ୍ତି। ଅବସରପ୍ରାପ୍ତ ଏହି ବରିଷ୍ଠ ଆଇପିଏସ୍ ଅଧିକାରୀ ଜଣକ କଟକ ସଂସଦୀୟ କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଯଦିଓ ଭାଜପା ପକ୍ଷରୁ ଅଦ୍ୟାବଧି କଟକ ସଂସଦୀୟ କ୍ଷେତ୍ର ପାଇଁ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ ତଥାପି ପ୍ରକାଶଙ୍କ ନାମ ଆପାତତଃ ଚୂଡ଼ାନ୍ତ ହୋଇଥିବା ଭାଜପା କର୍ମୀ ଓ ନେତାଙ୍କ ମହଲରେ ଆଲୋଚନା ହେଉଛି। ପୂର୍ବରୁ କଟକ ସଂସଦୀୟ କ୍ଷେତ୍ରରୁ ଭାଜପା ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଡଭୋକେଟ ପୀତାମ୍ବର ଆଚାର୍ଯ୍ୟ ପ୍ରାର୍ଥୀ ହୋଇପାରନ୍ତି ବୋଲି ଜୋରଦାର ଚର୍ଚ୍ଚା ଚାଲିଥିଲା। ଏପରି କି ଆଡଭୋକେଟ ଆଚାର୍ଯ୍ୟ ମଧ୍ୟ ଲୋକ ସଭା କ୍ଷେତ୍ର ଅଧୀନ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ଘନ ଘନ ଗସ୍ତ କରି ସଂଗଠନ ସଜାଡ଼ିବା କାର୍ଯ୍ୟରେ ଲାଗି ପଡ଼ିଥିଲେ। କିନ୍ତୁ ଗତ ଦୁଇଦିନ ହେବ ପ୍ରକାଶ ମିଶ୍ରଙ୍କ ନାମକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ରବିବାର ସେ ପଦ୍ମ ଧରିଛନ୍ତି।

୨୦୧୪ ସାଧାରଣ ନିର୍ବାଚନ ସମୟରେ ପ୍ରକାଶ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଦାୟିତ୍ୱରେ ରହି ନିର୍ବାଚନ ଆଇନଶୃଙ୍ଖଳା ପରିସ୍ଥିତିର ତଦାରଖ କରୁଥିଲେ। ନିର୍ବାଚନ ପରେ ପ୍ରକାଶ କେନ୍ଦ୍ର ଡେପୁଟେଶନରେ ଯାଇ ସିଆର୍‌ପିଏଫ୍ ଡିଜି ଭାବେ ଦାୟିତ୍ୱ ନେଇଥିଲେ। ମାତ୍ର ପରବର୍ତ୍ତୀ ଅବସ୍ଥାରେ ପ୍ରକାଶଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। କୁହାଯାଏ ଯେ ପ୍ରକାଶଙ୍କ ନାମ ସିବିଆଇ ନିର୍ଦ୍ଦେଶକ ତାଲିକାରେ ରହିବା ପରେ ତାଙ୍କ ବିରୋଧରେ ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଥିଲା। ପ୍ରକାଶ ଭିଜିଲାନ୍ସ ମାମଲା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ମାମଲାକୁ ଖାରଜ କରିବା ପରେ ଭିଜିଲାନ୍ସ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ମଧ୍ୟ ୨୦୧୫ ଅଗଷ୍ଟ ୧୮ରେ ଭିଜିଲାନ୍ସର ଆବେଦନକୁ ଖାରଜ କରିବା ସହିତ ମିଶ୍ରଙ୍କୁ କ୍ଲିନଚିଟ୍ ଦେଇଥିଲେ। ପରବର୍ତ୍ତୀ ସମୟରେ ପ୍ରକାଶ ଭାଜପାରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲେ ମଧ୍ୟ ତାହା ରବିବାର ବାସ୍ତବରେ ପରିଣତ ହୋଇଛି। ଏହାପରେ ନିର୍ବାଚନ ଲଢ଼େଇକୁ ନେଇ ଆରମ୍ଭ ହୋଇଛି ଆଲୋଚନା। ଯଦିଓ ବିଜେଡି, କଂଗ୍ରେସ ଓ ଭାଜପା କଟକ ପାଇଁ ପ୍ରାର୍ଥୀ ଘୋଷଣା କରିନାହାନ୍ତି କିନ୍ତୁ ସମ୍ଭାବ୍ୟ ତାଲିକା ଅନୁଯାୟୀ କଂଗ୍ରେସରୁ ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ଓ ବିଜେଡିରୁ ବର୍ତ୍ତମାନର ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଅନେକଙ୍କ ନାମ ଶୁଣାଯାଉଛି। ଭାଜପାରେ ପ୍ରକାଶଙ୍କ ଯୋଗଦାନ ସମ୍ପର୍କରେ ପ୍ରତିକ୍ରିୟା ଦେଇ ପଞ୍ଚାନନ କୁହନ୍ତି, ତାଙ୍କ ବିଚାର ଅନୁଯାୟୀ ଭାଜପାରେ ପ୍ରାର୍ଥୀ ହେବା ପାଇଁ କୌଣସି ଯୋଗ୍ୟ କର୍ମୀ ନାହାନ୍ତି। ଯେଉଁଥିପାଇଁ ଉକ୍ତ ଦଳ ଏବେ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ଉପରେ ନିର୍ଭରଶୀଳ। ଭୁବନେଶ୍ୱର ଓ କଟକକୁ ଦେଖିଲେ ଏହାର ପ୍ରମାଣ ମିଳୁଛି। ଭାଜପାର ଏଭଳି ନିଷ୍ପତ୍ତି ଉକ୍ତ ଦଳର କର୍ମୀମାନଙ୍କ ପ୍ରତି ଅବିଚାରପଣିଆକୁ ପଦାରେ ପକାଇଛି। ଯେଉଁ କର୍ମୀମାନେ ଦୀର୍ଘଦିନ ଧରି ଦଳର ସୁଖଦୁଃଖରେ ଥିଲେ ଓ ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ଆଶା ବାନ୍ଧିଥିଲେ ଏବେ ସେମାନଙ୍କ ଆଶାରେ ଭାଜପା ପାଣି ଭରି ଦେଇଛି। ତେଣୁ ଏହି ସରକାରୀ କର୍ମଚାରୀମାନଙ୍କ ଯୋଗଦାନ ରାଜନୀତିରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ପଞ୍ଚାନନ କହିଛନ୍ତି। ପ୍ରକାଶଙ୍କ ଯୋଗଦାନ ସମ୍ପର୍କରେ ବିଜେଡି ନେତା ତଥା ଅବସରପ୍ରାପ୍ତ ପ୍ରଶାସକ ରବି ନାରାୟଣ ନନ୍ଦ କୁହନ୍ତି, ସମସ୍ତଙ୍କ ରାଜନୀତି କରିବାର ଅଧିକାର ଅଛି। କିଏ କେଉଁ ଦଳରେ ଯୋଗଦେବ ତାହା ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଉପରେ ନିର୍ଭର କରେ। କିନ୍ତୁ ତାଙ୍କ ଜାଣିବାରେ ପ୍ରକାଶଙ୍କ ଯୋଗଦାନ ବିଜେଡି ଉପରେ ସାମାନ୍ୟ ପ୍ରଭାବ ପକାଇବ ନାହିଁ। ଓଡ଼ିଶା ଲୋକେ ନବୀନଙ୍କୁ ଭଲପାଆନ୍ତି ଆଉ ବିଜେଡି ସହିତ ଅଛନ୍ତି। ଭାଜପା ରାଜ୍ୟ ଉପସଭାପତି ନୟନ ମହାନ୍ତିଙ୍କ ମତରେ ପ୍ରକାଶଙ୍କ ଯୋଗଦାନ ଭାଜପାକୁ ଅଧିକ ଶକ୍ତିଶାଳୀ କରିବ। ଖାସ୍‌କରି ଯଦି ସେ କଟକ ସଂସଦୀୟ କ୍ଷେତ୍ରରୁ ପ୍ରାର୍ଥୀ ହୁଅନ୍ତି ତେବେ ତାହା ଦଳ ପାଇଁ ଶୁଭଙ୍କର ସାବ୍ୟସ୍ତ ହେବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ମାର୍ଚ୍ଚ, ୨୦୧୯



# ମତଦାନରୁ ବଞ୍ଚିତ ହେବେ ୨ ହଜାରରୁ ଊର୍ଦ୍ଧ୍ୱ ଭୋଟର

**ପଟ୍ଟାମୁଣ୍ଡାଇ,୨୪।୩ (ସ୍ୱ.ପ୍ର)**

ଆଗାମୀ ସାଧାରଣ ନିର୍ବାଚନରେ ପଟ୍ଟାମୁଣ୍ଡାଇ ବ୍ଲକର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଭୋଟର ମତଦାନରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି । ୧୮ ବର୍ଷ ହୋଇଥିବା ନୂତନ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ପାଇଁ ନିର୍ବାଚନ କମିଶନରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେହି ଅନୁସାରେ ୨୦୧୮ ସେପ୍ଟେମ୍ବର ୧ତାରିଖ ଠାରୁ ନଭେମ୍ବର ୧୫ତାରିଖ ପର୍ଯ୍ୟନ୍ତ ନୂତନ ଭୋଟରମାନଙ୍କ ନାମ ତାଲିକା ପ୍ରସ୍ତୁତ କରାଯାଇଥିଲା । ଏହି ତାଲିକା ପ୍ରସ୍ତୁତ କରିବା ପାଇଁ ପ୍ରାଥମିକ ଶିକ୍ଷକ ଓ ଅଙ୍ଗନୱାଡି କର୍ମୀମାନଙ୍କୁ ବୁଥ୍ ଲେବଲ ଅଫିସର ଭାବେ ନିୟୋଜିତ କରାଯାଇଥିଲା । ତେବେ ଏହି ନୂତନ ଭୋଟର ତାଲିକା ପ୍ରସ୍ତୁତ କରାଯାଇଥିଲେ ହେଁ ବହୁ ନୂଆ ଓ ପୁରୁଣା ଭୋଟରଙ୍କ ନାମ ବାଦ୍ ପଡିଥିବା ଜଣାପଡିଥିଲା । ସେଥିପାଇଁ ୨୦୧୯ ଫେବୃୟାରୀ ୧ ତାରିଖ ଠାରୁ ୨୮ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ କରାଯିବା ସହିତ ବାଦ ପଡିଥିବା ଭୋଟରମାନଙ୍କ ନାମ ପୁର୍ନବାର ସାମିଲ କରାଯାଇଥିଲା । ଏହି ନୂତନ ଭୋଟର ତାଲିକା ପ୍ରସ୍ତୁତି ଚାଲିଥିବା ବେଳେ ଆସନ୍ତା ଏପ୍ରିଲ ୧୫ ତାରିଖ ସୁଦ୍ଧା ପ୍ରକାଶ ପାଇବ ବୋଲି ଜଣାପଡିଛି । ହେଲେ ଚୂଡାନ୍ତ ଭୋଟର ତାଲିକାରେ ପଟ୍ଟାମୁଣ୍ଡାଇ ବ୍ଲକର ପ୍ରାୟ ୨ ହଜାରରୁ ଅଧିକ ଭୋଟର ବାଦ୍ ପଡିବେ ବୋଲି ଆଶଙ୍କା ଦେଖାଦେଇଛି । କାରଣ ବିଏଲଓମାନଙ୍କ ଖାମଖିଆଲି ମନୋଭାବ ଯୋଗୁ ତାଲିକା ପ୍ରସ୍ତୁତି ବେଳେ ବିଭିନ୍ନ ତ୍ରୁଟି ଥିବା ଅଭିଯୋଗ ହୋଇଛି । କେବଳ ମୃତ୍ୟୁବରଣ କରିଥିବା ଭୋଟରଙ୍କୁ ତାଲିକାରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଥିବା ବେଳେ ବହୁ ପୁରୁଣା ଭୋଟରଙ୍କ ନାମ ବାଦ୍ ପଡିଥିବା ଜାଣିବାକୁ ମିଳିଛି । ନୂତନ ଭୋଟରମାନେ ପ୍ରଥମ ଥର ପାଇଁ ମତଦାନ ସାବ୍ୟସ୍ତ କରିବାକୁ ଉତ୍ସୁକତାର ସହିତ ଅପେକ୍ଷା କରିଥିବା ବେଳେ ତାଲିକାରେ ନାମ ନ ଥିବା ଆଶଙ୍କା ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ସୂଚନାଯୋଗ୍ୟ ଯେ, ନୂତନ ଭୋଟରମାନଙ୍କୁ ଭୋଟ ତାଲିକାରେ ସାମିଲ କରିବାକୁ ତିନି ତିନି ଥର କେନ୍ଦ୍ରାପଡା ଉପଜିଲାପାଳ, ପଟ୍ଟାମୁଣ୍ଡାଇ ବିଡିଓ ଓ ଅଭିଜ୍ଞ ନିର୍ବାଚନ ଅଧିକାରୀମାନେ ପଟ୍ଟାମୁଣ୍ଡାଇ ବ୍ଲକ ସଭାଗୃହରେ ବିଏଲଓମାନଙ୍କୁ ତାଲିମ ଦେଇଛନ୍ତି । ଏହାସତ୍ତ୍ୱେ ଠିକ ଭାବେ ଭୋଟର ତାଲିକା ପ୍ରସ୍ତୁତ ନ ହେବା ନୂତନ ଭୋଟରମାନଙ୍କୁ ବ୍ୟଥିତ କରିଛି । ରାଜନଗର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ୧୯ଟି ପଞ୍ଚାୟତର ୧୦୩ଟି ବୁଥ ଥିଲା ବେଳେ ମ୍ୟୁନିସିପାଲିଟିର ୨୮ଟି ବୁଥ ରହିଛି । ଏହି ବ୍ଲକର ୧୦୩ଟି ବୁଥରେ ପୂର୍ବରୁ ୮୬ ହଜାର ୩୮୬ ଭୋଟର ଥିବା ବେଳେ ମ୍ୟୁନିସିପାଲିଟିର ୨୮ଟି ବୁଥରେ ୨୮ହଜାର ୫୬୦ ଭୋଟର ରହିଛନ୍ତି । ନୂତନ ଭୋଟର ତାଲିକା ଏ ପର୍ଯ୍ୟନ୍ତ ପ୍ରକାଶ ପାଇ ନ ଥିବା ବେଳେ ବ୍ଲକରେ ପ୍ରାୟ ୨ହଜାରରୁ ଅଧିକ ଭୋଟର ଓ ମ୍ୟୁନିସିପାଲିଟିରେ ୧ ହଜାରରୁ ଅଧିକ ଭୋଟର ରହିଥିବା ଜଣାପଡିଛି । ସେହିପରି କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ୧୨ଟି ପଞ୍ଚାୟତରେ ୫୮ ଟି ବୁଥ ରହିଥିବା ବେଳେ ୫୨ ହଜାର ୬୩୮ ଭୋଟର ଅଛନ୍ତି । ଏହି ବୁଥରେ ନୂତନ ଭୋଟର ତାଲିକା ପ୍ରକାଶ ପାଇଲେ ମୋଟ ଭୋଟରଙ୍କ ସଂଖ୍ୟା ଜଣାପଡିବ ବୋଲି କୁହାଯାଉଛି ।

## ସଂକ୍ଷେପରେ

### ବିଜେଡି କର୍ମୀ ସମ୍ମିଳନୀ



**ରାଜନଗର, ୨୪।୩ (ଡିଏନଏ) :** ରାଜନଗର ପଞ୍ଚାୟତ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ତନ୍ତିପୋଖରୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ନାରାୟଣ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ୧୩ଟି ୱାର୍ଡରୁ ଶତାଧିକ ଛାମୁଆ କର୍ମୀ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ନିର୍ବାଚନମଣ୍ଡଳୀ ନେତା ଧ୍ରୁବ ସାହୁଙ୍କ ହାତମୁଠା ଟାଣ କରିବା ପାଇଁ କର୍ମୀମାନେ ଶପଥ ନେଇଥିଲେ। ବୈଠକରେ ନିର୍ବାଚନ ପରିଚାଳନା ପାଇଁ ୧୩ଟି ୱାର୍ଡରୁ ୨୬ଜଣଙ୍କୁ ନେଇ ୱାର୍ଡ କମିଟି, ୫ଟି ବୁଥରେ ୧୧ଜଣ ଲେଖାଏଁ କର୍ମୀଙ୍କୁ ନେଇ ବୁଥ କମିଟି ଓ ୬ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ବାଉଧର ସେଠୀ, ସତ୍ୟରଞ୍ଜନ ସାହୁ, ଚିତ୍ତରଞ୍ଜନ ଦାସ, ରମଣୀ ରଞ୍ଜନ ମହାପାତ୍ର, ଗଙ୍ଗାଧର ସେଠୀ, ଦୀପକ କୁମାର ବେହେରା, ବାବୁ ବିଶ୍ୱାଳ, ବାବାଜୀ ମିଶ୍ର, ସର୍ବେଶ୍ୱର ମଲ୍ଲିକ, ବିଚିତ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କୁରଣ୍ଟି ପଞ୍ଚାୟତ ବିଜେଡି ସଭାପତି ହୃଷିକେଶ ପ୍ରଧାନଙ୍କ ସଭାପତିତ୍ୱରେ ପଞ୍ଚାୟତରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ବିଜେଡି ଉପସଭାପତି ଅରୁଣ କୁମାର ସାହୁ, ସରପଞ୍ଚ ଜୁମର କୁମାର ସ୍ୱାଇଁ, ବରିଷ୍ଠ ନେତା ନୃସିଂହ ଜେନା, ରମାକାନ୍ତ ଜେନା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଘର ଘର ବୁଲି ଭୋଟରଙ୍କୁ ଅବଗତ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ୱାର୍ଡ କମିଟିର ସମସ୍ତ ସଦସ୍ୟ ଓ ପଞ୍ଚାୟତର ଛାମୁଆ କର୍ମୀମାନେ ଯୋଗ ଦେଇଥିଲେ।

### କାଠିଆପଡାରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ପଟ୍ଟାମୁଣ୍ଡାଇ, ୨୪।୩ (ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଞ୍ଚାୟତ କାଠିଆପଡା ଠାରେ ଚାଲିଥିବା ୩୧ତମ ବିଶ୍ୱଶାନ୍ତି ମହାଯଜ୍ଞ ଦୋଳପୂର୍ଣ୍ଣିମା ଦିନ ଉଦ୍‌ଯାପିତ ହୋଇଯାଇଛି । ପଣ୍ଡିତ ମହେଶ୍ୱର ତ୍ରିପାଠୀ, ପ୍ରମୋଦ କୁମାର ତ୍ରିପାଠୀ, ବାସୁଦେବ ମିଶ୍ର, ଗୋପୀନାଥ ମିଶ୍ର, ସୁଦର୍ଶନ ନନ୍ଦ, ନିରାକାର ମିଶ୍ର, ପ୍ରଶାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମହାଯଜ୍ଞରେ ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜା, ଦ୍ୱାରପାଳ ପୂଜା ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପଣ୍ଡିତମାନେ ବେଦପାଠ କରିବା ସହିତ ଦେବ କାର୍ଯ୍ୟ ସମ୍ପନ୍ନ କରିଥିଲେ । ଗୁରୁବାର ପୂର୍ଣ୍ଣାହୁତି ସହିତ ଉଦଣ୍ଡ କୀର୍ତ୍ତନ, ଯଜ୍ଞ ମଣ୍ଡପ ପରିକ୍ରମା ଆଦି କାର୍ଯ୍ୟ ହୋଇଥିଲା । ଗ୍ରାମବାସୀ ସୁରେନ୍ଦ୍ର ଦାସ, ଦିଲିପ ଦାଶ, ପୀତାମ୍ବର କର, ଭରତ ଦାସ, ସନ୍ତୋଷ ଦାସ, ସୁରଥ କର, ବେଣୁଧର ମହାନ୍ତି, ଆଦିକନ୍ଦ ସାହାଣୀ, ବାସୁଦେବ ରଥ, ଅଜୟ ମହାରଣା, ବାସୁଦେବ ଦାସଙ୍କ ମିଳିତ ଉଦ୍ୟମରେ ଗତ ୩୧ବର୍ଷ ହେଲା ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଆସୁଛି । ଏହି ଯଜ୍ଞ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା ।

### ସରୋଜକାନ୍ତ କାନୁନ୍‌ଗୋଙ୍କ ଶ୍ରାଦ୍ଧୋତ୍ସବ ପାଳିତ

ଡେରାବିଶ,୨୪।୩(ସ୍ୱ.ପ୍ର.) ଡେରାବିଶ ବ୍ଲକ ଭାଗବତପୁର ଗ୍ରାମ ପଞ୍ଚାୟତ ବାଲିଆସ୍ଥିତ କାନୁନ୍‌ଗୋ ଭବନଠାରେ ସ୍ୱର୍ଗତ ଡା. ସରୋଜକାନ୍ତ କାନୁନ୍‌ଗୋଙ୍କ ୩୧ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ବଳଦେବ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଡ. ବାସୁଦେବ ଦାସ ସଭାପତିତ୍ୱ କରିଥିଲେ । ପରିଷଦର ସଭାପତି ରାଜକିଶୋର ଜେନା ସ୍ୱର୍ଗତ କାନୁନ୍‌ଗୋଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପ୍ରାରମ୍ଭରେ ଶରତ ଚନ୍ଦ୍ର ସ୍ୱାଇଁ ଭାଗବତ ଓ ଜଗଦୀଶ ସାହୁ ଭଗବତ ଗୀତା ପାଠ କରିଥିଲେ । ଉତ୍ସବରେ ପ୍ରମୋଦ କୁମାର ସାହୁ, କାର୍ତ୍ତିକ ଚରଣ ନାୟକ, ବାନାମ୍ବର ସାହୁ, ମୃତ୍ୟୁଞ୍ଜୟ ମହାନ୍ତି, ପୁରୁଷୋତ୍ତମ ସାହୁ, ଦେବକୀନନ୍ଦନ ମିଶ୍ର ଓ ହୃଦାନନ୍ଦ ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱର୍ଗତ କାନୁନ୍‌ଗୋ ଏକାଧାରରେ ଜଣେ ନିଷ୍ଠାପର ଚିକିତ୍ସକ, ଆଦର୍ଶ ଶିକ୍ଷକ, ସମାଜସେବୀ ବୋଲି ପ୍ରକାଶ କରିଥିଲେ । ଶେଷରେ ନିଗମାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜନମକୁ ବୁଣିଲେ କରମକୁ ଫଳେ**
**ଲାଉ ଲଗାଇଲେ ଚଲଣା ଫଳେ ।**

ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳ ଭୋଗ କରିଥାଏ । ଦଶା ବା ଭାଗ୍ୟ ଯେତେବେଳେ ବାମ ହୁଏ, ସେତେବେଳେ ବ୍ୟକ୍ତି କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ । ଭାଗ୍ୟର ବିପର୍ଯ୍ୟୟ ଘଟିଲେ ହାତରେ ଥିବା ସୁନା ମାଟି ପାଲଟିଯାଏ । ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମନ୍ଦ ହୋଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଜିଣିଲେ ମରିବ,**
**ହାରିଲେ ମରିବ ।**

ମାରୀଚର ସଙ୍କଟରେ ପଡ଼ିବା କଥା । ଦୌଡ଼ରେ ଜିଣିଲେ ପ୍ରଭୁ ରାମଚନ୍ଦ୍ରଙ୍କ ତୀରରେ ମରିବ, ନ ହେଲେ ଧରାପଡ଼ିବ । ଉଭୟ କ୍ଷେତ୍ରରେ ମୃତ୍ୟୁ ସୁନିଶ୍ଚିତ । ଯେକୌଣସି ନିଷ୍ପତ୍ତି ବା ଘଟଣା ଯଦି ନିଜ ସପକ୍ଷରେ ନ ଯାଏ ତା' ହେଲେ ବ୍ୟକ୍ତିର ସଙ୍କଟ ଦ୍ୱିଗୁଣିତ ହୋଇଯାଏ । ଏପରିସ୍ଥଳେ ସେ ନିଜକୁ ଅସହାୟ ମଣିବା ଛଡ଼ା ଆଉ କିଛି ବାଟ ରହୁ ନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପଟ୍ଟାମୁଣ୍ଡାଇରେ ରାଜମେଳଣ



ମେଳଣରେ ସାମିଲ ହୋଇଥିବା ବିମାନ ।

**ପଟ୍ଟାମୁଣ୍ଡାଇ, ୨୪।୩ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇଠାରେ ଜମିଦାର ଅମଳରୁ ହୋଇଆସୁଥିବା ହୋଲିରାଜମେଳଣ ଏବେ ବଣିକ ସଂଘ ପକ୍ଷରୁ ଆୟୋଜିତ ହେଉଛି । ପଟ୍ଟାମୁଣ୍ଡାଇ ବଣିକସଂଘ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀରାମ ମନ୍ଦିର ଠାରେ ଆୟୋଜିତ ରାଜମେଳଣରେ ଥାନପତି ଭାବେ ମାଟିଆର ମଦନମୋହନଜୀଉ ପ୍ରଥମେ ଆସନ ଗ୍ରହଣ କରିଥିଲେ । ଏହି ରାଜମେଳଣରେ ମଠସାହିର ନୃସିଂହନାଥ, ତାତନାର ବ୍ରଜରାଜକିଶୋର ଓ କୁଞ୍ଜବିହାରୀଜୀଉ, ଗୁଲନଗରର ଭବାନୀଶଙ୍କର, ଅଡାଖଣ୍ଡର କାଳିଆକାହ୍ନୁ, ବେଲତଳର ଭୋଳିବାବା, ରାଧାରମଣ ମଠର ରାଧାରମଣଜୀଉ, ଅଠରବାଟିଆର ଜଗନ୍ନାଥଜୀଉ, ବନ୍ଧପଡାର ରାଧାକାନ୍ତଜୀଉ, ନୂଆଗାଁର କନକଦୁର୍ଗା, ପୋଖରିଆପଡାର ହରପାର୍ବତୀଜୀଉ, ବାଲିପଡାର ବଳଦେବଜୀଉ ଓ ନୃସିଂହନାଥ, ବାଲୁଙ୍କେଶ୍ୱର, କଷଣଅଣ୍ଡାର ପତିତପାବନଜୀଉ, ଅଧିକାରୀସାହିର ବୃନ୍ଦାବନଚନ୍ଦ୍ରଜୀଉଙ୍କ ସମେତ ଶତାଧିକ ଦୋଳବିମାନ ଯୋଗ ଦେଇଥିଲେ । ବଣିକସଂଘ ପକ୍ଷରୁ ବିମାନରେ ଉପବିଷ୍ଟ ଜୀଉମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ବଣିକସଂଘର ପର୍ଶୁରାମ ଷଣ୍ଢ, ତ୍ରିଲୋଚନ ଜେନା, ପୀତାମ୍ବର ମିଶ୍ର, ଗୋପୀନାଥ କର, କିରଣ କୁମାର ଭୂୟାଁ, ପ୍ରଫୁଲ୍ଲ ଲେଙ୍କା, ମୋହନ ଦାସ, ନୃସିଂହ ପାଢୀ, ସୁଦର୍ଶନ ଦାଶ, ସନ୍ତୋଷ ସାମଲ, ଚର୍ତ୍ତୁଭୂଜ ରାଉଳ, ପ୍ରମୋଦ ନାୟକ ପ୍ରମୁଖ ରାଜମେଳଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ମା'ର ଶକ୍ତି ପରିବାର ପ୍ରତି ସଦାବେଳେ ଶୁଭ ପ୍ରଦାନକାରୀ : ବାବା ବଳିଆ

**ମାର୍ଶାଘାଇ, ୨୪।୩ (ଡିଏନଏ)**

ମା'ର ଶକ୍ତି ପରିବାର ପ୍ରତି ସଦାବେଳେ ଶୁଭ ପ୍ରଦାନ କରିଥାଏ ବୋଲି ଆଧାତ୍ମିକ ଗୁରୁ ବାବା ବଳିଆ ମତପ୍ରକାଶ କରିଛନ୍ତି। ନାରୀ ବିଧବା ହେଲେ ଶୁଭ କାର୍ଯ୍ୟରେ ତାଙ୍କୁ କିଛି ଲୋକ ବାରଣ କରିଥାନ୍ତି । ମାତ୍ର ମା' ସବୁବେଳେ ମାଆ, ତାର ଶକ୍ତିକୁ ହେୟ ମନେ କରିବା ଉଚିତ ନୁହେଁ। ଧରିତ୍ରୀ ମାତା, ଗୋ ମାତା ଭଳି ସବୁ ମାଆ ନିଜ ସନ୍ତାନର ଉନ୍ନତି କାମନା କରିଥାନ୍ତି। ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ସନ୍ଥନିବାସର ମହନ୍ତ ବାବା ବୈକୁଣ୍ଠନାଥ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ୪ର୍ଥ ବାର୍ଷିକ ଶିଶୁ ଅନନ୍ତ ମେଳା, ମହୋତ୍ସବ ଏବଂ ଗୀତାଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଅଙ୍କୁରାପଣ କରାଯାଇ ଶନିବାର ସକାଳୁ ଘଟାଧିବାସ, ସୂର୍ଯ୍ୟପୂଜା, ଗୋପୂଜା, ଯଜ୍ଞ ମଣ୍ଡପ ସଂସ୍କାର, ଅଗ୍ନିସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ସନ୍ଧ୍ୟାରେ ଶିଶୁଅନନ୍ତ ମେଳା ଅନୁଷ୍ଠିତ ହେବା ସହିତ ରାତିରେ ପୂର୍ଣ୍ଣାହୁତି ଦିଆଯାଇ ଯଜ୍ଞ ଉଦଯାପିତ ହୋଇଥିଲା। ସନ୍ଧ୍ୟାରେ ଆଧାତ୍ମିକ ଗୁରୁ ବାବା ବଳିଆଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାର୍ଶାଘାଇ ଅନନ୍ତ ବଳିଆ ସେବା ସଂଘର ସଦସ୍ୟ କୈଳାସ ଦାସ, ରମେଶ ଚନ୍ଦ୍ର ବେହେରା, ଖଗେଶ୍ୱର ବେହେରା, ଭଜମନ ସାହୁ, ପପୁ ସ୍ୱାଇଁ, ସୁନାକର ସାହୁ, ବାବୁ ଦାସ, ଟୁକୁନା ନାୟକଙ୍କ ସମେତ ମଣିକୁଣ୍ଡା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅଖଣ୍ଡ ହରିନାମ ସଂକୀର୍ତ୍ତନ ଓ ନଗର କୀର୍ତ୍ତନ ଉଦ୍‌ଯାପିତ



ସଂକୀର୍ତ୍ତନ ମଣ୍ଡଳୀର ଗ୍ରାମ ପରିକ୍ରମା ।

**ମାର୍ଶାଘାଇ,୨୪।୩ (ଡିଏନଏ)**

ମାର୍ଶାଘାଇ ବଜାର ନିକଟ କୁମ୍ଭାରସାହି ଗ୍ରାମର ମହିଳାମାନଙ୍କ ଉଦ୍ୟମରେ ଚାଲିଥିବା ହରିନାମ ସଂକୀର୍ତ୍ତନ ଓ ନଗରକୀର୍ତ୍ତନ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଘଟାଧିବାସ କରାଯାଇ ଅହୋରାତ୍ର ଅଖଣ୍ଡ ହରିନାମ ସଂକୀର୍ତ୍ତନ କରାଯାଇଥିଲା। ଗୁରୁବାର ସକାଳେ ରାଧାକୃଷ୍ଣ ବେଶରେ ସଜ୍ଜିତ କୁନି କୁନି ପିଲାମାନଙ୍କ ସହ ସଂକୀର୍ତ୍ତନ ମଣ୍ଡଳୀ ମାର୍ଶାଘାଇ ବଜାର, ବନ୍ଧସାହି ପରିକ୍ରମା କରି ଗାଦି ନିକଟରେ ଦହିହାଣ୍ଡି ଭାଙ୍ଗିଥିଲେ। ପୁରୋହିତ ସୁରେନ୍ଦ୍ରନାଥ ଶତପଥୀ ପୂଜାର୍ଚ୍ଚନା କରିବା ପରେ ପୂର୍ଣ୍ଣାହୁତି ଦିଆଯାଇ ସଂକୀର୍ତ୍ତନ ଉଦ୍‌ଯାପିତ ହୋଇଥିଲା। ଜୟନ୍ତୀ ବେହେରା, ଖୁଲଣା ବେହେରା, ରତନୀ ବେହେରା, ସଜନୀ ବେହେରା, ସାବିତ୍ରୀ ବେହେରା, ସୁଲୋଚନା ବେହେରା, ଉମାକାନ୍ତ ବେହେରା, ଚନ୍ଦନ ବେହେରା, ଶଶୀକାନ୍ତ ବେହେରା, ଦିପୁନା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମରେ ଶାନ୍ତି ପ୍ରତିଷ୍ଠା ପାଇଁ ୩ ବର୍ଷ ହେବ ଅନୁଷ୍ଠିତ ହେଉଥିବା ଏହି ଅଖଣ୍ଡ ସଂକୀର୍ତ୍ତନ କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷା ସ୍ନେହଲତା ବେହେରା, ଓାର୍ଡ ସଭ୍ୟ ମମତା ବେହେରା, ପ୍ରମିଳା ବେହେରା, ବୈଷ୍ଣବ ଚରଣ ବେହେରାଙ୍କ ସମେତ ଗ୍ରାମର ମୁରବୀ ଦିବାକର ବେହେରା, ସୁନାକର ସାହୁ, ସୁରେନ୍ଦ୍ର ବେହେରା, କେଶବ ପରିଡା ପ୍ରମୁଖ ସହଯୋଗ କରିଥିଲେ। ଛାତ୍ରୀ ମାନୀ ବେହେରା ଓ କଳ୍ପିତା ବେହେରା ରାଧାକୃଷ୍ଣଙ୍କ ବେଶରେ ଅଭିନୟ କରିଥିଲେ।

# ବେଲେଶ୍ୱର ସାହିତ୍ୟ ସଂସଦର ହୋଲି କବିତା ଆସର

**ପଟ୍ଟାମୁଣ୍ଡାଇ,୨୪।୩ (ସ୍ୱ.ପ୍ର)**



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ହୋଲି ଅବସରରେ ସ୍ଥାନୀୟ ବେଲତଳ ବେଲେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ଶନିବାର ଅପରାହ୍ନରେ ସ୍ଥାନୀୟ ଆର୍ଶୀବାଦ ଆଶ୍ରମଠାରେ ହୋଲି କବିତା ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ କୈଳାଶ ଚନ୍ଦ୍ର ପାତ୍ର, ଅତିଥି ଭାବେ ଗାଳ୍ପିକ ପ୍ରଦୀପ ନାୟକ ଓ ଆମ ଗାଁ ସାହିତ୍ୟ ସଂସଦର ସଭାପତି ସଞ୍ଜୟ ମଲ୍ଲିକ ଯୋଗ ଦେଇ ହୋଲିର ମାହାତ୍ମ୍ୟ ଓ ହୋଲି ଆଧାରିତ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ସାହିତ୍ୟ ସଂସଦ ସଭାପତି କବି ବ୍ରଜବନ୍ଧୁ ଦାଶ ସାହିତ୍ୟ ଆସରରେ ସଭାପତିତ୍ୱ କରିଥିଲେ । ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ କବୟିତ୍ରୀ ଆରାଧନା ଦାଶ ଓ କବି ସଚ୍ଚିତ୍ର ବେହୁରା ସଂଯୋଜନା କରିଥିଲେ । କବି କୁଳମଣି ରାଉତ, ରଞ୍ଜନ ବାୟୀ, ପ୍ରସନ୍ନ ବେହୁରା, ଶିବପ୍ରସାଦ ରାଉତ, ଶୈଳବାଳା ନନ୍ଦ, ମହନ୍ତ ମଲିକ, ଦେବାଶିଷ ପ୍ରଧାନ, ସନ୍ତୋଷ ସାମଲ, ମନୋଜ ଶତପଥୀ, ନାରାୟଣ ରାଉଳ, ଇଂ ତପନ ପାତ୍ର, ବୈଷ୍ଣବ ମଲିକ, ରାମକୃଷ୍ଣ ପଣ୍ଡା, ସୁରପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଆସର ପ୍ରାରମ୍ଭରେ କବି ଓ ଅତିଥିମାନେ ପରସ୍ପର ମଧ୍ୟରେ ଅବିର ରଙ୍ଗ ଖେଳି ଖୁସି ମନାଇ ଥିଲେ । କୀର୍ତ୍ତିଚନ୍ଦ୍ର ଜେନା, ସଙ୍ଗଠନ ସମ୍ପାଦକ ଅଶୋକ ବାରିକ, ରମାକାନ୍ତ ଦାସ, ବିଜୟ ଜେନା, ଗୌତମ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଉଚ୍ଚକୋଟୀର କବିତାପାଠ କରିଥିବା କବି ସଞ୍ଜୟ କୁମାର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସଙ୍ଗଠନ ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

# ବିଶ୍ୱଶାନ୍ତି ଯଜ୍ଞ

**ମାର୍ଶାଘାଇ, ୨୪।୩ (ଡିଏନଏ)**

ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ନିକଟ ଜୁଣ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୧୭ ତାରିଖ ଠାରୁ ଏହା ଆରମ୍ଭ ହୋଇ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଥିଲା। ଯଜ୍ଞ କମିଟିର ସଭାପତି ନିଗମ ପ୍ରସାଦ ରଥ, ମନୋରଞ୍ଜନ ବସନ୍ତିଆ, କୋଷାଧ୍ୟକ୍ଷ ପ୍ରଶାନ୍ତ ଦାସ, ନିର୍ମଳ କୁମାର ରଥ, ବିଶ୍ୱରଞ୍ଜନ ରଥ, ଜ୍ଞାନରଞ୍ଜନ ବସନ୍ତିଆ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଭାଜପା ପ୍ରାର୍ଥୀଙ୍କ କୁଶ ପୁତ୍ତଳିକା ଦାହ

**ରାଜନଗର, ୨୪।୩ (ଡିଏନଏ)**

ରାଜନଗର ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ପୂର୍ବତନ ବିଧାୟକ ଅଲେଖ କୁମାର ଜେନାଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଦଳ ପକ୍ଷରୁ ଜେନାଙ୍କୁ ପ୍ରାର୍ଥୀ କରାଯିବା ପରେ ରାଜନଗର ଭାଜପାରେ ବିବାଦ ବଢିବାରେ ଲାଗିଛି। ଶନିବାର ଦଳୀୟ କର୍ମୀମାନେ ଭୁବନେଶ୍ୱରସ୍ଥିତ ଦଳର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣାରେ ବସିବା ସହ ହରତାଳ କରିଥିଲେ। ଅଲେଖ ହଟାଅ, ରାଜନଗର ଭାଜପା ବଞ୍ଚାଅ ନାରା ଦେଇ ହୋହାଲ୍ଲା କରିଥିଲେ। ରବିବାର ରାଜନଗର ବ୍ଲକର ଜରିମୂଳ ବଜାରଠାରେ ଭାଜପା ପ୍ରାର୍ଥୀ ଅଲେଖ କୁମାର ଜେନାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ବରିଷ୍ଠ ଭାଜପା ନେତା ଟୁଟୁ ରାଉଳଙ୍କ ନେତୃତ୍ୱରେ କର୍ମୀମାନେ ଭାଜପା ପ୍ରାର୍ଥୀ ଜେନାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି ସମୟରେ କର୍ମୀମାନେ ଅଲେଖ ହଟାଅ, ଯୁବନେତା ଅଜୟ ବେହେରା ଜିନ୍ଦାବାଦ ନାରାବାଜି ଦେଇଥିଲେ । ଏହାକୁ ନେଇ ରାଜନଗର ରାଜନୀତି ସରଗରମ ହୋଇ ଉଠିଛି।

# ରାଶନ କାର୍ଡରୁ ବଞ୍ଚିତ ମହିଳାଙ୍କ ରାଜ୍ୟପାଳଙ୍କୁ ନିବେଦନ

**ପଟ୍ଟାମୁଣ୍ଡାଇଏ , ୨୪।୩ (ସ୍ୱ.ପ୍ର)**

ରାଶନ କାର୍ଡରୁ ବଞ୍ଚିତ ହୋଇଥିବା ଉର୍ମିଳା ପାଢୀ ନାମକ ଜଣେ ମହିଳା ପ୍ରଶାସନିକ ଅଧିକାରୀମାନଙ୍କଠାରୁ ନ୍ୟାୟ ନ ପାଇ ଶେଷରେ ରାଜ୍ୟପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ତାଙ୍କୁ ରାଶନ କାର୍ଡ ଯୋଗାଇ ଦେବାକୁ ସେ ରାଜ୍ୟପାଳଙ୍କ ନିକଟରେ ନିବେଦନ କରିଛନ୍ତି ।

ଉର୍ମିଳାଙ୍କ ଘର ପଟ୍ଟାମୁଣ୍ଡାଇ ବ୍ଲକ ବଡପଡା ପଞ୍ଚାୟତ ଅଧୀନ କାଠିଆପଡା ଗ୍ରାମରେ । ୨୦୧୩ ରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡ ପାଇଁ ସେ ଆବେଦନ କରିଥିଲେ । ରାଶନ କାର୍ଡ ପାଇବାକୁ ସେ ଯୋଗ୍ୟ ହୋଇଥିଲେ ମଧ୍ୟ କୌଣସି କାରଣ ନ ଦର୍ଶାଇ ଯୋଗାଣ ବିଭାଗ ପକ୍ଷରୁ ତାଙ୍କ ଆବେଦନକୁ ଖାରଜ କରି ଦିଆଯାଇଥିଲା । ସେ ବାରମ୍ବାର ପଟ୍ଟାମୁଣ୍ଡାଇ ବିଡିଓ ଓ ଯୋଗାଣ ନିରୀକ୍ଷକଙ୍କୁ ଭେଟି ଗୁହାରୀ କରିଥିଲେ ମଧ୍ୟ ରାଶନ କାର୍ଡ ପାଇ ନ ଥିଲେ । ଏହାର ପ୍ରତିବାଦ କରି ଉର୍ମିଳା କଟକ ସ୍ଥାୟୀ ଲୋକ ଅଦାଲତରେ ନ୍ୟାୟ ପାଇଁ ଏକ ମାମଲା ରୁଜୁ କରିଥିଲେ । ଲୋକ ଅଦାଲତ ପକ୍ଷରୁ ତାଙ୍କୁ ରାଶନ କାର୍ଡ ଯୋଗାଇ ଦେବା ପାଇଁ କେନ୍ଦ୍ରାପଡା ଜିଲାପାଳ ଓ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ସତ୍ତ୍ୱେ ବିଡିଓ ଓ ଯୋଗାଣ ଅଧିକାରୀ କୌଣସି ପଦକ୍ଷେପ ନେଇ ନ ଥିଲେ । ସ୍ଥାନୀୟ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ସିଭିଲ ଜଜ୍‌ଙ୍କ ପକ୍ଷରୁ ମଧ୍ୟ ଉର୍ମିଳାଙ୍କୁ ରାଶନ କାର୍ଡ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା । ଶେଷରେ ନିରାଶ ହୋଇ ସେ ଏକ ଦରଖାସ୍ତ ଲେଖି ନିକଟରେ ଓଡିଶା ରାଜ୍ୟପାଳଙ୍କ ନିକଟକୁ ରେଜେଷ୍ଟ୍ରି ଯୋଗେ ପଠାଇଛନ୍ତି । ଏହି ଦରଖାସ୍ତରେ ସେ ରାଶନ କାର୍ଡ ପ୍ରଦାନ ପାଇଁ ନିବେଦନ କରିଛନ୍ତି ।

# ଲଛମନଜୀଉ ଓ ହରିଅଙ୍କ ମେଳଣ

**ଡେରାବିଶ, ୨୪।୩(ସ୍ୱ.ପ୍ର.)**



ଲଛମନଜୀଉ ମେଳଣକୁ ଆସିଥିବା ବିମାନ ।

ଡେରାବିଶ ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତ ବାଲିପାଟଣାସ୍ଥିତ ଶ୍ରୀ ଲଛମନଜୀଉଙ୍କ ଦୋଳମେଳଣ ଉଦ୍‌ଯାପିତ ହୋଇଯାଇଛି । ଏହି ମେଳଣରେ ୪୦ରୁ ଊର୍ଦ୍ଧ୍ୱ ବିମାନ ପାରମ୍ପରିକ ବାଦ୍ୟ ଓ ଘଣ୍ଟ ସଂକୀର୍ତ୍ତନ ପଟୁଆର ମଧ୍ୟରେ ମେଳଣ ପଡ଼ିଆକୁ ପ୍ରବେଶ କରି ଉପବେଶନ କରିଥିଲେ । ଏହି ମେଳଣ ବହୁ ପ୍ରାଚୀନ ହୋଇଥିବାରୁ ଚଳିତବର୍ଷ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ମେଳଣ ଶାନ୍ତିକମିଟି ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମେଳଣ ପରିଚାଳନା କରାଯାଇଥିଲା । ପରମ୍ପରା ଅନୁଯାୟୀ ଏହି ମେଳଣ ସମ୍ପୂର୍ଣ୍ଣ ହେବା ପରେ ସ୍ଥାନୀୟ ଖସାପଡିଆ, ଠାକୁରହାଟ, ଠାକୁରପାଟଣା ଠାରେ ଅନୁଷ୍ଠିତ ମେଳଣରେ ସମସ୍ତ ୪୦ ଗୋଟି ବିମାନ ପଟୁଆର ମଧ୍ୟରେ ପହଞ୍ଚିଥିଲେ । ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଦର ଥାନା ପୋଲିସ ମୁତୟନ ହୋଇଥିଲେ । ଏହି ମେଳଣକୁ ମନ୍ଦିର ପରିଚାଳନା କମିଟି ଓ ମେଳଣ ଶାନ୍ତି କମିଟି ପକ୍ଷରୁ ନାରାୟଣ ପ୍ରସାଦ ପାତ୍ର, ଦୟାନିଧି ଦାସ, ଶିବ ପ୍ରସାଦ ସାହୁ, ଅନନ୍ତ ଚରଣ ପାତ୍ର, ଗୁଆଳସିଂ ସରପଞ୍ଚ ବଟକୃଷ୍ଣ ସେଠୀ, କୁଶିଆପାଳ ସରପଞ୍ଚ ପ୍ରଭାତି ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

ସେହିପରି କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ହରିଅଙ୍କ ମେଳଣ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଲୁଣା-ଚିତ୍ରୋତ୍ପଳା ନଦୀର ଦ୍ୱୀପାଞ୍ଚଳରେ ଅନୁଷ୍ଠିତ ଏହି ମେଳଣରେ ଚଳିତବର୍ଷ ୮୫ରୁ ଊର୍ଦ୍ଧ୍ୱ ବିମାନ ଶୋଭାଯାତ୍ରା ମଧ୍ୟରେ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ । ମେଳଣର ଥାନପତି ଦଧିବାମନଜୀଉ ଓ ହରିଅଙ୍କ ମଠବିମାନ ପଡିଆରେ ସନ୍ଧ୍ୟା ୭ଟାରେ ପ୍ରଥମେ ଉପବେଶନ କରିବା ପରେ ବିଭିନ୍ନ ଦ୍ୱାର ଦେଇ ଅନ୍ୟ ବିମାନଗୁଡ଼ିକ ମେଳଣ ପଡିଆକୁ ପ୍ରବେଶ କରିଥିଲେ । ଏହି ମେଳଣରେ ଚଳିତବର୍ଷ ୨୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ସଦର ଥାନା ପକ୍ଷରୁ ଅସ୍ଥାୟୀ ଶିବିର ଖୋଲାଯାଇ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା । ମେଳଣ କମିଟିର ସଭାପତି ସୁଧାକର ଶତପଥୀ , ହରିଅଙ୍କ ସରପଞ୍ଚ ଯୁଗଳ କିଶୋର ମହାନ୍ତି, ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ଓ ଧୀରେନ୍ଦ୍ର କୁମାର ଜେନା ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ମଦ ଜବତ, ଜଣେ ଗିରଫ

**କଳିଙ୍ଗନଗର, ୨୪।୩(ଡି.ଏନ୍.ଏ.):** କଳିଙ୍ଗନଗର ଥାନା ଅର୍ନ୍ତଗତ ବଙ୍ଗଳା ଛକଠାରେ ଶନିବାର ବିଳମ୍ବିତ ରାତିରେ ପେଟ୍ରୋଲିଂବେଳେ ପୋଲିସ ଏକ ଇଣ୍ଡିଗୋ କାର୍ ଯାଞ୍ଚ କରିଥିଲା। ଯାଞ୍ଚବେଳେ ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ଜଣଙ୍କ ଜେନାପୁର ଥାନା ଅର୍ନ୍ତଗତ ରାଧାକାନ୍ତପୁର ଗ୍ରାମର ସନ୍ତୋଷ ପରିଡା(୩୬)। ଏ ନେଇ ପୋଲିସ ଏକ ମାମଲା (୪୮/୧୯) ରୁଜୁ କରି ସନ୍ତୋଷଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ପୋଲିସ ପାଟ୍ରୋଲିଂ ବେଳେ (ଓ.ଆର.୦୫.ଏପି.୦୩୧୭) ନମ୍ବର ବିଶିଷ୍ଟ ଇଣ୍ଡିଗୋ କାର୍‌କୁ ସନ୍ଦେହରେ ଯାଞ୍ଚ କରିଥିଲା। ଏହି ସମୟରେ ଗାଡି ଭିତରେ ଥିବା ବିଭିନ୍ନ କମ୍ପାନୀର ୧୩୧ ଲିଟର ବିଦେଶୀ ମଦ ଜବତ କରିବା ସହ ସନ୍ତୋଷଙ୍କୁ ଗିରଫ କରିଥିଲା।

### ବିଜେଡିର ମିଶ୍ରଣ ପର୍ବ

**ଧର୍ମଶାଳା,୨୪।୩ (ଡି.ଏନ୍.ଏ.):** ଧର୍ମଶାଳା ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ରବିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେକ୍ ଅସଲାମଙ୍କ ନେତୃତ୍ୱରେ ବହୁ କର୍ମୀ ଦଳରେ ସାମିଲ ହୋଇ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ଦଳରେ ମିଶି କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଛନ୍ତି। କୋଠିଡିହ ପଞ୍ଚାୟତର ମଙ୍ଗଳପୁର ଗ୍ରାମର ଅନ୍ୟ ଦଳର ବହୁ କର୍ମୀ ମିଶ୍ରଣ ପର୍ବ ମାଧମରେ ବିଜେଡିରେ ସାମିଲ ହୋଇଥିବା ମଡ଼ିଆ ସେଲ ଅଧକ୍ଷ ସଂଗ୍ରାମ ଜେନା ସୂଚନା ଦେଇଛନ୍ତି। ସେମାନଙ୍କୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ନୂତନ କର୍ମୀମାନେ ହେଲେ ମସ୍‌କୁର ଭାଇ, ସେକ୍ ଗୁଡୁ, ସେକ୍ ଜାହିଦ, ଆକବର ଖାନ, ସେକ୍ ସାକିବ, ଅବଦୁଲ ରେହମାନ, ସେକ୍ ଜମିର୍, ସଲିମ ଖାନ, ସଗିର ଖାନ, ସେକ୍ ଜାଫିର, ଅବଦୁଲ କରିମଙ୍କ ସମେତ ଅନ୍ୟମାନେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ଜିଲା ବିଜୁ ମହିଳା ଶାଖାର ଉପ ସଭାପତି ମମତା ଖୁଣ୍ଟିଆ, ବିଶ୍ୱବନ୍ଦନା ଜେନା, ମିନତୀ ପଣ୍ଡା, ରେଣୁବାଳା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଧର୍ମଶାଳା,୨୪।୩ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତ୍ତର ଶାସନ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ସାମଲ(୭୩)ଙ୍କ ଶୁକ୍ରବାର ପୂର୍ବାହ୍ନରେ ପରଲୋକ ହୋଇଛି। ସ୍ୱର୍ଗତ ସାମଲ ଜଣେ ଆଦର୍ଶ ଶିକ୍ଷକ ଓ ଅନୁଷ୍ଠାନ ପ୍ରେମୀଭାବେ ଜଣାଶୁଣା ଥିଲେ। ତାଙ୍କ ବିୟୋଗ ଖବର ପାଇ ଭାଜପା ନେତା ରମେଶ ଚନ୍ଦ୍ର ପରିଡା, କଂଗ୍ରେସ ନେତା କିଷାନ ପଣ୍ଡା, ବସନ୍ତ କୁମାର ପରିଡା, ସୁଧାକର ରାଉତ, ପ୍ରଫୁଲ୍ଲ କୁମାର ରାୟ, ଗୋଲକ ଚନ୍ଦ୍ର ପଲେଇ, ସମିତିସଭ୍ୟ ସୁଦାମ ଚରଣ ବେହେରା, ସରପଞ୍ଚ ବିଭୂତି ଭୂଷଣ ପାଣିଗ୍ରାହୀ, କାହ୍ନୁ ଚରଣ ଦାସ, ସୁବ୍ରତ ସାମଲ ପ୍ରମୁଖ ବହୁବ୍ୟକ୍ତି ବିଶେଷ ଶେଷଦର୍ଶନ କରିଥିଲେ।

## ■ ନାମାଙ୍କନ ପତ୍ର ଦାଖଲକୁ ୯ ଦିନ ବାକି

# କୋରେଇରେ ସମାନ୍ତରାଳ ବିଜେଡି ଗୋଷ୍ଠୀ

■ କୋରେଇ ନିର୍ବାଚନ ମଣ୍ଡଳୀରେ ଆକାଶ ଓ ବବିଙ୍କ ବୁଥ କମିଟି ଗଠନ

■ ଫାଇଦା ନେଇପାରେ ଭାଜପା କିମ୍ବା କଂଗ୍ରେସ

**ଯାଜପୁର ଅଫିସ,୨୪।୩**

ସାଧାରଣ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା ହେବା ପରଠାରୁ ଯାଜପୁର ଜିଲାରେ ନିର୍ବାଚନୀ ଚର୍ଚ୍ଚା ଜୋର ଧରିଥିଲା। କିନ୍ତୁ ଦୀର୍ଘଦିନର କସରତ ସତ୍ତ୍ୱେ ବିଜୁ ଜନତା ଦଳ(ବିଜେଡି) ଓ କଂଗ୍ରେସ ଏଯାଏ ପ୍ରାର୍ଥୀ ଘୋଷଣା କରିପାରି ନାହିଁ। ଅନ୍ୟପକ୍ଷେ ଭାଜପା ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ୭ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ସବୁ ନିର୍ବାଚନ ମଣ୍ଡଳୀରେ ଏନେଇ ନେତାମାନେ ଜୋରସୋର ପ୍ରଚାର ଚଳାଇଥିବାବେଳେ କୋରେଇ ନିର୍ବାଚନ ମଣ୍ଡଳୀରେ ବ୍ୟତିକ୍ରମ ଘଟିଛି। ଏହି ନିର୍ବାଚନ ମଣ୍ଡଳୀରେ କୋରେଇ ବିଧାୟକ ଅକାଶଦାସ ନାୟକ ଓ ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ (ବବି) ଉଭୟ ବୁଥ କମଟି ଗଠନ କରିଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଖବର ପ୍ରଚାରିତ ହେବା ପରେ ଭୋଟରଙ୍କ ମଧ୍ୟରେ ନାନା ପ୍ରତିକ୍ରିୟା ସୃଷ୍ଟି ହେବା ସହ ଏଭଳି ସମାନ୍ତରାଳ ପ୍ରକ୍ରିୟାକୁ ସହଜେ ଗ୍ରହଣ କରି ପାରୁନାହାନ୍ତି।

ଯାଜପୁର ଜିଲାରେ ଶେଷ ପର୍ଯ୍ୟାୟ ମତଦାନ ହେବାକୁ ଥିବାବେଳେ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହେବାକୁ ମାତ୍ର ୯ଦିନ ସମୟ ରହିଛି। ଜିଲାର ୭ଟି ବିଧାନସଭା ଆସନରୁ କେବଳ ବିଞ୍ଝାରପୁର (ହରିଜନ ସଂରକ୍ଷିତ) ରହିଛି। କଂଗ୍ରେସରୁ କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବନ୍ଦିତା ପରିଡାଙ୍କ ନାମ ଘୋଷଣା ହୋଇଥିବାବେଳେ ଅନ୍ୟ ନିର୍ବାଚନ ମଣ୍ଡଳୀ ପାଇଁ କସରତ ଜାରି ରହିଛି। ତେବେ ଭାଜପାରୁ ଯାଜପୁର ପାଇଁ ଗୌତମ ରାୟ, ବରୀରେ ବିଶ୍ୱରଞ୍ଜନ ମଲ୍ଲିକ, ବିଞ୍ଝାରପୁରରେ ବବିତା ମଲିକ, କୋରେଇରେ ବିଶ୍ୱଜିତ ନାୟକ, ଧର୍ମଶାଳାରେ ତୁଷାର ପରିଡା, ସୁକିନ୍ଦାରେ ପ୍ରଦୀପବଳ ସାମନ୍ତ(ଟୁଟୁ) ଓ ବଡଚଣାରେ ଅମର ନାୟକଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଏଥିରେ ଅନେକ ଆଶାୟୀଙ୍କ ମଧ୍ୟରେ ବିରୋଧାଭାସ ଦେଖାଦେଇଛି। ବିଦ୍ରୋହୀଙ୍କ ମଧ୍ୟରେ ମେଳି ବାନ୍ଧିବା ଆରମ୍ଭ ହୋଇଥିବା ସୂଚନା ମିଳିଛି। ତେବେ ଭାଜପା ଏହି ସମସ୍ୟାକୁ ସୂଚାରୁ ରୂପେ ସମାଧାନ କରି ପାରିବ ବୋଲି ଦୃଢୋକ୍ତି ପ୍ରକାଶ କରିଛି। ତେବେ ଏହି ସମୟରେ କୋରେଇ ନିର୍ବାଚନ ମଣ୍ଡଳୀରେ ଦୁଇ ଷ୍ଟାଣ୍ଡିଂ ବିଧାୟକଙ୍କ ଗୋଷ୍ଠୀ ଏକ ସମାନ୍ତରାଳ ବୁଥ କମଟି ଗଠନ କରିଥିବା ସୂଚନା ମିଳିଛି। ବିଧାୟକ ଆକାଶ ପୂର୍ବରୁ ବୁଥ କମିଟି ଗଠନ କରିସାରିଥିବା ବେଳେ ଆସନ୍ତା ୫ ତାରିଖରେ ନାମାଙ୍କନ ପତ୍ର ଦାଖଲ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଆକାଶଙ୍କ ବ୍ୟତୀତ ଅନ୍ୟ କାହାକୁ ବିଜେଡି ପ୍ରାର୍ଥୀ କଲେ ବିଦ୍ରୋହ ବ୍ୟାପକ ହେବ ବୋଲି ସୂଚନା ଦିଆଯାଇଛି। ଅନ୍ୟପକ୍ଷେ ବିଧାୟକ ବବି ଯାଜପୁର ଛାଡି କୋରେଇ ଉପରେ ମନ ବଳାଇବାକୁ କୋରେଇ ଭୋଟର କେତେଦୂର ଗ୍ରହଣ କରିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏଥିରେ ୨୦୦୯ ନିର୍ବାଚନରେ କୋରେଇ ବିଧାୟକ ହୋଇଥିବା ପ୍ରୀତିରଞ୍ଜନ ଘଡେଇ(ଡାନି)ଙ୍କ କେତେଜଣ ସମର୍ଥକ ବବିଙ୍କୁ ସମର୍ଥନ ଦେଉଛନ୍ତି। ଏଥିପାଇଁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇଙ୍କୁ ବିଜେଡିରୁ ବହିଷ୍କାର ନିର୍ଦ୍ଦେଶ ଉଠାଇ ଦିଆଯାଇଥିବା ଆଲୋଚନା ହେଉଛି। ଯାଜପୁର ପୌର ପରିଷଦରେ ବବି ତାଙ୍କ ବୁଥ କମିଟି ଗଠନ କରି ନ ଥିଲେ ହେଁ ଖୁବଶୀଘ୍ର ଗଠନ ହେବ ବୋଲି ସୂଚନା ମିଳିଛି। ବୁଥ କମିଟି ଗଠନରେ ପୂର୍ବତନ ସରପଞ୍ଚ, ବର୍ତ୍ତମାନର ସରପଞ୍ଚ, କେତେକ ଯୁବ ନେତା ଲାଗି ପଡିଛନ୍ତି। ତେବେ କୋରେଇରୁ ବବି ପ୍ରାର୍ଥୀ ହେଲେ ମେଡିକାଲ କଲେଜ ପ୍ରତିଷ୍ଠା ଏକ ପ୍ରସଙ୍ଗ ହେବ ବୋଲି ବିରୋଧୀମାନେ ଯୋଜନା ପ୍ରସ୍ତୁତ କରିଛନ୍ତି। ସୂଚନାଯୋଗ୍ୟ ଯେ, ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପାଣିକୋଇଲି ଛକଠାରେ ୧୦୧ ଦିନ ପର୍ଯ୍ୟନ୍ତ ଏକ ଐତିହାସିକ ଆନ୍ଦୋଳନ ହୋଇଥିଲା। ଏଥିରେ ୭୦ରୁ ଉର୍ଦ୍ଧ୍ୱ ବିଭିନ୍ନ ସଂଗଠନ, ରାଜନୈତିକ ଦଳ ପ୍ରମୁଖ ସମର୍ଥନ କରିଥିଲେ। ଯାହାକି କୋରେଇରେ ବବି ଠିଆ ହେଲେ ଏହା ବୁମେରାଂ ହୋଇପାରେ ବୋଲି ଅଞ୍ଚଳବାସୀ ମତପ୍ରକାଶ କରୁଛନ୍ତି। ବିଜେଡିର ଏହି ଦୁଇ ସମାନ୍ତରାଳ ଗୋଷ୍ଠୀଙ୍କ ପାଇଁ ତୃତୀୟ ଦଳ ଭାବେ ଭାଜପା କିମ୍ବା କଂଗ୍ରେସ କର୍ମୀ ଫାଇଦାକୁ ଉଠାଇବାକୁ ରଣନୀତି ପ୍ରସ୍ତୁତ କରୁଛନ୍ତି। ଏନେଇ ବିଧାୟକ ଆକାଶ ନିଜର ପ୍ରାର୍ଥୀତ୍ୱକୁ ନେଇ ନିଶ୍ଚିତ ଥିବାବେଳେ ସେ କୁହନ୍ତି କୋରେଇବାସୀଙ୍କର ତାଙ୍କ ପ୍ରତି ଅତୁଟ ସମର୍ଥନ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଅନେକ ଜନହିତକର ଯୋଜନା ଲୋକଙ୍କ ପାଖରେ ପହଞ୍ଚି ପାରିଛି। ଏହି ୫ ବର୍ଷ ମଧ୍ୟରେ କୌଣସି ବିବାଦ ନ ହୋଇ ଏକ ସ୍ୱଚ୍ଛ ଶାସନ ଲୋକେ ପାଇଛନ୍ତି ବୋଲି ସେ କୁହନ୍ତି। ଅନ୍ୟପକ୍ଷେ ବବିଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

## ୨ ଲୁଟେରା ଗିରଫ

### ମୋଟରସାଇକେଲ, ମାରଣାସ୍ତ୍ର ଜବତ

**ଚଣ୍ଡିଖୋଲ,୨୪।୩(ଡି.ଏନ.ଏ.)**

ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଫାଣ୍ଡି ପୋଲିସ ରବିବାର ୨ ଲୁଟେରାଙ୍କୁ ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବଡ଼ଚଣା ଥାନା ଅନ୍ତର୍ଗତ କୁନ୍ଦଳ ଗ୍ରାମର ଜୟକିଶାନ ଜେନା ଓରଫ୍ (ରକି) ଏବଂ ସୁଙ୍ଗୁଡ଼ା ଗ୍ରାମର ରଶ୍ମିରଞ୍ଜନ ମାହାଲା ଓରଫ (ଲିକୁଆ)। ପୋଲିସ ସେମାନଙ୍କଠାରୁ ମୋଟରସାଇକେଲ, ୨ ମୋବାଇଲ ଓ ଗୋଟିଏ ଭୁଜାଲି ଜବତ କରିଛି। ଥାନା ପକ୍ଷରୁ ମାମଲା (ନଂ. ୬,୨୩,୩୯/୧୯) ରୁଜୁ କରାଯାଇଛି। ପ୍ରକାଶ ଯେ, ସେମାନେ ସୁଙ୍ଗୁଡ଼ାଠାରେ ଲୁଟ୍ କରିବାକୁ ଉଦ୍ୟମ କରୁଥିବା କୌଣସି ସୂତ୍ରରୁ ଖବରପାଇ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ନାରାୟଣ ଚନ୍ଦ୍ର ବେହେରା ଓ ଏଏସ୍‌ଆଇ ସଞ୍ଜୀବ କୁମାର ଥାଟୋଇ ଚଢ଼ାଉ କରି ଶନିବାର ଗିରଫ କରିଥିଲେ। ସେମାନଙ୍କ ନାମରେ ବଡ଼ଚଣା ଓ ବାଲିଚନ୍ଦ୍ରପୁର ଥାନାରେ ୧୨ରୁ ଉର୍ଦ୍ଧ୍ୱ ମାମଲା ରହିଥିବାବେଳେ ସେମାନେ ଅନେକ ଥର ଗିରଫ ହୋଇ ଜେଲ୍ ଯାଇଥିବା ଜଣାପଡ଼ିଛି।

## ■ ଦୁର୍ଘଟଣାରେ ଝିଅ ଆଖିଆଗରେ ବାପାଙ୍କ ମୃତ୍ୟୁ

# ୫ଘଣ୍ଟା ଧରି ରାସ୍ତାରୋକୋ

**ରସୁଲପୁର,୨୪।୩(ଡିଏନଏ)**

ଯାଜପୁର ସଦର ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥର ମହେଶ୍ୱରପୁର ପଞ୍ଚାୟତ ନିକଟରେ ରବିବାର ଏକ ଦୁର୍ଘଟଣା ଘଟି ଝିଅଙ୍କ ଆଖିସାମ୍ନାରେ ବାପାଙ୍କ ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ମୃତକ ହେଲେ ଯାଜପୁର ବ୍ଲକ ରୁଦ୍ରପୁର ପଞ୍ଚାୟତ ଡିହସାହି ଗ୍ରାମର ଗୋଲକ ସାହୁ(୫୩)। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟାଇ ଫେରାର ଥିବା ହାଇୱା ଜବତ ଦାବିରେ ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ଅବରୋଧ ହୋଇଥିଲା। ଫଳରେ ଯାତାୟତରେ ବାଧା ଉପୁଜିଥିଲା।

ସୂଚନା ଯେ, ଏକ ବାଇକ୍‌ରେ ଗୋଲକ ଓ ତାଙ୍କର ଦୁଇ ଝିଅ ଅନ୍ୟ ଏକ ସ୍କୁଟିରେ ହରିପୁର ବଜାରକୁ ଆସୁଥିଲେ। ୨୦ନମ୍ବର ଜାତୀୟ ରାଜପଥର ମହେଶ୍ୱରପୁର ପଞ୍ଚାୟତ ନିକଟରେ ଏକ ହାଇୱା ଗୋଲକଙ୍କ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଗୋଲକ ତଳେ ପଡି ଯାଇଥିଲେ ଓ ଟ୍ରକ ପଛ ଚକା ତାଙ୍କ ମୁଣ୍ଡରେ ଚଢି ଯାଇଥିଲା। ଦୁଇ ଝିଅଙ୍କ ଆଖି ଆଗରେ ବାପାଙ୍କ ପ୍ରାଣବାୟୁ ଉଡିଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁରକୁ ପଠାଇଥିଲା। ହେଲେ ପୋଲିସର ନିଷ୍କ୍ରିୟତା ଯୋଗୁ ଦୁର୍ଘଟଣା ଘଟାଇ ହାଇୱା ଫେରାର ହୋଇଯାଇଥିବା ଲୋକେ ଅଭିଯୋଗ କରିବା ସହିତ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ଯାଜପୁର ତହସିଲଦାର ସୁନୀଲ କୁମାର ମେହେର, ଯାଜପୁର ସଦର ଥାନାଧିକାରୀ ଦୁଷ୍ମନ୍ତ ନାୟକ, ଡିଏସ୍‌ପି ରବୀନ୍ଦ୍ର କୁମାର ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ମୃତକ ପରିବାରକୁ ରେଡକ୍ରସରୁ କ୍ଷତିପୂରଣ ପ୍ରଦାନ ସହ ଆଇନଗତ ସମସ୍ତ ସହାୟତା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା।



ଟାୟାର ଜାଳି ରାସ୍ତା ଅବରୋଧ କରାଯାଉଛି।

## ଜିଲାପାଳ, ଏସ୍‌ପିଙ୍କ ସମ୍ବେଦନଶୀଳ ବୁଥ୍ ପରିଦର୍ଶନ

**ଚଣ୍ଡିଖୋଲ,୨୪।୩(ଡି.ଏନ.ଏ.)**

ଯାଜପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଓ ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା ରବିବାର ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତରେ ଥିବା କେତେକ ସମ୍ବେଦନଶୀଳ ବୁଥ୍ ପରିଦର୍ଶନ କରିଥିଲେ। ଏଥିସହ ସବୁ ବୁଥ୍‌ରେ କିପରି ଅବାଧ ଓ ନିରପେକ୍ଷ ନିର୍ବାଚନ ହୋଇପାରିବ, ସେ ସମ୍ପର୍କରେ ବ୍ଲକ କାର୍ଯ୍ୟାଳୟରେ ସମୀକ୍ଷା କରିଥିଲେ। ଜିଲାପାଳ ଓ ଏସ୍‌ପି ମିଳିତଭାବେ ଦେଉଳକୁଳସ୍ଥିତ ଇଜ୍‌ଟନ୍ ପ୍ରାଥମିକ ବିଦ୍ୟାଳୟ ମତଦାନ କେନ୍ଦ୍ରରେ ପହଞ୍ଚି ସେଠିକାର ର୍‍ୟାମ୍ପ, ପାନୀୟ ଜଳ, ବିଦ୍ୟୁତ ଓ ଶୌଚାଳୟ ପରି ଅତ୍ୟାବଶ୍ୟକ ସୁବିଧାର ତଦାରଖ କରିଥିଲେ। ସେହିପରି ଜନକଲ୍ୟାଣ ହାଇସ୍କୁଲ, ଧାଉଡ଼ିଆପଦା ପ୍ରାଥମିକ ବିଦ୍ୟାଳୟ, ଚାରିନଙ୍ଗଳ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟ, କଳାଶ୍ରୀ ପ୍ରାଥମିକ ବିଦ୍ୟାଳୟ, ସାଉଡ଼ିଆସ୍ଥିତ ସମରେଶ୍ୱର ନୋଡାଲ ବିଦ୍ୟାପୀଠ, ବରପଦା ଉଚ୍ଚ ବିଦ୍ୟାଳୟ, ନିଆଳି ଉଚ୍ଚ ବିଦ୍ୟାଳୟ, ବଡ଼ବାଲିକୁଦା ପ୍ରାଥମିକ ବିଦ୍ୟାଳୟ ଓ ଜନକ ବିଦ୍ୟାଳୟର ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ପରେ ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଧିକାରୀଙ୍କ ତାଲିମ ଶିବିରରେ ପହଞ୍ଚି ସେମାନଙ୍କୁ ନିର୍ବାଚନ ପରିଚାଳନା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ଇଭିଏମ୍ ଓ ଭିଭିପିଏଟି ମେଶିନ୍‌ର ବ୍ୟବହାର ଓ ଅଧିକାରୀମାନେ ଭୋଟରଙ୍କୁ କିପରି ମତଦାନ କ୍ଷେତ୍ରରେ ସାହାଯ୍ୟ କରିବେ, ସେ ସମ୍ପର୍କରେ ଆଇନଗତ ପରାମର୍ଶ ଦେଇଥିଲେ।

# କୋରେଇ ବିଧାୟକ ବିରୋଧୀଙ୍କ ମେଳି



ବିଧାୟକଙ୍କ ବିରୋଧୀମାନଙ୍କ ପକ୍ଷରୁ ଆୟୋଜିତ ବୈଠକ।

**ରସୁଲପୁର,୨୪।୩(ଡିଏନଏ)**

କୋରେଇ ନିର୍ବାଚନ ମଣ୍ଡଳୀରେ ବିଜେଡିର ଟିକେଟ ଅଙ୍କ ଛିଡୁ ନାହିଁ। ଏଭଳି ସ୍ଥିତିରେ ବିଧାୟକଙ୍କ ବିରୋଧୀ ମେଳି ହେବାରେ ଲାଗିଛନ୍ତି। ଏଥିରୁ ଫାଇଦା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ମିଳିବ ବୋଲି କୁହାଯାଉଛି। ରସୁଲପୁର ବ୍ଲକରେ ରବିବାର ସନ୍ଧ୍ୟାରେ ଆୟୋଜିତ ବିଧାୟକ ବିରୋଧୀ ବୈଠକ ପ୍ରଣବଙ୍କ ପାଇଁ ଲାଭପ୍ରଦ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ରସୁଲପୁର ବ୍ଲକରୁ କୋରେଇ ନିର୍ବାଚନ ମଣ୍ଡଳୀରେ ସାମିଲ ହୋଇଥିବା ୯ଟି ପଞ୍ଚାୟତରୁ ଶତାଧିକ ଛାମୁଆ କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ରସୁଲପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯତୀନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ବହୁ ବିଜେଡି କର୍ମୀ ଯୋଗଦେଇ ବିଧାୟକ ଦାସନାୟକଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ବିଧାୟକ କିଛି ମୁଷ୍ଟିମେୟ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ହାତକୁ ଦଳକୁ ଟେକି ଦେଇଛନ୍ତି ବୋଲି କର୍ମୀମାନେ ମତ ରଖିଥିଲେ। ବିଧାୟକ ଦାସନାୟକଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଗଲେ ବିଜେଡିର ବହୁ କର୍ମୀ ଦଳ ପରିତ୍ୟାଗ କରିବେ ବୋଲି କ୍ଷୋଭର ସହ ପ୍ରକାଶ କରିଥିଲେ। ସଠିକ୍ ନେତୃତ୍ୱ ନେବାରେ ବିଧାୟକ ବିଫଳ ହୋଇଛନ୍ତି। ଫଳରେ ଗତ ପଞ୍ଚାୟତ ନିର୍ବାଚନରେ ଦଳକୁ କୋରେଇ ଓ ରସୁଲପୁର ବ୍ଲକରେ ପରାଜୟ ସ୍ୱୀକାର କରିବାକୁ ପଡିଥିଲା। ଆକାଶଙ୍କ ବଦଳରେ ଦଳରୁ ଅନ୍ୟ କାହାକୁ ପ୍ରାର୍ଥୀ କରାଇଲେ ସମସ୍ତେ ଏକଜୁଟ ହୋଇ ଦଳ ପାଇଁ କାମ କରିବେ ଏବଂ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବେ ବୋଲି ଏକ ସ୍ୱରରେ ପ୍ରକାଶ କରିଥିଲେ। ନଚେତ୍ ଫଳ ଓଲଟା ହୋଇପାରେ ବୋଲି ପୂର୍ବତନ ସରପଞ୍ଚ ନରୋତ୍ତମ ସାହୁ, ଶିଶିର ମହାନ୍ତି, ସୁବାସ ମିଶ୍ର, ପ୍ରଶାନ୍ତ ଦାସ, ଦିଲୀପ ସାହୁ, ମିଟୁ ସାହୁ, ଶଶାଙ୍କ ଶେଖର ରାଉତ ପ୍ରମୁଖ ମତ ରଖିଥିଲେ। ରସୁଲପୁର ବ୍ଲକରୁ ବିଧାୟକ ବିରୋଧୀ ସ୍ୱର ତାଙ୍କ ପାଇଁ ମହଙ୍ଗା ପଡିବ ବୋଲି କୁହାଯାଉଥିବା ବେଳେ ଟିକେଟ ଆଶାୟୀଙ୍କ ମଧ୍ୟରେ ଉତ୍ସାହ ଆଣିଦେଇଛି। ଏହିଭଳି ଗୋଳମାଳିଆ ସ୍ଥିତି ପ୍ରଣବପ୍ରକାଶ ଦାସ ଓରଫ ବବିଙ୍କୁ ସୁହାଇବ ବୋଲି କୁହାଯାଉଛି।

## ■ ପରିବହନ ସଂସ୍ଥାର ମନମାନିକୁ ବିରୋଧ

# ଥାନା ଦ୍ୱାରସ୍ଥ ହେଲା ଟ୍ରକ୍ ମାଲିକ ସଂଘ

**କାଳିଆପାଣି, ୨୪।୩(ଡି.ଏନ୍.ଏ.)**

କାଳିଆପାଣି ଖଣି ଅଞ୍ଚଳରେ କ୍ରୋମାଇଟ ପରିବହନ ସଂସ୍ଥାର ମନମାନିକୁ ବିରୋଧ କରି ରବିବାର କାଳିଆପାଣି, କଂସ ଓ ଟିଙ୍ଗୁଡ଼ିପାଳ ପଞ୍ଚାୟତର ୬ ଚକିଆ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏ ନେଇ ୩ ପଞ୍ଚାୟତର ଟ୍ରକ୍ ମାଲିକ ଓ ପରିବହନ ସଂସ୍ଥା କର୍ମକର୍ତ୍ତାଙ୍କୁ ଥାନାକୁ ଡକାଇ ସମାଧାନ କରିବା ପାଇଁ ପ୍ରୟାସ କରାଯିବ ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲି କହିଛନ୍ତି। କାଳିଆପାଣି ଖଣି ଅଞ୍ଚଳରେ ବିଭିନ୍ନ ଖଣିରୁ କ୍ରୋମାଇଟ ପରିବହନ କରୁଥିବା ପରିବହନ ସଂସ୍ଥା ପରିବହନ ଭଡ଼ା ଦେବାରେ ପାତର ଅନ୍ତର କରିବା ସହ ବହୁ ବିଳମ୍ବ କରୁଛି। ଏ ସମ୍ପର୍କରେ ଥାନାରେ ବହୁ ଅଭିଯୋଗ ପରେ ମଧ୍ୟ କୌଣସି ସମାଧାନ ହୋଇ ନ ଥିଲା। ତେଣୁ ରବିବାର ୩ ପଞ୍ଚାୟତର ଟ୍ରକ୍ ମାଲିକମାନେ ସଂଘ ନିୟମ ଅନୁଯାୟି କ୍ରୋମାଇଟ ଲୋଡ଼ିଂ ହେବା ପରେ ଚାଲାଣ ଉପରେ ନିର୍ଦ୍ଧାରିତ ରେଟ ଲେଖା ହେବା, ଅନଲୋଡ଼ିଂ ର ୧୫ ଦିନ ମଧ୍ୟରେ ସମସ୍ତ ଚାଲାଣ ଉପରେ ହିସାବ କରି ପେମେଣ୍ଟ କରିବା, ସଂଘର ନିର୍ଦ୍ଧାରିତ ରେଟ୍ ଉପରେ ପେମେଣ୍ଟ, ଅନଲୋଡ଼ିଂ ସଟେଜ ପରିମାଣର ୧ ପ୍ରତିଶତ ଛାଡ ନିର୍ଦ୍ଧାରିତ ହୋଇଥିବାବେଳେ ପରିବହନ ସଂସ୍ଥା ଗୁଡ଼ିକ ୦.୫ ପ୍ରତିଶତ ଛାଡ କରି ପରିବହନ ଭଡ଼ା କାଟୁଛନ୍ତି, ପରିବହନ ସଂସ୍ଥା ଚାଲଣ ଉପରେ ୮୦ରୁ ୧୦୦ ଟଙ୍କା ମନ ଇଚ୍ଛା କାଟୁଥିବା ଥାନାରେ ଅଭିଯୋଗ କରିଛନ୍ତି। ୧୦୦ କେଜି ସଟେଜ ଛାଡ଼ ପରି ବହୁ ଅଭିଯୋଗ ହୋଇଛି। ଟ୍ରକ୍ ମାଲିକ ଗୋଲଖ ବିହାରୀ ସାହୁ, ସଞ୍ଜୟ କୁମାର ମହାନ୍ତ, ଜଳଧର ସାମଲ, ଶରତ ଚନ୍ଦ୍ର ମହାନ୍ତ, ଶ୍ରୁଶାନ୍ତ ପରିଡ଼ା, ଏମ.ଡ଼ି .ଅଜିଜ, ଆଶିଷ କୁମାର ଜେନା ପ୍ରମୁଖ ସାମିଲ ହୋଇଥିଲେ।

## 'ଆତ୍ମଜୀବନୀ ସଂଘର୍ଷ, ସଂଗ୍ରାମ ପାଇଁ ଉତ୍ସାହ'

**ଧର୍ମଶାଳା,୨୪।୩ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ କଳ୍ପତରୁ ଦାସ ଇଣ୍ଡୋର ଷ୍ଟାଡିୟମ ପରିସରରେ ରବିବାର କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଗୋକର୍ଣ୍ଣିକ ସାହିତ୍ୟ ସମାଜ ମିଳିତ ଆନୁକୂଲ୍ୟରେ ଏକ ଜାତୀୟ ଆଲୋଚନାଚକ୍ର ଓ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। 'ଓଡ଼ିଆ ଜୀବନୀ ଓ ଆତ୍ମଜୀବନ ସାହିତ୍ୟ ଶୀର୍ଷକ' ଆଲୋଚନା ସଭାକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗ ଅବସରପ୍ରାପ୍ତ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆତ୍ମଜୀବନୀ ସଂଘର୍ଷ ଓ ସଂଗ୍ରାମ ପାଇଁ ଉତ୍ସାହ ଯୋଗାଇଥାଏ ବୋଲି ସେ କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ବିଜୟାନନ୍ଦ ସିଂହଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକଭାବେ ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା, ବୈଷ୍ଣବ ଚରଣ ମହାନ୍ତି, ପ୍ରାବନ୍ଧିକ ସଂଗ୍ରାମ ଜେନା, ଶିଶିର ବେହେରା ଯୋଗଦେଇ ପ୍ରବନ୍ଧ ପାଠ କରିବା ସହ ଜାତୀୟ ଜୀବନ ଗଠନରେ ଆତ୍ମଜୀବନୀ ଓ ଜୀବନୀ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପ୍ରକାଶ କରିଥିଲେ। ସଭାପତି ରମାକାନ୍ତ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। କ୍ରିଷ୍ଣା ପ୍ରକାଶନୀ ଦ୍ୱାରା ପ୍ରକାଶିତ କବି ଦୀନବନ୍ଧୁ ପଣ୍ଡାଙ୍କ 'ଗୀତି କବିତାରେ ଦୁଇପାଦ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ବାଲ ସାହିତ୍ୟ କାର୍ଯ୍ୟକ୍ରମରେ ଓଡ଼ିଆ ଶିଶୁ ସାହିତ୍ୟ ଆଲୋଚନା ଚକ୍ର ସାହିତ୍ୟ ଏକାଡ଼େମୀ ଆବାହକ ଡ.ବିଜୟାନନ୍ଦ ସିଂହ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଆଲୋଚକଭାବେ ପ୍ରାଧାପକ ସୁନାମଣି ରାଉତ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବର୍ଷିୟାନ୍ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା, ଉତ୍କଳ ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ପ୍ରବନ୍ଧ ପାଠକରିବା ସହ ଶିଶୁ ସାହିତ୍ୟରେ ମନସ୍ତତ୍ତ୍ୱ, ଦର୍ଶନ, ସରଳ ଓ ସାବଲିଳଭାବ ଥିବାରୁ ତାହା ପାଠକର ଚିତ୍ତକୁ ସହଜରେ ସ୍ପର୍ଶକରିପାରେ ବୋଲି କହିଥିଲେ। ଅଧାପକ ତୁହିନାଂଶୁ ରଥ ଧନ୍ୟବାଦ ଦେଇଥିଲେ।

# ଭାଜପାରେ ମିଶିଲେ ବ୍ଲକ ଅଧକ୍ଷା, ୩୦୦ରୁ ଉର୍ଦ୍ଧ୍ୱ କର୍ମୀ

**ଯାଜପୁର ଅଫିସ/ କଳିଙ୍ଗନଗର(ଡି.ଏନ.ଏ.),୨୪।୩**

ଯାଜପୁର ଜିଲା ସୁକିନ୍ଦା ବିଜେଡିକୁ ରବିବାର ଏକ ଶକ୍ତା ଧକ୍କା ଲାଗିଛି। ଦାନଗଦୀ ବ୍ଲକ ଅଧକ୍ଷା ଲୋପାମୁଦ୍ରା ନାଏକ ଓ ତାଙ୍କ ସ୍ୱାମୀ ହଳଧର ନାଏକ, ୮ ନମ୍ବର ଜିଲା ପରିଷଦ ସଭ୍ୟ ପ୍ରତାପ ଧୀର, ଏମ୍‌ପି ନୋମିନି ପ୍ରଶାନ୍ତ ରାୟଙ୍କ ସମେତ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଭୁବନେଶ୍ୱର କାର୍ଯ୍ୟାଳୟରେ ଭାଜପାରେ ଯୋଗ ଦେଇଛନ୍ତି। ତେବେ ଯେଉଁ ନେତ୍ରୀନେତା ଭାଜପାରେ ଯୋଗ ଦେଇଛନ୍ତି ସେମାନେ ବିଭିନ୍ନ ଦୁର୍ନୀତିରେ ସମ୍ପୃକ୍ତ ରହିଥିବା ଯୋଗୁ ଲୋକଙ୍କ ନିକଟରେ ଆସ୍ଥା ହରାଇ ସାରିଛନ୍ତି, ଯାହାକି ବିଜେଡି ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବିଜେଡି ନେତୃବର୍ଗ ପ୍ରକାଶ କରିଛନ୍ତି। ମାତ୍ର ନିର୍ବାଚନର ଘଡିସନ୍ଧି ମୁହୂର୍ତ୍ତରେ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ବିଜେଡିର ବହୁ ତୁଙ୍ଗନେତା ଭାଜପାରେ ମିଶିବା ବିଜେଡି ପାଇଁ କ୍ଷତିକାରକ ହୋଇପାରେ ବୋଲି ଚର୍ଚ୍ଚା ହେଉଛି।

ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଖଣି, କଳକାରଖାନାର ଉପସ୍ଥିତି ଯୋଗୁ ରାଜନୈତିକ ଗୁରୁତ୍ୱ ଲାଭ କରିଛି। ଅଞ୍ଚଳର ବହୁ ଲୋକ ଭିଟାମାଟିରୁ ବିସ୍ଥାପିତ ହୋଇଛନ୍ତି। ଜମି ଅଧିଗ୍ରହଣରେ ଅନେକ ଠକାମିର ଶିକାର ହୋଇଛନ୍ତି ଓ ପ୍ରାପ୍ୟରୁ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ଘୋଷିତ ଥଇଥାନ ନୀତିରୁ ଜମିହରାମାନେ ଉପକୃତ ହୋଇନାହାନ୍ତି। ତା ସାଙ୍ଗକୁ ଅଞ୍ଚଳରେ ଉତ୍କଟ ପ୍ରଦୂଷଣ ସମସ୍ୟା ରହିଛି। ଏନେଇ ବିଭିନ୍ନ ସମୟରେ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହାବାଦ ସୁକିନ୍ଦା ଅଞ୍ଚଳ ମରୁଡି ପ୍ରବଣ ହୋଇଥିବାରୁ ଏହି ଅଞ୍ଚଳର ଚାଷୀଙ୍କ ମଧ୍ୟରେ ବ୍ରାହ୍ମଣୀ/ଖରସ୍ରୋତା ଜଳ ଶିଳ୍ପକୁ ଯୋଗାଣ ନେଇ ଅସନ୍ତୋଷ ଲାଗିରହିଛି। ଏହି ସମସ୍ତ ପ୍ରସଙ୍ଗରେ ପ୍ରମୁଖ ରାଜନୈତିକ ଦଳ ଓ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ଭୂମିକା ଜନମତକୁ କେତେଦୂର ପ୍ରଭାବିତ କରୁଛି ତା ଉପରେ ନିର୍ବାଚନ ଫଳାଫଳ ନିର୍ଭର କରୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଶିଳ୍ପାୟନ, ବିକାଶ କାର୍ଯ୍ୟ ଓ ମିଶନ ଶକ୍ତିରେ ସଫଳତା ମିଳିଛି। ବିଜେଡି ସୁକିନ୍ଦାରେ ଅନେକ ମନ୍ତ୍ରୀପଦ ଦେଇଛି। ନିକଟରେ ବିଜେଡିରୁ ବହିଷ୍କୃତ ପ୍ରଫୁଲ୍ଲ ଘଡେଇଙ୍କୁ ଫେରାଇ ଅଣାଯାଇଛି। ଜନପ୍ରତିନିଧି ଭାବେ ଅଭିଜ୍ଞତା ଦୃଷ୍ଟିରୁ ପ୍ରଫୁଲ୍ଲ ଘଡେଇଙ୍କ ପ୍ରତି ଲୋକେ ଆକର୍ଷିତ ହେବେ ବୋଲି ବିଜେଡି ଆଶା କରିଛି। ଗତ ୪ଟି ନିର୍ବାଚନରେ କଂଗ୍ରେସ ୫ପ୍ରତିଶତରୁ କମ୍ ଭୋଟ ବ୍ୟବଧାନରେ ହାରି ଆସିଛି। ଫଳରେ କଂଗ୍ରେସର ପ୍ରଭାବ କିଛି ପଡ଼ିବ ନାହିଁ ବୋଲି ବିଜେଡି ଆଶା କରୁଛି। ହେଲେ ବିଜେଡି ପ୍ରାର୍ଥୀଙ୍କ ପାଇଁ ଅନ୍ତରାୟ ହୋଇଛନ୍ତି କେତେଜଣ ବିଦ୍ରୋହୀ ବିଜେଡି ନେତା। ରବିବାର ପ୍ରାୟ ୩୦୦ ଆଗଧାଡିର ବିଜେଡି କର୍ମୀ ଭାଜପାରେ ମିଶିବା ବିଜେଡି ପାଇଁ କ୍ଷତିକାରକ ହୋଇପାରେ ବୋଲି କୁହାଯାଉଛି। ଏହାର ପ୍ରତିକୂଳ ପ୍ରଭାବ ବିଜେଡି ପ୍ରାର୍ଥୀଙ୍କ ଉପରେ ପଡୁଛି। ଏବେବି ବିଜେଡି ନେତା ପ୍ରଫୁଲ୍ଲ ଓ ତାଙ୍କ ପୁତ୍ର ପ୍ରୀତିରଞ୍ଜନ ଘଡେଇଙ୍କ ଉପରେ ଦଳୀୟ ସଂଗଠନର ଦୃଢ ସମର୍ଥନ ରହିଛି। ହେଲେ ସେମାନେ ମଧ୍ୟ ଦଳୀୟ ବିଦ୍ରୋହୀ ପ୍ରାର୍ଥୀଙ୍କ ଶିକାର ହୋଇଛନ୍ତି। ପ୍ରତିଦ୍ୱନ୍ଦିତା କରିବାକୁ ପ୍ରସ୍ତୁତ ହେଉଥିବା କଂଗ୍ରେସର ଶରତ ରାଉତ, ଭାଜପାର ପ୍ରଦୀପ ବଳସାମନ୍ତ ତଥା ଅନ୍ୟ ପ୍ରାର୍ଥୀଙ୍କ ପ୍ରଭାବ ମଧ୍ୟ ଏଠାରେ କମ୍ ନୁହେଁ। ତେବେ ରବିବାରର ମିଶ୍ରଣ ବିଜେଡିକୁ ଦୋହଲାଇ ଦେଇଥିବା ଭଳି ମନେ ହେଉଛି। ମୋଟିମୋଟି ଭାବେ ଏହି ଆସନରେ ୩ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେଉଛି। ଭାଜପା ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ କୁହନ୍ତି ଯେ, ଆଗକୁ ଆହୁରି ବିଜେଡି କର୍ମୀ ଭାଜପାରେ ସାମିଲ କରିବାକୁ ଯୋଜନା ରହିଛି। ଏହା ଭାଜପା ସଂଗଠନକୁ ଅଧିକ ସୁଦୃଢ କରିବ ବୋଲି ଆଶା ରହିଛି। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ।

**ସୁକିନ୍ଦା ବିଜେଡିକୁ ଶକ୍ତ ଧକ୍କା**



ବିଜେଡ଼ି କର୍ମୀମାନେ ଭାଜପାରେ ଯୋଗ ଦେଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୫ ମାର୍ଚ୍ଚ, ୨୦୧୯



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ନାଳରୁ ନିଖୋଜ ବୃଦ୍ଧ ଉଦ୍ଧାର

ବରୀ,୨୪।୩(ସ୍ୱ.ପ୍ର.): ବରୀ ଥାନା ଅଧୀନ ମେଦୁଆକୂଳ ଗ୍ରାମର ଏକ ନାଳରୁ ରବିବାର ଜଣେ ନିଖୋଜ ବୃଦ୍ଧ ଉଦ୍ଧାର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଅଲେଖ ଚନ୍ଦ୍ର ଦାସ (୬୦)। ରବିବାର ସକାଳେ ଗ୍ରାମ ନିକଟ ଏକ ନାଳରେ ବୃଦ୍ଧ ଜଣକ ଭାସୁଥିବାର ଗାଁ ଲୋକେ ଦେଖିଥିଲେ। ଖବର ପାଇ ବରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଲେଖଙ୍କ ମୃତଦେହ ଉଦ୍ଧାର କରିଥିଲା। ଏ ନେଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୫/୧୯) ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପଠାଇଥିବା ଥାନାଧିକାରୀ ଚକ୍ରପତି କଅଁର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ଗୁରୁବାର ଅଲେଖ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ପକ୍ଷରୁ ବରୀ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

### ଜାଗୋ ଭୋଟର ଜାଗୋ ସଚେତନତା ସଭା

ଧର୍ମଶାଳା,୨୪।୩(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ମିର୍ଜାପୁରସ୍ଥିତ ଅନନ୍ତ କୁମାରୀ ପୀଠ ହାଟପଡ଼ିଆରେ କୃଷକ, ବେକାରୀ, ଶ୍ରମିକ ଓ ମହିଳାଙ୍କୁ ନେଇ ଏକ ସମାବେଶ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ଅରାବଳ ସରପଞ୍ଚ ନିର୍ମଳ ସାମଲ ସଭାପତିତ୍ୱ କରିଥିଲେ। ଏହି ସଚେତନ ସଭାରେ ଶ୍ରମିକ ନେତା ଦୁର୍ଗା ପ୍ରସନ୍ନ ଦାଶ, ସାମାଜିକ କର୍ମୀ ଦେବବ୍ରତ ରାଉତ, ପଞ୍ଚାୟତ ସମିତି ସଭ୍ୟ ସଂଗ୍ରାମ ସାମଲ ଓ ଶ୍ରମିକ ନେତା ରବୀନ୍ଦ୍ର ଧୀର ଅତିଥି ଓ ବକ୍ତାଭାବେ ଯୋଗଦେଇ ଥିଲେ। ଧର୍ମଶାଳା ନିର୍ବାଚନ ମଣ୍ଡଳୀ ସମଗ୍ର ରାଜ୍ୟରେ ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିଲେ ହେଁ ଏଠାରେ ଜମିକୁ ଜଳସେଚନ କରାଯିବା ପାଇଁ ସରକାରୀସ୍ତରରେ ଉଦ୍ୟମ କରାଯାଇନାହିଁ। ଚାଷୀମାନେ ଋଣଭାରରେ ବୁଡ଼ି ଆତ୍ମହତ୍ୟା କରିଥିବା ବହୁ ନଜିର ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଦେଖାଦେଇଛି। ଋଣ ଛାଡ଼ ତ ଦୂରର କଥା କୃଷି ପାଇଁ ସାର ବିହନ ମଧ ଯୋଗାଇ ଦିଆଯାଉ ନାହିଁ। ସୁକିନ୍ଦା ଅଞ୍ଚଳରେ ପ୍ରତିଷ୍ଠିତ କାରଖାନାଗୁଡ଼ିକରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁ ନ ଥିବାବେଳେ ହରିଦାସପୁର ନିକଟରେ ନିର୍ମାଣାଧୀନ ରାମ୍କୋ ସିମେଣ୍ଟ କାରଖାନାରେ ମଧ ସ୍ଥାନୀୟ ଅଞ୍ଚଳର ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଏପରି କି ଶ୍ରମିକଙ୍କୁ କାର୍ଯ୍ୟ ନ ମିଳିବାରୁ ରାଜ୍ୟ ବାହାରକୁ ଅନେକ ଯୁବକ ଦାଦନ ଖଟିବାକୁ ଯାଉଛନ୍ତି। କାଳିଆ ଯୋଜନାରେ ୮୦ଭାଗ କୃଷକ ପ୍ରୋତ୍ସାହନ ରାଶି ପାଇ ନ ଥିବାବେଳେ ପ୍ରାୟତଃ ଶତପ୍ରତିଶତ ଭୂମିହୀନ କାଳିଆ ଯୋଜନାରେ ପ୍ରୋତ୍ସାହନ ରାଶି ପାଇ ନାହାନ୍ତି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ସନ୍ତୋଷ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଶ୍ରମିକ ଓ କୃଷକନେତା ଶରତ ମହାନ୍ତି, ରାକେଶ ବରାଳ, ଶରତ ପରିଡ଼ା, ସଦାନନ୍ଦ ମଲ୍ଲ, ଜଗନ୍ନାଥ ବାରିକ, ଅଭିମନ୍ୟୁ ସାହୁ, ଭୀମସେନ ସାହୁ ଜାଗୋ ଭୋଟର ଜାଗୋ ସମ୍ପର୍କରେ ସଚେତନ କରାଇଥିଲେ। କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ

ସୁକିନ୍ଦା, ୨୪।୩(ଡି.ଏନ୍.ଏ.): ସୁକିନ୍ଦା ସାହିତ୍ୟ ସମାଜର ସହଯୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀର ଆମ ଗାଁ ଆମ ସାହିତ୍ୟ କାର୍ଯ୍ୟକ୍ରମ ରବିବାର ସୁକିନ୍ଦାର ଏଜୁକେୟାରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ଏକାଡେମୀର ଜିଲାପ୍ରତିନିଧି ସଂଯୁକ୍ତା ମହାପାତ୍ର ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଗାଳ୍ପିକ ନନ୍ଦ ମହାନ୍ତି ଓ ମୁଖ୍ୟ ବକ୍ତାଭାବେ ପ୍ରାଧାପକ ଶିବ ଚରଣ ମାଝି, ଅତିଥିଭାବେ ଦୁର୍ଯ୍ୟୋଧନ ନାୟକ ସଭାପତି ସୁକିନ୍ଦା ସାହିତ୍ୟ ସମାଜର ଯୋଗ ଦେଇଥିଲେ। ଆମ ଗାଁ ଆମ ସାହିତ୍ୟ ସମ୍ପର୍କରେ ଗୋକୁଳ ବିହାରୀ ପୃଷ୍ଟି, ଅଲେଖ ପ୍ରସାଦ ମହାରଣା, କୁଳମଣି ଦତ୍ତ, ସୁଦାମ ଚରଣ ନାୟକ, ପ୍ରଭାତୀ ରାଉତ, ଲବଙ୍ଗଲତା ପରିଡା, ବୈଲୋଚନ ହୋତା, ସତ୍ୟଜିତ୍ ଦାଶ, ଭୁବନମୋହନ ମହାନ୍ତି, ପ୍ରଫୁଲ୍ଲ କୁମାର ଦାଶ, ସୁଦାମ ନାୟକ ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଶୁଶ୍ରୀ ଶାଶ୍ୱତୀ ଦାଶ ଓ ଶୁଶ୍ରୀ ଅର୍ଚ୍ଚିତା ବାରିକ ସ୍ୱାଗତ ନୃତ୍ୟ ରିବେଷଣ କରିଥିଲେ। ସୁକିନ୍ଦା ସାହିତ୍ୟ ସମାଜ ସମ୍ପାଦକ ହିମାଂଶୁ ଦ୍ୱିବେଦୀ ସ୍ୱାଗତଭାଷଣ ଦେଇଥିଲେ। ଏଜୁକେୟାରର ଅଧକ୍ଷ ମନୋରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେସନରେ କବିତା ପାଠୋତ୍ସବ ପ୍ରଭାତୀ ରାଉତ, ଅନଙ୍ଗପ୍ରଭା ନାୟକ ଓ ଲବଙ୍ଗଲତା ପରିଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା।

## ଥାଲକୁଡ଼ି-ଦିହୁଡ଼ିସାହି ବାଇପାସ୍ ରାସ୍ତା

# ୪ ବର୍ଷ ବିତିଲା, ସରିଲାନି ଜମି ଅଧିଗ୍ରହଣ

ଦଶରଥପୁର,୨୪।୩(ଡି.ଏନ୍.ଏ.)



■ଜମି ଅଧିଗ୍ରହଣ ବାବଦ ୧୨ କୋଟି ୭ ଲକ୍ଷ ୮୪ ହଜାର ଟଙ୍କା ଅନୁମୋଦନ
■କାମ ଆରମ୍ଭର ୨ ମାସ ପରେ ବି ଲଗାଯାଇନି ଫଳକ
■ନିମ୍ନମାନର ମାଟି, ମେଟାଲ ଓ ଚିପ୍ସ ବ୍ୟବହାର ଅଭିଯୋଗ

ଦଶରଥପୁର ବ୍ଲକ୍‌ର ପ୍ରମୁଖ ବ୍ୟବସାୟ କେନ୍ଦ୍ର କୁହାଯାଉଥିବା ମଙ୍ଗଳପୁର ବଜାରର ଟ୍ରାଫିକ୍ ସମସ୍ୟାକୁ ଦୂର କରିବା ପାଇଁ ଥାଲକୁଡିଠାରୁ ବଜାରର ଶେଷ ଦିହୁଡିସାହି ପର୍ଯ୍ୟନ୍ତ ଚାଷ ଜମିଦେଇ ଏକ ବାଇପାସ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। ହେଲେ ଏହି ବାଇପାସ ରାସ୍ତାର କାର୍ଯ୍ୟ ଆରମ୍ଭରୁ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହୋଇପଡିଥିବା ସାଧାରଣରୁ ଶୁଣିବାକୁ ମିଳୁଛି। ନିର୍ମାଣାଧୀନ ରାସ୍ତା ପାଇଁ ଠିକାଦାର ସ୍ଥାନୀୟ କେତେଜଣ ଲୋକଙ୍କୁ ହାତକରି ସେମାନଙ୍କୁ ଅର୍ଥ ଦେଇ ବେଆଇନଭାବେ ଅନାବାଦୀ, ଗୋଚର ଏବଂ ଠାକୁରଙ୍କ ନାଁରେ ଥିବା ଜମିରୁ ଦୈନିକ ହଜାର ହଜାର ଟ୍ରିପ ମାଟି ଲୁଟ୍ କରୁଥିବା ସ୍ଥାନୀୟ ଲୋକେ ଗତ ୧୦ରେ ଦଶରଥପୁର ତହସିଲଦାର ଜ୍ୟୋତିପ୍ରକାଶ ମହାନ୍ତିଙ୍କ ନିକଟରେ ଅଭିଯୋଗ କରିଥିଲେ।

୫ ନଂ. ଜାତୀୟ ରାଜପଥର ଷଠିପୁରଠାରୁ ଭାୟା ମଙ୍ଗଳପୁର ବଜାର ଦେଇ କୟାଁଗୋଲା ପର୍ଯ୍ୟନ୍ତ ରାସ୍ତାଟି ପ୍ରଥମ ପର୍ଯ୍ୟାୟରେ ଆର୍‌ଆଣ୍ଡବି ଅଧୀନରେ ଥିଲା। ୨୦୦୪-୦୫ ଆର୍ଥିକ ବର୍ଷରେ ଉକ୍ତ ରାସ୍ତାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫୬ ନଂ. ରାଜ୍ୟ ରାଜପଥର ମୋହର ଲାଗିଥିଲା। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ ଚଉଡା ସହ ସମ୍ପ୍ରସାରଣ କରାଯିବାରୁ ପ୍ରାୟ ଅଧିକାଂଶ ବ୍ୟବସାୟ ପ୍ରତିଷ୍ଠାନକୁ ରାସ୍ତା ଲାଗିଯାଇଥିଲା। ଫଳରେ ପାର୍କି ପାଇଁ ଜାଗା ନ ରହିବାରୁ ବଜାରର ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଏହାକୁ ଦୃଷ୍ଟିରେ ରଖି ଏହି ବଜାରର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ବାଇପାସ ନିର୍ମାଣ ପାଇଁ ବହୁ ସମୟରେ ଦାବି ହୋଇଆସୁଥିଲା। ତେବେ ୨୦୧୪-୧୫ରେ ଆର୍‌ଆଣ୍ଡବିର ପ୍ରିନ୍ସିପାଲ ସେକ୍ରେଟାରି ଏଠାରେ ଏକ ବାଇପାସ ନିର୍ମାଣ ଲାଗି ପ୍ଲାନ୍‌କୁ ଅନୁମୋଦନ କରିଥିଲେ। ବ୍ୟକ୍ତିଗତ ମୁଚାଲିକାରେ ଥିବା ଚାଷ ଜମିଦେଇ ୨ କି.ମି. ୮୬୦ ମି. ଜମି ଅଧିଗ୍ରହଣ ବାବଦେ ୧୨ କୋଟି ୭ ଲକ୍ଷ ୮୪ ହଜାର ଟଙ୍କା ଅନୁମୋଦନ କରିଥିଲେ। ନିର୍ମାଣାଧୀନ ରାସ୍ତା ପାଇଁ ଜମି ଉପରେ ପିଲାର ବସାଯାଇ ଚିହ୍ନଟ ହୋଇସାରିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଅସହଯୋଗିତା କାରଣରୁ ବହୁ ଜମି ମାଲିକଙ୍କଠାରୁ ଏଯାବତ୍ ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଅନେକ ମାଲିକ ଜମି ବାବଦ ଅର୍ଥ ପାଇ ନ ଥିବାରୁ କେଉଁ ମୁହୂର୍ତ୍ତରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇ କାମ ବନ୍ଦ କରିବେ ଏହାକୁ ଏଡାଇ ଦିଆଯାଇ ନ ପାରେ। ଆର୍‌ଏଣ୍ଡବି ଅଧୀନରେ ଚାଲିଥିବା ଏହି କାମକୁ ଡିଭାଇନ୍ କନ୍‌ଷ୍ଟ୍ରକ୍ସନ କମ୍ପାନୀ ୪ କୋଟି ୯୭ ଲକ୍ଷ ଟଙ୍କାରେ ଠିକା ନେଇଥିବାବେଳେ କାମ ଆରମ୍ଭରୁ ଦୁର୍ନୀତି କରିଥିବା ନେଇ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଚାଷଜମି ଉପରେ ମାଟି ପକାଇ ରାସ୍ତା ନିର୍ମାଣ ହେଉଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କାମରେ ବାଲିଆ ମାଟି କିମ୍ବା ନିଦାମାଟି ବ୍ୟବହାର କରାଯିବାକୁ ନିୟମ ରହିଛି। ଏଥିସହ ଭାରିଯାନ ଚଳାଚଳ ଉଦ୍ଦେଶ୍ୟରେ ନିର୍ମାଣ ହେଉଥିବା ଉକ୍ତ ରାସ୍ତା ପାଇଁ ଠିକାଦାର ସ୍ଥାନୀୟ ଅଞ୍ଚଳରୁ ଅନାବାଦୀ, ଗୋଚର ଏବଂ ଠାକୁର ସମ୍ପତ୍ତି ଥିବା ଖାଲୁଆ, ପୋଖରୀ ଓ କେଲୁଆ କାଦୁଆ ମାଟିକୁ ଶସ୍ତାରେ କିଣି ରାସ୍ତାରେ ପକାଉଛନ୍ତି। ନିର୍ମାଣର କିଛିଦିନ ମଧ୍ୟରେ ନିଶ୍ଚିତରୂପେ ରାସ୍ତା ଦବିଯିବାର ଆଶଙ୍କା ରହିଛି। ଏଥିସହ ବର୍ତ୍ତମାନ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା କଲଭର୍ଟରେ ଅତି ନିମ୍ନମାନର ମେଟାଲ ଓ ଚିପ୍ସ ବ୍ୟବହାର ହୋଇଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ଜୁନ୍ ୨୦୧୮ରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ୨୦୧୯ ଜାନୁୟାରୀରେ ଶେଷ ହେବାକୁ ଥିବାବେଳେ ଅବଧି ସରିବା ସମୟରେ କାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼ିଛି। ୨ ମାସରୁ ଊର୍ଦ୍ଧ୍ୱ ହେବ କାମ ଆରମ୍ଭ ହୋଇଥିବାବେଳେ କୌଣସି ସ୍ଥାନରେ କାମ ସମ୍ପର୍କରେ ଏକ ସୂଚନା ଫଳକ ଲଗା ନ ଯିବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସତ୍ୟ ମହାନ୍ତିଙ୍କୁ ପଚାରିବାରୁ, ଖରାପ ମାଟି ଆସିଲେ ତାକୁ ଫେରାଇ ଦେଉଥିବା କହିଥିଲେ। ସୂଚନା ଫଳକ ଲଗା ନ ଯିବା ଓ ନିମ୍ନମାନର ଢଳାଇ ବିଷୟରେ ପଚାରିବାରୁ, ଶୀଘ୍ର ଫଳକ ଲଗାଯିବ ବୋଲି କହିବା ସହ ଢଳାଇ କଥା କିଛି ନ କହି ପ୍ରଶ୍ନକୁ ଏଡ଼ାଇ ଯାଇଥିଲେ।

### ବିଭିନ୍ନ ସ୍ଥାନରେ ମେଳଣ ଅନୁଷ୍ଠିତ

ଧର୍ମଶାଳା ୨୪।୩(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକରେ ବିଭିନ୍ନ ସ୍ଥାନରେ ରାଧକୃଷ୍ଣଙ୍କ ମିଳନ ପର୍ବ ମେଳଣ ଅନୁଷ୍ଠିତ ହୋଇଛି। ଏହି ବ୍ଲକ ଅନ୍ତର୍ଗତ ନାକପୋଲଠାରେ ଶୁକ୍ରବାର ସନ୍ଧ୍ୟାରେ ମେଳଣ ଅନୁଷ୍ଠିତ ହୋଇ ଶନିବାର ଅପରାହ୍ନ ୨ଟାରେ ଶେଷ ହୋଇଥିଲା। ଗଙ୍ଗାଧରପୁରର ଠାକୁର ଥାନପତି ଭାବେ ଯୋଗ ଦେଇଥିଲେ। ଏଥିରେ କଣିପାଟିଆ, ଗୋପାଳପୁର, ବଙ୍ଗାଳିସାହି, ବାଜବାଟୀ, ଉତିମରା ଓ ଗଡମଧୁପୁର ଠାକୁର ସମେତ ୩୦ ବିମାନ ଯୋଗଦେଇ ହୋଲି ଖେଳି ଚାରାକୁ ଆସିଥିଲେ। ନାକପୋଲ ମେଳଣ କମିଟି ପକ୍ଷରୁ ଠାକୁରଙ୍କୁ ଭୋଗ ଖୁଆଇ ବିଦା କରାଯାଇଥିଲା । ସେହିପରି ଏହି ବ୍ଲକ ଅନ୍ତର୍ଗତ୨୧ତାରିଖ ନଣ୍ଡାମହାଦେବ ମେଳଣ ଚୋରମୁହାଁ ଓ ୨୨ତାରିଖରେ ସୁନ୍ଦରିଆ, ନେଉଳପୁର ମେଳଣ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ସ୍ଥାନରେ ଜନସମାଗମକୁ ଦେଖି ଧର୍ମଶାଳା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଶନିବାର ସନ୍ଧ୍ୟାରେ ବଡ଼କାଏମା ଓ ମାଳହାଟ ମେଳଣ ଅନୁଷ୍ଠିତ ହେବ। ଐତିହାସିକ ଧର୍ମଶାଳା ମେଳଣ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକ୍ରମ ସ୍ଥିର ହୋଇଛି।

## ଜୋନ୍‌ସ୍ତରୀୟ କଂଗ୍ରେସ କର୍ମୀ ସମାବେଶ



ସମାବେଶରେ ସାମିଲ କଂଗ୍ରେସ କର୍ମୀ।

ସିଂହପୁର,୨୪।୩(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ କଂଗ୍ରେସ ୨୮ ନଂ. ଜୋନର ଜରୀ ବାଙ୍ଗରା ମଧ୍ୟସ୍ଥ ନନ୍ଦବଗିଚାଠାରେ ରବିବାର ଜୋନ୍‌ସ୍ତରୀୟ କଂଗ୍ରେସର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜୋନ୍ ସଭାପତି ଭୁବନାନନ୍ଦ ସାମଲଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା କଂଗ୍ରେସ ସଭାପତି ଶିଶିର କୁମାର ନାୟକ ଯୋଗଦେଇଥିଲେ। ତୃଣମୂଳସ୍ତରରୁ ସମସ୍ତ କଂଗ୍ରେସ କର୍ମୀ ଏକାଠି ହେଲେ ବିଜେଡି ଓ ଭାଜପା ସରକାର ହଟିବାକୁ ସମୟ ଲାଗିବ ନାହିଁ ବୋଲି କହିଥିଲେ। କଂଗ୍ରେସ ସମୟରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପୂର୍ବତନ ସଭାପତି ନାୟକ ବକ୍ତବ୍ୟ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ର, ଦେବେନ୍ଦ୍ର ପଣ୍ଡା, ଉପସଭାପତି ଶ୍ୟାମସୁନ୍ଦର କର, ଗୋବିନ୍ଦ ପରିଡା, ମହେନ୍ଦ୍ର ମଲିକ, ସମ୍ପାଦକ କୁଞ୍ଜ ବିହାରୀ ବେହେରା, ମନୋଜ ସାମଲ, ବିଧାର ମଲିକ, ସୁଦାମ ସାମଲ, ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାନେତ୍ରୀ ସୁଲୋଚନା ଦାସ, ନବକିଶୋର ଜେନା, ବ୍ରଜକିଶୋର ଦାସ, ରାଜେନ୍ଦ୍ର ରାଉତ, ଘନଶ୍ୟାମ ସାହୁ, ପ୍ରବୋଧ ନାୟକ, ଗୁଲସନ ଅଲୀ ଖାଁ, ଧନେଶ୍ୱର ସାମଲ, ପ୍ରଫୁଲ୍ଲ ନନ୍ଦ ପ୍ରମୁଖ ଯୋଗଦେଇ ବିଜେଡି ଓ ଭାଜପାକୁ ସମାଲୋଚନା କରିଥିଲେ। ଏହି ସମାବେଶରେ ଜରୀ ଗ୍ରାମର ସିନ୍ଧୁ ମଲିକ, ପ୍ରଫୁଲ୍ଲ ମଲିକ, ବିଶ୍ୱରଞ୍ଜନ ମଲିକ, ହେମନ୍ତ ମଲିକ, ପ୍ରବୀର ମଲିକ, ବିକାଶ ମଲିକ ଓ ଆଉଁରୀର ସ୍ନେହଲତା ସାହୁ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଛନ୍ତି। ସୁଧାଂଶୁ ଶେଖର ପଟ୍ଟନାୟକ, ଉଦୟ ପଲେଇ, ନାରଦ ମଲିକ, ଗଜିନ୍ଦ୍ର ଦାସ, ଗଗନ ସାମଲ, ସୁଧାକର ମଲିକ, ଚକ୍ରଧର ନାୟକ ପ୍ରମୁଖ ସଂଯୋଜନା କରିଥିଲେ।

### ଥାଲକୁଡ଼ି ଗ୍ରାମରେ ଗୋପବନ୍ଧୁ ପୂଜା

ଦଶରଥପୁର,୨୪।୩(ଡି.ଏନ୍.ଏ.)

ଦଶରଥପୁର ବ୍ଲକ ଅନ୍ତର୍ଗତ ଥାଲକୁଡି ପଞ୍ଚାୟତ ଥାଲକୁଡି ଗ୍ରାମରେ ଗୋପାଳ ସମ୍ପ୍ରଦାୟଙ୍କ ପକ୍ଷରୁ ଦୀର୍ଘ ୬୫ ବର୍ଷ ହେବ ଏକ ପାରମ୍ପରିକ ରୀତିରେ ଗୋପବନ୍ଧୁଙ୍କ ବାର୍ଷିକ ପୂଜା ପାଳିତ ହୋଇଆସୁଛି। ପ୍ରତିବର୍ଷ ବିରଜା ପଞ୍ଜିକା ହିସାବରେ ହୋଲିଠାରୁ ଠାକୁରଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ ହୋଇ ୪ ଦିନ ବ୍ୟାପୀ ରୀତିନୀତିରେ ପୂଜାବିଧି ଅନୁଷ୍ଠିତ ହୋଇଥାଏ। ଏହି ଉପଲକ୍ଷେ ଗୋପାଳଙ୍କ ଘରେ ପିଠାପଣାର ଆସର ସାଙ୍ଗକୁ ବନ୍ଧୁଙ୍କ ଆଗମନ ହୋଇଥାଏ। ଦେଶବିଦେଶରେ ଚାକିରି କରିଥିବା ପିଲାମାନେ ଘରକୁ ଆସି ପୂଜାରେ ସାମିଲ ହୋଇଥାଆନ୍ତି। ଗ୍ରାମର ଅନ୍ୟ ଜାତିର ଲୋକଙ୍କ ଘରେ ମଧ ଖୁସିର ବାତାବରଣ ସୃଷ୍ଟି ହୋଇଥାଏ। ଠାକୁରଙ୍କ ବାର୍ଷିକ ପୂଜା ଓ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମ ଲାଗି ୩୫ ଗୋପାଳ ପରିବାର ପୂର୍ଣ୍ଣ ସହଯୋଗ କରିଥାନ୍ତି ବୋଲି କମିଟି ସଭାପତି ଗୌରହରି ବାରିକ୍, ସମ୍ପାଦକ ବିଷ୍ଣୁଚରଣ ଦାସ କହିଛନ୍ତି। ଚଳିତବର୍ଷ ୨୧ ତାରିଖରେ ମୃଣ୍ମୟୀ ମୂର୍ତ୍ତି ପୂଜା ଅନୁଷ୍ଠିତ ହୋଇଥିବା ବେଳେ ୨୫ ତାରିଖରେ ଠାକୁରଙ୍କୁ ଜଳ ଲାଗି ସହ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଶୁକ୍ରବାର ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲାବେଳେ ଶନିବାର ସନ୍ଧ୍ୟାରେ କଳାବିକାଶ କେନ୍ଦ୍ର ଥାଲକୁଡି ପକ୍ଷରୁ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।



## ପୁରୁଖା ଭାଜପା କର୍ମୀଙ୍କ ବୈଠକ

# ଅମରଙ୍କ ପ୍ରାର୍ଥିତ୍ୱକୁ ବିରୋଧ

ଚଣ୍ଡିଖୋଲ,୨୪।୩(ଡି.ଏନ.ଏ.)



ବୈଠକରେ ଉପସ୍ଥିତ ଭାଜପା କର୍ମୀ।

୨୦୧୯ ବିଧାନସଭା ନିର୍ବାଚନ ପାଇଁ ବଡ଼ଚଣା ନିର୍ବାଚନମଣ୍ଡଳୀରୁ ଭାଜପା ଅମର ନାୟକଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ପୁରୁଖା ଭାଜପା କର୍ମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୨୦୧୪ ନିର୍ବାଚନରେ ଏଠାରେ ପ୍ରାର୍ଥୀ ହୋଇଥିବା ସିମନ୍ତିନୀ ଜେନାଙ୍କୁ ଏଥର ଟିକେଟ ନ ମିଳିବାରୁ ସେ ଓ ତାଙ୍କ ସହଯୋଗୀ ସିଧାସଳଖ ଅମରଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଛନ୍ତି। ଏ ନେଇ ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳା ପଞ୍ଚାୟତ ବ୍ରାହ୍ମଣୀଦେବୀ ଠାକୁରାଣୀ ପୀଠରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତା ନାରାୟଣ ଚନ୍ଦ୍ର ସାମଲ ଅଧ୍ୟକ୍ଷତା କରିଥିଲେ। ଦଳୀୟ କର୍ମୀ ସିମନ୍ତିନୀ ଜେନାଙ୍କୁ ପ୍ରାର୍ଥୀ କରିବାକୁ ରାଜ୍ୟ ନେତୃତ୍ୱଙ୍କ ପାଖରେ ଦାବି କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ନଚେତ୍ ସେମାନେ ସିଧାସଳଖ ଅମର ନାୟକଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିବେ ଓ ଆବଶ୍ୟକସ୍ଥଳେ ଦଳ ଛାଡ଼ିବେ ବୋଲି ଘୋଷଣା କରିଥିଲେ। ସିମନ୍ତିନୀ ଜେନାଙ୍କ ନେତୃତ୍ୱରେ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ସଫଳତା ହାସଲ କରି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ସହ ୩୦ ହଜାରରୁ ଅଧିକ ଭୋଟ ବଡ଼ଚଣାରୁ ପାଇଥିଲେ। ତେବେ ପଞ୍ଚାୟତ ନିର୍ବାଚନ ପରେ ଅମର ନାୟକଙ୍କୁ ଦଳରେ ମିଶାଯାଇଥିଲା। ନୂତନ ଭାବେ ଆସିଥିବା ନାୟକଙ୍କୁ ଏବେ ଦଳ ଟିକେଟ ଦେଇଥିବା ଦୀର୍ଘଦିନ ଧରି କାମ କରୁଥିବା ପୁରୁଖା ନେତା ଓ କର୍ମୀଙ୍କୁ ଅପମାନ ବୋଲି ସେମାନେ ଅଭିଯୋଗ କରିଥିଲେ। ଏଥିସହ ପ୍ରାର୍ଥିତ୍ୱର ପୁନଃ ବିଚାର କରି ସିମନ୍ତିନୀଙ୍କୁ ଏଠାରୁ ଦଳୀୟ ପ୍ରାର୍ଥୀ କରିବା ପାଇଁ ଦାବି କରିଥିଲେ। ନିର୍ବାଚନ ପୂର୍ବରୁ ଭାଜପାରେ ଏପରି ବିଦ୍ରୋହ ଆଗକୁ କେଉଁ ମୋଡ଼ ନେଉଛି, ତାହା ଦେଖିବାକୁ ରାଜନୈତିକ ମହଲରେ ଅପେକ୍ଷା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପରିଷଦ ସଦସ୍ୟ ଉଦୟନାଥ ସାହୁ, ରମାକାନ୍ତ ଖୁଣ୍ଟିଆ, ରାଇଚରଣ ସେଠୀ, ଦେବରଞ୍ଜନ ସ୍ୱାଇଁ, ବିଜୟ କୁମାର ସାହୁ, ସନ୍ନ୍ୟାସ କୁମାର ବ୍ରହ୍ମ, କିଶୋର କୁମାର ବାରିକ, ସ୍ୱପ୍ନାରାଣୀ ସ୍ୱାଇଁ, ଶ୍ରୀକାନ୍ତ କୁମାର ସାମଲ, ପ୍ରଦ୍ୟୁମ୍ନ କୁମାର ଓଝା, ରଞ୍ଜିତ ବଳ, ଅମରେଶ ନନ୍ଦ ପ୍ରମୁଖ ବହୁ ଆଗଧାଡ଼ିର କର୍ମୀ ଯୋଗଦେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

# କେନ୍ଦ୍ର ସରକାରଙ୍କୁ ବିଜେଡିର ସମାଲୋଚନା

ଚଣ୍ଡିଖୋଲ,୨୪।୩(ଡି.ଏନ୍.ଏ.)

ବଡ଼ଚଣା ଯୁବ ଓ ଛାତ୍ର ବିଜେଡି ତରଫରୁ ଗୁରୁବାର ଚଣ୍ଡିଖୋଲ ଛକଠାରେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବ୍ଲକ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳଙ୍କ ଅଧ୍ୟକ୍ଷତାରେ ବୁଦ୍ଧ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ଯୁବ ଓ ଛାତ୍ର ବିଜେଡି କେନ୍ଦ୍ର ସରକାରଙ୍କ ଦୋମୁହାଁ ନୀତିର ତୀବ୍ର ସମାଲୋଚନା କରିଥିଲେ। ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳା ସମ୍ପର୍କରେ କହିବା ସହ ରେଳବାଇ କ୍ଷେତ୍ରରେ ଅବହେଳା ସମ୍ପର୍କରେ ଗର୍ଜନ କରିଥିଲେ। ୨ ଲକ୍ଷ ବେକାର ଯୁବକଙ୍କୁ ନିଯୁକ୍ତି ଦେବାରେ କେନ୍ଦ୍ର ବିଫଳ ହୋଇଥିବା କହିଥିଲେ। ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଛାତ୍ର ବିଜେଡି ସଭାପତି ଯତୀନ୍ଦ୍ର ନାୟକ, ଉପସଭାପତି ନିରଞ୍ଜନ ସେନାପତି, ଜିଲା ପରିଷଦ ସଭ୍ୟ ବିନୋଦିନୀ ସାହୁ, ସୁମତୀ ବାସ୍କେ, ଆଶିଷ ରଞ୍ଜନ ଚୌଧୁରୀ, ସଞ୍ଜୟ କୁମାର ସ୍ୱାଇଁ, ପବନେଶ୍ୱର ଜେନା, ଶ୍ରୀବସ୍ତ ବିଶ୍ୱାଳ, ମସିର ଆଲାମ, ରଞ୍ଜିତ ସିଂହ, ଅନନ୍ତ କିଶୋର ଜେନା, ଅଶ୍ୱିନୀ କୁମାର ବଳ, ନବଦ୍ୱୀପ ନାୟକ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଶେଷରେ ଯୁବ ବିଜେଡି ଉପସଭାପତି ଅମ୍ବିକା ପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ନାମାଙ୍କନ ପତ୍ର ଦାଖଲ ନିୟମାବଳୀ ସମ୍ପର୍କିତ ଆଲୋଚନାଚକ୍ର

ଯାଜପୁର ଅଫିସ,୨୪।୩

ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ପରିଚାଳନା କରିବା ନେଇ ଶନିବାର ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ନାମାଙ୍କନ ପାଇଁ ସମସ୍ତ ନିର୍ବାଚନ ଅଧିକାରୀ ଓ ସହକାରୀ ନିର୍ବାଚନ ଅଧିକାରୀ ନିୟମାବଳୀକୁ ବ୍ୟାପକଭାବେ ଅଧ୍ୟୟନ ସହ ମକ୍ ନାମାଙ୍କନ ପ୍ରକ୍ରିୟା ମାଧ୍ୟମରେ ଦକ୍ଷତା ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ। ଅଧିକାରୀ ବା କର୍ମଚାରୀଙ୍କ ମଧ୍ୟରେ ରହିଥିବା ସମସ୍ୟାକୁ ଦୂର କରାଯାଇପାରିବ। ଏଥିସହ ନାମାଙ୍କନ ପତ୍ର ଦାଖଲ ସମୟରେ ପ୍ରାର୍ଥୀ ଯେପରି ଠିକ୍‌ଭାବେ ନାମାଙ୍କନ ପତ୍ର ଦାଖଲ କରିପାରିବେ, ସେଥିରେ ସହଯୋଗ କରିବାକୁ ପ୍ରତ୍ୟେକଙ୍କୁ ଅନୁରୋଧ କରିଥିଲେ। ସେହିପରି ଆୟୋଗ ଧାର୍ଯ୍ୟ କରିଥିବା ନିୟମାବଳୀ ଆଧାରରେ ପ୍ରାର୍ଥୀମାନେ ସମସ୍ତ କାଗଜପତ୍ର ଆଣିବା, ପାନ୍ ନଂ. ଉଲ୍ଲେଖ କରିବା, ସ୍ୱତନ୍ତ୍ର ଭାବେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା, ବାଲଟ ପେପର ପାଇଁ ନଗଦ ଫଟୋ ପ୍ରଦାନ, ନିଜ ଅପରାଧିକ ସତ୍ୟପାଠ ପ୍ରଦାନ ସହ ସମସ୍ତ ତଥ୍ୟକୁ ଗଣମାଧ୍ୟମରେ ପ୍ରକାଶ କରିବା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ପ୍ରାର୍ଥୀପତ୍ର ପ୍ରଦାନ ଦିନ ପ୍ରାର୍ଥୀମାନେ ୩ ଗାଡ଼ି ବ୍ୟବହାର କରିବା, ସର୍ବାଧିକ ୩ ଜଣ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ଉପସ୍ଥିତ ରହିବା ଉପରେ ଜିଲାପାଳ ଦାସ ଆଲୋକପାତ କରିଥିଲେ। ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ରହି ନାମାଙ୍କନ ପତ୍ର ଦାଖଲର ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ବିଭିନ୍ନ ନିର୍ବାଚନମଣ୍ଡଳୀର ସହକାରୀ ନିର୍ବାଚନ ଅଧିକାରୀଭାବେ କାର୍ଯ୍ୟ ନିର୍ବାହ କରିବାକୁ ଥିବା ଡେପୁଟି କଲେକ୍ଟର କାଜଲ ପ୍ରଧାନ, ପ୍ରଜ୍ଞା ହୋତା, ସମସ୍ତ ବିଡିଓ, ତହସିଲଦାର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଟିକେଟକୁ ନେଇ ଦ୍ୱନ୍ଦ୍ୱରେ ଆଶାୟୀ

ବରୀ/ରତ୍ନଗିରି, ୨୪।୩(ସ୍ୱ.ପ୍ର./ଡି.ଏନ୍.ଏ.)

**ବରୀ ବିଜେଡି ରାଜନୀତି**

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବରୀ ନିର୍ବାଚନମଣ୍ଡଳୀରେ ଭାଜପା ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପ୍ରାର୍ଥୀ ଘୋଷଣା କରିଥିବାବେଳେ ବିଜେଡି ଓ କଂଗ୍ରେସ ପକ୍ଷରୁ ରବିବାର ସୁଦ୍ଧା ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ବିଶେଷକରି ବିଜେଡି କାହାକୁ ଟିକେଟ ଦେବ, ସେ ନେଇ ଆଶାୟୀ ଓ ଭୋଟର ଦ୍ୱନ୍ଦ୍ୱରେ ରହିଛନ୍ତି। ଏହି ଅବସରରେ ବିଜେଡିର ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିବା ରାଜ୍ୟ ବିଜେଡି ମୁଖପାତ୍ର ବିଜୟ ନାୟକଙ୍କ ସମର୍ଥନରେ ରବିବାର ଯୁବ ଛାତ୍ର ସଂଗଠନ ବାହାରିଥିବା ଦେଖିବାକୁ ମିଳିଛି। ଏ ନେଇ କଳାମାଟିଆ ଶହୀଦ ପୀଠ ନିକଟରୁ ଶହଶହ ସଂଖ୍ୟାରେ ଯୁବ ଛାତ୍ରୀଛାତ୍ର ବାଇକ୍ ଶୋଭାଯାତ୍ରାରେ ସୁଜନପୁର ପର୍ଯ୍ୟନ୍ତ ଆସି ବରୀରେ ବିଜୟଙ୍କୁ ପ୍ରାର୍ଥୀ କରିବା ପାଇଁ ଦାବି କରିଥିବା ଦେଖିବାକୁ ମିଳିଛି। କଳାମାଟିଆରୁ ୧୫ କି.ମି. ସୁଜନପୁର ପର୍ଯ୍ୟନ୍ତ ବାଇକ ଶୋଭାଯାତ୍ରା କରାଯାଇ ବିଜୟ ନାୟକ ଜିନ୍ଦାବାଦ୍ ସ୍ଲୋଗାନ ଦିଆଯାଇଥିଲା, ଯାହାକି ବରୀ ବିଜେଡି ରାଜନୀତିକୁ ସରଗରମ କରିଛି। ସୌମ୍ୟ ଜେନା, ଅଶୋକ ଜେନା, ସୁଶାନ୍ତ ଦାସ, ରବୀନ୍ଦ୍ର ବେଉରିଆ, ଅସିଦ ମଲ୍ଲିକ, ନୀଳମଣି ଜେନା, ଗୀତାଞ୍ଜଳି ରାଉତ, ସୁଦୁପ୍ତ ସାମଲ, ରମେଶ ଜେନା, ବିଶ୍ୱଜିତ ରାଉତ ପ୍ରମୁଖ ଯୁବ ଛାତ୍ରୀଛାତ୍ର ଏହାର ନେତୃତ୍ୱ ନେଇଥିଲେ। ବିଜେଡିର ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଥିବା ନେଇ ଭୋଟର ନୀରବତା ଅବଲମ୍ବନ କରୁଛନ୍ତି। ଅପରପକ୍ଷେ ଯୁବଛାତ୍ର ଗୋଷ୍ଠୀ ବିଜୟଙ୍କ ପାଇଁ ଅଣ୍ଟା ଭିଡିବା ବରୀ ବିଜେଡି ରାଜନୀତିରେ ଅସ୍ଥିରତା ସୃଷ୍ଟି କରିଛି। ଏଥିସହ କଂଗ୍ରେସରୁ ଆସି ବିଜେଡିରେ ଯୋଗଦାନ କରି ମୁଖପାତ୍ର ହୋଇଥିବା ସୁଲୋଚନା ଦାସ, ଅନ୍ୟତମ ମହିଳା ନେତ୍ରୀ ସୁଲୋତା ଦେଓ, ଛାତ୍ର ନେତା ମନୋଜ ନାୟକ, ବରୀ ବିଧାୟକ ଦେବାଶିଷ ନାୟକ ଟିକେଟ ପାଇଁ ଆଶାୟୀ ଥିବାବେଳେ ବରୀ ବ୍ଲକ ଅଧକ୍ଷା ସୁନନ୍ଦା ଦାସଙ୍କୁ ବିଜେଡିରେ ମିଶାଇବା ପରେ ତାଙ୍କୁ ହିଁ ଟିକେଟ ଦିଆଯିବ ବୋଲି ଆଲୋଚନା ହେଉଛି। ଚଳିତ ନିର୍ବାଚନ ପାଇଁ ବିଜେଡି ମହିଳା କାର୍ଡ ଖେଳିପାରେ ବୋଲି ଆଲୋଚନା ହେଉଥିଲାବେଳେ ବରୀ ବିଧାୟକ ଦେବାଶିଷ ନାୟକଙ୍କ ସ୍ତ୍ରୀ ସୁଜାତା ନାୟକ ବରୀ ବିଜେଡି ଟିକେଟ ପାଇଁ ଆବେଦନ କରିଥିବା ଜଣାପଡିଛି। ବିଜେଡି ରାଜନୀତିରେ ଘଡିକେ ଘୋଡା ଛୁଟୁଛି। କାହାକୁ ପ୍ରାର୍ଥୀ କରିବ, ଭୋଟର ଚାତକ ପରି ଚାହିଁବସିଛନ୍ତି। ବରୀ ବ୍ଲକ ଅଧକ୍ଷା ସୁନନ୍ଦା ଦାସ ପୂର୍ବରୁ ସରପଞ୍ଚ, ସଭ୍ୟା ହୋଇସାରିଛନ୍ତି। ସେ ଭାଜପାର ସମର୍ଥକ ଭାବେ ରହିଥିଲାବେଳେ ତାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସ ପୂର୍ବରୁ ଜିଲା ପରିଷଦ, ସରପଞ୍ଚ, ସଭ୍ୟ ଦାୟିତ୍ୱ ତୁଲାଇ ବରୀରେ ତୃଣମୂଳସ୍ତରରେ ସଂଗଠନକୁ ମଜଭୁତ କରି ଭାଜପାର ସ୍ଥିତିକୁ ସୁଦୃଢ କରିପାରିଥିବା ପରିଲକ୍ଷିତ ହୋଇଛି। କଂଗ୍ରେସର ଯୁବ ନେତା ଉମେଶ ଜେନା, କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ରଙ୍କ ନାଁ ସିଇସି କମିଟିକୁ ଯାଇଥିଲାବେଳେ କଂଗ୍ରେସ ତାହାର ପ୍ରାର୍ଥୀ ଘୋଷଣା କରିନାହିଁ। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ବରୀ-ଡେରାବିଶ ନିର୍ବାଚନମଣ୍ଡଳୀରୁ ୨ ଥର ନିର୍ବାଚିତ ହୋଇଥିଲେ ବରୀ ବିଧାୟକ ଦେବାଶିଷ ନାୟକ। ନୂତନ ଭାବେ ବରୀ ନିର୍ବାଚନମଣ୍ଡଳୀ ଗଠନ ହେବା ପରେ ବିଧାୟକ ନାୟକ ପୁନଶ୍ଚ ବିଜେଡିର ପ୍ରାର୍ଥୀ ହୋଇ ନିର୍ବାଚିତ ହୋଇଥିଲେ। ମାତ୍ର ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବା ନେଇ ଅନିଶ୍ଚିତତା ଥିବାରୁ ଆଗାମୀ ଦିନରେ ସେ ନିର୍ବାଚନ ଲଢିବେ କି ରାଜନୀତିରୁ ସନ୍ନ୍ୟାସ ନେବେ, ତାହା ବରୀ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଅପରପକ୍ଷରେ ବିଜେଡିର ପ୍ରାର୍ଥୀକୁ ନେଇ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି। ଫଳରେ ରାଜ୍ୟ ବିଜେଡି ବରୀ ଆସନକୁ ନେଇ ଦ୍ୱନ୍ଦ୍ୱରେ ଥିବା କୁହାଯାଉଛି।

## ସଂକ୍ଷେପରେ

### ଆଳକଣାରେ ବିଜେଡିର କର୍ମୀ ସମ୍ମିଳନୀ

**ଆଳି,୨୪।୩(ଡି.ଏନ୍.ଏ):** ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ ଅନ୍ତର୍ଗତ ଆଳକଣା ଗ୍ରାମରେ ସରପଞ୍ଚ ପ୍ରତାପ ସାହୁଙ୍କ ନେତୃତ୍ୱରେ ରବିବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ଆଳି ଅଞ୍ଚଳର ଉନ୍ନତି ପାଇଁ ବିଜେଡି ସରକାର ପ୍ରତିଜ୍ଞା ବଦ୍ଧ ବୋଲି ସେ କହିଥିଲେ । ଏହି ଅବସରରେ ଆଳକଣା ଓ ପୋତାମରାଇ ଗ୍ରାମର ଦେବେନ୍ଦ୍ର ମହାନ୍ତି, ମେଜର ପ୍ରଶନ୍ନ ମହାନ୍ତି, ନିରଞ୍ଜନ ମହାନ୍ତି, ପ୍ରଶାନ୍ତ ମହାନ୍ତି, ଅଭିଷେକ ମହାନ୍ତି ଓ ଅନ୍ନପୂର୍ଣ୍ଣା ବିଳାଶଙ୍କ ସମେତ ପ୍ରାୟ ୪୦ରୁ ଉର୍ଦ୍ଧ ପରିବାର ବିଜେଡିରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ୪ନଂ ଜୋନ ଜିଲା ପରିଷଦ ସଭ୍ୟା ସତ୍ୟଭାମା ମଲିକ, ୩ନଂ ଜୋନ ଜିଲା ପରିଷଦ ସଭ୍ୟ ସୁମନ୍ତ ରାଉତ ଓ ବାଲକାଟି ସରପଞ୍ଚ ଦିବାକର ନାୟକ ପ୍ରମୁଖ ଯୋଗଦେଇଥିଲେ ।

### ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**କେନ୍ଦ୍ରାପଡା ଅଫିସ, ୨୪।୩ :** କେନ୍ଦ୍ରାପଡା ବ୍ଲକ ଗାଙ୍ଗପଡା ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ଉପାଧକ୍ଷା ମମତାରାଣୀ ଧଳଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ମହିଳା ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ, ବ୍ଲକ ଅଧକ୍ଷ ଅନାମବନ୍ଧୁ ଧଳ, ବ୍ଲକ ସଭାପତି ଆଲୋକ ସାହୁ ଓ ସୁମିତ୍ରା ପାଢୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଜେଡି ପକ୍ଷରୁ ପଞ୍ଚାୟତ ଅନ୍ତର୍ଗତ ଦୋବନ୍ଧା ଗ୍ରାମରେ ବହୁ ଲୋକଙ୍କ ଘରେ ଶଙ୍ଖ ପୋଷ୍ଟର ଲଗାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ମହିଳା ଅଂଶଗ୍ରହଣ କରିଥିଲେ ।

### ଛାତ୍ର କଂଗ୍ରେସର କମିଟି ଗଠନ

**କେନ୍ଦ୍ରାପଡା ଅଫିସ, ୨୪।୩ :** ଛାତ୍ର କଂଗ୍ରେସର ରାଜ୍ୟ ସଭାପତି ଇତିଶ ପ୍ରଧାନଙ୍କ ଅନୁମୋଦନ କ୍ରମେ କେନ୍ଦ୍ରାପଡା ଜିଲା କମିଟି ଗଠନ କରାଯାଇଛି । ଜିଲା ଛାତ୍ର କଂଗ୍ରେସ ସଭାନେତ୍ରୀ ତାନିୟା ମହାନ୍ତିଙ୍କ ସୂଚନା ଅନୁଯାୟୀ, ସଂଗଠନକୁ ସୁଦୃଢ଼ କରିବା ପାଇଁ ୧୦ ଜଣ ସଂଯୋଜକଙ୍କୁ କମିଟିରେ ଅନ୍ତର୍ଭୁକ୍ତ କରାଯାଇଛି । ସେମାନେ ହେଲେ ବିଶ୍ୱଜିତ ବେଉରା, କ୍ରିଷ୍ଣ ପ୍ରସାଦ ଜେନା, ସନସନସ୍ମିତା ସ୍ୱାଇଁ, ସଙ୍ଗୀତା ଜେନା, ବିନୋଦିନୀ ଭୂୟାଁ, ଅଂଶୁମାନ ବିଶ୍ୱାଳ, ଆଶିଷ ସାମନ୍ତରାୟ, ମାନସରଞ୍ଜନ ଦାସ, କଳିଙ୍ଗ କେଶରୀ ମେକାପ ଓ ଦେବପ୍ରସାଦ ପଣ୍ଡା ।

■ ବାର୍‌ହା ଉପଦ୍ରବ

# ଚିନ୍ତାରେ ଚିନାବାଦାମ ଚାଷୀ

**ମହାକାଳପଡା, ୨୪।୩ (ଡି.ଏନ.ଏ.)**



ଚାଷୀମାନେ ନଷ୍ଟ ହୋଇଥିବା ଫସଲ ଦେଖାଉଛନ୍ତି ।

- ୨୫ ଏକରରୁ ଉର୍ଦ୍ଧ୍ୱ ଜମିରେ ହୋଇଛି ଚିନାବାଦାମ୍ ଚାଷ
- ଗଛ ମୂଳ ତାଡି ନଷ୍ଟ କରି ଦେଉଛନ୍ତି ବାର୍‌ହା
- ରାତିରେ ଅନିଦ୍ରା ରହି କ୍ଷେତ ଜଗୁଛନ୍ତି ଚାଷୀ

ମହାକାଳପଡା ବ୍ଲକ ପେଟ୍‌ଛେଲା ପଞ୍ଚାୟତ ଅନ୍ତର୍ଗତ ସ୍ଥାନୀୟ ନୂଆ କଲୋନୀ ଗ୍ରାମର ପଣାଡିଆରେ ୨୫ ଏକରରୁ ଉର୍ଦ୍ଧ୍ୱ ଚିନାବାଦାମ ଚାଷ ହୋଇଥିଲା । ମାତ୍ର ଏହି ଜମିରେ ଜଙ୍ଗଲୀ ବାର୍‌ହା ପ୍ରବେଶ କରି ଚାଷ ଜମି ନଷ୍ଟ କରୁଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଫସଲ ରକ୍ଷା କରିବା ପାଇଁ ସେମାନେ ରାତି ସାରା ଅନିଦ୍ରା ରହି ଚାଷ ଜମି ଜଗୁଛନ୍ତି।

ମିଳିଥିବା ସୂଚନା ଅନୁସାରେ, ନୂଆ କଲୋନୀ ଗ୍ରାମର ୧୦ଜଣ ଚାଷୀ ୨୫ ଏକର ଜମିରେ ଚିନାବାଦାମ ଚାଷ କରିଛନ୍ତି। ଏଥିରେ ସେମାନେ ପରିବାର ଚଳାଇବାକୁ ଚିନ୍ତା କରୁଥିବା ବେଳେ ଜଙ୍ଗଲୀ ବାର୍‌ହା ସେମାନଙ୍କ ଚିନ୍ତାର କାରଣ ହୋଇଛି। ବିଳମ୍ବିତ ରାତିରେ ନିକଟସ୍ଥ କାଜୁ ଜଙ୍ଗଲରୁ ପ୍ରାୟ ୪୦ରୁ ୫୦ ବାର୍‌ହା ଦଳ ଦଳ ହୋଇ କ୍ଷେତରେ ପ୍ରବେଶ କରି ଗଛ ମୂଳ ତାଡି ନଷ୍ଟ କରି ଦେଉଛନ୍ତି।

ଏନେଇ ଚାଷୀମାନେ ରାତି ସାରା ଅନିଦ୍ରା ରହି ଟର୍ଚ୍ଚ, ନିଆଁହୁଳା ଦେଖାଇବା ସହ ବାଣ ଫୁଟାଇ ସେମାନଙ୍କୁ ଘଉଡ଼ାଇ ଦେଉଛନ୍ତି। ଜମି ପାର୍ଶ୍ୱରେ ମଞ୍ଚା ବାନ୍ଧି ସେମାନେ ବାର୍‌ହା ଜଗିବାକୁ ବାଧ ହେଉଛନ୍ତି। ବହୁ ସମୟରେ ବାର୍‌ହା ଦଳ ସହ ମୁହାଁମୁହିଁ ହୋଇ ବିପଦର ସମ୍ମୁଖୀନ ହେଉଛନ୍ତି। ମାତ୍ର ବନ ବିଭାଗ ପକ୍ଷରୁ ଏନେଇ କୌଣସି ସହାୟତା ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଚାଷୀଙ୍କୁ ଓ ଜମିକୁ ସୁରକ୍ଷା ଯୋଗାଇ ଦେବାନିମନ୍ତେ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏହି ସମସ୍ୟା ସମ୍ପର୍କରେ ମହାକାଳପଡା ବନାଞ୍ଚଳ ଅଧିକାରୀ ତଥା ଏସିଏଫ୍ ବିଜୟ କୁମାର ପରିଡାଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯିବ ବୋଲି ଦିଜେନ୍ଦ୍ର ଲାଲ ଦେବନାଥ, ବାବୁଲାଲ ଦେବନାଥ, ଭୂଷଣ ବେହେରା, ରମଣୀ ଦେବନାଥ, ଜଗୁ ଦେବନାଥ ପ୍ରମୁଖ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ, ଦୀର୍ଘ ୨୦ ବର୍ଷ ହେବ ସେମାନେ ଏଠାରେ ଚିନାବାଦାମ ଚାଷ କରି ଆସୁଛନ୍ତି। ଏହି ଚାଷରେ ଏକର ପ୍ରତି ଜଳସେଚନ ବ୍ୟୟ ବାବଦରେ ୫ ହଜାର ଓ ଅନ୍ୟାନ୍ୟ ବ୍ୟୟ ବାବଦରେ ୨୦ରୁ ୨୫ ହଜାର ଟଙ୍କା ବ୍ୟୟ ହୋଇଥାଏ। ପରେ ଏକର ଜମିରେ ପ୍ରତି ୧୫ କୁଇଣ୍ଟାଲ ଚିନାବାଦାମ ଅମଳ ହୋଇଥାଏ। ପ୍ରତି କୁଇଣ୍ଟାଲ ପ୍ରତି ପ୍ରାୟ ୫ ହଜାର ଟଙ୍କା ଦରରେ ଚିନା ବାଦାମ ବିକ୍ରି ହୋଇଥାଏ। ଏଭଳି ସ୍ଥିତିରେ ଜଙ୍ଗଲୀ ବାର୍‌ହାଙ୍କ ଉପଦ୍ରବ ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି।

ଏ ସମ୍ପର୍କରେ ମହାକାଳପଡା ବନାଞ୍ଚଳ ଅଧିକାରୀ ପରିଡା କହିଛନ୍ତି, ସ୍ଥାନୀୟ ଚାଷୀଙ୍କଠାରୁ ଅଭିଯୋଗ ମିଳିଲା ପରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ।

## କଂଗ୍ରେସର ନିର୍ବାଚନ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ ।

**ରାଜନଗର, ୨୪।୩ (ଡିଏନଏ)**

ରାଜନଗର ବ୍ଲକ କଂଗ୍ରେସ ପକ୍ଷରୁ ରବିବାର ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ଚୌଧୁରୀ ରବିନ୍ଦ୍ର କୁମାର ରାଉତରାୟଙ୍କ ପୌରୋହିତ୍ୟରେ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି, ବରିଷ୍ଠ ଆଇନଜୀବୀ ଧରଣୀଧର ନାୟକ ଯୋଗଦେଇ କିପରି ନିର୍ବାଚନ ପରିଚାଳନା କରାଯିବ ଓ ସବୁ ପଞ୍ଚାୟତରେ ଦଳ କିପରି ଅଧିକ ଭୋଟ ପାଇବ ସେ ନେଇ ମତ ରଖିଥିଲେ। ଏଥିସହ କଂଗ୍ରେସ କ୍ଷମତାକୁ ଆସିଲେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୫ଶହ ଟଙ୍କା କରାଯିବା ସହ କୃଷିଋଣ ଛାଡ କରାଯିବ ବୋଲି ଲୋକଙ୍କୁ ଅବଗତ କରିବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଜ୍ଞାନଦେବ ବେଉରା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ହଟାଇବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ୩୦ ନଂ ଜୋନ ସଭାପତି ଅଶୋକ କୁମାର ବଳ, ୩୧ ନଂ ଜୋନ ସଭାପତି ଦେବେନ୍ଦ୍ର କୁମାର ଜେନା, ୩୨ ନଂ ଜୋନ ସଭାପତି ମାଧବ ଚନ୍ଦ୍ର ମାନ୍ନା, ବରିଷ୍ଠ କଂଗ୍ରେସ ନେତା ଦାମୋଦର ବିଶ୍ୱାଳ, ଅରୁଣ କୁମାର ରାଉତ, ସନ୍ତୋଷ କୁମାର ମହାନ୍ତି, ପ୍ରଭାତ କୁମାର ମିଶ୍ର, ଫକୀର ଚରଣ ପ୍ରଧାନ, ବନମାଳୀ ସ୍ୱାଇଁ, ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଦଳର ସାଙ୍ଗଠନିକ ସ୍ଥିତି ସଂପର୍କରେ ମତ ରଖିଥିଲେ। ବୈଠକରେ ରାଜନଗର ବ୍ଲକର ୨୯ଟି ପଞ୍ଚାୟତର ନିର୍ବାଚିତ ସମିତିସଭ୍ୟ, ସରପଞ୍ଚ, ପଞ୍ଚାୟତ ସଭାପତି, ସଂପାଦକମାନେ ଯୋଗଦେଇ ମତ ରଖିଥିଲେ। ଚଳିତ ସାଧାରଣ ନିର୍ବାଚନରେ ଦଳକୁ ବିଜୟ କରିବା ପାଇଁ କର୍ମୀମାନେ ଶପଥ ନେଇଥିଲେ। ଏହି ଅବସରରେ ବିଜେଡି କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ଡେରା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ବସନ୍ତ କୁମାର ଦାସ, ବିଜେଡି କର୍ମୀ ସହଦେବ ମାହୁନ୍ତ. ନୀଳାମ୍ବର ମଲ୍ଲିକ, ନିତ୍ୟାନନ୍ଦ ରାଉତ, ରଞ୍ଜନ ମଳିକ, ବସନ୍ତ ମଳିକ, ରବିନ୍ଦ୍ର ମଳିକ, ପ୍ରଫୁଲ୍ଲ ମଳିକ, ବାଳକୃଷ୍ଣ ମଳିକ ପ୍ରମୁଖ ବିଜେଡି ଛାଡି କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ବିଧାୟକ ମହାନ୍ତି ଦଳର ନୂତନ ସଦସ୍ୟଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ।

ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ

## ଅଂଶୁମାନଙ୍କ ବିରୋଧରେ ଜିଲା ବିଜେଡିର ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୨୪।୩**

ରାଜନଗର ବିଧାୟକ ତଥା ହେବାକୁ ଥିବା ବିଧାନ ସଭା ନିର୍ବାଚନରେ କଂଗ୍ରେସ ଦଳର ଘୋଷିତ ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ଅଭିଯୋଗ କରିଛନ୍ତି। ଏନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଅଭିଯୋଗ ପତ୍ର ରବିବାର କେନ୍ଦ୍ରାପଡା ଜିଲା ସହକାରୀ ଉପ ଜିଲାପାଳ ସମ୍ମିତ ଶତପଥୀଙ୍କୁ ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ ଜିଲା ବିଜେଡି ସଭାପତି ସାହୁ ସୂଚନା ଦେଇଛନ୍ତି ଯେ,ଗତ ୧୦ ତାରିଖରୁ ସାରା ଦେଶରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି । ଏହି ସମୟରେ ରାଜନଗର ବିଧାୟକ ମହାନ୍ତି ଏକ ବୈଦ୍ୟୁତିକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ କହିଛନ୍ତି ଯେ, ଧ୍ରୁବ ଟେଣ୍ଡର ଫିକ୍ସିଂ ସହ ଅନେକ ଦୁର୍ନୀତିରେ ଜଡ଼ିତ ରହିଛନ୍ତି । ଏପରି କି ବିନା ପ୍ରମାଣରେ ମାର୍କଫେଡ ଦୁର୍ନୀତିରେ ସମ୍ପୃକ୍ତ ଥିବା ପ୍ରକାଶ କରିଛନ୍ତି । ଏହା ଚଳିତ ସାଧାରଣ ନିର୍ବାଚନରେ ଆଦର୍ଶ ଆଚରଣ ବିଧି (ମଡେଲ କୋଡ ଅଫ କଣ୍ଡକ୍ଟ)କୁ ଉଲ୍ଲଂଘନ କରୁଛି ବୋଲି ଧ୍ରୁବ କହିଛନ୍ତି । ବିଧାୟକ ମହାନ୍ତିଙ୍କ ଏଭଳି ମନ୍ତବ୍ୟ ଦ୍ୱାରା ତାଙ୍କ ସାମାଜିକ ପ୍ରତିଷ୍ଠାରେ ଆଞ୍ଚ ଆସିଛି ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଏହି ମନ୍ତବ୍ୟକୁ ଯାଞ୍ଚ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି । ଅଭିଯୋଗପତ୍ର ପ୍ରଦାନ ସମୟରେ ଜିଲା ପରିଷଦ ସଭାପତି ମାନସ କୁମାର ପରିଡା, ବିଜେଡି ଲିଗାଲ ଫ୍ରଣ୍ଟ ସଦସ୍ୟ ଭୀମସେନ ଭୂୟାଁ, ସଞ୍ଜୟ କୁମାର ଜେନା, ଜିଲା ବିଜେଡି ଉପସଭାପତି ପ୍ରଦୀପ୍ତ ମହାନ୍ତି ଓ ଶିବ ପ୍ରସାଦ ଭଳ ପ୍ରମୁଖ ସାମିଲ ହୋଇଥିଲେ । ଏ ସମ୍ପର୍କରେ ବିଧାୟକ ମହାନ୍ତି କୁହନ୍ତି ଯେ, ଜିଲା ବିଜେଡି ସଭାପତି ସାହୁ ମାର୍କଫେଡ୍ ଦୁର୍ନୀତିକୁ ନେଇ ରାଜ୍ୟସାରା ଚର୍ଚ୍ଚାରେ ରହିଛନ୍ତି। ଅଭିଯୋଗ ଭିତ୍ତିହୀନ ହୋଇଥିଲେ ସେ ନିଜକୁ ନିର୍ଦ୍ଦୋଷ ବୋଲି ପ୍ରମାଣିତ କରି ଦେଖାନ୍ତୁ।



ବିଜେଡି ପକ୍ଷରୁ ସହକାରୀ ଉପ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଉଛି।

### ୨୮ରୁ ଭାଗବତ କଥା ଆରମ୍ଭ

**ଡେରାବିଶ, ୨୪।୩(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ପ୍ରସିଦ୍ଧ ଧର୍ମପୀଠ ଓଳକଣା ମେଳଣ ପଡ଼ିଆରେ ଆସନ୍ତା ୨୮ରୁ ଶ୍ରୀ ଭାଗବତ କଥା ଆରମ୍ଭ ହେବ । ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୩୦ରେ ଉଦ୍‌ଯାପିତ ହେବ। ଏନେଇ ମନ୍ଦିର ପରିଚାଳନା କମିଟି ତତ୍ତ୍ୱାବଧାରକ ଅନନ୍ତ କିଶୋର ସାହୁ ସୂଚନା ଦେଇଛନ୍ତି ।

### ପୁରୁଣା ସ୍ମୃତିକୁ ସାଉଁଟିଲେ ପୁରାତନ ଛାତ୍ରୀଛାତ୍ର

**କେନ୍ଦ୍ରାପଡ଼ା ଅଫିସ୍, ୨୪।୩**

କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଧୂମାତ ସ୍ଥିତ ରାଧାଗୋବିନ୍ଦ ବିଦ୍ୟାପୀଠର ୨୦୦୯ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନରେ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗଦେବା ସହ ଅତୀତ ଦିନର ସ୍ମୃତିକୁ ପୁଣିଥରେ ମନେପକାଇଥିଲେ । ପୁରାତନ ଛାତ୍ର ଚିର ରଞ୍ଜନ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବନ୍ଧୁମିଳନ ଉତ୍ସବରେ ଶିକ୍ଷକ ହିମାଂଶୁ ମୋହନ ସାମଲ, ପରମାନନ୍ଦ ଥାଟୋଇ, କାହ୍ନୁଚରଣ ସାମଲ, ଶଙ୍କର୍ଷଣ ଖଟୁଆ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ପାଇଁ କାମନା କରିଥିଲେ।

## ପୋଖରୀରେ ବୁଡ଼ି ଛାତ୍ର ମୃତ

**ଆଳି,୨୪।୩(ଡି.ଏନ୍.ଏ.)**

ଆଳି ବ୍ଲକରେ ୨ ଦିନ ମଧ୍ୟରେ ପାଣିରେ ବୁଡି ୨ ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଶନିବାର ଆଳି ଥାନା ଅନ୍ତର୍ଗତ ଟୁଙ୍ଗା ପଞ୍ଚାୟତସ୍ଥିତ ଲେଙ୍କାଡିହା ଗ୍ରାମରେ ଖରସ୍ରୋତାରେ ବୁଡି ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା । ରବିବାର ଦେମାଳ ଗ୍ରାମରେ ପୋଖରୀରେ ବୁଡି ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ମଙ୍ଗୁଳି ମଳିକଙ୍କ ପୁଅ ନବୀନ ମଳିକ(୮)। ସେ ଦେମାଳ ହରିଜନସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀର ଛାତ୍ର ଥିଲେ। ସେ ଗ୍ରାମରେ ଥିବା ବାଲିସାହି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତୁଠରେ ଗାଧୋଉଥିବା ବେଳେ ହଠାତ୍ ତାଙ୍କ ଗୋଡ ଖସିଯିବାରୁ ସେ ପାଣିରେ ବୁଡିଯାଇଥିଲେ। ଏହା ଦେଖି ନିକଟରେ ଗାଧୋଉଥିବା ଭଉଣୀ ଲିଜା ତାଙ୍କୁ ଉଦ୍ଧାର କରିବାକୁ ଯାଇ ପାଣିରେ ବୁଡିଯାଇଥିଲେ । ଉଭୟ ଭାଇ ଭଉଣୀଙ୍କୁ ପାଣିରେ ବୁଡୁଥିବା ଦେଖି ନିକଟରେ ଥିବା ଅନ୍ୟ ଜଣେ ମହିଳା ପାଣିରେ ପଶି ଲିଜାଙ୍କୁ ଉଦ୍ଧାର କରିଥିଲେ । ମାତ୍ର ନବୀନଙ୍କ ପତ୍ତା ମିଳି ନ ଥିଲା । ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୋଖରୀରେ ଖୋଜାଖୋଜି କରିଥିଲେ। ପୋଖରୀଟି ଗଭୀର ଥିବାରୁ ଜାଲ ପକାଇ ଶେଷରେ ନବୀନଙ୍କୁ ପାଣିରୁ ଉଦ୍ଧାର କରାଯାଇଥିଲା। ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଆଳିରେ ଏବେ ଶୋକର ଛାୟା ଖେଳିଯାଇଛି।

## ନଗର କଂଗ୍ରେସର କର୍ମୀ ସମ୍ମିଳନୀ

**କେନ୍ଦ୍ରାପଡା ଅଫିସ, ୨୪।୩**

କେନ୍ଦ୍ରାପଡା ସହରର ମାଧପୁରସ୍ଥିତ କଲ୍ୟାଣ ମଣ୍ଡପରେ ନଗର କଂଗ୍ରେସର କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ନଗର କଂଗ୍ରେସ ସଭାପତି ସୌମେନ୍ଦ୍ର ପୁଷ୍ଟିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରଣକୌଶଳ ସମ୍ପର୍କରେ ଆଲୋଚନା ହୋଇଥିଲା । ଏଥିରେ ଜିଲା ସଭାପତି ଚିନ୍ମୟ ବେହୁରା, ବରିଷ୍ଠ ନେତା ଭାଗବତ ପ୍ରସାଦ ମହାନ୍ତି, ଦଳର ଘୋଷିତ ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା, ଧରଣୀଧର ନାୟକ ପ୍ରମୁଖ ସାମିଲ ହୋଇଥିଲେ ।

ମଧୁସ୍ମୃତି ଡ୍ରାମାଟିକ୍ କ୍ଲବର ୬୭ ତମ ବାର୍ଷିକ ଉତ୍ସବ

## ମଞ୍ଚ ନାଟକ ମାଧ୍ୟମରେ ଲୋକ କଳା ବଞ୍ଚିରହିବ



ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ଡେରାବିଶ, ୨୪।୩(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଗହଗା ଗ୍ରାମସ୍ଥିତ ମଧୁସ୍ମୃତି ଡ୍ରାମାଟିକ୍ କ୍ଲବର ୬୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କ୍ଲବ ଆନୁକୂଲ୍ୟରେ ପ୍ରତିବର୍ଷ ହୋଲି ଅବସରରେ ବାର୍ଷିକ ଉତ୍ସବ ପାଳନ ସହ ମୁକ୍ତ ରଙ୍ଗମଞ୍ଚରେ କ୍ଲବ ସଦସ୍ୟଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଏ। ଏହାଛଡା ଉକ୍ତ ପଡିଆରେ ଘାଟକୂଳ ମେଳଣ ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ବାର୍ଷିକୋତ୍ସବ ଉପଲକ୍ଷେ ଘନଶ୍ୟାମ ମିଶ୍ରଙ୍କ ନିର୍ଦ୍ଦେଶିତ ନାଟକ 'ଫୁଲ ସବାରୀରେ ବସେଇଦେବି' ନାଟକକୁ ପରିବେଷଣ କରାଯାଇଥିଲା। ପ୍ରଦେଶ କଂଗ୍ରେସର ଲିଗାଲ୍ ସେଲ୍‌ର ଅଧକ୍ଷ ଆଇନଜୀବୀ ଧରଣୀଧର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାପଡ଼ା ଜିଲା ୧୪ ନଂ ଜୋନ୍ ଜିଲା ପରିଷଦ ମଣ୍ଡଳୀର କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ ଏଥିରେ ଅଧକ୍ଷତା କରିଥିବା ବେଳେ କଂଗ୍ରେସ ନେତା ଜୟନ୍ତ ମହାନ୍ତି, ପ୍ରଶାସକ ପ୍ରଫୁଲ୍ଲ କୁମାର ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ମଞ୍ଚ ନାଟକ ମାଧ୍ୟମରେ ଲୋକ କଳା ବଞ୍ଚ ରହିବା ସହ ଭାଇଚାରା ବଜାୟ ରଖିପାରିବ ବୋଲି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଆଲୋକ କୁମାର ନାୟକ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ କେଶବ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ନାଟକକୁ ଅଞ୍ଚଳର ୪ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ।

■ ସରିଲା ଦୋଳ ମେଳଣ

# ବିଭିନ୍ନ ସ୍ଥାନରେ ଦୋଳ ମେଳଣ

**କେନ୍ଦ୍ରାପଡା ଅଫିସ, ୨୪।୩**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମର ପ୍ରସିଦ୍ଧ ମହାନ୍ତି ସାହି ମେଳଣ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ୯ଟି ସୁସଜ୍ଜିତ ବିମାନରେ ଶ୍ରୀଜୀଉମାନେ ପ୍ରତ୍ୟୁଷରେ ବାହାରି ବାଜା ଓ ରୋଷଣୀ ସହ ମେଳଣ ପଡିଆରେ ପହଞ୍ଚିଥିଲେ। ପରେ ମେଳଣ କମିଟି ପକ୍ଷରୁ ଶ୍ରୀଜୀଉଙ୍କୁ ସ୍ୱାଗତ କରାଯାଇ ଭୋଗଲାଗି କରାଯାଇଥିଲା । ଏହି ଉତ୍ସବକୁ ସାହି ମୁରବୀ ରମେଶ ଚନ୍ଦ୍ର ମହାନ୍ତି, ରମାକାନ୍ତ ମହାନ୍ତି, ପ୍ରଦୀପ କୁମାର ମହାନ୍ତି,ଅରୁପ କୁମାର ମହାନ୍ତି ଓ ଭାନୁ ପ୍ରସାଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

### ବୁଢ଼ା ଗୋବିନ୍ଦଜୀଉ ମନ୍ଦିରରେ ଦୋଳ ଉତ୍ସବ

କେନ୍ଦ୍ରାପଡା ସହର ନିକଟ ଗୁଲନଗରସ୍ଥିତ ଶ୍ରୀ ବୁଢ଼ା ଗୋବିନ୍ଦଜୀଉ ମନ୍ଦିର ପ୍ରାଙ୍ଗଣରେ ଦୋଳ ଉତ୍ସବ ରବିବାର ଶେଷ ହୋଇଛି । ଏଥିରେ ଶ୍ରୀ ବୁଢ଼ା ଗୋବିନ୍ଦଜୀଉ ଥାନପତି ଭାବେ ମେଳଣ ପଡିଆରେ ପହଞ୍ଚିବା ପରେ ସୁଜାନଗରସ୍ଥିତ ଶ୍ରୀ ମଦନ ମୋହନ, ତିନିମୁହାଣୀସ୍ଥିତ ଶ୍ରୀରାମ ମନ୍ଦିର ଠାକୁର, କପାଳେଶ୍ୱରସ୍ଥିତ ଶ୍ରୀ ରଘୁନାଥଜୀଉଙ୍କ ସମେତ ଅନ୍ୟ ଅଞ୍ଚଳର ଶ୍ରୀ ରାଧା ଗୋବିନ୍ଦଜୀଉମାନେ ସୁସଜ୍ଜିତ ବିମାନରେ ବସି ମେଳଣ ପଡିଆରେ ପହଞ୍ଚିଥିଲେ। ଉତ୍ସବକୁ ଗ୍ରାମର ରବୀନ୍ଦ୍ରନାଥ ରଥ, ଉପେନ୍ଦ୍ର କର, ଦେବାଶିଷ କୁବେର ଓ ଅଭୟ ଦାସ ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ସହରର ଗଣାମାହାଲସ୍ଥିତ ବିନୋଦ ବିହାରି ମନ୍ଦିର ପରିସରରେ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି । ଏହି ମେଳଣରେ ଶ୍ରୀ ବଳଦେବଜୀଉଙ୍କ ଚଳନ୍ତି ପ୍ରତିମା ଶ୍ରୀ ରଘୁନାଥଜୀଉ, ଶ୍ରୀ ବିନୋଦ ବିହାରୀ, ଶ୍ରୀ ଗୋବିନ୍ଦଜୀଉ, ଶ୍ରୀରାଧାମାଧବ ଓ ଶ୍ରୀନୃସିଂହଜୀଉ ପ୍ରମୁଖ ସାମିଲ ହୋଇଥିଲେ। ଉତ୍ସବକୁ ବିନୋଦ ବିହାରି ମନ୍ଦିର ଟ୍ରଷ୍ଟି ବିପଦ ରଞ୍ଜନ ଦାସ, ଅନନ୍ତଚରଣ ମହାରଣା, ରମାକାନ୍ତ ସାହୁ ଓ ଅଶୋକ ସାହୁଙ୍କ ସମେତ ବାଲାବାବା କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ ।

### ଚଉଦକୁଲାଟ ଛାମୁ ମେଳଣ

କେନ୍ଦ୍ରାପଡାର ଚଉଦକୁଲାଟସ୍ଥିତ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଛାମୁ ମେଳଣ ଶେଷ ହୋଇଛି । ଏହି ମେଳଣରେ ଆଖପାଖ ଅଞ୍ଚଳର ୨୦ରୁ ଉର୍ଦ୍ଧ୍ୱ ଶ୍ରୀ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ସାମିଲ ହୋଇଥିଲେ । ବୈଷ୍ଣବ ପରମ୍ପରା ଅନୁଯାୟୀ, ଫଗୁଣ ମାସ ଦଶମୀ ତିଥିରୁ ଶ୍ରୀଜୀଉଙ୍କ ଗ୍ରାମ ପରିକ୍ରମା ହୋଇଥିଲା । ଏଥିପାଇଁ ବିମାନକୁ ସାଜସଜ୍ଜା କରି ବାଜା, ରୋଷଣୀ, ସଂକୀର୍ତ୍ତନ ସହ ଛାମୁଙ୍କୁ ମେଳଣକୁ ନିଆଯାଇଥିଲା। ସେବାୟତ ରାଜକିଶୋର ମିଶ୍ର, ବୃନ୍ଦାବନ ମିଶ୍ର, ବାବାଜୀ ମିଶ୍ର, ପ୍ରଫୁଲ ଚନ୍ଦ୍ର ଦାଶ, ଲକ୍ଷ୍ମୀକାନ୍ତ ଦାଶ ଓ କିଶୋର ମିଶ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।



ଶ୍ୟାମସୁନ୍ଦରପୁର ମେଳଣ



ଚଉଦକୁଲାଟର ଛାମୁ ମେଳଣ



ଗୁଲନଗରରେ ଦୋଳ ମେଳଣ

## ସଂକ୍ଷେପରେ



### ପୁଟିଙ୍ଗ ଯୋଗେଶ୍ୱର ମହାଦେବଙ୍କ ଝୁଲଣ ଯାତ୍ରା

ରଘୁନାଥପୁର, ୨୪।୩( ଡି.ଏନ.ଏ.)- ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପୁଟିଙ୍ଗ ଗାଁର ଯୋଗେଶ୍ୱର ମହାଦେବ ମନ୍ଦିର ପରିସରରେ ପ୍ରଭୁ ଚନ୍ଦ୍ରଶେଖର ଓ ମା' ପାର୍ବତୀଙ୍କ ଝୁଲଣ ଯାତ୍ରା ଆଧାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି। ଗ୍ରାମବାସୀଙ୍କ ସହଯୋଗରେ ବୈଦିକ ରୀତିରେ ପୂଜାର୍ଚ୍ଚନା ସହ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଗାଁର ଗୋଲେଖ ଲେଙ୍କା, ବ୍ରଜବନ୍ଧୁ ଲେଙ୍କା, ବିଭୂତି ବିଶ୍ୱାଳ, ପରମାନନ୍ଦ ପରିଡା, ମାନସ ପୃଷ୍ଟି, ସଞ୍ଜୟ ବିଶ୍ୱଳଙ୍କ ସମେତ ମେଲଣ ସଂଘର ସଦସ୍ୟ ସହଯୋଗ କରିଥିଲେ।

### କଂଗ୍ରେସରେ ସାମିଲ ହେଲେ ଶତାଧିକ କର୍ମୀ

ପାରାଦୀପ,୨୪।୩(ସ୍ୱ.ପ୍ର.): ପାରାଦୀପ ଉପକଣ୍ଠ ବିଜୟଚନ୍ଦ୍ରପୁର ମୌଜାରେ କଂଗ୍ରେସର ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସେହି ମୌଜାର ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସରେ ସାମିଲ ହୋଇଥିବା କୁହାଯାଇଛି। ଅରିନ୍ଦମ ସର୍ଖେଲ (ବାପି)ଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ପ୍ରମୁଖ କର୍ମୀ କେଦାର ଜେନା, ଅନୁପ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

■ ପିଡିଏର ଜାଗା ବିକ୍ରିକୁ ନେଇ ତୀବ୍ର ଉତ୍ତେଜନା

# ନିର୍ମାଣ ବନ୍ଦ କଲେ ତହସିଲଦାର

କୁଜଙ୍ଗ, ୨୪।୩(ସ୍ୱ.ପ୍ର.)

କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖ ଏକ ଧାରଣାସ୍ଥଳରେ ପିଡିଏ(ପାରାଦୀପ ଡେଭଲପ୍‌ମେଣ୍ଟ ଅଥରିଟି) ପକ୍ଷରୁ ସରକାରୀ ଜାଗା ବେଆଇନ ଭାବରେ ଜଣେ ବ୍ୟବସାୟୀଙ୍କୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ରବିବାର ସନ୍ଧ୍ୟାରେ ଉକ୍ତ ସ୍ଥାନରେ ଦୋକାନ ଘର ନିର୍ମାଣ ପାଇଁ ନିଅଁ ଖୋଳାଯାଉଥିବାବେଳେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଦ୍ଧିଜୀବୀମାନେ ଏ ସମ୍ପର୍କରେ ତହସିଲଦାରଙ୍କ ସମେତ ଥାନାକୁ ଜଣାଇଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ରାତି ୭ ଟାରେ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ନିରୀକ୍ଷକ ପହଞ୍ଚି କାର୍ଯ୍ୟ ବନ୍ଦ କରାଇଥିଲେ। ସୋମବାର ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲାପାଳ ଓ ନିର୍ବାଚନ କମିଶନରଙ୍କ ପାଖରେ ଅଭିଯୋଗ କରାଯିବ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, କୁଜଙ୍ଗ ତହସିଲ ପରିସରରେ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ଧାରଣା ଦିଆଯାଉଥିଲା। ୩ ବର୍ଷ ତଳେ କୁଜଙ୍ଗ ତହସିଲଦାର ଉକ୍ତ ଜାଗାକୁ ପାଚେରି ବୁଲାଇ ଗେଟ୍ ଲଗାଇବା ପରେ ଧାରଣା, ଅନଶନ ଓ ଆନ୍ଦୋଳନ ହୋଇ ପାରିଲା ନାହିଁ। ଫଳରେ ତହସିଲ ଗେଟ୍ ସମ୍ମୁଖ ଜାଗାରେ ୩ ବର୍ଷ ହେଲା ବିଭିନ୍ନ ସମୟରେ ଧାରଣା ଦିଆଯାଇଥାଏ। ମାତ୍ର ଆଶ୍ଚର୍ଯ୍ୟର କଥା ସେହି ଧାରଣାସ୍ଥଳର ଜାଗାକୁ ପିଡିଏ ପକ୍ଷରୁ ବିକ୍ରି କରିଦିଆଯାଇଛି। ୨ ମାସ ତଳେ ତସହିଲ ସମ୍ମୁଖରେ ଥିବା ପିଡିଏ ମାର୍କେଟ୍ କମ୍ପ୍ଲେକ୍ସ ଦୋକାନ ଘର ଭଡ଼ ସୂତ୍ରରେ ଦେବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁଯାୟୀ, ୪ ହିତାଧିକାରୀ ଆବେଦନ କରିଥିଲେ। ଆଶ୍ଚର୍ଯ୍ୟର କଥା ଉକ୍ତ ୪ ଜଣଙ୍କ ମଧ୍ୟରୁ ଜଣଙ୍କୁ ଦୋକାନ ଘର ନିର୍ମାଣ ପାଇଁ ଜାଗା ପ୍ରଦାନ କରାଯାଇଛି। ନିର୍ଦ୍ଦିଷ୍ଟ ବ୍ୟବସାୟୀ ଜାଗା ଲିଜ୍ ନେଇ ସେଠାରେ ନିଜ ଅର୍ଥରେ ଦୋକାନ ଘର ନିର୍ମାଣ କରିବେ। ଗୁରତ୍ୱପୂର୍ଣ୍ଣ ବିଷୟ ହେଲା ପୂର୍ବରୁ ପିଡିଏ ପକ୍ଷରୁ ଯେଉଁ ୫୦ ରୁ ଊର୍ଦ୍ଧ୍ୱ ଦୋକାନ ଘର ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଛି, ତାହାକୁ ପିଡିଏ ନିଜେ ନିର୍ମାଣ କରି ଦୋକାନୀଙ୍କୁ ଭଡ଼ାରେ ଦେଇଛି। ମାତ୍ର ବର୍ତ୍ତମାନ କେଉଁ ସ୍ୱାର୍ଥରେ ପିଡିଏ ଏକ ସରକାରୀ ଜାଗାରେ ଦୋକାନ ଘର ନିଜେ ନ କରି ଅନ୍ୟକୁ ନିର୍ମାଣ କରିବାକୁ ସୁଯୋଗ ଦେଇଛି ତାହା ବୁଝାପଡୁନି। ଅନ୍ୟପକ୍ଷରେ ଏହି ନିର୍ମାଣ ଯୋଗୁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହୋଇଛି। ସୂଚନା ଅନୁଯାୟୀ, ଗତ ୧୧/୨/୧୯ରେ ଉକ୍ତ ଜାଗା ଲିଜ୍ ଦେବାକୁ ପିଡିଏ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଆଚରଣ ବିଧି ଲାଗୁ ହେବା ପରେ ଗତ ତା ୧୬/୩/୧୯ରେ ପଜେଶନ ସାର୍ଟିଫିକେଟ ଦିଆଯାଇଛି। ସେହିପରି ୨୪/୩/୧୯ରେ ନିର୍ମାଣ ଆରମ୍ଭ ହୋଇଛି। ଏଥିଯୋଗୁ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ନିର୍ମାଣସ୍ଥଳରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ଏକ ଫଳକ ରହିଛି। ଏହା ଉପରେ ମାଟି ପକାଯାଇ ନିର୍ମାଣ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ ନିର୍ମାଣ ବିରୋଧରେ ତାଙ୍କ ପାଖରେ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ କରିବାକୁ କୁହାଯାଇଛି ଓ ବର୍ତ୍ତମାନ ନିର୍ମାଣ କାର୍ଯ୍ୟ ସ୍ଥଗିତ ରଖାଯାଇଛି। ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳ କୁହନ୍ତି ଯେ ଯେଉଁ ସ୍ଥାନରେ ଦୋକାନ ପାଇଁ ନିଅଁ ଖୋଳଯାଉଛି, ତାହା ପିଡିଏର ଜାଗା ନୁହେଁ। ସେଠାରେ ସର୍ବସାଧାରଣ ଯାତାୟାତ କରନ୍ତି ଓ ଧାରଣା ଦିଆଯାଏ। ଏହି ନିର୍ମାଣ କାର୍ଯ୍ୟ ବେଆଇନ। କୁଜଙ୍ଗର ଜଗବନ୍ଧୁ ନନ୍ଦ, ଦୋଳଗୋବିନ୍ଦ ମହାପାତ୍ର, ବିବେକାନନ୍ଦ ଦାସ, କାଳିଆ ବିଶ୍ୱାଳ ଓ ହୃଷୀକେଶ ନାଥ ପ୍ରମୁଖ ନିର୍ମାଣ କାର୍ଯ୍ୟକୁ ବିରୋଧ କରିବା ସହିତ ନିର୍ମାଣ ବନ୍ଦ ନ ହେଲେ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି।



ତହସିଲ କାର୍ଯ୍ୟାଳୟ ସମ୍ମୁଖ ଧାରଣା ସ୍ଥଳରେ ନିଅଁ ଖୋଳାଯାଇଛି।

# ଯୌତୁକ ପାଇଁ ବଧୂହତ୍ୟା, ସ୍ୱାମୀ ଅଟକ

କୁଜଙ୍ଗ, ୨୪।୩(ସ୍ୱ.ପ୍ର.)

କୁଜଙ୍ଗ ଥାନା ଅନ୍ତର୍ଗତ ଜାଲପଦା ଗ୍ରାମରେ ଯୌତୁକ ପାଇଁ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ମହିଳାଙ୍କୁ ସ୍ୱାମୀଙ୍କ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ଖଳିଙ୍ଗ ଗ୍ରାମର ଜୟନ୍ତୀ ନାହାକଙ୍କ କନ୍ୟା ଜୋଛନା ରାଉତ(୩୨) କୁଜଙ୍ଗ ଥାନା ଜାଲପଦା ଗ୍ରାମର ନେତ୍ରାନନ୍ଦ ରାଉତଙ୍କୁ ୮ ବର୍ଷ ତଳେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ସମସ୍ତ ଯୌତୁକ ଦିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ଜୋଛନାଙ୍କୁ ନିର୍ଯାତନା ଦେଉଥିଲେ ବୋଲି ତାଙ୍କ ମା' ଜୟନ୍ତୀ ଅଭିଯୋଗ କରିଛନ୍ତି। ଗତ ୧୯ ତାରିଖରେ ଶାଶୁଘର ଲୋକେ ଜୋଛନାଙ୍କୁ ମାଡ଼ ମାରିଥିଲେ। ସେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ତାଙ୍କ ମା' ଖବର ପାଇଥିଲେ। ତେବେ ଶନିବାର ଜୋଛନାଙ୍କ ମା' କଟକ ବଡ଼ ଡାକ୍ତରଖାନାକୁ ଆସି ଝିଅର ମୃତଦେହ ଦେଖିଥିଲେ। ସ୍ୱାଇଁ ନେତ୍ରାନନ୍ଦ ରାଉତ, ସ୍ୱାଇଁଙ୍କ ବଡ଼ଭାଇ ଶତ୍ରୁଘ୍ନ ରାଉତ, ମଝିଆ ଭାଇ କ୍ଷେତ୍ରା ରାଉତ, ଯାଆ କୁସୁମ ରାଉତ ମିଶି ତାଙ୍କ ଝିଅକୁ ମାରିଦେଇଥିବା ଜୋଛନା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ମାମଲା ନଂ. ୭୩/୨୦୧୯ ରୁଜୁ ହୋଇଛି। ପୋଲିସ ମୁଖ୍ୟ ଅଭିଯୁକ୍ତ ନେତ୍ରାନନ୍ଦଙ୍କ ଅଟକ ରଖି ପଚରାଉଚରା କରୁଛି। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବା କୁଜଙ୍ଗ ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ କହିଛନ୍ତି।

■ ଜାତୀୟ ନାଟ ମହୋତ୍ସବ

# ଓଡ଼ିଆ ନାଟକ 'କମଳା'ରେ କ୍ରୀତଦାସୀର ଦୁଃଖ



ନାଟକ 'କମଳା'ର ଏକ ଦୃଶ୍ୟ।

ପାରାଦୀପ, ୨୪।୩(ସ୍ୱ.ପ୍ର.)

ସ୍ଥାନୀୟ ଜୟଦେବ ସଦନଠାରେ ଚାଲିଥିବା ୧୬ତମ ଜାତୀୟ ନାଟ ମହୋତ୍ସବର ୬ଷ୍ଠ ସନ୍ଧ୍ୟାରେ ରବିବାର ପରିବେଷିତ ହୋଇଛି ଓଡ଼ିଆ ନାଟକ 'କମଳା'। ଭୁବନେଶ୍ୱରର ନାଟ୍ୟ ଅନୁଷ୍ଠାନ ଜୀବନରେଖା ପ୍ରାୟୋଜିତ ଓ ଅଭିନ ରାଉତରାୟଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଜଣେ କ୍ରୀତଦାସୀର ଜୀବନ ସଂଘର୍ଷର କାହାଣୀ ପ୍ରଦର୍ଶିତ ହୋଇଛି। ୩ ପ୍ରକାର ଚରିତ୍ର ନିଭାଉଥିବା ମହିଳା ସରିତା କେତେବେଳେ ବାଇ ତ ଆଉ କେତେବେଳେ କ୍ରୀତଦାସୀର ଭୂମିକା ନିଭାଇଛନ୍ତି। ସୁସଂଗଠିତ ସମାଜ ଗଠନ ପାଇଁ ମହିଳାମାନେ ଯେପରି ନିଃସ୍ୱାର୍ଥପର ଭାବେ ତ୍ୟାଗ କରୁଛନ୍ତି ତାହା କମଳା ନାଟକରେ କଳାକାରମାନେ ନିଖୁଣ ଭାବେ ମଞ୍ଚସ୍ଥ କରିଛନ୍ତି। ସୋମବାର ରଙ୍ଗାଳୟର ଅହମିଆ ଭାଷାର ନାଟକ ଓ ମୋର ଆଇ ମଞ୍ଚ ହେବ।

### ଭିନ୍ନକ୍ଷମ ଲୋମାଙ୍କ ସଫଳତା

ପାରାଦୀପ,୨୪।୩(ସ୍ୱ.ପ୍ର.)

ଭୁତମୁଣ୍ଡାଇ ଗ୍ରାମର ଭିନ୍ନକ୍ଷମ ଯୁବତୀ ଲୋମା ସ୍ୱାଇଁ ରବିବାର ପୁଣି ଏକ ସଫଳତା ପାଇଛନ୍ତି। ଭୁବନେଶ୍ୱରଠାରେ ଓଡ଼ିଶା କରାଟେ ଆସୋସିଏଶନ ପକ୍ଷରୁ ଆୟୋଜିତ ୫୫ କେଜି କୁମୁଟେରେ ସେ ୧ମ ସ୍ଥାନ ହାସଲ କରିଛନ୍ତି। ପୂର୍ବରୁ ସେ ଜୁଡୋ, କରାଟେ ଓ କୁମୁଟେରେ ଅନ୍ତର୍ଜାତୀୟ ସ୍ତରରେ ଏକାଧିକ ସ୍ୱର୍ଣ୍ଣ ପଦକ ପାଇଥିଲେ। ତାଙ୍କ ବାପା ସଞ୍ଜୟ ସ୍ୱାଇଁ ଓ ମା ଜ୍ୟୋତ୍ସ୍ନାରାଣୀ ଝିଅର ସଫଳତାରେ ବେଶ୍ ଖୁସି ବୋଲି କହିଛନ୍ତି।

■ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରସଙ୍ଗ

# ପ୍ରତିଶ୍ରୁତି ପାଳନରେ ସ୍ୱାସ୍ଥ୍ୟ ବିଭାଗ ବିଫଳ

ରଘୁନାଥପୁର, ୨୪।୩( ଡି.ଏନ.ଏ.)

ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧା ରଘୁନାଥପୁର ବ୍ଲକ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ହେଉନାହିଁ। ସ୍ୱାସ୍ଥ୍ୟ ବିଭାଗର ବିଫଳତାକୁ ନେଇ ରବିବାର ୧୨ ପଞ୍ଚାୟତବାସୀ ଏକତ୍ରିତ ହୋଇ ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଦୁଇବର୍ଷ ତଳେ ରେଢୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପାଇଥିଲା। ହେଲେ ଆବଶ୍ୟକ ଭିତ୍ତିଭୂମି, ଡାକ୍ତର ଓ ପାରା କର୍ମଚାରୀ ସରକାର ଯୋଗାଇ ଦେଉନାହାନ୍ତି। ଏ ନେଇ ଜାନୁୟାରୀ ୧୫ରୁ ସ୍ଥାନୀୟ ଅଧିବାସୀଙ୍କ ପକ୍ଷରୁ ୮ ଦିନ ଧରି ଅନଶନ ସହ ଧାରଣା ଚାଲିଥିଲା। ତତ୍‌କାଳୀନ ସିଡିଏମ୍ଓ ମହେଶ୍ୱର ପ୍ରଧାନ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ସେବା ନିମନ୍ତେ ଜଣେ ଡାକ୍ତରଙ୍କୁ ପଠାଇ ଆସନ୍ତା ଦୁଇମାସ ମଧ୍ୟରେ ଏହାର ଭିତ୍ତିଭୂମିର ବିକାଶ, ଗୃହ ନିର୍ମାଣ, ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଓ ସ୍ୱାସ୍ଥ୍ୟ କର୍ମଚାରୀ ନିଯୁକ୍ତି କରି ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାକୁ ପାଳନ କରିବାରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ବିଫଳ ହେବାରୁ ଅପରାହ୍ନରେ ଆଖପାଖ ପଞ୍ଚାୟତବାସୀ ରେଢୁଆ ହାଟ ପଡିଆରେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। ଆସନ୍ତା ନିର୍ବାଚନ ପୂର୍ବରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ ଅନୁଷଙ୍ଗିକ କାର୍ଯ୍ୟକ୍ରମ ଆରମ୍ଭ କରା ନ ଗଲେ ଆବଶ୍ୟକ ସ୍ଥଳେ ୧୨ ପଞ୍ଚାୟତବାସୀ ଭୋଟ ବର୍ଜନ କରିବାକୁ ପଛାଇବେ ନାହିଁ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଶିକ୍ଷାବିତ୍ ଗୀତା ରଥଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିବାଦ ସଭାରେ ସ୍ନେହାଂଶୁ ଜେନା, ଦେବୀ ପ୍ରସାଦ ମହାରଣା, ସ୍ନେହମୟୀ ମହାପାତ୍ର, ପ୍ରାଣକୃଷ୍ଣ ନାୟକ, ଗୋବିନ୍ଦ ଓଝା, ସୁନୀଲ ଜେନା, ସ୍ଥାନୀୟ ସରପଞ୍ଚ ଜ୍ୟୋତିର୍ମୟୀ ଜେନା, ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରା, ସର୍ବେଶ୍ୱର ପଣ୍ଡା, ସନ୍ତୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ ବୋଲି ସେମାନେ କହିଥିଲେ। ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଥିଲେ। ସଭାରେ ରାଜକିଶୋର ମହାନ୍ତି, ସୁବାସ ଚନ୍ଦ୍ର ବାରିକ, ଆଶୁତୋଷ ସାହୁ, ସୁଜୟ ମହାପାତ୍ରଙ୍କ ସମେତ ମହିଳାପୁରୁଷମାନେ ଯୋଗ ଦେଇଥିଲେ।



ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ଦାବିରେ ଏକତ୍ରିତ ହୋଇଥିବା ପଞ୍ଚାୟତବାସୀ।

■ଏକତ୍ରିତ ହେଲେ ୧୨ ପଞ୍ଚାୟତବାସୀ

■ଭୋଟ ବର୍ଜନ ପାଇଁ ଚେତାବନୀ

# ଆଞ୍ଚଳିକ ସୁରକ୍ଷା ସମିତିର ଆନ୍ଦୋଳନ ସ୍ଥଗିତ

କୁଜଙ୍ଗ, ୨୪।୩(ସ୍ୱ.ପ୍ର.)

କୁଜଙ୍ଗ ଆଞ୍ଚଳିକ ସୁରକ୍ଷା ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଭୂତମୁଣ୍ଡାଇ ଠାରେ ଅନୁଷ୍ଠିତ ହୋଇଛି। ସମିତିର ଆବାହକ ରଘୁନାଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସାମାଜିକ କର୍ମୀ ଶ୍ରୀବଲ୍ଲଭ କର, ପବିତ୍ର ସାହୁ, ପ୍ରମୋଦ କୁମାର ଜେନା, ଦେବବାଳା ମହାପାତ୍ର, ଦେବେନ୍ଦ୍ର ମହାନ୍ତି, ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ, ଆଇନଜୀବୀ ସଞ୍ଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ସଞ୍ଜୟ କୁମାର ସ୍ୱାଇଁ, ଦୁଷ୍ମନ୍ତ କୁମାର ମାଝୀ, ବିଭୂତି ଭୂଷଣ ଦାସ, ପୂର୍ବତନ ସରପଞ୍ଚ ଧୀରେନ୍ଦ୍ର କୁମାର ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ନରୀନେତ୍ରୀ ଜାନକୀ ମହରାଥା, ମିନର୍ଭା ପରିଡା, ମନ୍ଦାକିନୀ ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ। ଭୁତମୁଣ୍ଡାଇଠାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ନିର୍ମାଣ ପାଇଁ ସମିତି ପକ୍ଷରୁ ଦୀର୍ଘଦିନ ଧରି ଦାବି ହୋଇଆସୁଥିବା ବେଳେ ପ୍ରଶାସନ ଓ ଶିଳ୍ପ ସଂସ୍ଥା ଏହାକୁ ଅଣଦେଖା କରିଆସୁଛନ୍ତି। ତେଣୁ ଏହାକୁ ବିରୋଧ କରି ଜନଆନ୍ଦୋଳନ କରିବାକୁ ପ୍ରସ୍ତୁତି ଚାଲିଥିବାବେଳେ ଆସନ୍ତା ନିର୍ବାଚନ ସରିବା ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିବାକୁ ଏଥିରେ ନିଷ୍ପତ୍ତି ହୋଇଛି। ଏଥିସହ ଯେଉଁ ଦଳ ହସ୍ପିଟାଲ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବ ତାକୁ ନିର୍ବାଚନରେ ସମର୍ଥନ କରାଯିବ ବୋଲି ଏଥିରେ ସ୍ଥିର କରାଯାଇଥିଲା।



ବୈଠକରେ ଉପସ୍ଥିତ ଆଞ୍ଚଳିକ ସୁରକ୍ଷା ସମିତିର କର୍ମକର୍ତ୍ତା।

■ କଣିଆ-ଥାଇଲୋ ରାସ୍ତାରେ ଗୁଳିକାଣ୍ଡ

# ଅଭିଯୁକ୍ତଙ୍କୁ ଗିରଫ ନ କଲେ ଥାନା ଘେରାଉ

ବାଲିକୁଦା, ୨୪।୩(ସ୍ୱ.ପ୍ର.)

ବାଲିକୁଦା ଥାନା କଣିଆ-ଥାଇଲୋ ରାସ୍ତାରେ ୫ଦିନ ତଳେ ହୋଇଥିବା ଗୁଳିମାଡ଼ ଘଟଣାରେ ପୋଲିସ ଅଦ୍ୟାବଧି ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ସ୍ଥାନୀୟ ଲୋକେ ସମସ୍ତ ତଥ୍ୟ ଯୋଗାଇବା ପରେ ମଧ୍ୟ ପୋଲିସ ଗିରଫ କରୁନାହିଁ। ଏହାର ପ୍ରତିବାଦରେ ଆଖପାଖ ୩ ଗ୍ରାମର ଲୋକମାନେ ରବିବାର ଏକାଠି ହୋଇ ବୈଠକ କରିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ସେମାନେ ଥାନା ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦ ତାରିଖରେ ବାଲିକୁଦା ଅଳାଭର ପଞ୍ଚାୟତ ଅଲିକଣ୍ଟା ଗ୍ରାମର ସାଗର ମଲ୍ଲିକ ଓ ତାଙ୍କର ୩ ସହଯୋଗୀ ୨ଟି ବାଇକରେ ଆସି ନବାଗଁଠାରେ କେତେଜଣ ଲୋକଙ୍କ ଠାରୁ ଚାନ୍ଦା ଆଦାୟ କରୁଥିଲେ। ସେହି ବାଟ ଦେଇ କଣିଆ ଗାଁର କୁଳମଣି ଦାସ ଯାଉଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବାଇକରେ କୁଳମଣିଙ୍କୁ ସାଇଡ୍ ମାରି ନିଜେ ତଳେ ପଡିଯାଇଥିଲେ। ଏହା ପରେ ଉତ୍‌କ୍ଷିପ୍ତ ହୋଇ କୁଳମଣିଙ୍କୁ ମାଡ଼ ମାରିଥିଲେ। ସେ ପ୍ରତିବାଦ କରିବାରୁ ସାଗର ତାଙ୍କ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲେ। ମାତ୍ର କୁଳମଣିଙ୍କ ଦେହରେ ଗୁଳି ବାଜି ନ ଥିଲା। ସେ ପ୍ରାଣ ବିକଳରେ ଦୌଡ଼ି ଆସି ଗାଁ ଲୋକଙ୍କୁ ଖବର ଦେବାପରେ କଣିଆର କେତେଜଣ ଯୁବକ ଅଳାଭର ଗାଁରେ ପହଞ୍ଚିଥିଲେ। ସେହି ସମୟରେ ୪ଜଣଙ୍କ ମଧ୍ୟରୁ ଦୁଇ ଜଣ ଯୁବକ ଫେରାର ହୋଇଯାଇଥିବା ବେଳେ ସାଗର ଓ ଆଉ ଜଣେ ଯୁବକ ଥିଲେ। ଗ୍ରାମବାସୀ ୨ ଜଣଙ୍କୁ କାବୁ କରି ନିଘୁଙ୍କ ମାଡ଼ ମାରିଥିଲେ। ସାଗର ସେଠାରୁ ଖସିଯାଇଥିଲେ। ତାଙ୍କ ସହଯୋଗୀ ଅଳାଭର ଗାଁର ରାକେଶ ଦାସଙ୍କୁ କଣିଆ ଗ୍ରାମର ଯୁବକମାନେ ପୋଲିସ ଜିମା ଦେଇଥିଲେ। ଲୋକଙ୍କ ମାଡ଼ରେ ଆହତ ହୋଇ ସାଗର ଭୁବନେଶ୍ୱରର ଏକ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିଲେ। ପୋଲିସ ନାମକୁ ମାତ୍ର କେତେକ ସ୍ଥାନରେ ଚଢାଉ କରି ନୀରବ ରହିଛି। ସାଗରଙ୍କ ଅନ୍ୟ ସହଯୋଗୀମାନେ ମଧ୍ୟ ଫେରାର ଅଛନ୍ତି। ତେଣୁ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇ କଣିଆ ବଜାରରେ ବୈଠକ କରିବା ସହ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି।



ବୈଠକରେ ଉପସ୍ଥିତ ତିନି ଗ୍ରାମର ଲୋକମାନେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

Office of the Chancellor
Odisha University of Agriculture & Technology
Raj Bhavan, Bhubaneswar

No. 93 / SG (HE) Dated: 21.03.2019

**Notification**

No.03-YY:- In exercise of powers conferred under Sub Section- 4 of Section 9 of the Odisha University of Agriculture & Technology Act, 1965, the Chancellor has been pleased to remove Prof. Surendra Nath Pasupalak from the Post of Vice Chancellor of Orissa University of Agriculture & Technology, Bhubaneswar with immediate effect.

By order of the Chancellor vide Order No. 92/ SG (HE) Dated 21.03.2019.

Sd./-
Principal Secretary to the Chancellor

41001/11/0004/1819

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କେଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ। ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସରପଞ୍ଚଙ୍କ ଘରକୁ ବୋମାମାଡ଼ ଘଟଣା, ୨ୟ ଅଭିଯୁକ୍ତ ଗିରଫ

**ବିରିଡି,୨୪।୩(ଡି.ଏନ.ଏ.):** ବିରିଡ଼ି ଥାନା ଉକୁନ୍ଦରା ପଞ୍ଚାୟତର ସରପଞ୍ଚ ଚନ୍ଦ୍ରଶେଖର ଦାଶଙ୍କ ଘରକୁ ବୋମାମାଡ଼ ଘଟଣାରେ ପୋଲିସ ରବିବାର ୨ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକୁନ୍ଦରା ଗ୍ରାମର ପ୍ରଶାନ୍ତ ବେହେରା। ସୂଚନାଯୋଗ୍ୟ, ଗତ ୨୨ ତାରିଖ ସନ୍ଧ୍ୟାରେ ସରପଞ୍ଚ ଦାଶଙ୍କ ଘରକୁ ବୋମା ଓ ଗୁଳିମାଡ କରାଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ କେସ୍ ନଂ. ୨୪/୧୯ ରୁଜୁ କରିଥିଲା। ଏହି ମାମଲାରେ ପୂର୍ବରୁ ଉକୁନ୍ଦରା ଗ୍ରାମର ସଂଗ୍ରାମ ଭୋଇଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ଅଭିଯୋଗକାରୀ ସରପଞ୍ଚ ଦାଶ କହିଛନ୍ତି ଯେ, ଗିରଫ ଅଭିଯୁକ୍ତମାନେ ମୁଖ୍ୟ ଆସାମୀ ନୁହନ୍ତି। ମୁଖ୍ୟ ଆସାମୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଗଣତାନ୍ତ୍ରିକ ପଦ୍ଧତିରେ ଅନଶନ କରାଯିବ।

### ଶହୀଦ ଭଗତ ସିଂଙ୍କ ଫାଶି ଦିବସ

**ନାଉଗାଁ,୨୪।୩(ସ୍ୱ.ପ୍ର.):** ସ୍ୱାଧୀନତା ଆନ୍ଦୋଳନର ମହା ସଂଗ୍ରାମୀ ଶହୀଦ ଭଗତ ସିଂଙ୍କ ଫାଶି ଦିବସ ରବିବାର ନାଉଗାଁ ବ୍ଲକର ଏଓ୍ୱାଇଡିଆଇ ଶାଖା ପକ୍ଷରୁ ପାଳିତ ହୋଇ ଯାଇଛି। ଶାଖାର ଉପସଭାପତି ବୀରକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗଙ୍ଗାଧର ଦାସ, ସଞ୍ଜୀବ ମହନ୍ତ, ବଂଶୀଧର ବେହେରା, ସୁବାସ ସ୍ୱାଇଁ, ସୁରେଶ ବେହୁରା ପ୍ରମୁଖ ଯୋଗ ଦେଇ ଶହୀଦ ଭଗତ ସିଂଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ।

### ଶିକ୍ଷକଙ୍କ ଅବସର ସମ୍ବର୍ଦ୍ଧନା ପାଇଁ ପ୍ରସ୍ତୁତି



**ବାଲିଆ,୨୪।୩:** ବିରିଡ଼ି ବ୍ଲକର ମା' ବନଦୁର୍ଗା ପୀଠସ୍ଥଳୀ ମାଣିତ୍ରୀଠାରେ ଶିକ୍ଷକ ବ୍ରଜକିଶୋର ନାୟକଙ୍କ ଅବସର ସମ୍ବର୍ଦ୍ଧନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ହୋଇଛି। ଶିକ୍ଷକ ନାୟକ(ଦାଢ଼ି ସାର)ଙ୍କ ଅବସର ଉପଲକ୍ଷେ ଜଗନ୍ନାଥଙ୍କ ଦଶ ଅବତାର ମହୋତ୍ସବ ଓ ୨୪ ପ୍ରହର ନାମଯଜ୍ଞ କରାଯାଉଛି। ଏଥିପାଇଁ ଆୟୋଜିତ ବୈଠକରେ ତେନ୍ତୁଲିଆ, ଅରଙ୍ଗାବାଦ, ବଡ଼ଖଣ୍ଡାଇତା, ହଳଦିଆପଡ଼ା, ମାଣିତ୍ରୀ, ଅଲାଣ୍ଡୋ, ବଡିମିରା, ରାଣିପଡ଼ାର ବହୁ ପୁରାତନ ଛାତ୍ର, ଅଭିଭାବକ ଉପସ୍ଥିତ ରହି ଆଲୋଚନା କରିଥିଲେ। ଶିକ୍ଷକଙ୍କ ଅବସର ଦିନଗୁଡିକ ସୁଖମୟ ହେଉ ବୋଲି କାମନା କରି ଏହି ଆଧାତ୍ମିକ କାର୍ଯ୍ୟକ୍ରମ କରାଯାଉଛି। ଏପ୍ରିଲ ୩ରୁ ୭ ପର୍ଯ୍ୟନ୍ତ ନାମଯଜ୍ଞ ଓ ଜଗନ୍ନାଥଙ୍କ ଦଶଅବତାର ମହୋତ୍ସବ ହେବ ବୋଲି କର୍ମକର୍ତ୍ତାମାନେ ଜଣାଇଛନ୍ତି।

### ଐତିହାସିକ ବାଲିଯାତ୍ରା ଆରମ୍ଭ

**ବାଲିକୁଦା,୨୪।୩(ସ୍ୱ.ପ୍ର.):** ବାଲିକୁଦାର ଐତିହାସିକ ବାଲିଯାତ୍ରା ଶନିବାର ଯମୁନାସ୍ନାନ ତିଥିରୁ ଆରମ୍ଭ ହୋଇଛି। ଏହି ଅବସରରେ ୨୭ଟି ସୁସଜ୍ଜିତ ଦୋଳ ବିମାନରେ ରାଧାକୃଷ୍ଣ ଶୋଭାଯାତ୍ରାରେ ଯାଇ ମେଳଣ ପଡିଆରେ ପହଞ୍ଚିଥିଲେ। ପରମ୍ପରା ଅନୁଯାୟୀ ରାଧାମୋହନ ଜୀଉ ରାଜଦୋଳ ନାଳିଓର ଥାନପତି ଦୋଳଙ୍କୁ ଆଜ୍ଞାମାଳ ଦେଇ ନିମନ୍ତ୍ରଣ କରିବା ପରେ ବାଜା, ବାଣ ଓ ରୋସଣିରେ ଠାକୁରଙ୍କୁ ମେଳଣ ପଡ଼ିଆକୁ ନିଆଯାଇଥିଲା। ପରେ ବାଲିଯାତ୍ରା ପର୍ବ ଆରମ୍ଭ ହୋଇଥିଲା। ଏହା ୧୫ ଦିନ ପର୍ଯ୍ୟନ୍ତ ଚାଲିବ। ଏହାକୁ ନେଇ ସାରା ଅଞ୍ଚଳରେ ଉତ୍ସାହ ପ୍ରକାଶ ପାଇଛି। ରଘୁନନ୍ଦନ ଦାସ, ପ୍ରଫୁଲ୍ଲ ଦାସ, ଜୀବନ ଦାସ, ଶିବବ୍ରତ ଦାସ, ଭୀଷ୍ମଦେବ ଦାସ, ଅମୀୟ ଦାସଙ୍କ ନେତୃତ୍ୱରେ ଭକ୍ତମାନେ ପାରମ୍ପାରିକ ବାଜା, ବାଣ ଓ ରୋସଣିର ତାଳେ ତାଳେ ଠାକୁରଙ୍କୁ ବିମାନରେ କାନ୍ଧେଇ ଆଣିଥିଲେ। ବାଲିଯାତ୍ରା ଉପଲକ୍ଷେ ବିଭିନ୍ନ ଦୋକାନ ବଜାର ଏଠାରେ ଖୋଲାଯାଇଛି। କାଠ ଓ ପଥର ତିଆରି ବିଭିନ୍ନ ଘରକରଣା, ବିଞ୍ଚଣା, ଚଟେଇ ଆଦି କିଣିବାକୁ ଲୋକଙ୍କ ଭିଡ଼ ହେଉଛି। ସେହିପରି ଫାଷ୍ଟଫୁଡ ଦୋକାନ ସହ ଛୋଟ ପିଲାମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ଦୋଳି ମଧ୍ୟ ପଡ଼ିଛି।

## ■ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ

# ଦାମ ବିଦା ପରେ ଛିଡୁନି ବିଜେଡି ଅଙ୍କ

**ପ୍ରମୋଦ କୁମାର ନାୟକ**
**ଜଗତ୍‌ସିଂହପୁର ଅଫିସ,୨୪।୩**

- ■ ଦେବାଶିଷ, ସମ୍ବିତ ଓ ବସନ୍ତଙ୍କ ସମେତ ୪ରୁ ଅଧିକ ଆଶାୟୀ
- ■ କଂଗ୍ରେସ ଟିକେଟ ନ ଦେଲେ ସ୍ୱାଧୀନ ଭାବେ ଲଢ଼ିବେ ବାପି

ନିର୍ବାଚନ ଯେତିକି ପାଖେଇ ଆସୁଛି ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ରାଜନୀତି ସେତିକି ରୋଚକ ହେବାରେ ଲାଗିଛି। ବିଶେଷକରି ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରଠାରୁ ଏଭଳି ସ୍ଥିତି ଲାଗି ରହିଛି। ବିଜେଡି ଏଠାରେ କାହାକୁ ପ୍ରାର୍ଥୀ କରିବ ତାହା ଉପରେ ସମସ୍ତଙ୍କ ନଜର। କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ସମେତ ୪ରୁ ଊର୍ଦ୍ଧ୍ୱ ଆଶାୟୀ ଏହି ଦୌଡ଼ରେ ଅଛନ୍ତି। ସେମାନେ ହେଲେ ଦାମଙ୍କ ପୁଅ ସମ୍ବିତ ରାଉତରାୟ, ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଶ୍ରମିକନେତା ସନ୍ତୋଷ ପଟ୍ଟନାୟକ ଓ ଏମ୍‌ପି ଡା.କୁଳମଣି ସାମଲ। ଦେବାଶିଷ ଇତିମଧ୍ୟରେ ବାରବାଟୀ-କଟକ ଆସନରୁ ଲଗାତର ୨ ଥର (୨୦୦୯, ୨୦୧୪ରେ) ବିଧାୟକ ହୋଇସାରିଲେଣି। ଏହା ପୂର୍ବରୁ ୨୦୦୦ରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟକ ହୋଇଥିଲେ। ତାଙ୍କ ଘର ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ କୁଜଙ୍ଗ ଅଞ୍ଚଳରେ। ୧୯୮୫ ରେ ତାଙ୍କ ପିତା ନିତ୍ୟାନନ୍ଦ ସାମନ୍ତରାୟ ବିଧାୟକ ଥିଲେ। ତେଣୁ ଏବେ ବି ନିର୍ବାଚନମଣ୍ଡଳୀରେ ଦେବାଶିଷଙ୍କ ସଙ୍ଗଠନ ରହିଛି। ବାରବାଟୀ-କଟକରେ ତାଙ୍କର ସ୍ଥିତି ଭଲ ନ ଥିବାରୁ ସେ ବିକଳ୍ପ ଭାବେ ଏହି ଆସନକୁ ବାଛିଥିବା ମଧ୍ୟ ଚର୍ଚ୍ଚା ଚାଲିଛି। ସେହିପରି ସମ୍ବିତ ମଧ୍ୟ ବିଜେଡି ପ୍ରାର୍ଥୀ ହେବାକୁ ଆଶାୟୀ ଅଛନ୍ତି। ଏ ସମ୍ପର୍କରେ ତାଙ୍କୁ ସବୁଜ ସଙ୍କେତ ମିଳିଥିବା ସେ ସୂଚନା ଦେଇଛନ୍ତି। ପାରାଦୀପ ନିର୍ବାଚନମଣ୍ଡଳୀରେ ସଙ୍ଗଠନକୁ କ୍ରିୟାଶୀଳ କରିବାକୁ ତାଙ୍କୁ କୁହାଯାଇଛି। ଟିକେଟ୍ ଦୌଡରେ ଏକାଧିକ ଆଶାୟୀ ଥିଲେ ସୁଦ୍ଧା ସମସ୍ତଙ୍କୁ ବୁଝାଶୁଝା କରି ସଙ୍ଗଠନକୁ ଆଗେଇ ନେବାରେ ସଫଳ ହେବେ ବୋଲି ସମ୍ବିତ କହିଛନ୍ତି। ତେବେ ଟିକେଟ୍ ନ ମିଳିଲେ ଦଳରୁ ଯିଏ ପ୍ରାର୍ଥୀ ହେବେ ତାଙ୍କୁ ଜିତାଇବା ପାଇଁ ଉଦ୍ୟମ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟତମ ଆଶାୟୀ ହେଉଛନ୍ତି ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ। ସେ ୧୯୮୬-୮୭ରେ ଛାତ୍ର ଜନତା ଦଳରୁ ରାଜନୀତିରେ ପ୍ରବେଶ କରିଥିଲେ। ୨୦୦୦ରୁ ୪ ଥର କାଉନସିଲର ଜିତିଥିଲେ। ସେଥିମଧ୍ୟରେ ୨୦୧୦ରେ ପରିଷଦ ଉପାଧ୍ୟକ୍ଷ ଓ ୨୦୧୫ରେ ଅଧ୍ୟକ୍ଷ ପଦବୀ ପାଇଥିଲେ। ୨୦୧୨-୧୫ ମଧ୍ୟରେ ବିଜେଡି ଷ୍ଟେଟ୍ କାଉନସିଲ ସଭ୍ୟ ଥିଲେ। ସେ ପୌରାଧ୍ୟକ୍ଷ ଥିବା ସମୟରେ ପାରାଦୀପ ପୌର ପରିଷଦ ସ୍ୱଚ୍ଛ ସର୍ବେକ୍ଷଣ ସମ୍ମାନ ପାଇଛି। ଆସନ୍ତା ନିର୍ବାଚନରେ ଦଳ ତାଙ୍କୁ ଟିକେଟ ଦେବ ବୋଲି ସେ ଆଶାବାଦୀ। ଟିକେଟ ନ ମିଳିଲେ ଦଳୀୟ ଶୃଙ୍ଖଳା ଭିତରେ ରହି କାମ କରିବେ ବୋଲି ବସନ୍ତ କହିଛନ୍ତି। ସେହିପରି ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ ମଧ୍ୟ ଦୌଡ଼ରେ ଥିବା ଚର୍ଚ୍ଚା ହେଉଛି। କିନ୍ତୁ ସେ ଏହାକୁ ଅସ୍ୱୀକାର କରିଛନ୍ତି। ଏମ୍‌ପି କୁଳମଣୀ ସାମଲ ମଧ୍ୟ ଆଶାୟୀ ତାଲିକାରେ ଅଛନ୍ତି। ତେବେ ଦଳ ଯାହା ନିଷ୍ପତ୍ତି ନେବ ସେ ଗ୍ରହଣ କରିବେ ବୋଲି କହିଛନ୍ତି।

କଂଗ୍ରେସରୁ ଅରିନ୍ଦମ ସର୍ଖେଲ(ବାପି) ଓ ପ୍ରମୋଦ ଜେନା ଟିକେଟ୍ ଦୌଡରେ ଅଛନ୍ତି। ବାପିଙ୍କ ଘର ସୁନ୍ଦରଗଡ଼ ଜିଲାରେ। ୧୯୯୫ରେ ଠିକାଦାର ଭାବେ ପାରାଦୀପରେ କାର୍ଯ୍ୟ ଆରମ୍ଭ କରିଥିଲେ। ଭାରତୀୟ ପେଟ୍ରୋଲ କର୍ପୋରେଶନ ଲିମିଟେଡ୍ ପକ୍ଷରୁ ବନ୍ଦର ପରିସରରେ ଦେଢ଼ କୋଟି ଟଙ୍କାର ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ କାମ ସେ ନେଇଥିଲେ। ୨୦୦୪ ବେଳକୁ ଯେତେବେଳେ ପୋସ୍କୋ ଓ ଆଇଓସିଏଲ୍ ଆଦି ପ୍ରତିଷ୍ଠା କଥା ଉଠିଲା ସେତେବେଳେ ସେ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ବିକାଶ ପରିଷଦ ଗଠନର ମଙ୍ଗ ଧରିଥିଲେ। ୨୦୧୧ରେ ପୋସ୍କୋ ଗଣ୍ଡଗୋଳରେ ସେ ଚର୍ଚ୍ଚାକୁ ଆସିଥିଲେ। ପରେ ରାଜନୀତିରେ ଯୋଗଦେବା କଥା ଚିନ୍ତା କରିଥିଲେ। ଦାମ ତାଙ୍କୁ ପ୍ରଥମେ ବିରୋଧ କରିଥିଲେ। ତେବେ ଦାମଙ୍କୁ ଚ୍ୟାଲେଞ୍ଜ କରି ସେ ସଙ୍ଗଠନ ଆଗେଇ ନେଇଥିଲେ। ୨୦୧୪ରେ ସେ କଂଗ୍ରେସ ଟିକେଟରେ ନିର୍ବାଚନ ଲଢି ପରାଜିତ ହୋଇଥିଲେ ମଧ୍ୟ ଭଲ ଭୋଟ୍ ପାଇଥିଲେ। ଏହା ପରଠାରୁ ସେ ସଙ୍ଗଠନକୁ ଆଗେଇ ନେଇଛନ୍ତି। ତେଣୁ ଏଥର ମଧ୍ୟ କଂଗ୍ରେସ ଟିକେଟ୍‌ରେ ମଇଦାନକୁ ଓହ୍ଲାଇବା ଆଶା ରଖିଛନ୍ତି। ଟିକେଟ୍ ନ ମିଳିଲେ ମଧ୍ୟ ସ୍ୱାଧୀନ ଭାବେ ଲଢ଼ିବାକୁ ପଛାଇବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟତମ ଆଶାୟୀ ପ୍ରମୋଦ ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ ସୁଦ୍ଧା ୩ୟ ସ୍ଥାନରେ ରହିଥିଲେ। ଏଥର ଦଳ ତାଙ୍କୁ ପ୍ରାର୍ଥୀ କଲେ ସେ ଲଢ଼ିବାକୁ ପ୍ରସ୍ତୁତ ବୋଲି କହିଛନ୍ତି। ଭାଜପାରୁ ବର୍ତ୍ତମାନ ସୁଦ୍ଧା ଜଣଙ୍କ ନାମ ଚର୍ଚ୍ଚାକୁ ଆସିଛି। ସେ ହେଉଛନ୍ତି ସମ୍ପଦ ସ୍ୱାଇଁ। ସମ୍ପଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସେ ୨୦୧୪ ନିର୍ବାଚନ ସମୟରୁ ଭାଜପାରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ଉଦ୍ୟମରେ ପଞ୍ଚାୟତ ନିର୍ବାଚନରେ ଭାଜପା ସପକ୍ଷରେ ୨ଟି ଜିଲା ପରିଷଦ ଜୋନ ଯାଇଥିଲା। ଭୋଟ ହାର ସନ୍ତୋଷଜନକ ଭାବେ ବଢିଚାଲିଛି। ପାରାଦୀପ ପୌରାଞ୍ଚଳରେ ଭାଜପା ସ୍ଥିତି ପୂର୍ବାପେକ୍ଷା ଅନେକ ସୁଧୁରିଛି। ତେଣୁ ତାଙ୍କୁ ପ୍ରାର୍ଥୀ କରାଗଲେ ଦଳ ଅଧିକ ସଫଳ ହେବ ବୋଲି ସେ ଆଶାବାଦୀ। ଅନ୍ୟପକ୍ଷରେ ଏହି ଆସନରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ଚାଲିଛି।



ବରିଷ୍ଠ ନାଗରିକ ମଞ୍ଚ ଅଧିବେଶନରେ ଉପସ୍ଥିତ ସମ୍ବର୍ଦ୍ଧିତ ପ୍ରତିଭା ଓ ଅତିଥିମାନେ।

## ବରିଷ୍ଠ ନାଗରିକ ମଞ୍ଚ ଅଧିବେଶନ

**ବିରିଡି,୨୪।୩(ଡି.ଏନ.ଏ)**

ବିରିଡ଼ି ବ୍ଲକ ଅଡଙ୍ଗଗଡ଼ ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ବାର୍ଷିକ ସାଧାରଣ ଅଧିବେଶନ ମହାପୁରୁଷ ଯଶୋବନ୍ତ ଦାସଙ୍କ ଦର୍ଶନ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଛି। ମଞ୍ଚର ସଭାପତି ପଦ୍ମନାଭ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜଗତସିଂହପୁର ଜିଲା ବରିଷ୍ଠ ନାଗରିକ ସଂଘ ସେଲର ଆଇନ ଉପଦେଷ୍ଟା ଧୀରେନ୍ଦ୍ର ନାଥ ଆଚାର୍ଯ୍ୟ ଯୋଗ ଦେଇଥିଲେ। ମଞ୍ଚର ସମ୍ପାଦକ ରାଜନାରାୟଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିବା ସହ ମଞ୍ଚର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ କର୍ମକର୍ତ୍ତା ଓ ସଭ୍ୟମାନଙ୍କୁ ବୁଝାଇଥିଲେ। ବିଶେଷକରି ପଛୁଆ ଜାତି, ଦଳିତ ଓ ଜନଜାତିଙ୍କ ସ୍ୱାର୍ଥ ଲାଗି ବିଭିନ୍ନ ଆଇନ ଉପରେ ସଚେତନ କରାଇଥିଲେ। ସେହିପରି ମାଗଣା ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ, ଅଙ୍ଗଦାନ, ଚକ୍ଷୁଦାନ, ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ପ୍ରତି ସଚେତନ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ନାଗରିକମାନେ ସମାଜ ଓ ପରିବାରରେ ସମ୍ମାନର ସହିତ ଜୀବନଯାପନ କରିବା, ବେକାର ଯୁବତୀ ଯୁବକଙ୍କୁ ସଙ୍ଗଠିତ କରାଇ ଆର୍ଥିକ ଉପାର୍ଜନ ପାଇଁ ମାର୍ଗ ଦର୍ଶନ ଦେବା, ଘରେ ଘରେ ଭାଗବତ ଟୁଙ୍ଗି, ମଠ, ଦେବାଳୟ ଓ ସଂସ୍କୃତି ପରମ୍ପରାର ପୁନରୁଦ୍ଧାର ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ମଞ୍ଚ ପକ୍ଷରୁ ନାଇଲୋ ଗ୍ରାମର ଅନନ୍ୟା ଅପରିମିତାଙ୍କୁ ଓଜେଏସ ପରୀକ୍ଷାରେ କୃତୀତ୍ୱ ଏବଂ ଶଙ୍କରପୁର ଗ୍ରାମର ସୁଚିତ୍ରା ଜେନାଙ୍କୁ ୨୦୧୮ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଗୁରୁପୂଜନ ଉତ୍ସବରେ ଉପସ୍ଥିତ ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର।

## ଉଚ୍ଚ ବିଦ୍ୟାଳୟରେ ଗୁରୁ ପୂଜନ ଉତ୍ସବ

**ତିର୍ତ୍ତୋଲ,୨୪।୩(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ କୋଲର-ଜଇପୁରସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ୧୯୮୪ ବ୍ୟାଚ ଛାତ୍ରୀଛାତ୍ରଙ୍କ ତରଫରୁ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ପୁରାତନ ଛାତ୍ର କେଦାର କୁମାର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ତ୍ରିପାଠୀ, ଦେବେନ୍ଦ୍ର ଦାସ, ଗୋଲେଖ ବିହାରୀ ଦାସ, ଯଶୋବନ୍ତ ସାହୁ, ଗୋକୁଳି ଚନ୍ଦ୍ର ମେକାପଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗୁରୁ ମଧ୍ୟ ନିଜ ପ୍ରିୟ ଛାତ୍ରୀଛାତ୍ରଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ଉପଦେଶ ଦେଇଥିଲେ। ସେହିପରି ମୋ ସ୍କୁଲ ଅଭିଯାନର ସଭାପତି ଯଦୁମଣୀ ମୁଦୁଲି ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଙ୍ଗୁରବାଳା ମହାନ୍ତି, ରଶ୍ମି ମହାନ୍ତି, ମମତା ସ୍ୱାଇଁ, ମିନତି ବେଉରା, ମନମୟୀ ମହାପାତ୍ର, ସୌଦାମିନୀ ପଟ୍ଟନାୟକ, ବାଦଲ ନାୟକ, ଅଭୟ ଦାସ, ନୃସିଂହ ମହାନ୍ତି, ମାୟାଧର ସାହୁ, ଅଶୋକ ବେଉରାଙ୍କ ସମେତ ୧୯୮୪ ବ୍ୟାଚର ବହୁ ଛାତ୍ରୀଛାତ୍ର ଯୋଗଦେଇ ବିଦ୍ୟାଳୟ ଦିନର ସ୍ମୃତି ଚାରଣ କରିବା ସହିତ ଦୀର୍ଘ ୩୫ ବର୍ଷ ପରେ ଏଭଳି ବନ୍ଧୁ ମିଳନ ଆୟୋଜନ ହୋଇଥିବାରୁ ଭାବ ବିହ୍ୱଳ ହୋଇପଡିଥିଲେ। ନିହାର ରଞ୍ଜନ ମହାପାତ୍ର, ଦୀପକ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୩୪ ବୋତଲ ମଦ ଜବତ, ୨ ଗିରଫ

**ଜଗତ୍‌ସିଂହପୁର ଅଫିସ, ୨୪।୩:** ବେଆଇନ ମଦ ଚାଲାଣ ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଥାନା ମାଧପୁରର ମନୋଜ କୁମାର ମଲିକ (୩୮) ଓ ଖେରସର ସୁଶାନ୍ତ ମହାରଣା (୪୦)। ଏକ ନମ୍ବର ବିହୀନ ସ୍କୁଟରରେ ସେମାନେ ୨୩୪ ବୋତଲ ବିଦେଶୀ ମଦ ନେଇ ଯାଉଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଜଗତ୍‌ସିଂହପୁର ପୋଲିସ ସେମାନଙ୍କୁ ଗିରଫ କରିଥିଲା। ଏଥିସହ ମଦ ଓ ସ୍କୁଟର ଜବତ କରାଯାଇଛି।

## ଯାଦବ ସମିତି ପକ୍ଷରୁ ଦୋଳ ଉତ୍ସବ

**ବାଲିକୁଦା,୨୪।୩(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତର ଖାଙ୍କରପୁର ଯାଦବ ସମିତି ପକ୍ଷରୁ ଦୋଳ ଉତ୍ସବ ପାଳିତ ହୋଇଛି। ସମିତିର ସମ୍ପାଦକ ବାବାଜି ଚରଣ ଦାସଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳିତ ହୋଇଥିଲା। ଏହି ଉପଲକ୍ଷେ ପ୍ରଥାନୁଯାୟୀ ଦୋଳ ପୂର୍ଣ୍ଣିମା ପୂର୍ବ ରାତିରେ ଯାଦବମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା କରାଯାଇ ଗ୍ରାମ ଦେବତୀଙ୍କ ମନ୍ଦିର ପରିକ୍ରମା କରାଯିବା ପରେ ମହାଦେବଙ୍କ ଉପରେ ଜଳାଭିଷେକ କରାଯାଇଥିଲା। ପରେ ଯାଦବମାନେ କଳସଗୁଡିକୁ ନେଇ ନିଜ ନିଜ ଘରକୁ ଯିବା ପରେ ମହିଳାମାନଙ୍କ ଦ୍ୱାରା ଯଥାରୀତି ବନ୍ଦାପନା କରାଯାଇଥିଲା। ଠାକୁରଙ୍କ ଅତି ପ୍ରିୟ ଖଜାଚଣା ଭୋଗ କରାଯାଇଥିଲା। ପୂର୍ଣ୍ଣିମା ତିଥିରେ କଳସ ଭାରକୁ କାନ୍ଧରେ ନେଇ ବନ୍ଧାଣ ପଡିଆଠାରେ ରାଧାକୃଷ୍ଣଙ୍କୁ ପୂଜା କରାଯାଇଥିଲା। ସେଠାରେ ଯାଦବମାନଙ୍କ ଦ୍ୱାରା ଲଉଡି ପରିବେଷଣ କରାଯାଇଥିଲା। ଉତ୍ସବକୁ ସମିତିର ଉପଦେଷ୍ଟା ସାଧୁଚରଣ ଦାସ, ସଭାପତି ନାଥୁରାମ ଦାସ, ସଭ୍ୟ ପୁରୁଷୋତ୍ତମ ଦାସ, ରବୀନ୍ଦ୍ର ଦାସ, ରାମଚନ୍ଦ୍ର ଦାସ, ପରେଶ ଦାସ, ମନୁଆ ଦାସ, ଦୁର୍ଗାଚରଣ ଦାସ, ମହେନ୍ଦ୍ର ଦାସ, ଜଗବନ୍ଧୁ ଦାସ, ପ୍ରଫୁଲ ଦାସ, ମୋହନ ଦାସ, ଅଜିତ ଦାସ, ଅକ୍ଷୟ ମାଳତି, ଆଦିକନ୍ଦ ଦାସ, ଭଜି ଦାସ, ରାଜକିଶୋର ଦାସ, ଶୁକଦେବ ଦାସ, ବିପିନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ■ ଜିଡି ମେମୋରିଆଲ କ୍ରିକେଟ୍

# ଜୟ ବଜରଙ୍ଗୀ ଚାମ୍ପିୟନ

**ବାଲିକୁଦା,୨୪।୩(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଅଢଙ୍ଗା ପଞ୍ଚାୟତର କଅଁପୁରଠାରେ ଗୋବିନ୍ଦ ଚନ୍ଦ୍ର ଦାସ ମେମୋରିଆଲ ଦ୍ୱିତୀୟ ବାର୍ଷିକ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଏସଭିଏମ ଷ୍ଟାର ଇଲେଭେନକୁ ୬ ଉଇକେଟ୍‌ରେ ହରାଇ ଜୟ ବଜରଙ୍ଗୀ ଚାମ୍ପିୟନ ହୋଇଛି। ଟସ୍ ଜିଣି ଏସଭିଏମ ଷ୍ଟାର ଇଲେଭେନ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୧୨ ଓଭରରେ ୪ ଉଇକେଟ ହରାଇ ୧୨୬ ରନ କରିଥିଲା। ଏହାର ପିଛା କରି ଜୟ ବଜରଙ୍ଗୀ ଟିମ୍ ୧୧. ୨ ଓଭରରେ ୫ ଉଇକେଟ୍ ହରାଇ ଆବଶ୍ୟକ ରନ୍ କରିନେଇଥିଲା। ଜିଡି ଫାଉଣ୍ଡେଶନ ସଭାପତି ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବାଲିକୁଦା ଥାନା ଅଧିକାରୀ ସର୍ବେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୯ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଜଟାଧାରୀ ଦାସ, ସୌମ୍ୟଜିତ୍ ମହାପାତ୍ର, ସରପଞ୍ଚଙ୍କ ପ୍ରତିନିଧି ମନୋଜ ସ୍ୱାଇଁ ଯୋଗଦେଇ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୬ ହଜାର ଟଙ୍କା ପ୍ରଦାନ କରିଥିଲେ। ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ଚୌଧୁରୀ, ରାଧାଶ୍ୟାମ ନାୟକ, ଯଦୁମଣି ନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଉତ୍ସାହିତ କରିଥିଲେ। ଜୟ ବଜରଙ୍ଗୀ ଟିମର ମିଷ୍ଟର ଉଜ୍ଜ୍ୱଳ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଏସଭିଏମ ଷ୍ଟାର ଇଲେଭେନ ଟିମ୍‌ର ବାଦସାହା ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ତ୍ରିନାଥ ପଲାଇ ଓ ସଞ୍ଜୟ ବିଶ୍ୱାଳ ଅମ୍ପାୟାର ଭାବେ ଦାୟିତ୍ୱ ବହନ କରିଥିଲେ। ମାନସ ନାୟକ, ପତିତପାବନ ଦାସ, ଶିବ ନାୟକ, ରଶ୍ମିରଞ୍ଜନ ମହାନ୍ତି, ବାଦଲ ହେଣ୍ଡା, ନାରାୟଣ ବିଶ୍ୱାଳ, ବିନୋଦ ବେହେରା, ମାନସ ଭୋଇ, ଚୁନିଆ ଭୋଇ, ସନ୍ତୋଷ ନାୟକ, କାଳିପ୍ରସାଦ ମହାନ୍ତି, ଚିତ୍ତରଞ୍ଜନ ସାହୁ, ନାରାୟଣ ନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ସୂର୍ଯ୍ୟକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ମଦ ଜବତ, ଅଭିଯୁକ୍ତ ଫେରାର

**ବାଲିକୁଦା,୨୪।୩(ସ୍ୱ.ପ୍ର.):** ଆଗକୁ ନିର୍ବାଚନ ଥିବାରୁ ବାଲିକୁଦା ପୋଲିସ ପକ୍ଷରୁ ଚୋରା ମଦ କାରବାର ରୋକିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ରବିବାର ଥାନା ଅଧିକାରୀ ସର୍ବେଶ୍ୱର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଅନନ୍ତପୁର ଫାଣ୍ଡି ଅଧୀନ ଭୁଆସୁଣୀ ଗାଁରେ ଚଢାଉ କରି ବାବୁ ବେହେରାଙ୍କ ଘରୁ ୨୦ ବୋତଲ ବିୟର ଜବତ କରିଛି। ବାବୁ ଫେରାର ହୋଇଯାଇଛନ୍ତି। ଏନେଇ ବାଲିକୁଦା ଥାନାରେ ମାମଲା ନଂ.୪୬/୧୯ ରୁଜୁ ହୋଇଛି।

## ବିଶ୍ୱ ଯକ୍ଷ୍ମା ଦିବସ ପାଳିତ

**ତିର୍ତ୍ତୋଲ,୨୪।୩(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରବିବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏଥିରେ ସିଏଚସି ଅଧିକାରୀ ଡାକ୍ତର ପୁଷ୍ପବନ ରାଉତ ସଭାପତିତ୍ୱ କରିଥିଲେ। ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୁଷ୍ପାଞ୍ଜଳି ବେହେରା, ଯକ୍ଷ୍ମା ପରିଦର୍ଶକ ପ୍ରଶାନ୍ତ ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ମଳୟ କିଶୋର ଦାସ, ସାରଦା ପ୍ରସନ୍ନ ଦାସ, ପ୍ରୀତମ ରାୟ ପ୍ରମୁଖ ଉପସ୍ଥିତ ରହି ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବହୁ ଆଶାକର୍ମୀ, ଯକ୍ଷ୍ମା ରୋଗୀ ଉପସ୍ଥିତ ରହି ଯକ୍ଷ୍ମା ରୋଗ ମୁକ୍ତ ଭାରତ ଗଠନ ପାଇଁ ଶପଥ ନେଇଥିଲେ।

## ■ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ମନମୁଖି କାର୍ଯ୍ୟ

# ୪୩ ଶିକ୍ଷକ ଦରମା ପାଇବାରୁ ବଞ୍ଚିତ

**ନାଉଗାଁ,୨୪।୩(ସ୍ୱ.ପ୍ର.)**

ନାଉଗାଁ ବ୍ଲକରେ ସର୍ବଶିକ୍ଷା ଅଭିଯାନରେ ଦିନକୁ ଦିନ ଦୁର୍ନୀତି ବଢିବାରେ ଲାଗିଛି। ପ୍ରଶାସନିକସ୍ତରରେ ଏହାର ଉପଯୁକ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସର୍ବଶିକ୍ଷା ଅଭିଯାନ କାର୍ଯ୍ୟାଳୟରେ ଥିବା କର୍ମଚାରୀମାନେ ମନମୁଖି କାର୍ଯ୍ୟ ଚଳାଇଛନ୍ତି। ବିଶେଷ କରି ବରିଷ୍ଠ କିରାଣୀଙ୍କ ପାଇଁ ଶିକ୍ଷକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ଅଭିଯୋଗ କରାଯାଇଛି। ଫେଡେରେଶନ ସଭାପତି ଉମାକାନ୍ତ ଆଚାର୍ଯ୍ୟ ଓ ସାଧାରଣ ସମ୍ପାଦକ ସୁଧୀର କୁମାର ବିଶ୍ୱାଳ ରବିବାର ଏକ ପ୍ରେସ୍ ବିବୃତିରେ ଏନେଇ ପ୍ରତିବାଦ ଜଣାଇଛନ୍ତି। ପିଲାମାନଙ୍କ ବାର୍ଷିକ ପରୀକ୍ଷା ଚାଲିଥିବାବେଳେ ଶିକ୍ଷକ ତାଲିମ କାର୍ଯ୍ୟକ୍ରମ କରିବା, ମୋଟା ଅଙ୍କର ଉତ୍କୋଚ ଆଦାୟ କରି ୨୦୦୬ ବ୍ୟାଚର ଶିକ୍ଷକମାନଙ୍କୁ ଏରିଅର ପ୍ରଦାନ କରିବା ଓ ଶିକ୍ଷକମାନେ ଦରମା ପାଇବାରୁ ବଞ୍ଚିତ ହେବା ସମ୍ପର୍କରେ ସେମାନେ ଅଭିଯୋଗ ଜଣାଇଛନ୍ତି। ଜଗତ୍‌ସିଂହପୁର ଜିଲାର ସମସ୍ତ ବ୍ଲକରେ ଶିକ୍ଷକମାନେ ବର୍ଦ୍ଧିତ ଏରିଅର ପାଇଥିବାବେଳେ ନାଉଗାଁ ବ୍ଲକର ୪୩ ଶିକ୍ଷକ ଏରିଅର ପାଇବାରୁ ବଞ୍ଚିତ ହୋଇଛନ୍ତି। ଦରମା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ଶିକ୍ଷକମାନେ ବିଭିନ୍ନ ସମସ୍ୟା ଭୋଗ କରୁଛନ୍ତି। ଯେଉଁ ଶିକ୍ଷକମାନେ ମୋଟା ଅଙ୍କର ଉତ୍କୋଚ ପ୍ରଦାନ କରୁଛନ୍ତି, ସେମାନଙ୍କ ସର୍ଭିସ ବୁକ ଅପଡେଟେଶନ କରାଯାଉଥିବାବେଳେ ଇନ୍‌କ୍ରିମେଣ୍ଟ କରାଯାଉଛି। କିନ୍ତୁ ଅର୍ଥ ଦେଉ ନ ଥିବା ଶିକ୍ଷକମାନଙ୍କୁ ଏ କ୍ଷେତ୍ରରେ ହଇରାଣ କରାଯାଉଛି। ଓଷକଣା ଉ.ପ୍ରା ବିଦ୍ୟାଳୟର ରମାକାନ୍ତ ସ୍ୱାଇଁଙ୍କ ଇନକ୍ରିମେଣ୍ଟ ପ୍ରଦାନ କରାଯାଉ ନ ଥିବା ବେଳେ ବିଭିନ୍ନ ପ୍ରକାର ହଇରାଣ କରାଯାଉଥିବା ଶିକ୍ଷକ ଫେଡରେଶନ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ବରିଷ୍ଠ କିରାଣୀ ଗିରିଜା ପ୍ରସାଦ ମହାପାତ୍ରଙ୍କ ସହ ଯୋଗାଯୋଗ ହୋଇପାରିନାହିଁ। ଅତିରିକ୍ତ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀଙ୍କୁ ପଚାରିବାରେ ସେ କହିଲେ ଯେ ଆନ୍ଦୋଳନ ଓ ମାର୍ଚ୍ଚ ମାସ ହୋଇଥିବାରୁ ଦରମା ହୋଇପାରିନାହିଁ। ସେହିପରି କାର୍ଯ୍ୟାଳୟର କେହି ଉତ୍କୋଚ ନେଇ ନ ଥିବା ସେ ପ୍ରକାଶ କରିଛନ୍ତି।

# ଚୂଡ଼ାନ୍ତ ହୋଇପାରୁନି ପ୍ରାର୍ଥୀ ଚୟନ

**ଜଗତ୍‌ସିଂହପୁର ଅଫିସ, ୨୪।୩**

**ଜଗତ୍‌ସିଂହପୁର ଲୋକ ସଭା ଆସନ**

ଏପ୍ରିଲ ୨୯ରେ ଓଡ଼ିଶାର ୬ ଲୋକସଭା ଆସନ ଓ ଏହା ଅନ୍ତର୍ଗତ ୪୨ ବିଧାନସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ସେଥିମଧ୍ୟରେ ଜଗତ୍‌ସିଂହପୁର ଲୋକସଭା ଆସନ ଓ ଏହା ଅଧୀନ ୭ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଏହି ନିର୍ବାଚନମଣ୍ଡଳୀ ପାଇଁ ଏପ୍ରିଲ ୨ରୁ ୯ ତାରିଖ ମଧ୍ୟରେ ପ୍ରାର୍ଥୀପତ୍ର ଦାଖଲ ହେବ। କିନ୍ତୁ ଏଯାଏ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଚୟନ କରିପାରିନାହାନ୍ତି। ଆଶାୟୀମାନେ ଆଶା ଓ ଆଶଙ୍କାରେ ରହିଛନ୍ତି। କର୍ମୀମାନେ ମଧ୍ୟ ଅଡୁଆରେ ପଡୁଛନ୍ତି ।

ଜଗତ୍‌ସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ କହିଲେ ଜଗତ୍‌ସିଂହପୁର, ବାଲିକୁଦା-ଏରସମା, ପାରାଦୀପ ଓ ତିର୍ତ୍ତୋଲ ସମେତ କଟକ ଜିଲାର ନିଆଳି, ପୁରୀ ଜିଲାର କାକଟପୁର ଓ ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ଗଠିତ। ୨୦୧୪ ନିର୍ବାଚନରେ ଏହି ଆସନଟି ବିଜେଡି ଦଖଲକୁ ଯାଇଥିଲା। ୨୦୦୯ରେ ସିପିଆଇ ପ୍ରାର୍ଥୀ ଜିତିଥିଲେ। ୨୦୦୪ ଓ ୧୯୯୯ରେ ଆସନଟି ବିଜେଡି ଦଖଲକୁ ଯାଇଥିଲା। ତା ପୂର୍ବରୁ ଅର୍ଥାତ୍ ୧୯୯୮ ଓ ୧୯୯୬ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିଲେ। ୧୯୯୧ ଓ ୧୯୮୯ରେ କିନ୍ତୁ ସମାନ ଚିତ୍ର ନ ଥିଲା। ଏହି ୨ଟି ନିର୍ବାଚନରେ କ୍ରମାଗତ ଭାବେ ସିପିଆଇ ପ୍ରାର୍ଥୀ ଜିତିଥିଲେ। ସେହିପରି ୧୯୮୪ ଓ ୧୯୮୦ରେ କଂଗ୍ରେସ ଦଖଲରେ ଥିଲା। ଏଥିରୁ ସ୍ପଷ୍ଟ ଯେ ଏହି ନିର୍ବାଚନମଣ୍ଡଳୀରେ ଦୀର୍ଘ ବର୍ଷ ଧରି କୌଣସି ଦଳ ପତିଆରା ଜାହିର କରିପାରିନାହିଁ। ଦୀର୍ଘ ୩୪ ବର୍ଷ ଭିତରେ ନିର୍ବାଚନମଣ୍ଡଳୀର ଭୋଟର କୌଣସି ନିର୍ଦ୍ଦିଷ୍ଟ ଦଳ ସପକ୍ଷରେ ମତଦାନ କରିନାହାନ୍ତି। ଫଳରେ ବିଜେଡି ପ୍ରାର୍ଥୀ ୩ଥର ଜିତିଥିବା ବେଳେ କଂଗ୍ରେସ ୪ ଓ ସିପିଆଇ ପ୍ରାର୍ଥୀ ୩ ଥର ବିଜୟ ଲାଭ କରିଛନ୍ତି। ୨୦୧୪ ନିର୍ବାଚନ ଫଳାଫଳ ଦେଖିଲେ ଜଣାଯାଏ ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢେଇ ହୋଇଥିଲା। ଏଥିରେ ବିଜେଡି ପ୍ରାର୍ଥୀ କୁଳମଣୀ ସାମଲ ରେକର୍ଡ ସଂଖ୍ୟକ ଅର୍ଥାତ୍ ୨,୭୬,୩୯୪ ଅଧିକ ଭୋଟ ପାଇଁ କଂଗ୍ରେସର ବିଭୂ ପ୍ରସାଦ ତରାଇଙ୍କୁ ପରାଜିତ କରିଥିଲେ। କିନ୍ତୁ ୨୦୦୯ରେ ଚିତ୍ର କିଛି ନିଆରା ଥିଲା। ତରାଇ ସିପିଆଇରୁ ପ୍ରାର୍ଥୀ ହୋଇ ଜିତିଥିଲେ। ସେ କଂଗ୍ରେସର ରବୀନ୍ଦ୍ର କୁମାର ସେଠୀଙ୍କୁ ୭୬,୭୩୫ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ୨୦୦୪ରେ ବିଜେଡି ପ୍ରାର୍ଥୀ ସ୍ୱର୍ଗତ ବ୍ରହ୍ମାନନ୍ଦ ପଣ୍ଡା କଂଗ୍ରେସର ରଞ୍ଜୀବ ବିଶ୍ୱାଳଙ୍କଠାରୁ ୫୭,୨୬୨ ଅଧିକ ଭୋଟ ପାଇ ବିଜୟୀ ହୋଇଥିଲେ। ୧୯୯୯ରେ କଂଗ୍ରେସର ରଞ୍ଜୀବ ବିଶ୍ୱାଳଙ୍କଠାରୁ ବିଜେଡି ପ୍ରାର୍ଥୀ ତ୍ରିଲୋଚନ କାନୁନ୍‌ଗୋ ୧,୪୯,୨୮୨ ଅଧିକ ଭୋଟ ପାଇ ଜିତିଥିଲେ। ଏସବୁ ଅଙ୍କ ଦେଖିଲେ ଜଣାଯାଏ ୨୦୧୪ରେ ବିଜେଡି ସପକ୍ଷରେ ସର୍ବାଧିକ ଭୋଟ ଯାଇଛି। କାରଣ ଏହି ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ ବିଧାନସଭା ଆସନ ମଧ୍ୟରୁ କେବଳ ଜଗତ୍‌ସିଂହପୁରକୁ ବାଦ୍ ଦେଲେ ଅନ୍ୟ ୬ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ଆଗାମୀ ନିର୍ବାଚନରେ ଏହି ଚିତ୍ର ରହିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଦଳ ଭିତରେ ଗୋଷ୍ଠୀ କନ୍ଦଳ ଚିନ୍ତାର ବିଷୟ ହୋଇଛି। ଅଧିକାଂଶ ବିଧାନସଭା ନିର୍ବାଚନମଣ୍ଡଳୀରେ ଆଶାୟୀଙ୍କ ସଂଖ୍ୟା ଦିନକୁ ଦିନ ଲମ୍ବିବାରେ ଲାଗିଛି। ଜଣଙ୍କୁ ଟିକେଟ୍ ମିଳିଲେ ଅନ୍ୟମାନେ ଅସହଯୋଗ କରିବା ଆଶଙ୍କା ଅଛି। କେବଳ ଅସହଯୋଗ ନୁହେଁ, ଦରକାର ପଡିଲେ ଚେର କାଟିବାକୁ ମଧ୍ୟ କେତେଜଣ ପଛାଇ ନ ପାରନ୍ତି। ଯେହେତୁ ବିଧାନସଭା ନିର୍ବାଚନମଣ୍ଡଳୀର ଦଳୀୟ ଭୋଟ ଏମ୍‌ପି ପ୍ରାର୍ଥୀଙ୍କ ସପକ୍ଷରେ ଯାଏ, ତେଣୁ ଏଥର ନିଆରା ଢଙ୍ଗରେ ଅଙ୍କ କଷା ଚାଲିଛି। ଅଧିକାଂଶ ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା ହେବା ସମ୍ଭାବନା ଥିବାରୁ କେଉଁ ଦଳ ପ୍ରାର୍ଥୀ ଜିତିବେ ତାହା ଆକଳନ କରିବା କଷ୍ଟକର। ହେଲେ ଏଯାଏ ବିଧାନସଭା ଓ ଏମ୍‌ପି ସିଟ୍ ପାଇଁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ସରି ନ ଥିବାରୁ ବାସ୍ତବ ଚିତ୍ର ଜାଣିବା କଷ୍ଟକର।



# ନିମ୍ନତାପ ଚିକିତ୍ସା

ପ୍ରତ୍ୟେକ ବର୍ଷ ଶୀତଋତୁରେ ବରଫ ପଡ଼ିଲେ ଆମେରିକାରେ ଦେଖିବାକୁ ମିଳୁଥିବା ଏକ ଜାତିର ବେଙ୍ଗ ପତର ଗଦେଇ ତା' ତଳେ ବସା ତିଆରି କରେ। ସେତେବେଳେ ତା' ଶରୀରର ତାପମାତ୍ରା ଏତେ କମିଯାଏ ଯେ ଶରୀରର ତିନିଭାଗରୁ ଏକଭାଗ ପାଲଟିଯାଏ ବରଫ। ଆଖି ଦୁଇଟି ବି ଦେଖାଯାଏ ବରଫ ଭଳି ଧଳା। ଗୋଡ଼ଗୁଡ଼ିକ ପପରା ହୋଇପଡ଼େ। ବାସ୍, ଏମିତି ଅବସ୍ଥାରେ ରହି ସେ କଟେଇଦିଏ ଶୀତଋତୁଟା। ଶୀତ ପରେ ଆସି ପହଞ୍ଚିଯାଏ ବସନ୍ତ। ବସନ୍ତ ଆସିଗଲେ ବରଫ ପାଲଟି ଯାଇଥିବା ତା' ଶରୀରର ଅଂଶମାନ ତରଳିବାକୁ ଆରମ୍ଭ କରେ। ଫଳରେ ପୁନର୍ବାର ସେ ସକ୍ରିୟ ହୋଇଉଠେ। ତାକୁ ଲକ୍ଷ୍ୟକରି ବୈଜ୍ଞାନିକମାନେ କହୁଛନ୍ତି ଯେ, ଦିନ ଆସିବ ଯେତେବେଳେ ମଣିଷ ଦେହର ତାପମାତ୍ରାକୁ ସେମାନେ ଯଥେଷ୍ଟ କମେଇ ଦେଇପାରିବେ। ଜିଅନ୍ତା ମଣିଷକୁ ରଖିଦେବେ ହିମୀକୃତ କରି।

ଉତ୍ତର ଆମେରିକାର ସେହି ବେଙ୍ଗଠାରେ ପରିଲକ୍ଷିତ ହେଉଥିବା ପ୍ରକ୍ରିୟାର ଅନୁରୂପ ପରିଲକ୍ଷିତ ହୋଇଥାଏ ଗାର୍ଟର ସ୍ନେକ ନାମକ ସାପ ଏବଂ ଏକ ଜାତିର କଇଁଛଠାରେ। ଅତି ହିମ ପରିବେଶରେ ଏମାନେ ନିଜ ନିଜ ଶରୀରର ଜୀବକୋଷ ଭିତରେ ରହିଥିବା ରାସାୟନିକ ଉପାଦାନଗୁଡ଼ିକର ସନ୍ତୁଳନକୁ ପରିବର୍ତ୍ତିତ କରିଦିଅନ୍ତି। ଉଦାହରଣ ସ୍ୱରୂପ, ବେଙ୍ଗ ତା ଶରୀରରେ ଖୁବ୍ ବଢ଼େଇଦିଏ ଗ୍ଲିସେରଲର ମାତ୍ରା। ଗ୍ଲିସେରଲର ରହିଛି ଏପରି ଗୁଣ, ଯାହା ଜଳକୁ ବରଫ କରେଇଦେବାରେ ବାଧା ଦିଏ। ତେଣୁ ବରଫ ପାଲଟିଗଲେ ଜୀବକୋଷଗୁଡ଼ିକର ଯେଉଁ ପ୍ରକାର କ୍ଷତି ହୋଇଥାନ୍ତା ତାହା ଆଉ ହୋଇପାରେ ନାହିଁ କି ଜୀବକୋଷମାନ ଅକାମୀ ହୋଇ ପଡ଼ନ୍ତିନି। ଆମ ଶିରା ଭିତରେ ସେତିକି ପରିମାଣର ଗ୍ଲିସେରଲ୍ କମିଗଲେ ଆମର ମୃତ୍ୟୁ ହୋଇଯିବା ନିଶ୍ଚିତ।

ସେହିପରି ମେରୁ ଅଞ୍ଚଳ ତ ସମ୍ପୂର୍ଣ୍ଣ ଢାଙ୍କି ହୋଇ ରହିଥାଏ ବରଫରେ। ପୁଣି ଢାଙ୍କି ହୋଇ ରହିଥାଏ ବର୍ଷସାରା। ମାତ୍ର ସେଠାରେ ବି ତ ପୋକଜୋକ ଅଛନ୍ତି, ଅଛନ୍ତି ମାଛ ଓ ଉଭୟଚର ପ୍ରାଣୀ। ହେଲେ ଏଭଳି ହିମଶୈତ୍ୟ ପରିବେଶରେ ସେଗୁଡ଼ିକ ପୁଣି ନିଜକୁ ସୁରକ୍ଷିତ ରଖିପାରିଥାନ୍ତି କିପରି? ସେମାନେ ନିଜ ଶରୀରରେ ତିଆରି କରିଥାନ୍ତି ପ୍ରତିହିମ ଉପାଦାନ ବା ପ୍ରତିହିମ ପ୍ରୋଟିନ୍। ଏହାକୁ ବିଜ୍ଞାନର ଭାଷାରେ 'ଆଣ୍ଟିଫ୍ରିଜ ପ୍ରୋଟିନ୍' ବୋଲି କୁହାଯାଏ। ଏହି ପ୍ରୋଟିନ୍‌ର ଉପସ୍ଥିତି ଯୋଗୁ ତାପମାତ୍ରା ଯଥେଷ୍ଟ ହ୍ରାସ ପାଇଗଲେ ମଧ୍ୟ ସେମାନଙ୍କ ଜୀବକୋଷ ଅଭ୍ୟନ୍ତରସ୍ଥ ଉପାଦାନଗୁଡ଼ିକର କାର୍ଯ୍ୟ ବିଶେଷ ବାଧାପ୍ରାପ୍ତ ହୋଇ ନ ଥାଏ। କେତେକ ଜାତିର ପୋକଜୋକ ପଲିଓଲ ନାମକ ଶର୍କରାଜାତୀୟ ଉପାଦାନକୁ ନିମ୍ନତାପ ସୁରକ୍ଷାକାରୀ ବା କ୍ରାୟୋପ୍ରୋଟେକ୍ଟାଣ୍ଟ (ତୀବ୍ର ଶୀତଳତାକୁ କୁହାଯାଏ 'କ୍ରାୟୋ') ଭାବରେ ବ୍ୟବହାର କରିଥାଆନ୍ତି। ମେରୁ ଅଞ୍ଚଳରେ ରହୁଥିବା ସାଲାମାଣ୍ଡର ନାମକ ଉଭୟଚର ପ୍ରାଣୀ ଏହି ଉଦ୍ଦେଶ୍ୟରେ।



ଡା. ନିତ୍ୟାନନ୍ଦ ସ୍ୱାଇଁ

ତେବେ ନିମ୍ନତାପମାତ୍ରାକୁ ଏବେ ବିନିଯୋଗ କରାଗଲାଣି ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ। କୌଣସି ସ୍ଥାନରେ ଆଘାତ ବାଜିଲେ କି ଗଣ୍ଠିରେ ମାଡ଼ ବାଜି ସ୍ପ୍ରେନ୍ ବା ଜଖମ ହେଲେ ଆକ୍ରାନ୍ତ ସ୍ଥଳରେ ବରଫ ଦେବା ପାଇଁ ଡାକ୍ତରମାନେ କହିଥାନ୍ତି। ଏହାକୁ କୁହାଯାଏ ଆଇସ୍‌ପ୍ୟାକ୍ ଥେରାପି। ଆଇସ୍‌ପ୍ୟାକ୍ ଥେରାପି ମଧ୍ୟ ଏକ ଧରଣର ନିମ୍ନତାପ ଚିକିତ୍ସା ପଦ୍ଧତି ବା କ୍ରାୟୋଥେରାପି। ବରଫ ଲଦିଲେ ଆକ୍ରାନ୍ତ ସ୍ଥଳରୁ ତାପ ଅପସାରିତ ହୋଇଯାଏ। ସଙ୍କୁଚିତ ହୋଇପଡ଼େ ରକ୍ତନଳୀ। ତନ୍ତୁକୋଷିକାଗୁଡ଼ିକରେ ହ୍ରାସ ପାଇଯାଏ ଚୟାପଚୟ ତଥା ଏନଜାଇମ୍ କ୍ରିୟାର ହାର। ଏହିସବୁ ପରିବର୍ତ୍ତନ ଅସୁସ୍ଥତା ଉପଶମରେ ବେଶ୍ ସହାୟକ ହୋଇଥାଏ।

ଏବେ ଡାକ୍ତରମାନେ ରୋଗୀଠାରେ ରୋଗାକ୍ରାନ୍ତ ସ୍ଥାନର ତାପମାତ୍ରାକୁ ଯଥେଷ୍ଟ କମେଇଦେଇ ଜଟିଳ ଅପରେଶନ ସବୁ କରିପାରୁଛନ୍ତି ଓ ଅପରେଶନ ସରିଗଲା ପରେ ତାପମାତ୍ରାକୁ ପୁନର୍ବାର ଉଷୁମ ଅବସ୍ଥାକୁ ନେଇଆସୁଛନ୍ତି। ଅପରେଶନ କରିପାରୁଛନ୍ତି ହୃତ୍‌ପିଣ୍ଡରେ ଏବଂ ମସ୍ତିଷ୍କରେ ମଧ୍ୟ। ବିଶେଷକରି ମସ୍ତିଷ୍କରେ ଅପରେଶନ କଲାବେଳେ କ୍ଷେତ୍ର ବିଶେଷରେ ମସ୍ତିଷ୍କକୁ ରକ୍ତ ସରବରାହରେ ବାଧା ସୃଷ୍ଟି କରିବା ଦରକାର ପଡ଼େ। ଶରୀରରୁ ଅତ୍ୟଧିକ ରକ୍ତକ୍ଷୟ ନିବାରଣ କରିବା ଆବଶ୍ୟକ ହୁଏ। କିନ୍ତୁ ତାପମାତ୍ରା କମେଇଦେଲେ ଜୀବକୋଷଗୁଡ଼ିକର କ୍ରିୟା ମନ୍ଥର ହୋଇପଡ଼ିବା ସଙ୍ଗେସଙ୍ଗେ ହ୍ରାସ ପାଇଯାଏ ମସ୍ତିଷ୍କର ଅମ୍ଳଜାନ ଆବଶ୍ୟକତା।

> "ଏବେ ଡାକ୍ତରମାନେ ରୋଗୀଠାରେ ରୋଗାକ୍ରାନ୍ତ ସ୍ଥାନର ତାପମାତ୍ରାକୁ ଯଥେଷ୍ଟ କମେଇଦେଇ ଜଟିଳ ଅପରେସନ ସବୁ କରିପାରୁଛନ୍ତି ଓ ଅପରେସନ ସରିଗଲାପରେ ତାପମାତ୍ରାକୁ ପୁନର୍ବାର ଉଷୁମ ଅବସ୍ଥାକୁ ନେଇଆସୁଛନ୍ତି। ଅପରେସନ କରିପାରୁଛନ୍ତି ହୃତ୍‌ପିଣ୍ଡରେ ଏବଂ ମସ୍ତିଷ୍କରେ ମଧ୍ୟ। ବିଶେଷକରି ମସ୍ତିଷ୍କରେ ଅପରେସନ କଲାବେଳେ କ୍ଷେତ୍ର ବିଶେଷରେ ମସ୍ତିଷ୍କକୁ ରକ୍ତ ସରବରାହରେ ବାଧା ସୃଷ୍ଟି କରିବା ଦରକାର ପଡ଼େ। ଶରୀରରୁ ଅତ୍ୟଧିକ ରକ୍ତକ୍ଷୟ ନିବାରଣ କରିବା ଆବଶ୍ୟକ ହୁଏ।"



ଜୀବକୋଷଗୁଡ଼ିକ ହିମଶୀତଳ ତାପମାତ୍ରାରେ ସଂରକ୍ଷିତ ହୋଇ ପରେ କ୍ରିୟାଶୀଳ ହୋଇପାରୁଥିବାରୁ ବ୍ୟକ୍ତି ମରିଯିବା ପରେ ତା'ର ମୃତଦେହକୁ ଅତି ନିମ୍ନ ତାପମାତ୍ରାରେ ସାଇତି ରଖିବା ନିମନ୍ତେ ପଦକ୍ଷେପ ନିଆଗଲାଣି। ଯେଉଁ ରୋଗରେ ଆକ୍ରାନ୍ତ ହୋଇ ବ୍ୟକ୍ତିଟି ମୃତ୍ୟୁବରଣ କରିଥାଏ, ସେହି ରୋଗର ଚିକିତ୍ସା ପଦ୍ଧତି ଭବିଷ୍ୟତରେ ଉଦ୍ଭାବିତ ହୋଇଗଲେ ମୃତଦେହକୁ ସ୍ୱାଭାବିକ ତାପମାତ୍ରାକୁ ଫେରାଇ ଆଣି ତାକୁ ପୁନରୁଜ୍ଜୀବିତ କରାଯାଇପାରିବ ବୋଲି ବୈଜ୍ଞାନିକମାନଙ୍କର ବିଶ୍ୱାସ। ତେବେ ନିମ୍ନ ତାପମାତ୍ରାରେ ସଂରକ୍ଷଣ କରି ମୃତଦେହର ଜୀବନଦାନ ପ୍ରଚେଷ୍ଟାକୁ ଅନେକ କଠୋର ଭାବରେ ସମାଲୋଚନା କରିଆସୁଛନ୍ତି। ଏହାସତ୍ତ୍ୱେ ପୁନର୍ଜୀବିତ କରାଇପାରିବାର ଲକ୍ଷ୍ୟରେ ଅତି ନିମ୍ନତାପମାତ୍ରାରେ ମୃତଦେହ ସଂରକ୍ଷଣ ନିମନ୍ତେ ପଦକ୍ଷେପ ନିଆଯାଇଛି। କେତୋଟି ମୃତଦେହ ମଧ୍ୟ ସଂରକ୍ଷିତ ହୋଇରହିଛି ଏହି ଉଦ୍ଦେଶ୍ୟରେ। ୧୯୯୨ ମସିହାରେ ଏପରି ଭାବରେ ୬୦ଟି ମୃତଦେହ ସଂରକ୍ଷଣ କରି ରଖାଯାଇଥିଲା। ମାତ୍ର ଏଯାବତ୍ କୌଣସି ଜଣକୁ ମଧ୍ୟ ପୁନର୍ଜୀବନ ଦିଆଯାଇପାରି ନାହିଁ। ହେଲେ ପ୍ରାଣୀମାନଙ୍କ ଉପରେ କରାଯାଇଥିବା ଏଭଳି ପରୀକ୍ଷାର ଫଳାଫଳ ରହିଆସିଛି ବେଶ୍ ଉତ୍ସାହଜନକ।

-ଅଭିନବ ବିଡ଼ାନାସୀ, କଟକ
ମୋ: ୯୪୩୭୭୬୬୧୧୭

## ସ୍ୱାସ୍ଥ୍ୟ ସୂଚନା

❖ କେତେକେ ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ପାଳନ କରି ନ ଥାନ୍ତି। ରୋଗରୁ ଆରୋଗ୍ୟ ମିଳିବା ମାତ୍ରେ ଔଷଧ ଖାଇବା ବନ୍ଦ କରିଦେବା, ଡାକ୍ତର ସୂଚିତ କରିଥିବା ପରୀକ୍ଷା ନ କରିବା ନିଜର ବୋକାମି ବ୍ୟତୀତ ଆଉ କିଛି ନୁହେଁ। କାରଣ ରୋଗୀର ଅବସ୍ଥାକୁ ଦେଖି ଜଣେ ଡାକ୍ତର କେତେଦିନ ଔଷଧ ଖାଇବ, ଆରୋଗ୍ୟ ଲାଭ କରିବା ପରେ ମଧ୍ୟ କି କି ପରୀକ୍ଷା କରାଇବାକୁ ପଡ଼ିବ ସେ ସମ୍ପର୍କରେ ପ୍ରେସ୍କ୍ରିପ୍‌ସନରେ ଉଲ୍ଲେଖ କରିଥାଆନ୍ତି। ତାହାକୁ ଅନୁସରଣ କରନ୍ତୁ।

❖ ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀରର ରୋଟିନ ଚେକ୍‌ଅପ ପାଇଁ ସମୟ ବାହାର କରନ୍ତୁ।

❖ କୌଣସି ରୋଗର ଲକ୍ଷଣ ପ୍ରକାଶ ପାଇଲେ ବିଳମ୍ବ ନ କରି ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

❖ ଅନେକେ ଜଣାତରେ ନିଜର ଖାଦ୍ୟପେୟ ପ୍ରତି ଆବଶ୍ୟକ ମୁତାବକ ନଜର ଦେଇ ନ ଥାନ୍ତି। ଖାଦ୍ୟପେୟରେ ଅନିୟମିତତା ଦେଖାଦେଲେ ତାହା କେତେକ ରୋଗକୁ ପରୋକ୍ଷରେ ଡାକିଆଣିଥାଏ। ତେଣୁ ଠିକ୍ ସମୟରେ ଖାଦ୍ୟ ଖାଇବାକୁ ଭୁଲନ୍ତୁ ନାହିଁ।

❖ ନିଜକୁ ସୁସ୍ଥ ରଖିବା ପାଇଁ ଚାହୁଁଛନ୍ତି କି? ତେବେ ପ୍ରଥମେ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।

❖ କୌଣସି ରୋଗ ବିଷୟରେ ଡାକ୍ତର ଆପଣଙ୍କୁ ଯାହା ପଚାରୁଛନ୍ତି, ନିଃସଙ୍କୋଚରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅନ୍ତୁ। ଯଦି କୌଣସି କାରଣକୁ ଆପଣ ପ୍ରକାଶ ନ କରନ୍ତି ତେବେ ତାହା ଆପଣଙ୍କ ପାଇଁ ସମସ୍ୟାକୁ ଡାକିଆଣିଥାଏ।



## କଫ ସମସ୍ୟାରୁ ଉପଶମ ପାଇଁ..

ଅତ୍ୟଧିକ ଥଣ୍ଡା ହେଲେ ଛାତିରେ କଫ ଜମିବା ଆଶଙ୍କା ଅଧିକ ଥାଏ। ଏହା ଦ୍ୱାରା ଶ୍ୱାସକ୍ରିୟାରେ ବାଧା ସୃଷ୍ଟି ହୋଇଥାଏ। ଏପରି ସମସ୍ୟାରୁ ଉପଶମ ପାଇବାର କେତେକ ଘରୋଇ ଉପାୟ ରହିଛି। ଏଗୁଡିକୁ ଆପଣେଇପାରନ୍ତି...



★ ଅଧା କପ୍ ଉଷୁମ ପାଣିରେ ଏକ ଚାମଚ ହଳଦୀଗୁଣ୍ଡ ଭଲ ଭାବେ ମିଶାଇ ଦିଅନ୍ତୁ। ତା'ପରେ ଏଥିରେ ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାନ୍ତୁ। ଏହି ମିଶ୍ରଣକୁ ୨-୩ ମିନିଟ୍ ପର୍ଯ୍ୟନ୍ତ ଉଷୁମ କରି ପିଅନ୍ତୁ। ନିୟମିତ କିଛିଦିନ ଏହାକୁ ପିଇଲେ କଫ ସମସ୍ୟା ଦୂର ହୋଇଥାଏ।

★ ଅଦାକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। ପରେ ଏହାକୁ ପାଣିରେ ମିଶାଇ ଭଲଭାବେ ଫୁଟାନ୍ତୁ। ଏହାକୁ ଉଷୁମ ଅବସ୍ଥାରେ ପିଇଲେ କଫରୁ ଉପଶମ ମିଳିଥାଏ।

★ ଦୁଇ ଚାମଚ ଲେମ୍ବୁରସରେ ଏକ ଚାମଚ ମହୁ ମିଶାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହି ମିଶ୍ରଣକୁ ପିଇଲେ କଫ ସମସ୍ୟା ଅନେକାଂଶରେ ଦୂର ହୋଇଥାଏ।

★ ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ପିଇଲେ କେବଳ କଫ ନୁହେଁ, ଥଣ୍ଡାଜନିତ ସମସ୍ୟା ମଧ୍ୟ ଦୂର ହୋଇଥାଏ।

## ଆଜ୍‌ମା: ସତର୍କତା

ଆଜ୍‌ମା ଏକ ଶ୍ୱାସଜନିତ ସମସ୍ୟା। ଏହାଦ୍ୱାରା ଆକ୍ରାନ୍ତ ହେଲେ ବ୍ୟକ୍ତି ଜଣକ ସହଜରେ ନିଃଶ୍ୱାସ ନେଇପାରନ୍ତି ନାହିଁ। ଫଳରେ ଏହାର ତୁରନ୍ତ ଚିକିତ୍ସା କରାଇବାକୁ ପଡିଥାଏ। ବେଳେବେଳେ ରୋଗୀର ଅବସ୍ଥା ଦେଖି ତାକୁ ଆଇସିୟୁରେ ଆଡ୍‌ମିଶନ କରାଯାଇ ଚିକିତ୍ସା କରାଯାଏ। ଆଜ୍‌ମାରୁ ଉପଶମ ପାଇବା ପାଇଁ କେତେକ ଔଷଧ ଧୀରେ ଧୀରେ କାମ କରେ ଏବଂ କେତେକରୁ ଶୀଘ୍ର ଫଳ ମିଳିଥାଏ। ହେଲେ ଔଷଧ କେତେ ପରିମାଣର ଏବଂ କେତେ ବ୍ୟବଧାନରେ ଖାଇବାକୁ ପଡିବ, ତାହା ଡାକ୍ତରଙ୍କ ପରାମର୍ଶ ଉପରେ ନିର୍ଭର କରିଥାଏ। ଏହି ସମସ୍ୟା ଗମ୍ଭୀର ହେଲେ ରୋଗୀକୁ ଇନ୍‌ହେଲରର ସାହାଯ୍ୟ ନେବାକୁ ପଡେ। ଏଥିରୁ ନିଜକୁ ଦୂରେଇ ରଖିବା ପାଇଁ କେତୋଟି ବିଷୟ ପ୍ରତି ନଜର ଦେବା ନିହାତି ଦରକାର। ଯେତେବେଳେ ଧୂଳି ଉଡୁଛି କି ଘର ସଫା ହେଉଛି ସେତେବେଳେ ଏଭଳି ପ୍ରଦୂଷିତ ଧୂଳିକଣାଠାରୁ ନିଜକୁ ଦୂରେଇ ରଖନ୍ତୁ। କାରଣ ଏସବୁ ଶ୍ୱାସକ୍ରିୟା ଦ୍ୱାରା ଶରୀର ଭିତରକୁ ଗଲେ ତାହା ଆଜ୍‌ମା ସମସ୍ୟାକୁ ବଢ଼ାଇ ଦେଇଥାଏ। ଘରେ ଯଦି କୌଣସି ପ୍ରାଣୀ ପୋଷିଛନ୍ତି ତେବେ ସେମାନଙ୍କ ଲୋମ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଆଜ୍‌ମା ରୋଗୀ ଧୂମପାନ ଅଭ୍ୟାସକୁ ତୁରନ୍ତ ପରିହାର କରିବା ଆବଶ୍ୟକ। ଏହା ବ୍ୟତୀତ ପ୍ରଦୂଷିତ ସ୍ଥାନ, ଥଣ୍ଡାଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖନ୍ତୁ। ଯଦି ଇନ୍‌ହେଲର ବ୍ୟବହାର କରୁଛନ୍ତି, ତେବେ ବ୍ୟାୟାମ କରିବାର ୧୦-୧୫ ମିନିଟ୍ ପୂର୍ବରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଡୋଜ୍ ନିଅନ୍ତୁ।




## ସହଜରେ ଠାବ ହେବ ରେଟିନାଲ ସେଲ୍

ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ନୂଆ ଜିନିଷ ଉଦ୍ଭାବନ ଚାଲୁ ରହିଛି। ନିକଟରେ ଲଣ୍ଡନ ୟୁନିଭର୍ସିଟିର ଚକ୍ଷୁ ବିଶେଷଜ୍ଞମାନେ ଏକ ନୂଆ ଡିଭାଇସ୍ ପ୍ରସ୍ତୁତ କରିବାରେ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟାର କେତେକାଂଶରେ ସମାଧାନ କରାଯାଇପାରିବ। ଏଭଳି ନୂଆ ଡିଭାଇସ୍ ସମ୍ପର୍କରେ ସୂଚନା ଦେଇ ଏହି ଗବେଷଣାର ମୁଖ୍ୟ ତଥା ସହକାରୀ ପ୍ରଫେସର ଡ. ଏଲିଜାବେଥ ଭର୍ସିଗ କହନ୍ତି, 'ଆଜିକାଲି ରେଟିନାଜନିତ ସମସ୍ୟା ଅଧିକ ମାତ୍ରାରେ ଦେଖାଯାଉଛି। ଏହାର ଚିକିତ୍ସା ପାଇଁ ନୂଆ ଡିଭାଇସ୍ ଅନେକାଂଶରେ ସାହାଯ୍ୟ କରିପାରିବ। ଚକ୍ଷୁରେ ଏହାକୁ ସଂଯୋଗ କରିବା ପରେ ଏହାଦ୍ୱାରା ରେଟିନାଲ ସେଲ୍‌କୁ ସହଜରେ ଠାବ କରାଯାଇପାରିବ ଏବଂ ତା'ପରେ ଏହାର ଚିକିତ୍ସା କରିବା ଆହୁରି ସହଜ ହେବ।' ପରୀକ୍ଷାମୂଳକ ଭାବରେ ଏଥିରୁ ସଫଳତା ମିଳିଛି ଏବଂ ଏହାକୁ କିପରି ଆହୁରି ଅତ୍ୟାଧୁନିକ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେନେଇ ଚେଷ୍ଟା ଚାଲିଛି।



## ସକାରାତ୍ମକ ଚିନ୍ତାଧାରା ବଢ଼ାଇବାର ସହଜ ଉପାୟ

ମନପସନ୍ଦର ସଙ୍ଗୀତ ଭାରାକ୍ରାନ୍ତ ମନକୁ ଅନେକାଂଶରେ ହାଲ୍‌କା କରିଥାଏ। ସେଥିପାଇଁ ଅନେକେ ମନପସନ୍ଦର ସଙ୍ଗୀତ ଶୁଣିବାକୁ ଉଚିତ ମଣିଥାଆନ୍ତି। ହେଲେ ଏପରି ଅଭ୍ୟାସ ସଂପୃକ୍ତ ବ୍ୟକ୍ତିଙ୍କର ସକାରାତ୍ମକ ଚିନ୍ତାଧାରାକୁ ବଢ଼ାଇବାରେ ଅନେକାଂଶରେ ସହାୟକ ହୋଇଥାଏ। ୱାଶିଂଟନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ କରିଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ମନପସନ୍ଦର ଗୀତ ଶୁଣନ୍ତି, ତେବେ ଏହାଦ୍ୱାରା ତାଙ୍କର କାର୍ଯ୍ୟ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ। 'ସକାରାତ୍ମକ ଚିନ୍ତାଧାରା ଏବଂ ସଙ୍ଗୀତ' ବିଷୟ ଉପରେ ସେମାନେ ଏହି ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରି ଗୋଟିଏ ଗ୍ରୁପ୍‌ର ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ତାଙ୍କ ମନପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦେଇଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କର ସକାରାତ୍ମକ ମନୋଭାବରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି।



## ସଂକ୍ଷେପରେ

### ଛୁଟି ପାଳନ, ମହଙ୍ଗା ଟୁର୍ ଯିବାରେ ଭାରତୀୟ ସର୍ବାଗ୍ରେ

ନୂଆଦିଲ୍ଲୀ,୨୪-୩: ଛୁଟି ପାଳନ ଓ ମହଙ୍ଗା ଟୁର୍ ଯିବା କଥା ଉଠିଲେ ଭାରତ ବିଶ୍ୱରେ ସର୍ବାଗ୍ରେ ରହିଛି। ଭାରତୀୟମାନେ ମହଙ୍ଗା ଟୁର୍ ଯିବାରେ ମେକ୍ସିକୋ, ଥାଇଲାଣ୍ଡ, ସ୍ପେନ, ତୁର୍କୀ, ଆମେରିକା ଓ ଚାଇନା ସମେତ ବିଶ୍ୱର ଅନ୍ୟ ଦେଶକୁ ପଛରେ ପକାଇ ଦେଇଛନ୍ତି। ଓ୍ୱାର୍ଲ୍ଡ ଟ୍ରାଭେଲ ଆଣ୍ଡ ଟ୍ୟୁରିଜମ୍ କାଉନସିଲ୍ (ଡବ୍ଲ୍ୟୁଟିଟିସି)ର ଇକୋନୋମିକ ଇମ୍ପାକ୍ଟ ୨୦୧୯ ରିପୋର୍ଟରେ ଏ ସମ୍ପର୍କରେ ତଥ୍ୟ ପ୍ରକାଶ କରାଯାଇଛି। ସୂଚନାଥାଉ କି, ଡବ୍ଲ୍ୟୁଟିଟିସି ଇକୋନୋମିକ ଇମ୍ପାକ୍ଟ ଟ୍ରାଭେଲ ଓ ଟ୍ୟୁରିଜମ୍ କ୍ଷେତ୍ରର ଗ୍ଲୋବାଲ ପ୍ରାଇଭେଟ ସେକ୍ଟରକୁ ପ୍ରତିନିଧିତ୍ୱ କରୁଛି। ଏହା ପ୍ରତ୍ୟେକ ଦେଶର ଟ୍ରାଭେଲ ଓ ଟ୍ୟୁରିଜମ୍ ଜିଡିପିରେ ଯୋଗଦାନ ସମ୍ପର୍କରେ ତର୍ଜମା କରିଥାଏ। ରିପୋର୍ଟରେ କୁହାଯାଇଛି ଯେ, ଭାରତ ଏ କ୍ଷେତ୍ରରେ ଜିଡିପିର ୯୪.୮ ପ୍ରତିଶତ ଖର୍ଚ୍ଚ କରିଛି। ସେହିପରି ଆମେରିକା ଓ ଚାଇନା ଟ୍ରାଭେଲ ଓ ଟ୍ୟୁରିଜମ୍‌ରେ କ୍ରମଶଃ ୭୧.୩% ଓ ୮୧.୪% ଖର୍ଚ୍ଚ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ଭାରତ ପରେ ମେକ୍ସିକୋ, ଥାଇଲାଣ୍ଡ, ସ୍ପେନ ଓ ବ୍ରାଜିଲ ମହଙ୍ଗା ଟ୍ରିପ୍ ବାବଦରେ ଅଧିକ ଖର୍ଚ୍ଚ କରିଥାନ୍ତି। ତେବେ କାମ ଅଥବା ବ୍ୟବସାୟ ସଂକ୍ରାନ୍ତରେ ଭାରତୀୟମାନେ ୫% ଅଧିକ ଖର୍ଚ୍ଚ କରନ୍ତି। ୨୦୧୮ରେ ଭାରତ ୨୪୭.୩ ବିଲିୟନ ଟଙ୍କାର ମୋଟ ମୂଲ୍ୟ ସହ ଟ୍ରାଭେଲ ଓ ଟ୍ୟୁରିଜମ୍ କ୍ଷେତ୍ର ଦେଶର ଜିଡିପିରେ ୯.୨% ଯୋଗଦାନ ଦେଉଛି। ତେବେ ଘରୋଇ ଯାତ୍ରାରେ ୮୭% ମହଙ୍ଗା ଛୁଟି ଅତିବାହିତ କରାଯାଇଛି। ଅବଶିଷ୍ଟ ଅନ୍ତର୍ଜାତୀୟ କ୍ଷେତ୍ରରେ ହୋଇଛି। ଡବ୍ଲ୍ୟୁଟିଟିସି ଅଧ୍ୟକ୍ଷ ତଥା ସିଇଓ ଗ୍ଲୋରିୟା ଗ୍ୱେରା କହିଛନ୍ତି ଯେ, ଗତ ଏକ ଦଶନ୍ଧି ମଧ୍ୟରେ ଭାରତୀୟ ଟ୍ରାଭେଲ ଓ ଟ୍ୟୁରିଜମ୍ ସେକ୍ଟରରେ ଅଭୁତପୂର୍ବ ଅଭିବୃଦ୍ଧି ଦେଖାଯାଇଛି।

### ଏଲ୍ଆଇସିର ନୂଆ ନବଜୀବନ ପ୍ଲାନ

ମୁମ୍ବାଇ,୨୪-୩: ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ପକ୍ଷରୁ ନୂଆ ନବଜୀବନ ପ୍ଲାନର ଶୁଭାରମ୍ଭ ହୋଇଛି। ଏହା ଏକ ନନ୍ ଲିଙ୍କଡ, ପାର୍ଟିସିପେଣ୍ଟିଂ ଏଣ୍ଡାଓମେଣ୍ଟ ଲାଇଫ ଆସ୍ୟୁରାନ୍ସ ପ୍ଲାନ। ଏହା ଗ୍ରାହକଙ୍କୁ ଉଭୟ ସେଭିଂ ଏବଂ ସୁରକ୍ଷା ପ୍ରଦାନ କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ପ୍ରିମିୟମ ପ୍ରଦାନ କରିବା କ୍ଷେତ୍ରରେ ଗ୍ରାହକଙ୍କ ଲାଗି ବିକଳ୍ପ ରହିଛି। ୬୫ ବର୍ଷ ପର୍ଯ୍ୟନ୍ତ ବୟସ୍କ ବ୍ୟକ୍ତିବିଶେଷ ଏହି ପ୍ଲାନ ନେଇ ପାରିବେ। ଏହାକୁ ଅଫ୍‌ଲାଇନ ଏବଂ ଅନ୍‌ଲାଇନ ମୁଡରେ କ୍ରୟ କରାଯାଇ ପାରିବ।

### ଆମ୍‌ୱେର ଇଟ୍ ହାର୍ଡ ଇଟ୍ ସ୍ମାର୍ଟ ଅଭିଯାନ

ଭୁବନେଶ୍ୱର,୨୪-୩: ଆମ୍‌ୱେ ଇଣ୍ଡିଆ ପକ୍ଷରୁ ଇଟ୍ ହାର୍ଡ ଇଟ୍ ସ୍ମାର୍ଟ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏକ ସୁସ୍ଥକର ଜୀବନଶୈଳୀ ପାଇଁ ସନ୍ତୁଳିତ ପୋଷଣ ଗ୍ରହଣ କରିବାର ଲାଭକୁ ସମର୍ଥନ କରିବା ଏବଂ ପ୍ରଚାର କରିବା ପାଇଁ ଏହା ହାତକୁ ନିଆଯାଇଥିବା କମ୍ପାନୀ ପ୍ରକାଶ କରିଛି। ଏହା ଠିକ୍ ଓ ପର୍ଯ୍ୟାପ୍ତ ପୋଷଣ ଉପରେ ପର୍ଯ୍ୟବସିତ। ପୋଷଣରେ ରହୁଥିବା ଅନ୍ତର ଦୂର କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ଜୀବନଯାପନ ପାଇଁ ଲୋକଙ୍କୁ ସହାୟତା କରିବା ଦର୍ଶନ ଉପରେ ଏହି ଅଭିଯାନ ପର୍ଯ୍ୟବସିତ। ଏହି ଅବସରରେ କମ୍ପାନୀର ମୁଖ୍ୟ ମାର୍କେଟିଂ ଅଧିକାରୀ ସୁନ୍ଦୀପ ଶାହ କହିଛନ୍ତି ଯେ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରତିଦିନ ସୁସ୍ଥକର ଏବଂ ସନ୍ତୁଳିତ ଆହାର ଖାଇବା ଜରୁରୀ।

### ସାମ୍‌ସଙ୍ଗ୍‌ର ନୂଆ ସ୍ମାର୍ଟଫୋନ

ଭୁବନେଶ୍ୱର,୨୪-୩:ସାମ୍‌ସଙ୍ଗ୍ ପକ୍ଷରୁ ପରବର୍ତ୍ତୀ ପିଢ଼ିର ନୂତନ ଗ୍ୟାଲେକ୍ସି ଏ-୧୦ ମୋବାଇଲ୍ ବଜାରକୁ ଆସିଛି। ଏହାର ବଜାର ଦର ୮୪୯୦ ଟଙ୍କା ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ସ୍ମାର୍ଟଫୋନ ଗ୍ରାହକଙ୍କୁ ଅନନ୍ୟ ଅଭିଜ୍ଞତା ପ୍ରଦାନ କରିବ। ଏହି ସ୍ମାର୍ଟଫୋନ୍‌ରେ ୬.୨ ଇଞ୍ଚ ଏଚ୍‌ଡି ପ୍ଲସ୍ ସ୍କ୍ରିନ୍, ଇନଫିନିଟି-ଭି ଡିସପ୍ଲେ, ଏଫ-୨.୦ ଆପରେଚର ବିଶିଷ୍ଟ ୫ ଏମପି ସମ୍ମୁଖ କ୍ୟାମେରା, ଏଫ୍୧.୯ ଆପରେଚର ବିଶିଷ୍ଟ ୧୩ ଏମ୍‌ପି ପଛ କ୍ୟାମେରା, ୩,୪୦୦ ଏମ୍‌ଏଏଚ୍ ବ୍ୟାଟେରି ରହିଛି। ଏଥିରେ ୨ ଜିବି ରାମ୍ ୩୨ ଜିବି ରାମ୍, ୫୧୨ ବର୍ଦ୍ଧିତ ମେମୋରୀ ଭଳି ବୈଶିଷ୍ଟ୍ୟ ରହିଛି।



“କ୍ଷମତାକୁ ଆସିଲେ ଜିଏସ୍‌ଟି ପ୍ରତ୍ୟାହାର ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ। ବ୍ୟବସାୟୀଙ୍କୁ ବଳୀର ବୋଦା ବନାଯାଉଥିବାରୁ ଏହାକୁ ବିରୋଧ କରୁଛୁ।
– ପ୍ରବୀନ ଖଣ୍ଡେଲୱାଲ, ସଭାପତି, ସର୍ବଭାରତୀୟ ବ୍ୟବସାୟୀ ମହାସଂଘ



“ଘରୋଇ ବଜାରରେ ଅଭିବୃଦ୍ଧି ଲାଗି ବିତରଣ ବ୍ୟବସ୍ଥାର ଦୃଢ଼ୀକରଣ ଏବଂ ଉତ୍ପାଦର ନୂତନତ୍ୱ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।
– ମାଧଭନ ମେନନ, ଅଧ୍ୟକ୍ଷ, ଥୋମାସ କୁକ ଇଣ୍ଡିଆ

■ ବକେୟା ବିଜୁଳି ବିଲ୍ ଦେଉନାହାନ୍ତି ରାଜ୍ୟ

# ଏନ୍‌ପିଏ ହୋଇପାରେ ୩ ଲକ୍ଷ କୋଟି

ନୂଆଦିଲ୍ଲୀ,୨୪-୩



- ସଙ୍କଟରେ ୧୨ରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ନିବେଶ
- ରାଜ୍ୟଗୁଡ଼ିକ ଉପରେ ଶକ୍ତି କମ୍ପାନୀଗୁଡ଼ିକର ୪୧,୭୩୦ କୋଟି ବକେୟା
- ରାଜ୍ୟର ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର ବକେୟା ୬୦ ହଜାର କୋଟିରୁ ଉର୍ଦ୍ଧ୍ୱ

ରାଜ୍ୟ ସରକାରଗୁଡ଼ିକ ବିଜୁଳି ବିଲ୍ ବାବଦରେ ବକେୟା ପ୍ରଦାନ କରୁ ନ ଥିବାରୁ ପ୍ରାୟ ଏକ ଡଜନ ବିଦ୍ୟୁତ ପ୍ରକଳ୍ପରେ ୩ ଲକ୍ଷ କୋଟି ଟଙ୍କାର ଘରୋଇ ନିବେଶ ଏବେ ସଙ୍କଟଗ୍ରସ୍ତ ହୋଇଛି। ଏହି ପରିମାଣ ଅର୍ଥ ଏବେ ଏନ୍‌ପିଏ ବା ଅନାଦାୟ ଋଣ ହେବାକୁ ବସିଛି, ଯାହା ଋଣ ପ୍ରଦାନକାରୀ ବ୍ୟାଙ୍କଗୁଡ଼ିକ ପାଇଁ ଶୁଭଙ୍କର ନୁହେଁ।

କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟର ପ୍ରାପ୍ତି ପୋର୍ଟାଲରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ, ଜିଏମ୍ଆର୍ ଓ ଆଦାନୀ ଗ୍ରୁପ୍ କମ୍ପାନୀ ବ୍ୟତୀତ ରାଷ୍ଟ୍ରାୟତ୍ତ ଏନ୍‌ଟିପିସି କମ୍ପାନୀ ଗତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟ ସରକାରଗୁଡ଼ିକଠାରୁ ବିଜୁଳି ବିଲ୍ ବାବଦରେ ପ୍ରାୟ ୪୧,୭୩୦ କୋଟି ଟଙ୍କା ପାଇବେ। ରାଜ୍ୟରେ ବିଦ୍ୟୁତ ବିତରଣ କରୁଥିବା କମ୍ପାନୀଗୁଡ଼ିକ ଏହି ବକେୟା କରିଛନ୍ତି। ଆଜି ସୁଦ୍ଧା ଏହା ବଢ଼ି ବଢ଼ି ପ୍ରାୟ ୬୦ ହଜାର କୋଟି ଟଙ୍କାରେ ପହଞ୍ଚି ସାରିଲାଣି। ତନ୍ମଧ୍ୟରୁ ଅର୍ଦ୍ଧେକ ଅର୍ଥ ଘରୋଇ ବିଦ୍ୟୁତ ଉତ୍ପାଦନକାରୀ କମ୍ପାନୀମାନେ ଅସୁଲ କରିବା ଅପେକ୍ଷାରେ ରହିଛନ୍ତି। ଭାଜପା ଶାସିତ ଉତ୍ତରପ୍ରଦେଶରେ ସର୍ବାଧିକ ୬,୪୯୭ କୋଟି ଟଙ୍କା ବକେୟା ପଡ଼ି ରହିଥିବା ବେଳେ ୬୧୭୯ କୋଟି ଟଙ୍କା ସହ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଜମ୍ମୁ-କଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ ଓ ପଞ୍ଜାବ ବକେୟା ବିଜୁଳି ବିଲ୍ ବୃଦ୍ଧି କରିବାରୁ ପରିସ୍ଥିତି ଜଟିଳ ହୋଇଛି। ପ୍ରାପ୍ତି ପୋର୍ଟାଲ ଅନୁଯାୟୀ, ଉତ୍ତର ପ୍ରଦେଶ ନିଜର ବକେୟା ପରିଶୋଧ କରିବା ଲାଗି ୫୪୪ ଦିନ ସମୟ ନେଉଥିବା ବେଳେ ମହାରାଷ୍ଟ୍ର ଏଥିପାଇଁ ୫୮୦ ଦିନ ସମୟ ନେଇଥାଏ। ଦେଶର ସବୁଠାରୁ ଅଧିକ ଔଦ୍ୟୋଗିକ ରାଜ୍ୟ କୁହାଯାଉଥିବା ମହାରାଷ୍ଟ୍ର ଓ ତାମିଲନାଡୁ ମୋଟ ବକେୟାର ୮୦ ପ୍ରତିଶତ ଦେଇନାହାନ୍ତି। ସେମାନେ ଅଧିକ ବିଜୁଳି ବ୍ୟୟ କରିଥାନ୍ତି। ଶୀର୍ଷ ୧୦ ରାଜ୍ୟ ବକେୟା ବିଜୁଳି ବିଲ୍ ପ୍ରଦାନ କରିବାକୁ ହାରାହାରି ୫୬୨ ଦିନ ସମୟ ନେଉଛନ୍ତି। ବିଳମ୍ବରେ ବିଦ୍ୟୁତ ଦେୟ ମିଳୁଥିବାରୁ ଘରୋଇ ବିଜୁଳି ଉତ୍ପାଦକଙ୍କ ପାଇଁ ଦୈନନ୍ଦିନ ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡୁଛି। ଅର୍ଥର ଅଭାବ କାରଣରୁ ଉତ୍ପାଦନ ଉପରେ ସଙ୍କଟ ସୃଷ୍ଟି ହେଲାଣି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ବଜାଜ୍ ଗ୍ରୁପ୍ ଅଧୀନ ଲଳିତପୁଟ ପାୱାର ଜେନେରେଶନ କମ୍ପାନୀ ଉତ୍ତର ପ୍ରଦେଶର ବିଦ୍ୟୁତ୍ ବିତରଣକାରୀ କମ୍ପାନୀଙ୍କଠାରୁ ବକେୟା ବାବଦରେ ୨୧୮୫ କୋଟି ଟଙ୍କା ନ ପାଇବାରୁ ପ୍ରାୟ ୩ ହଜାର କର୍ମଚାରୀଙ୍କୁ ବେତନ ଦେଇପାରୁ ନାହିଁ। ଖାଲି ଏତିକି ନୁହେଁ ଅର୍ଥର ଅଭାବ କାରଣରୁ ଏହା ଆବଶ୍ୟକ କୋଇଲା ଗଚ୍ଛିତ ରଖିବାରେ ମଧ୍ୟ ବିଫଳ ହୋଇଛି। ୪୧,୭୩୦ କୋଟି ଟଙ୍କାର ବକେୟା ବିଜୁଳି ବିଲ୍ ମଧ୍ୟରେ ଆଦାନି ଗ୍ରୁପ୍ ୭୪୩୩.୪୭ କୋଟି ଟଙ୍କା, ଜିଏମ୍ଆର ଗ୍ରୁପ୍ ୧୭୮୮.୧୮ କୋଟି ଟଙ୍କା ରହିଛି। ସେହିପରି ସେମ୍ବକର୍ପ ୧୪୯୭.୦୭ କୋଟି ଟଙ୍କା, ଏନ୍‌ଟିପିସି ୧୭,୧୮୭ କୋଟି ଟଙ୍କା ବକେୟା ବାବଦରେ ପାଇବ।

## ଏସ୍‌ବିଆଇ ନ୍ୟୁମେରୋ ୟୋନୋର ବିଜେତା ପୁରସ୍କୃତ




ମୁମ୍ବାଇ,୨୪-୩

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଏହାର କ୍ୱିଜ ପ୍ରତିଯୋଗିତା ‘ନ୍ୟୁମେରୋ ୟୁନୋ ୨୦୧୯’ର ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ମୁମ୍ବାଇଠାରେ ଅନୁଷ୍ଠିତ ଚୂଡାନ୍ତ ପର୍ଯ୍ୟାୟରେ ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସ ଦଳ ଜାତୀୟ ସ୍ତରର ବିଜେତା ହେବା ସହ ୫.୭୬ ଲକ୍ଷ ଟଙ୍କା ପୁରସ୍କାର ଲାଭ କରିଛନ୍ତି। ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ବିଜେତା ଦଳକୁ ପୁରସ୍କୃତ କରିଛନ୍ତି। ଏଥିରେ କିଟ୍ ଭୁବନେଶ୍ୱର ଦଳ ପୂର୍ବ ଜୋନର ବିଜେତା ହେବା ସହ ଫାଇନାଲରେ ତୃତୀୟ ଶ୍ରେଷ୍ଠ ଦଳ ବିବେଚିତ ହୋଇ ପାରିଛି। ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ପୂର୍ବ ଜୋନର ବିଜେତା ସଦସ୍ୟଙ୍କୁ ଏହି ଅବସରରେ ଶୁଭେଚ୍ଛା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଦେଶର ୧୭ଟି ସ୍ଥାନରେ ଥିବା ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ଏଭଳି କ୍ୱିଜ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୫୪ ଦଳ ମଧ୍ୟରୁ କିଟ୍ ଭୁବନେଶ୍ୱର ଦଳ ଚୂଡାନ୍ତ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବା ସହ ମୁମ୍ବାଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲା।

## ବ୍ରାଜିଲ, ମେକ୍ସିକୋରୁ ତେଲ ଆମଦାନୀ ବଢ଼ାଇବ ଭାରତ

ନୂଆଦିଲ୍ଲୀ,୨୪-୩

ଆମେରିକା କଟକଣା ଯୋଗୁ ଭେନେଜୁଏଲାରୁ ଭାରତ ଅଶୋଧିତ ତୈଳ ଆମଦାନୀ କରିପାରୁନି। ବ୍ରାଜିଲ ଓ ମେକ୍ସିକୋରୁ ଅଧିକ ତୈଳ ଆମଦାନୀ କରି ଭାରତ ଏହାର ଭରଣା କରିବାକୁ ଚାହୁଁଛି। ସୂଚନାଥାଉ କି, ସୌଦି ଆରବ, ଇରାକ ଓ ଇରାନ ପରେ ଭେନେଜୁଏଲା ଚତୁର୍ଥ ରାଷ୍ଟ୍ର ଭାବେ ଭାରତକୁ ଅଶୋଧିତ ତେଲ ଯୋଗାଇଥାଏ। ୨୦୧୭-୧୮ରେ ଘରୋଇ ଚାହିଦାର ୧୧% ଅର୍ଥାତ୍ ୧୮ ମିଲିୟନ ଟନ ତେଲ ଭେନେଜୁଏଲା ଯୋଗାଇଥାଏ। ତେବେ ଭେନେଜୁଏଲା ଉପରେ ଆମେରିକା କଟକଣା ଲାଗୁ ହେବା ଯୋଗୁ ଭାରତକୁ ବିକଳ୍ପ ସନ୍ଧାନ କରିବାକୁ ପଡୁଛି। କୂଟନୈତିକ ସୂତ୍ରରୁ ପ୍ରକାଶ ଯେ, ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଉଦ୍ଦେଶ୍ୟରେ ଏବେ ବ୍ରାଜିଲ ଓ ମେକ୍ସିକୋ ଭାରତକୁ ଅଧିକ ଅଶୋଧିତ ତେଲ ବିକିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଭାରତ ଏହାର ତର୍ଜମା ଆରମ୍ଭ କରିଦେଇଛି। ଉଭୟ ରାଷ୍ଟ୍ରାୟତ୍ତ ଓ ଘରୋଇ ତୈଳ ବିତରଣକାରୀ କମ୍ପାନୀଙ୍କ ମତାମତ ନେବା ପରେ ଭାରତ ଏ ସମ୍ପର୍କରେ ନିଷ୍ପତ୍ତି ନେବ। ଉଲ୍ଲେଖ କରାଯାଇପାରେ ଯେ, ବ୍ରାଜିଲ ଓ ମେକ୍ସିକୋରୁ ଭାରତ ପୂର୍ବରୁ ଅଶୋଧିତ ତେଲ ଆମଦାନୀ କରୁଛି। ତେବେ ୨୦୧୩ରୁ ଏହା ଧୀରେ ଧୀରେ ହ୍ରାସ ପାଇଛି।

### ସୁନା ଆମଦାନୀ ୫.୫% ହ୍ରାସ

ନୂଆଦିଲ୍ଲୀ,୨୪-୩: ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଫେବୃୟାରୀ ମଧ୍ୟରେ ଦେଶରେ ସୁନା ଆମଦାନୀ ୫.୫% ହ୍ରାସ ପାଇ ୨୯.୫ ବିଲିୟନ ଡଲାରରେ ପହଞ୍ଚିଛି ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୧୭-୧୮ର ସମାନ ଅବଧିରେ ସୁନା ଆମଦାନୀ ୩୧.୨ ବିଲିୟନ ଡଲାର ଥିଲା। ବିଶେଷଜ୍ଞଙ୍କ କହିବାନୁଯାୟୀ, ବିଶ୍ୱ ବଜାରରେ ସୁନା ମୂଲ୍ୟ ହ୍ରାସ ପାଇବା କାରଣରୁ ଆମଦାନୀ କମିଛି। ଚଳିତ ଆର୍ଥିକ ବର୍ଷରେ ଅକ୍ଟୋବର, ନଭେମ୍ବର ଓ




ଡିସେମ୍ବରରେ କ୍ରମାଗତ ୩ ମାସ ଧରି ସୁନାର ଆମଦାନୀ କମିଛି। ଚଳିତ ବର୍ଷ ଜାନୁୟାରୀରେ ଏହା ୩୮.୧୬ ପ୍ରତିଶତ ବୃଦ୍ଧି ପାଇ ୨.୩୧ ବିଲିୟନ ଡଲାରରେ ପହଞ୍ଚିଯାଇଛି। ତେବେ ଫେବୃୟାରୀରେ ଏହା ୧୦.୮ ପ୍ରତିଶତ ବୃଦ୍ଧି ପାଇ ୨.୫୮ ବିଲିୟନ ଡଲାର ହୋଇଛି। ସୂଚନାଥାଉ କି, ଦେଶର ଗହଣା ଶିଳ୍ପରେ ସୁନାର ଚାହିଦା ବଢୁଥିବାରୁ ଏହି ମୂଲ୍ୟବାନ ଧାତୁ ଆମଦାନୀ କ୍ଷେତ୍ରରେ ଭାରତ ସର୍ବାଗ୍ରେ ରହିଛି। ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ ଗତ ୧୧ ମାସରେ ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନି ୬.୩% ହ୍ରାସ ପାଇ ୨୮.୫ ବିଲିୟନ ଡଲାର ହୋଇଛି।

## ହ୍ୟୁଣ୍ଡାଇର ମେଗା ଏକ୍ସପେରିଏନ୍ସ କ୍ୟାମ୍ପ

ନୂଆଦିଲ୍ଲୀ,୨୪-୩

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ମେଗା ଏକ୍ସପେରିଏନ୍ସ ହ୍ୟୁଣ୍ଡାଇ କ୍ୟାମ୍ପ ଆୟୋଜିତ ହୋଇଯାଇଛି। ନୂଆ କାର କିମ୍ବା ଗ୍ରାହକଙ୍କ ନିକଟରେ ଥିବା କାରର ବିଭିନ୍ନ ସର୍ଭିସ ଆବଶ୍ୟକତାକୁ ଧ୍ୟାନରେ ରଖି କମ୍ପାନୀ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି। ଏହା ଦେଶର ୩୪୩ ସହରର ୫୭୪ଟି ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଏହା ଦ୍ୱାରା ଗ୍ରାହକମାନେ ସେମାନଙ୍କ ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଯାନର ପର୍ସନାଲାଇଜଡ କେୟାର ଲାଭ କରିବାକୁ ସକ୍ଷମ ହୋଇଛନ୍ତି। ଗ୍ରାହକଙ୍କୁ ଗୁଣବତ୍ତା ସେବା ପ୍ରଦାନ ଲକ୍ଷ୍ୟରେ ଏଭଳି ଏକ ପଦକ୍ଷେପ ହାତକୁ ନିଆଯାଇଥିବା କମ୍ପାନୀର ଏମ୍‌ଡି ତଥା ସିଇଓ ଏସ୍.ଏସ୍. କିମ୍ ସୂଚନା ଦେଇଛନ୍ତି। ସେହିଭଳି ବ୍ରାଣ୍ଡ ପ୍ରତି ଗ୍ରାହକଙ୍କର ବିଶ୍ୱାସକୁ ଆହୁରି ଦୃଢ କରିବା ଦିଗରେ ପଦକ୍ଷେପ ଜାରି ରହିଥିବା ସେ କହିଛନ୍ତି। ଯାନର ନିୟମିତ ସର୍ଭିସ ଉପରେ ଏଠାରେ ଗ୍ରାହକଙ୍କୁ ବିଭିନ୍ନ ସୂଚନା ଦିଆଯାଇଥିଲା।

## ବିଏସ୍‌ଏନ୍‌ଏଲ୍‌ର ବିଦ୍ୟୁତ୍ ସଂଯୋଗ କାଟନି

ନୂଆଦିଲ୍ଲୀ,୨୪-୩

**ରାଜ୍ୟ ସରକାରଙ୍କୁ ଡିଓଟିର ଅନୁରୋଧ**

ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଦୁଇଟି ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ଓ ମହାନଗର ଟେଲିଫୋନ ନିଗମ ଲିମିଟେଡ (ଏମ୍‌ଟିଏନ୍‌ଏଲ୍)ର ବିଦ୍ୟୁତ ସଂଯୋଗ ନ କାଟିବାକୁ ଟେଲିକମ ବିଭାଗ (ଡିଓଟି) ପକ୍ଷରୁ ରାଜ୍ୟ ସରକାରଗୁଡ଼ିକୁ ଅନୁରୋଧ କରାଯାଇଛି। ବିଭାଗର ଅନୁରୋଧ ସଂକ୍ରାନ୍ତରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖାଯାଇଛି। ଏହି ଦୁଇଟି କମ୍ପାନୀ ବିଲ୍ ବାବଦରେ ବକେୟା ପୈଠ କରୁ ନ ଥିବାରୁ ବିଦ୍ୟୁତ ସଂଯୋଗ କାଟି ଦେବାକୁ ଚେତାବନୀ ଦିଆଯାଇଛି। ମୁଖ୍ୟ ସଚିବଙ୍କୁ ଲେଖାଯାଇଥିବା ପତ୍ରରେ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଦେଶରେ ଏବେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବାରୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲର ବିଦ୍ୟୁତ ସଂଯୋଗ କାଟିବା ଯଥାର୍ଥ ହେବନାହିଁ। ବିଏସ୍‌ଏନ୍‌ଏଲ୍ ଇତିମଧ୍ୟରେ ୯୦ ପ୍ରତିଶତ ବକେୟା ବିଲ୍ ଦେଇସାରିଛି। ଅବଶିଷ୍ଟ ୧୦% ଆସନ୍ତା ୧୦ରୁ ୧୫ ଦିନ ଭିତରେ ପୈଠ କରିବ। ଟେଲିକମ କ୍ଷେତ୍ରରେ ପ୍ରବଳ ପ୍ରତିଯୋଗିତା କାରଣରୁ ବିଏସ୍‌ଏନ୍‌ଏଲ୍ ଏବେ ଆର୍ଥିକ ସଙ୍କଟର ସାମ୍ନା କରୁଛି। ଏଣୁ ବିଜୁଳି ବିଲ୍ ପୈଠ କରିବାରେ ବିଳମ୍ବ ହେଉଛି। ଏହାଛଡ଼ା ବିଏସ୍‌ଏନ୍‌ଏଲ୍ ଓ ଏମ୍‌ଟିଏନ୍‌ଏଲ୍ ଏବେ ନିର୍ବାଚନ ପ୍ରକ୍ରିୟାରେ ଟେଲିକମ ସେବା ଯୋଗାଉଛି। ବିଦ୍ୟୁତ ସଂଯୋଗ କାଟି ଦେବା ଦ୍ୱାରା ପ୍ରକ୍ରିୟାରେ ବାଧା ଉପୁଜିବ। ସୂଚନାଥାଉ କି, କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିବା ପରେ ବିଏସ୍‌ଏନ୍‌ଏଲ ଓ ଏମ୍‌ଟିଏନ୍‌ଏଲ୍ କର୍ମଚାରୀଙ୍କୁ ଫେବୃୟାରୀ ଦରମା ଦିଆଯାଇପାରିଥିଲା।

## ଅଧିକ କ୍ଷମତା ଚାହୁଁଛି ସେବି

ମୁମ୍ବାଇ,୨୪-୩

**ତାଲିକାଭୁକ୍ତ କମ୍ପାନୀଙ୍କ ଯାଞ୍ଚ**

ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ଭାରତୀୟ ପ୍ରତିଭୁତି ଏବଂ ବିନିମୟ ବୋର୍ଡ(ସେବି) ଆର୍ଥିକ ଠକେଇ ରୋକିବା ଲାଗି କେନ୍ଦ୍ର ସରକାରଙ୍କଠାରୁ ଅଧିକ କ୍ଷମତା ଚାହୁଁଛି। ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ଗଭୀର ଯାଞ୍ଚ ପାଇଁ ଏହାକୁ ଅଧିକ କ୍ଷମତା ଦେବାକୁ ପଡିବ ବୋଲି ସେବି ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଆର୍ଥିକ ଅନୀୟମିତତାରେ ଲିପ୍ତ ଥିବା କମ୍ପାନୀ ବିରୋଧରେ ସିଧାସଳଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର ମିଳୁ ବୋଲି ଷ୍ଟକ୍ ମାର୍କେଟ ନିୟନ୍ତ୍ରକ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ନ୍ୟାୟିକ ପ୍ରକ୍ରିୟାକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ରେକର୍ଡ ଓ ଦସ୍ତାବିଜରେ ହେରଫେର କରାଯାଇଥିଲେ ସମ୍ପୃକ୍ତ କମ୍ପାନୀଠାରୁ ବଡ଼ ଧରଣର ଜରିମାନା ଆଦାୟ ପାଇଁ କ୍ଷମତା ମିଳିବା ଆବଶ୍ୟକ ବୋଲି ସେବି ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଆର୍ଥିକ ଅନୀୟମିତତା, ଅନୁଚିତ ବାଣିଜ୍ୟ ବ୍ୟବହାର ସମ୍ବନ୍ଧିତ ବ୍ୟବସ୍ଥାର ଉଲ୍ଲଂଘନ କ୍ଷେତ୍ରରେ ସେବିକୁ ଯାଞ୍ଚ କରିବାର ଅଧିକାର ମିଳିଛି। ନିଜର ଏହି ଅଧିକାରକୁ ଆହୁରି ବ୍ୟାପକ କରି ଯେକୌଣସି ପ୍ରତିଭୁତି ଆଇନ ଉଲ୍ଲଂଘନ କ୍ଷେତ୍ରରେ ତାଲିକାଭୁକ୍ତ କମ୍ପାନୀର ଆକାଉଣ୍ଟସ ଯାଞ୍ଚ କରିବାର ଅଧିକାର ଚାହୁଁଛି ସେବି।

■ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନା

## ଏପ୍ରିଲ ସୁଦ୍ଧା ୧ କୋଟି ପଞ୍ଜୀକରଣ ସମ୍ଭାବନା

ନୂଆଦିଲ୍ଲୀ,୨୪-୩

ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାରେ ଏପ୍ରିଲ ସୁଦ୍ଧା ୧ କୋଟି ଶ୍ରମିକ ପଞ୍ଜୀକରଣ କରିସାରିଥିବେ ବୋଲି କେନ୍ଦ୍ର ସରକାର ଅନୁମାନ କରୁଛନ୍ତି ବୋଲି ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଏହି ଯୋଜନାରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ପେନସନ ଦେବାର ବ୍ୟବସ୍ଥା ରହିଛି। ଗତ ମାସରେ ଏହି ଯୋଜନା ଆରମ୍ଭ କରାଯାଇଛି। ସିଏସ୍‌ସି ଇ-ଗଭର୍ନାନ୍ସ ସର୍ଭିସେସ୍ ଇଣ୍ଡିଆ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିନେଶ ତ୍ୟାଗୀ କହିଛନ୍ତି ଯେ, ଏହି ଯୋଜନା ଅଧୀନରେ ଇତିମଧ୍ୟରେ ୨୫.୩୬ ଲକ୍ଷ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇସାରିଛି। ଦୈନିକ ପ୍ରାୟ ୧ ଲକ୍ଷ ଲୋକ ପଞ୍ଜୀକରଣ କରୁଛନ୍ତି। ସେ କହିଛନ୍ତି ଯେ, ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଦ୍ୱାରା ପଞ୍ଜୀକରଣ ହାର ଦିନକୁ ଦିନ ବଢ଼ିବ ବୋଲି ଆଶାକରାଯାଉଛି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଏହି ଯୋଜନାରେ ୫ କୋଟି ଓ ଆସନ୍ତା ୫ ବର୍ଷରେ ୧୦ କୋଟି ପଞ୍ଜୀକରଣ କରାଯିବାର ଲକ୍ଷ୍ୟ ରଖାଯାଇଛି।



# ବେଆଇନ ଅର୍ଥ କାରବାର ଉପରେ ନଜର

ନୂଆଦିଲ୍ଲୀ,୨୪-୩



**ସାଧାରଣ ନିର୍ବାଚନ ୨୦୧୯**
- ସତର୍କ ରହିବାକୁ ଫିଲ୍ଡ ଅଧିକାରୀଙ୍କୁ ସିବିଆଇସିଙ୍କ ନିର୍ଦ୍ଦେଶ
- ମୋବାଇଲ ସ୍କ୍ୱାଡ୍, ସ୍ୱତନ୍ତ୍ର ଟିମ୍ ଗଠନ

ଦେଶରେ ସାଧାରଣ ନିର୍ବାଚନ ଏପ୍ରିଲ ୧୧ରୁ ଆରମ୍ଭ ହେଉଛି। ନିର୍ବାଚନ ସମୟରେ ବେଆଇନ ଅର୍ଥ କାରବାର, ମଦ ଏବଂ ସୁନା ବ୍ୟବହାର ଉପରେ ରୋକ ଲଗାଇବା ଲାଗି ପଦକ୍ଷେପ ନିଆଯାଇଛି। ପରୋକ୍ଷ ଟିକସର ସର୍ବୋଚ୍ଚ ସଂସ୍ଥା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ଏହାର ଫିଲ୍ଡ ଅଧିକାରୀଙ୍କୁ ଏଭଳି ପ୍ରସଙ୍ଗ ଉପରେ ନଜର ରଖିବାକୁ କହିଛି। ବିଭିନ୍ନ ଗୋଇନ୍ଦା ତଥ୍ୟ ଏବଂ ଜବତ ହୋଇଥିବା ସାମଗ୍ରୀ କିମ୍ବା ଅର୍ଥର ତଥ୍ୟ ଠିକ୍ ସମୟରେ ଅନ୍ୟ ସରକାରୀ ଏଜେନ୍ସିଗୁଡ଼ିକୁ ପ୍ରଦାନ କରିବା ଉପରେ ସିବିଆଇସି ଗୁରୁତ୍ୱାରୋପ କରିଛି। ଏଭଳି କାର୍ଯ୍ୟ ଦ୍ୱାରା ତୁରନ୍ତ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ନେବା ଉପରେ ସିବିଆଇସି ପଦକ୍ଷେପ ନେଉଥିବା କହିଛି। ସାଧାରଣ ନିର୍ବାଚନ ୭ଟି ପର୍ଯ୍ୟାୟରେ ହେବାକୁ ଥିବା ବେଳେ ଏହା ମେ ମାସ ୧୯ ଯାଏ ଚାଲିବ। ସେହିଭଳି ମେ ୨୩ରୁ ଭୋଟ ଗଣନା କାର୍ଯ୍ୟ ଆରମ୍ଭ ହେବ।

ସିବିଆଇସି ଏହି ନିର୍ଦ୍ଦେଶ ଜାରି କରିବା ପୂର୍ବରୁ ନିର୍ବାଚନ କମିଶନ ଚଳିତ ମାସ ବିଭିନ୍ନ ବିଭାଗଗୁଡ଼ିକର ଏକ ବୈଠକ ଡାକିଥିଲେ। ନିର୍ବାଚନ ସମୟରେ ହେଉଥିବା ବେଆଇନ କାର୍ଯ୍ୟକଳାପ ଉପରେ ନଜର ରଖିବା ସହ ଏହାକୁ ରୋକିବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏହା ମଧ୍ୟରେ ବେଆଇନ ଟଙ୍କା ଚାଲାଣକୁ ଠାବ କରିବା, ଜବତ କରିବା, ମଦ, ସୁନା, ଜାଲ ନୋଟ ଭଳି ଅନ୍ୟ ବେଆଇନ ସାମଗ୍ରୀ ବ୍ୟବହାର ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆଲୋଚନା ହୋଇଥିଲା। ଦେଶ ମଧ୍ୟରେ ତଥା ସୀମାନ୍ତ ଅଞ୍ଚଳରେ ଯାନ, ଟ୍ରେନ, ବ୍ୟକ୍ତିଗତ ଚାର୍ଟର୍ଡ ଫ୍ଲାଇଟ ଏବଂ କମର୍ସିଆଲ ଫ୍ଲାଇଟଗୁଡ଼ିକ ଉପରେ ମଧ୍ୟ ନଜର ରଖିବାକୁ କୁହାଯାଇଛି। ଏ ନେଇ ଏକ ଭିଜିଲାନ୍ସ ମେକାନିଜମ ଗଠନ ନେଇ ପରାମର୍ଶ ରହିଛି। ସେହିଭଳି ମୋବାଇଲ ସ୍କ୍ୱାର୍ଡ ଏବଂ ସ୍ୱତନ୍ତ୍ର ଟିମ ଗଠନ ଦ୍ୱାରା କାର୍ଯ୍ୟକ୍ରମକୁ ରୂପରେଖ ଦିଆଯିବାକୁ ଯୋଜନା ରହିଛି।

“ ମୋତେ କ୍ରିସ୍ ଗେଲ୍‌ଙ୍କ ସହିତ ତୁଳନା କରା ନ ଯାଉ କ୍ରିକେଟରେ ମୁଁ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହେଁ ।
**-ନିକୋଲାସ ପୁରନ, ୱେଷ୍ଟଇଣ୍ଡିଜ ଖେଳାଳି**



“ ଷ୍ଟିଭ୍ ସ୍ମିଥ୍ ଜଣେ କ୍ୱାଲିଟି ଖେଳାଳି ହୋଇପାରନ୍ତି, ମାତ୍ର ତାଙ୍କ ପାଇଁ ସଫଳ ପ୍ରତ୍ୟାବର୍ତ୍ତନ ସହଜ ହୋଇ ନ ପାରେ ।
**-ରବିଚନ୍ଦ୍ରନ ଅଶ୍ୱିନ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ**



## ସଂକ୍ଷେପରେ

### ସ୍ୱତନ୍ତ୍ର କ୍ଲବରେ ସିଏସ୍‌କେ

**ଚେନ୍ନାଇ,୨୪।୩(ପିଟି):** ବିଶ୍ୱର ସମସ୍ତ ଟି୨୦ ଦଳ ଚୂଡ଼ାନ୍ତ ଏକାଦଶରେ ଅଧିକରୁ ଅଧିକ ବିଦେଶୀ ଖେଳାଳିଙ୍କୁ ନେଇ ଖେଳୁଥିବାବେଳେ ଡିଫେଣ୍ଡିଂ ଆଇପିଏଲ ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ମାତ୍ର ୩ ବିଦେଶୀ ଖେଳାଳିଙ୍କୁ ନେଇ ଖେଳିଛି। ଆଇପିଏଲର ନିୟମ ଅନୁଯାୟୀ ଚୂଡ଼ାନ୍ତ ଏକାଦଶରେ ୪ ଜଣ ବିଦେଶୀଙ୍କୁ ସ୍ଥାନ ମିଳିପାରିବ। ଫାଫ ଡୁପ୍ଲେସି ଓ ଡେଭିଡ ୱିଲିଙ୍କ ଭଳି ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ମହେନ୍ଦ୍ର ସିଂ ଧୋନୀ ୩ ଜଣ ବିଦେଶୀ ଖେଳାଳିଙ୍କ ସହ ଖେଳିବାକୁ ନିଷ୍ପତ୍ତି କରିଥିଲେ। ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଠିକ୍ ସାବ୍ୟସ୍ତ ହୋଇଥିଲା। ୩ ବିଦେଶୀ ଖେଳାଳି ସହ ସିଏସ୍‌କେ ଦଳ ବିଜୟ ହାସଲ କରି ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇଛି। ଲିଗ୍ ଇତିହାସରେ ଏପର୍ଯ୍ୟନ୍ତ ୧୬ ଥର ବିଭିନ୍ନ ଦଳ ୩ ଜଣ ବିଦେଶୀ ଖେଳାଳିଙ୍କୁ ନେଇ ଖେଳିଛନ୍ତି। ହେଲେ ମାତ୍ର ୭ଟି ଦଳ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଛି। ଅନ୍ତିମ ଦଳ ଭାବେ ସିଏସ୍‌କେ ଏହି ସଫଳତା ପାଇଛି। ଏଥିପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ (୨୦୧୦), କୋଲକାତା ନାଇଟ୍ ରାଇଡର୍ସ (୨୦୧୧), ଗୁଜରାଟ ଲାୟନ୍ସ (୨୦୧୭), ଦିଲ୍ଲୀ ଡେୟାରଡେଭିଲ୍ସ (୨୦୧୭), ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗଲୋର (୨୦୧୭) ଓ ଦିଲ୍ଲୀ ଡେୟାରଡେଭିଲ୍ସ(୨୦୧୮) ଏହି ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇଥିଲେ।

### ୧୬ ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥଗିତ

**କଟକ ଅଫିସ, ୨୪।୩:** ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ କଟକର ବିଭିନ୍ନ ଗ୍ରାଉଣ୍ଡରେ ଏପ୍ରିଲ ୩ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୧୬ବର୍ଷରୁ କମ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ସ୍ଥଗିତ ରଖାଯାଇଛି । ନିର୍ବାଚନ ସମୟ ଯୋଗୁ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାରେ ସମସ୍ୟା ଉପୁଜିବ ବୋଲି ବିଚାର କରି ଓସିଏ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି ।

### ଟେନିସ ବଲ୍ କ୍ରିକେଟ: ଫେଡେରେଶନ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର,୨୪।୩(ସ୍ପୋର୍ଟ୍ସ ବ୍ୟୁରୋ):** ଉତ୍ତରପ୍ରଦେଶର ପ୍ରୟାଗରାଜ ଠାରେ ଆସନ୍ତା ୨୭ରୁ ୨୯ ତାରିଖ ମଧ୍ୟରେ ୩ ଦିନ ଧରି ୨୯ତମ ଟେନିସ ବଲ୍ କ୍ରିକେଟ ଚାମ୍ପିୟନଶିପ୍ ଆୟୋଜନ ହେବାକୁ ଯାଉଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ଭାଗ ନେବା ପାଇଁ ଓଡ଼ିଶା ଟେନିସ ବଲ୍ କ୍ରିକେଟ ସଂଘ ପକ୍ଷରୁ ରବିବାର ଏକ ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଚକ୍ରଧର ମାଝିଙ୍କୁ କୋଚ୍ ଓ ମ୍ୟାନେଜର ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ଓଡ଼ିଶା ଟେନିସ ବଲ କ୍ରିକେଟ ସଂଘର ସମ୍ପାଦକ ଶିଥିଳ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଓଡ଼ିଶା ଦଳ ୨୬ ତାରିଖରେ ପ୍ରୟାଗରାଜ ଯାତ୍ରା କରିବ। ଓଡ଼ିଶା ଦଳ: ଶେଖ୍ ଘୋଷ (ଅଧିନାୟକ), ଅନିଲ ପାତ୍ର, ଦୀପ୍ ସୁନା ଖୁରା, ରାକେଶ କୁମାର ମେହର, ସଞ୍ଜୟ କୁମାର ପାତ୍ର, ସୁନୀଲ କୁମାର ଯାଦବ, ଜିସତିଶ, ଚନ୍ଦନ କୁମାର ରାଉତ, ରୋହିତ କୁମାର ମହନ୍ତ, ଦିବ୍ୟପ୍ରକାଶ ସାହୁ, ବିଶ୍ୱଜିତ୍ ପ୍ରଧାନ, ସିବନ ବେହେରା, ଯୋଗେନ୍ଦ୍ର ଦାସ ଓ ସିଲନ କୁମାର ନାୟକ।

### ଭାରତୀୟ ଖେଳାଳି ବିପଜ୍ଜନକ ପ୍ରତିଦ୍ୱନ୍ଦ୍ୱୀ

**ନୂଆଦିଲ୍ଲୀ, ୨୪।୩(ପି.ଟି.):** ଦ୍ୱିତୀୟଥର ଲାଗି ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଥିବା ପ୍ରାକ୍ତନ ବିଶ୍ୱ ଚାମ୍ପିୟନ ଭିକ୍ଟର ଆକ୍ସେଲସେନ ଭାରତୀୟ ସଟ୍‌ଲରଙ୍କ ତାରିଫ୍ କରିଛନ୍ତି। ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳିମାନଙ୍କ ସହ ଖେଳିଲାବେଳେ ମ୍ୟାଚ୍ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଓ ବିପଦପୂର୍ଣ୍ଣ ରହିଥାଏ ବୋଲି ସେ କହିଛନ୍ତି। ‘ଗତ ଅଲ୍‌ଇଂଲଣ୍ଡ ପ୍ରତିଯୋଗିତାରେ ମୁଁ ସମୀରଙ୍କ ବିପକ୍ଷରେ ଖେଳିଥିଲି। ଏହା ଏକ କଷ୍ଟସାଧ ମ୍ୟାଚ୍ ଥିଲା। ଭାରତୀୟ ସଟ୍‌ଲରଙ୍କୁ ସାମ୍ନା କରିବା ସର୍ବଦା ବିପଦପୂର୍ଣ୍ଣ ରହିଥାଏ’ ବୋଲି ଭିକ୍ଟର ଇଣ୍ଡିଆ ଓପନ୍ ପୂର୍ବରୁ ପ୍ରକାଶ କରିଛନ୍ତି। ଡେନମାର୍କ ତାରକା ଆକ୍ସେଲସେନ ଚଳିତ ମାସରେ ଅନୁଷ୍ଠିତ ଅଲ୍‌ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ଆଗାମୀ ଇଣ୍ଡିଆ ଓପନ୍‌ରେ ତାଙ୍କୁ ଟାଇଟଲ ଫେଭରାଇଟ୍ ଭାବେ ବିବେଚନା କରାଯାଉଛି। ସେ ଏଠାରେ ୨୦୧୭ରେ ଚାମ୍ପିୟନ ହୋଇଥିବାବେଳେ ୨୦୧୫ ଓ ୨୦୧୬ରେ ରନର୍ସଅପ୍ ହୋଇଥିଲେ।

# ଭାରତ- କୋରିଆ ମ୍ୟାଚ୍ ଡ୍ର

**ଆଜଲାନ ଶାହ କପ୍ ହକି**

ଇପୋ(ମାଲେସିଆ),୨୪।୩ (ପି.ଟି.)

ଭାରତୀୟ ହକି ଦଳର ପୁରୁଣା ତଥା ଚିରାଚରିତ ସମସ୍ୟାର ପୁନରାବୃତ୍ତି ହୋଇଛି। ଶେଷ ମିନିଟରେ ଗୋଲ ବରଣ କରି ଭାରତ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଜୟ ହାସଲରୁ ବଞ୍ଚିତ ହୋଇଛି। ଏଠାରେ ଚାଲିଥିବା ଆଜଲାନ ଶାହା କପ୍ ହକି ଟୁର୍ଣ୍ଣାମେଣ୍ଟରେ ଭାରତ ରବିବାର ଖେଳାଯାଇଥିବା କୋରିଆ ବିପକ୍ଷ ମ୍ୟାଚ୍‌ରେ ଶେଷ ମିନିଟରେ ଗୋଲ ବରଣ କରି ବିଜୟ ହାତଛଡ଼ା କରିଛି। ଏହି ମ୍ୟାଚ୍ ଶେଷରେ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଭାରତ ଶନିବାର ୨-୦ ଗୋଲରେ ଜାପାନକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା।

କୋରିଆ ବିପକ୍ଷରେ ମନଦୀପ ସିଂ ୨୮ତମ ମିନିଟ୍‌ରେ ଗୋଲ ଦେଇ ଭାରତକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଭାରତୀୟ ଡିଫେନ୍ସରେ କେତୋଟି ତ୍ରୁଟି ଦେଖିବାକୁ ମିଳିଥିଲା। ଭାରତୀୟ ଡିଫନ୍ସ ଦୁର୍ବଳତାର ଫାଇଦା ଉଠାଇ ଜାପାନର ଜୋନଘିୟୁନ ଜାଙ୍ଗ୍ ମ୍ୟାଚ୍ ଶେଷ ହେବାକୁ ଆଉ ମାତ୍ର ୨୨ ସେକେଣ୍ଡ ବାକିଥିବା ବେଳେ ପେନାଲ୍ଟି କର୍ନର ଜରିଆରେ ଗୋଲ ଦେଇଥିଲେ। ଫଳରେ ମ୍ୟାଚ ଶେଷରେ ଡ୍ର ରହିଥିଲା। ଜବରଦସ୍ତ ବର୍ଷା ହେବା କାରଣରୁ ଚତୁର୍ଥ କ୍ୱାର୍ଟରରେ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ସେତେବୋଳକୁ ମ୍ୟାଚ୍ ଆଉ ୮ ମିନିଟ ବାକିଥିଲା। ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ମିଡ ଫିଲ୍ଡର ବିବେକ ସାଗର ପ୍ରସାଦ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ କୋରିଆ ଡିଫେଣ୍ଡର ଏହାକୁ ପ୍ରତିହତ କରିଥିଲେ। କୋରିଆ ଖେଳାଳିମାନେ ଭାରତୀୟ ସର୍କଲରେ ପ୍ରବେଶ କରି ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଡିଫେଣ୍ଡର ସୁରେନ୍ଦ୍ର କୁମାର ସେମାନଙ୍କୁ ଅଟକାଇଥିଲେ। ଭାରତ ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଗୋଲରେ ଦେବାରେ ସଫଳ ହୋଇ ନ ଥିଲ। ଦଶମ ମିନିଟରେ ଭାରତ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଲ ହୋଇ ପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଭାରତ ଦ୍ୱିତୀୟ ପେନାଲ୍ଟି କର୍ନର ପାଇଥିଲା। ତେବେ କୋରିଆ ଗୋଲକିପର ଏହାକୁ ପଣ୍ଡ କରିବାରେ ସମର୍ଥ ହୋଇଥିଲେ। ଗ୍ରୀନ୍ କାର୍ଡ କାରଣରୁ କୋରିଆ ୩ଜଣ ଖେଳାଳିଙ୍କୁ ହରାଇଥିଲା ଓ ଦଳର ଖେଳାଳି ସଂଖ୍ୟା ୮କୁ କମିଥିଲା। ଏହାର ଫାଇଦା ଉଠାଇ ମନଦୀପ ୨୮ତମ ମିନିଟରେ ଭାରତ ପାଇଁ ଗୋଲ ସ୍କୋର କରିଥିଲେ। ତୃତୀୟ କ୍ୱାର୍ଟରରେ କୋରିଆ ପ୍ରଥମ ପେନାଲ୍ଟି କର୍ନର ପାଇଥିଲା। ତେବେ ଅମିତ ରୋହିଦାସ ଏହାକୁ ପଣ୍ଡ କରିଥିଲେ। ବର୍ଷା ପରେ କୋରିଆ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। କ୍ରମାଗତ ପେନାଲ୍ଟି କର୍ନର ହାସଲ କରିଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ମ୍ୟାଚ୍ ଆଉ ୫୩ ସେକେଣ୍ଡ ବାକିଥିବା ବେଳେ କୋରିଆ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଭାରତୀୟ ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେସ୍ ଏହାକୁ ଅଟକାଇଥିଲେ। ରେଫରାଲ ନେବା ପରେ କୋରିଆ ଆଉ ଏକ ପେନାଲ୍ଟି କର୍ନର ହାସଲ କରିଥିଲା ଓ ଏହାକୁ ଜାଙ୍ଗ୍ ଗୋଲରେ ପରିଣତ କରି ମ୍ୟାଚ ଅମୀମାଂସିତ ରଖିଥିଲେ। ଗୋଟିଏ ଦିନର ବିଶ୍ରାମ ପରେ ଭାରତ ତା’ର ତୃତୀୟ ମ୍ୟାଚ୍‌ରେ ମଙ୍ଗଳବାର ଆୟୋଜକ ମାଲେସିଆକୁ ଭେଟିବ।


ଭାରତ ପକ୍ଷରୁ ଏକମାତ୍ର ଗୋଲ କରିଥିବା ମନଦୀପ ସିଂ ।

# ଅନିଲଙ୍କ ଶତକ: ଜୁଭେନାଇଲ ଚାମ୍ପିୟନ

**ରାମେଶ୍ୱର କପ୍ ଜୁନିୟର କ୍ରିକେଟ**


ଚାମ୍ପିୟନ ଜୁଭେନାଇଲ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ।

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ଅନିଲ ପରିଡ଼ାଙ୍କ ଅପରାଜିତ ଶତକ ସହାୟତାରେ କଟକର ଜୁଭେନାଇଲ କ୍ଲବ ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଜୁଭେନାଇଲ ୨ ଉଇକେଟରେ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ଜୁଭେନାଇଲ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ରାମେଶ୍ୱର ସ୍ପୋର୍ଟିଂ ପ୍ରକାଶ କୁମାର ବାରିକଙ୍କ ଦ୍ରୁତ ୬୨(୪୯ ବଲ) ଓ ମନଜିତ ମହାନ୍ତିଙ୍କ ୩୫ ରନ ବଳରେ ନିର୍ଦ୍ଧାରିତ ୪୦ ଓଭରରେ ୮ ଉଇକେଟ ହରାଇ ୨୨୦ ରନ କରିଥିଲା। ପ୍ରତିପକ୍ଷ ଦଳର ପଙ୍କଜ ସେନାପତି ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଜବାବରେ ଜୁଭେନାଇଲ ୩୯.୪ ଓଭରରେ ୮ ଉଇକେଟ ହରାଇ ୨୨୨ ରନ କରି ମ୍ୟାଚ ଜିତିଥିଲା। ଦଳ ପକ୍ଷରୁ ଅନିଲ ପରିଡ଼ା ୧୦୮ ବଲ୍‌ରୁ ୧୨୧ ରନରେ ଅପରାଜିତ ରହି ଦଳର ବିଜୟରେ ମୁଖ୍ୟ ଭୂମିକା ତୁଲାଇଥିଲେ। ଜାଭେଦ ଖାଁ ଦ୍ୱିତୀୟ ସର୍ବାଧିକ ୨୬ ରନ କରିଥିଲେ। ରାମେଶ୍ୱର ପକ୍ଷରୁ ତୋଫାନ ଗୌଡ଼ା ୨୭ ରନରେ ୪ଟି ଏବଂ ପ୍ରକାଶ ବାରିକା ୪୪ ରନରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଅନିଲ ପରିଡ଼ା ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ବିନିତ ମହାନ୍ତି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ତୋଫାନ ଗୌଡ଼ା ଶ୍ରେଷ୍ଠ ବୋଲର, କୃଷ୍ଣ ଚନ୍ଦ୍ର ବାରିକ ଶ୍ରେଷ୍ଠ ଉଇକେଟ କିପର, ପ୍ରକାଶ କୁମାର ବାରିକ ଶ୍ରେଷ୍ଠ ସିକ୍ସର ପୁରସ୍କାରଲାଭ କରିଥିଲେ।

ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ୧୦,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାମେଶ୍ୱର ସ୍ପୋର୍ଟିଂ ସଭାପତି ସୁରେଶ ଚନ୍ଦ୍ର ରାଉତରାୟ, ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌମ୍ୟରଞ୍ଜନ ପରିଜା, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅରୂପ ପଟ୍ଟନାୟକ, ଓଡ଼ିଶା କ୍ରିକେଟ ଆସୋସିଏଶନ ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିଦ୍ୟୁତ କୁମାର ନାୟକ, ଯୁବ ନେତା ରଞ୍ଜିତ ମହାପାତ୍ର, ରାମେଶ୍ୱର ସ୍ପୋର୍ଟିଂ କ୍ଲବର ପରାମର୍ଶଦାତା ରାଧାନାଥ ମହାପାତ୍ର, ରାଜେନ୍ଦ୍ର ସମର୍ଥା, ପ୍ରମୋଦ ମହପାତ୍ର, ଆୟୋଜକ ଏଚ୍‌ଆଇଏଲର ଓଡ଼ିଶା ମୁଖ୍ୟ ସୂର୍ଯ୍ୟକାନ୍ତ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚଳିତ ସିଜନରେ ରାଜ୍ୟଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରାମେଶ୍ୱର ସ୍ପୋର୍ଟିଂ ଖେଳାଳି ରାଜେଶ ମହାନ୍ତି, ବିଶ୍ୱଜିତ ଭୂୟାଁ, ବିଶ୍ୱଜିତ ମଲିକ, ଆଶୁତୋଷ ସାହୁ ଓ ସାରାଂଶ କୁମାରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।


ଜାତୀୟ ସଫ୍ଟ ଟେନିସ୍ ପାଇଁ ମନୋନୀତ ଓଡ଼ିଶା ଦଳ।

# ଜାତୀୟ ସଫ୍ଟ ଟେନିସ୍: ଓଡ଼ିଶା ଦଳ ଘୋଷିତ

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଚଳିତମାସ ୨୭ରୁ ୩୧ ପର୍ଯ୍ୟନ୍ତ ୧୬ତମ ଜାତୀୟ ସିନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ରବିବାର ଓଡ଼ିଶା ଦଳ ଉତ୍ତର ପ୍ରଦେଶ ଯାତ୍ରା କରିଛି। ଏହି ଅବସରରେ ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ମହମ୍ମଦ ଆଜାମ, କିସ୍‌ର ସହକାରୀ ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଓଡ଼ିଶା ଦଳ(ମହିଳା):** କରିସ୍ମା କିଷାନ(ଅଧିନାୟିକା), ଅନମ ଆଲମାସ, ମୋନାଲିସା ନାୟକ, ଚୂଡ଼ାମଣି ସୋରେନ, ଗୌରୀରାଣୀ ମୁଣ୍ଡା, କୁମାରୀ ହିମିରିକା, ଅମିଷ ମିନିଜ, ଅନୁସୟା ବାରିକ।

**ଓଡ଼ିଶା ଦଳ (ପୁରୁଷ):** ଶିବରାମ ସ୍ୱାଇଁ(ଅଧିନାୟକ), ଦିପ୍ତ ରଞ୍ଜନ ବେହେରା, ରବୀନ୍ଦ୍ର ହାଂସଦା, ଅଜିତ ସାବାର, ଲଚ୍ଛମନ ମୀନାକା, ବଳଦେବ କିସାନୀ, ବିକାଶ କୁମାର ମହାପାତ୍ର, ଲକ୍ଷ୍ମୀଧର ନାୟକ। କୋଚ୍: ମହମ୍ମଦ ଆଜାମ, ମ୍ୟାନେଜର: ଜ୍ୟୋସ୍ନା ରାୟ। ଅମ୍ପାୟର: କୁନାଶ ବିଶ୍ୱାଳ, ମହମ୍ମଦ ଅନସାର ଉଲ୍ ହକ୍।

### ବ୍ରାଜିଲ ବିପକ୍ଷରେ ଡ୍ର’ ରଖିଲା ପାନାମା

ପୋର୍ଟୋ (ପର୍ତ୍ତୁଗାଲ) ୨୪।୩(ଏଏଫ୍‌ପି)

ସ୍ଥାନୀୟ ଡ୍ରାଗାଓ ଷ୍ଟାଡିୟମଠାରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ୭୬ତମ ସ୍ଥାନରେ ପାନାମା ୫ଥର ବିଶ୍ୱ ଚାମ୍ପିୟନ ବ୍ରାଜିଲ ବିପକ୍ଷରେ ମ୍ୟାଚ୍ ଡ୍ର’ ରଖିବାରେ ସଫଳ ହୋଇଛି। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ମ୍ୟାଚ୍ ୧-୧ରେ ଅମୀମାଂସିତ ରହିଥିଲା। ଏହି ମ୍ୟାଚ୍‌ରେ ପ୍ରଥମାର୍ଦ୍ଧରେ ଦୁଇଟିଯାକ ଗୋଲ ଦେଖିବାକୁ ମିଳିଥିଲା। ପ୍ରଥମେ ଏସି ମିଲାନ ତାରକା ଲୁକାସ ପାକ୍ୟୁଏଟ୍‌ଙ୍କ ଗୋଲ ବଳରେ ବ୍ରାଜିଲ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ଲୁକାସଙ୍କ ଏହା ପ୍ରଥମ ଅନ୍ତର୍ଜାତୀୟ ଗୋଲ ଥିଲା। ଏହାର ୪ ମିନିଟ୍ ପରେ ପାନାମା ଅଧିନାୟକ ଆଡୋଲଫ୍ ମାଚାଡୋ ଏକ ଗୋଲ କରି ମ୍ୟାଚ୍‌କୁ ୧-୧ ସମାନସ୍ତରକୁ ଆଣିଥିଲେ। ପାଦରେ ଆଘାତଜନିତ ସମସ୍ୟାରୁ ସୁସ୍ଥ ହୋଇଥିବା ଷ୍ଟାର୍ ଫରୱାର୍ଡ ନେମାର ଏହି ମ୍ୟାଚ୍‌ରେ ଖେଳୁ ନ ଥିଲେ।

### ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ ଆରମ୍ଭ

**ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ) ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆମେରିକାନ୍ ଫୁଟବଲ(ପୁରୁଷ) ଟୁର୍ଣ୍ଣାମେଣ୍ଟ ରବିବାର ଆରମ୍ଭ ହୋଇଛି। ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ୨ଟି ଇଭେଣ୍ଟ(ଟ୍ୟାକ୍‌ଲ ଓ ଫ୍ଲାଗ୍)ରେ ଖେଳାଯିବ। ଫ୍ଲାଗ୍ ଇଭେଣ୍ଟରେ ୧୨ ଓ ଟ୍ୟାକ୍‌ଲ ଇଭେଣ୍ଟରେ ୮ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟ ସଭା ସଦସ୍ୟ ଅଚ୍ୟୁତ ସାମନ୍ତ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସସ୍ମିତା ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଟ୍ୟାକ୍‌ଲ ବିଭାଗରେ ଏସଆରଏମ ଓ ଯାଦବପୁର ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରିଛନ୍ତି। ସେହିପରି ଫ୍ଲାଗ୍ ବିଭାଗରେ ମନିପାଲ, ବାଙ୍ଗାଲୋର ସେଣ୍ଟ୍ରାଲ୍, ଯାଦବପୁର ଏବଂ ବି.ଆର. ଆମ୍ବେଡକର ବିଶ୍ୱବିଦ୍ୟାଳୟ ଦଳ ବିଜୟ ହାସଲ କରିଛନ୍ତି।

# ମିରାକ୍‌ଲଙ୍କୁ ଟାଇଟଲ୍

**ସ୍କୁଲ ଓପନ ଚେସ୍**

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଏବଂ ପିପି ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ମିଳିତ ଆନୁକୂଲ୍ୟରେ ରବିବାର ଆୟୋଜିତ ସ୍କୁଲ ଓପନ ଚେସ୍‌ରେ ମିରାକ୍‌ଲ ପଣ୍ଡା ଟାଇଟଲ ହାସଲ କରିଛନ୍ତି। ଏଥିରେ ୧୯ ସ୍କୁଲ୍‌ରୁ ମୋଟ ୮୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ୧୬ ଅନ୍ତର୍ଜାତୀୟ ରେଟେଡ ଖେଳାଳି ସାମିଲ ଥିଲେ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ମିରାକ୍‌ଲ ଓ ଶେଖ୍ ଇଜାଜ ଅହମଦ ୬.୫ ପଏଣ୍ଟ ଲେଖାଏ ହାସଲ କରି ଯଥାକ୍ରମେ ଚାମ୍ପିୟନ ଓ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୀର୍ତ୍ତି ଅନୁରାଗ, ପ୍ରତ୍ୟୁଷ ନାୟକ, ଆରିନ ଅନ୍ୱେଷ ସ୍ୱାଇଁ, ପ୍ରଭାଂଶୁ ଦାସ, ଡି.ଆଦିତ୍ୟ, ବିକାଶ କୁମାର ଲେଙ୍କା, ଅଭିନନ୍ଦନ ପଣ୍ଡା, ଶୁଭସୁନ୍ଦର ବେହେରା, ଦୀପ୍ତିମୟୀ ସାହୁ, ଶ୍ରୀଶ ରଞ୍ଜନ ସାହୁ, ଅବିନାଶ ଆଚାର୍ଯ୍ୟ, ତ୍ରିଦେବ ତୀର୍ଥଙ୍କର ଓ ଶାଶ୍ୱତ ସାହୁ ଟପ୍-୧୫ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ୫ ଜଣ ଲେଖାଏ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ପିପି ଏକାଡେମୀ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ଡାଇରେକ୍ଟର ପ୍ରତିମା ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମୀର ସଂଯୋଜକ ଭାରତୀ ଦାସ ଓ ଗେମ୍ସ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


ଟ୍ରଫି ଓ ମାନପତ୍ର ସହ କୃତୀ ଚେସ୍ ପ୍ରତିଯୋଗୀ।

# କାନାରା ବ୍ୟାଙ୍କ ଚାମ୍ପିୟନ

**ପ୍ରଦୀପ ମେମୋରିଆଲ କ୍ରିକେଟ**

ବନ୍ତ,୨୪।୩(ଡି.ଏନ୍.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ହନୁମାନଜୀଉ ମିନି ଷ୍ଟାଡିୟମଠାରେ ଟିଲୋ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ୨୬ତମ ପ୍ରଦୀପ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲରେ ସେରସା ଆଦ୍ରାକୁ ହରାଇ କାନାରା ବ୍ୟାଙ୍କ, ବାଙ୍ଗାଲୋର ଚାମ୍ପିୟନ ହୋଇଛି। କାନାରା ବ୍ୟାଙ୍କ ଟସ୍ ଜିତି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା । ସେରସା ଆଦ୍ରା ନିର୍ଦ୍ଧାରିତ ୨୦ ଓଭରରେ ରାଜୁ କୁମାର ୩୦ ଓ କେଶବ କୁମାରଙ୍କ ୨୪ ରନ୍ ସହାୟତାରେ ୮ ଉଇକେଟ ହରାଇ ୧୩୧ ରନ୍ କରିଥିଲା। ପ୍ରତିପକ୍ଷ ବୋଲର ରାଜୁ ଭଟ୍ଟକଲ ୪ ଓ କେପି ଅପର୍ଣ୍ଣା ୨ଟି ଉଇକେଟ ଅକ୍ତିଆର କରିଥିଲେ। ୧୩୨ ରନ ବିଜୟ ଲକ୍ଷ୍ୟକୁ ପିଛା କରି କାନାରା ବ୍ୟାଙ୍କ ୯ ଓଭରରେ ଭରତ ଚିପିଲ୍‌ଙ୍କ ୭୩ ରନ୍ ସହାୟତାରେ ୩ ଉଇକେଟ ହରାଇ ୧୩୨ ରନ୍ କରି ବିଜୟୀ ହୋଇଥିଲା । ପ୍ରତିପକ୍ଷ ବୋଲର ସୌରଭ ରୋନି ଓ ରାମ ପ୍ରସାଦ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅମ୍ପାୟର ଭାବେ ସଞ୍ଜୀବ ବେହେରା, ୟାକତ୍ ଅଲ୍ଲୀ, ବିଜୁ ଶତପଥୀ, ସ୍କୋରର ଭାବେ ଶମ୍ଭୁନାଥ ମହାନ୍ତି, ପ୍ରଫୁଲ୍ଲ ନାୟକ, ଭାଷ୍ୟକାର ଭାବେ ସୁରେଶ ସାଣ୍ଡିଲ, ନାରାୟଣ ସାହୁ, ସଞ୍ଜୟ କୁମାର ମଜୁମଦାର, ପ୍ରଦ୍ୟୁମ୍ନ ସାହୁ, ସୁଧାଂଶୁ ନାୟକ, ଅପୂର୍ବ ଚାନ୍ଦ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପଦ୍ମ ବିଭୂଷଣ ରଘୁନାଥ ମହାପାତ୍ର, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶ, ଘରୋଇ ବିଦ୍ୟାଳୟ ଏବଂ ଶିଶୁ ସଂଗଠନ, ଓଡିଶାର ସାଧାରଣ ସମ୍ପାଦିକା ଚିଦାତ୍ମିକା ଖଟୁଆ, ଓଡିଶା ୱାଟର ଶେଡ୍ ମିଶନର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ତଥା କାଇଣ୍ଡ ଇଣ୍ଡିଆ ଫାଉଣ୍ଡେଶନର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଆଇଚ, ଇଣ୍ଡିଆନ ଟ୍ରାଇବାଲ କୁଇନ୍ ବିଜେତା ପଲ୍ଲବୀ ଦୋରୁଆ, ସାମାଜିକ କର୍ମୀ ବୁବୁ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ମନ୍ମଥ ରାଉଳ, ଲିଙ୍ଗରାଜ ସ୍ୱାଇଁ, ପୂର୍ବତନ ସରପଞ୍ଚ ବିଜୟ ନାୟକ, ସେକ୍ ଜଲାଲଉଦ୍ଦିନ, ସମ୍ପାଦକ ଅସିତ୍ କର, ସଭାପତି ଲକି ମାଷ୍ଟର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଚାମ୍ପିୟନ ଦଳକୁ ସାଗରବାଳା ରାଉଳ ସ୍ମାରକୀ ଟ୍ରଫି ଓ ରନର୍ସଅପ୍ ଦଳକୁ ପ୍ରଭାସିନୀ ସାହୁ ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରାଜୁ ଭଟ୍ଟକଲଙ୍କୁ ପ୍ରଫୁଲ୍ଲ ଦାସ ସ୍ମାରକୀ ପ୍ଲେୟର ଅଫ ଦି ଇୟର, ପ୍ରଦୀପ ନାୟକଙ୍କ ସ୍ମୃତିରେ ସୁମିତ୍ କୁମାରଙ୍କୁ ପ୍ଲେୟର ଅଫ ଦି ମ୍ୟାଚ୍ ଓ ଇମର୍ଜିଂ ପ୍ଲେୟର ପୁରସ୍କାର, ନିଶାକର ବେହୁରାଙ୍କୁ ଶ୍ରେଷ୍ଠ ବୋଲର, ଭୋଳାନାଥ ବେହେରାଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ପୁରସ୍କାର ପ୍ରଦାନ କରାଯାଇଥିଲା ।


ଚାମ୍ପିୟନ କାନାରା ବ୍ୟାଙ୍କ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।



❝ ମ୍ୟାଚରେ ଅଧିକ ରନ ସ୍କୋର ହେଲେ ସେତେବେଳେ ପିଚ୍ ବିରୋଧରେ କେହି ପ୍ରଶ୍ନ ଉଠାଇ ନ ଥାନ୍ତି।
**-ହରଭଜନ ସିଂ, ଭେଟେରାନ ସ୍ପିନର**

❝ ବିଶ୍ୱ ର୍‍ୟାଙ୍କିଙ୍ଗ ଦୃଷ୍ଟିକୋଣରୁ ବିଚାର କଲେ ପୁରୁଷ ଦଳ ତୁଳନାରେ ଭାରତୀୟ ମହିଳା ଫୁଟ୍‌ବଲ ଦଳ ଉନ୍ନତ।
**-ସୁନୀଲ ଛେତ୍ରୀ,ଭାରତୀୟ ଫୁଟ୍‌ବଲ ଅଧିନାୟକ**



## ସଂକ୍ଷେପରେ

### ସନରାଇଜର୍ସ ହାଇଦ୍ରାବାଦର ନେତୃତ୍ୱ ନେଲେ ଭୁବନେଶ୍ୱର

**କୋଲକାତା,୨୪।୩(ପିଟି):** ସନରାଇଜର୍ସ ହାଇଦ୍ରାବାଦ ଦଳର ନିୟମିତ ଅଧିନାୟକ କେନ ୱିଲିୟମସନ ଏହି ମ୍ୟାଚ୍‌ରେ କୌଣସି କାରଣରୁ ଖେଳି ପାରି ନାହାନ୍ତି। ଏଣୁ ଭାରତୀୟ ପେସର ଭୁବନେଶ୍ୱର କୁମାରଙ୍କୁ ସନରାଇଜର୍ସ ହାଇଦ୍ରାବାଦ ଦଳର ନେତୃତ୍ୱ ଦିଆଯାଇଛି। ପ୍ରଥମ ଥର ପାଇଁ ଉତ୍ତର ପ୍ରଦେଶ ବୋଲରଙ୍କୁ କୌଣସି ଦଳର ନେତୃତ୍ୱ ନେବାର ସୁଯୋଗ ମିଳିଛି। ଏଠାରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚ୍‌ରେ ସନରାଇଜର୍ସ ଦଳ ପାଇଁ ଭୁବନେଶ୍ୱର ଗୁରୁଦାୟିତ୍ୱ ତୁଲାଇଛନ୍ତି। ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର ଏକ ବର୍ଷ ବାସନ୍ଦ ରହିବା ପରେ ପ୍ରଥମ ଥର ପାଇଁ ଆଇପିଏଲ ମ୍ୟାଚ୍ ଖେଳିଛନ୍ତି।

### ଓମାନ ଓପନ ଟେବୁଲ୍ ଟେନିସ୍
### ସାଥିୟାଁଙ୍କୁ ବ୍ରୋଞ୍ଜ, ଅର୍ଚ୍ଚନାଙ୍କୁ ରୌପ୍ୟ

**ମସ୍କଟ, ୨୪।୩ (ପି.ଟି.):** ଆଇଟିଟିଏଫ୍ ଚ୍ୟାଲେଞ୍ଜ ପ୍ଲସ ଓମାନ ଓପନ୍ ପ୍ରତିଯୋଗିତାରେ ଭାରତୀୟ ଟେବୁଲ ଟେନିସ୍ ଖେଳାଳି ଜି. ସାଥିୟାଁ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ ମ୍ୟାଚ ହାରିଯାଇଛନ୍ତି। ତାଙ୍କୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ୨୧ ବର୍ଷରୁ କମ୍ ବୟସ ବର୍ଗରେ ମହିଳା ସିଙ୍ଗଲ୍ସ ଫାଇନାଲରେ ପରାସ୍ତ ହୋଇ ଅର୍ଚ୍ଚନା କାମାଥ୍ ରୌପ୍ୟ ପଦକ ଲାଭ କରିଛନ୍ତି। ଚତୁର୍ଥ ସିଡ୍ ସାଥିୟାଁ ତାଙ୍କ ସେମିଫାଇନାଲ ମ୍ୟାଚରେ ମାଟିଆସ୍ ଫ୍ଲାକ୍‌ଙ୍କୁ କଡ଼ା ଟକ୍କର ଦେଇଥିଲେ। ମାତ୍ର ସେ ଟପ୍ ସିଡ୍ ତଥା ସ୍ୱିଡେନର ଏହି ଖେଳାଳିଙ୍କଠାରୁ ୮-୧୧, ୧୧-୭, ୯-୧୧, ୧୧-୯, ୯-୧୧, ୧୧-୯, ୧୦-୧୨ରେ ହାରିଯାଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଜଣେ ଭାରତୀୟ ଅଚନ୍ତା ଶରଥ କମଲ ପ୍ରି-କ୍ୱାର୍ଟରୁ ବିଦା ନେଇଥିଲେ। କ୍ରୋଏସିଆର ପୁକାର ତାମିସ୍ଲୋଭଙ୍କଠାରୁ ସେ ୧-୪ରେ ପରାଜିତ ହୋଇଥିଲେ। ମହିଳା ସିଙ୍ଗଲ୍ସରେ ଭାରତୀୟଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ମଧୁରିକା ପାଟକର ଓ ରୀତି ଶଙ୍କର ମୁଖ୍ୟ ଡ୍ର'ର ପ୍ରଥମ ରାଉଣ୍ଡ ଅତିକ୍ରମ କରିବାରେ ବିଫଳ ହୋଇଥିଲେ। ପୁରୁଷ ଡବଲ୍ସରେ ସାଥିୟାଁ ଓ ଶରଥ ରୁଷୀୟ ଯୋଡ଼ି ଡେନିସ୍ ଇଭୋନିନ୍ ଓ ଭ୍ଲାଡିମିର ସିଦୋରେଙ୍କୋଙ୍କଠାରୁ ସେମାନଙ୍କ କ୍ୱାର୍ଟରଫାଇନାଲ ମ୍ୟାଚରେ ହାରିଯାଇଥିଲେ। ଅର୍ଚ୍ଚନା ଓ ସାଥିୟାଁ ମିକ୍ସଡ ଡବଲ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିବାବେଳେ ଅନ୍ୟତମ ଯୋଡ଼ି ମଧୁରିକା ପାଟକର ଓ ହରମିତ୍ ଦେଶାଇ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଛନ୍ତି। ଅନ୍ୟପକ୍ଷରେ ୨୧ ବର୍ଷରୁ କମ୍ ମହିଳା ସିଙ୍ଗଲ୍ସ ବିଭାଗରେ ଭଲ ପ୍ରଦର୍ଶନ କରି ଆସୁଥିବା ଅର୍ଚ୍ଚନା କାମାଥ ଫାଇନାଲରେ ହାରିଯାଇଥିଲେ। ଟପ୍ ସିଡ୍ ତଥା ଜାପାନର ସାତ୍‌ସୁକି ଓଡୋଙ୍କଠାରୁ ୭-୧୧, ୮-୧୧, ୬-୧୧ ପରାସ୍ତ ହୋଇଯାଇଥିଲେ।

### ଫ୍ରେଣ୍ଡ୍ସ ପାରାଡାଇଜ୍ ବିଜୟୀ

**ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି):** ପୋଖରୀପୁଟ ଖେଳ ପଡ଼ିଆରେ ଚାଲିଥିବା ୪ର୍ଥ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚରେ ଜଟଣୀର ଫ୍ରେଣ୍ଡ୍ସ ପାରାଡାଇଜ ୨-୦ ଗୋଲରେ କଟକର ୟଙ୍ଗ ଉତ୍କଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ପ୍ରଶାନ୍ତ ନାୟକ ଓ ବିକାଶ ନାୟକ ଗୋଲ ସ୍କୋର କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ସୁଦୀପ ଦାସ, ରାଜୁ ବାରିକ। ସୋମବାର ଜଟଣୀର ଫ୍ରେଣ୍ଡ୍ସ ପାରାଡାଇଜ୍ ଓ ଆରବିଆଇ, ଭୁବନେଶ୍ୱର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

### ମିଆମି ଓପନ: ଓହରିଲେ ସେରେନା, ହାରିଲେ ଓସାକା

**ମିଆମି,୨୪।୩:** ଆଣ୍ଠୁଜନିତ ସମସ୍ୟା ଯୋଗୁ ସେରେନା ୱିଲିୟମ୍ସ ଏଠାରେ ଚାଲିଥିବା ମିଆମି ଓପନ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଅନ୍ୟପକ୍ଷରେ ମହିଳା ସିଙ୍ଗଲ୍ସ ବର୍ଗର ଶୀର୍ଷ ର୍‍ୟାଙ୍କ ନାଓମି ଓସାକା ପରାଜୟ ସହ ତୃତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେ ୪-୬, ୭-୬(୪), ୬-୩ ସେଟ୍‌ରେ ସୁ ୱେଇଙ୍କଠାରୁ ପରାସ୍ତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ ରୋଜର ଫେଡରର ୪-୬, ୭-୫, ୬-୩ ସେଟ୍‌ରେ ରାଡୁ ଆଲବଟଙ୍କୁ ହରାଇ ଦେଇଛନ୍ତି। ସେହିଭଳି ଡେଭିଡ ଫେରର ୨-୬, ୭-୫, ୬-୩ ସେଟରେ ୨ୟ ସିଡ୍ ଆଲେକଜାଣ୍ଡର ଜେଭରେଭଙ୍କୁ ପରାସ୍ତ କରିଛନ୍ତି।

# ରସେଲ, ରାଣା କୋଲ୍‌କାତାକୁ ଜିତାଇଲେ



୪୯ରନ୍‌ର ଅପରାଜିତ ଇନିଂସ ଅବସରରେ ଆନ୍ଦ୍ରେ ରସେଲ ।

କୋଲ୍‌କାତା,୨୪।୩(ପି.ଟି.)

ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର୍) ଏଥର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଏକ ଚମତ୍କାର ବିଜୟରୁ ଅଭିଯାନ ଆରମ୍ଭ କରିଛି। ଓପ୍‌ନର ନୀତୀଶ ରାଣା ଓ ଆନ୍ଦ୍ରେ ରସେଲଙ୍କ ଧୂଆଁଧାର ବ୍ୟାଟିଂ ବଳରେ କେକେଆର ରବିବାର ସ୍ଥାନୀୟ ଇଡେନ୍ ଗାର୍ଡେନ ଗ୍ରାଉଣ୍ଡରେ ଅନୁଷ୍ଠିତ ଆଇପିଏଲ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ୨ଟି ବଲ୍ ବାକି ରଖି ୬ ଉଇକେଟରେ ଡେଭିଡ ୱାର୍ନରଙ୍କ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ଅନ୍ତିମ ୩ ଓଭରରେ ବିଜୟ ପାଇଁ ୫୩ ରନ୍ ଆବଶ୍ୟକ ଥିଲେ ମଧ୍ୟ କୋଲକାତା ଘରୋଇ ପରିବେଶର ଫାଇଦା ଉଠାଇ ନାଟକୀୟ ଢଙ୍ଗରେ ବିଜୟ ହାସଲ କରିଛି। ଶେଷ ଓଭରରେ ସ୍ପିନର ସାକିବ ଅଲ ହାସନଙ୍କୁ ଦୁଇଟି ଛକା ମାରି ଯୁବ ବ୍ୟାଟ୍ସମ୍ୟାନ ଶୁବମନ ଗିଲ କୋଲକାତାକୁ ଜିତାଇଥିଲେ। ଟସ୍ ଜିତି କୋଲକାତା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ଦୀର୍ଘଦିନ ପରେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିବା ଅଭିଜ୍ଞ ଓପନର ଡେଭିଡ ୱାର୍ନରଙ୍କ ଧୂଆଁଧାର ପ୍ରଦର୍ଶନ ବଳରେ ୨୦ ଓଭରରେ ୩ ଉଇକେଟ ହରାଇ ୧୮୧ ରନ୍ ସଂଗ୍ରହ କରିଥିଲା। ଜବାବରେ କୋଲକାତା ୧୯.୪ ଓଭରରେ ୪ ଉଇକେଟ ହରାଇ ୧୮୩ ରନ୍ କରି ବିଜୟୀ ହୋଇଛି। ଦ୍ରୁତ ଅପରାଜିତ ୪୯ ରନ୍ କରିବା ସହ ୨ ଉଇକେଟ ଅକ୍ତିଆର କରି ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ରସେଲ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୮୨ ରନ୍‌ର ଚ୍ୟାଲେଞ୍ଜିଂ ଟାର୍ଗେଟ୍‌ର ପିଛାକରି କୋଲକାତା ଆରମ୍ଭରୁ ଓପ୍‌ନର କ୍ରିସ୍ ଲିନ୍‌ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଲିନ୍ ୭ ରନ୍ କରି ସାକିବଙ୍କ ବଲ୍‌ରେ ରସିଦ୍ ଖାଁଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ରବିନ ଉଥାପ୍ପା ୨୭ ବଲରୁ ୩ ଚୌକା ଓ ୧ ଛକା ସହ ୩୫ ରନ୍ କରି ସିଦ୍ଧାର୍ଥ କାଉଲଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଅଧିନାୟକ ଦୀନେଶ କାର୍ତ୍ତିକ ୨ ରନ୍ କରି ସନ୍ଦୀପ ଶର୍ମାଙ୍କ ବଲ୍‌ରେ ଭୁବନେଶ୍ୱର କୁମାରଙ୍କୁ କ୍ୟାଚ୍ ଦେଇ ପାଭିଲିୟନ ଫେରିଥିଲେ। ତେବେ ନୀତୀଶ ରାଣା ୪୭ଟି ବଲ୍‌ର ସମ୍ମୁଖୀନ ହୋଇ ୮ ଚୌକା ଓ ୩ ଛକା ସହ ଦ୍ରୁତ ୬୮ ରନ୍ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ ଓ ରସିଦଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡ଼ିରେ ଉଥାପ୍ପା ଓ ରାଣା ୮୦ ରନ୍ ସଂଗ୍ରହ କରିଥିଲେ। ପଞ୍ଚମ ଉଇକେଟ ଯୋଡ଼ିରେ ରସେଲ ଓ ଶୁବମନ ୨୫ଟି ବଲ୍‌ର ସମ୍ମୁଖୀନ ହୋଇ ଦ୍ରୁତ ତଥା ଅପରାଜିତ ୬୫ ରନ୍ କରି ଦଳକୁ ଜିତାଇଥିଲେ। ୧୯ଟି ବଲ୍ ଖେଳି ୪ ଚୌକା ଓ ୪ ଛକା ସହ ଅପରାଜିତ ୪୯ ରନ୍ କରି ରସେଲ କୋଲକାତାକୁ ବିଜୟ ପ୍ରଦାନ କରିଥିଲେ। ସେହିପରି ଶୁବମନ ୧୦ଟି ବଲ୍ ଖେଳି ୨ ଛକା ସହ ୧୮ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ହାଇଦ୍ରାବାଦ ତରଫରୁ ସାକିବ, ସନ୍ଦୀପ, କାଉଲ ଓ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଏଥି ସହିତ କୋଲକାତା ଆଇପିଏଲ୍‌ରେ କ୍ରମାଗତ ସପ୍ତମଥର ପାଇଁ ତା'ର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛି।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ତରଫରୁ ୱାର୍ନର ସର୍ବାଧିକ ୮୫ (୫୩ ବଲ୍, ୯ ଚୌକା, ୩ ଛକା) ରନ୍ କରି ରସେଲଙ୍କ ବଲ୍‌ରେ ଉଥାପ୍ପାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ପରାଜୟ କାରଣରୁ ୱାର୍ନରଙ୍କ ଏହି ଦମ୍‌ଦାର ଇନିଂସ୍ ଫିକା ପଡିଯାଇଥିଲା। ସେହିପରି ଜନି ବେୟାରଷ୍ଟୋ ୩୯ ରନ୍ କରି ପୀୟୁଷ ଚାୱଲାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୟୁସୁଫ୍ ପଠାନ ୧ ରନ୍ କରି ରସେଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବିଜୟ ଶଙ୍କର ୪୦ (୨୪ ବଲ, ୨ ଚୌକା, ୨ ଛକା) ଓ ମନୀଷ ପାଣ୍ଡେ ୮ ରନ୍ କରି ଅପରାଜିତ ରହିଥିଲେ। ବୋଲିଂରେ ରସେଲ ୨, ଚାୱଲା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

■ ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୮୧/୩ (ୱାର୍ନର- ୮୫, ଶଙ୍କର- ୪୦*, ବେୟାରଷ୍ଟୋ- ୩୯, ରସେଲ- ୨/୩୨, ଚାୱଲା- ୧/୨୩)।

■ କୋଲ୍‌କାତା ନାଇଟ ରାଇଡର୍ସ ୧୯.୪ ଓଭରରେ ୧୮୩/୪ (ରାଣା- ୬୮, ରସେଲ- ୪୯*, ଉଥାପ୍ପା- ୩୫, ଶୁବମନ- ୧୮*, ସାକିବ- ୧/୪୨, ସନ୍ଦୀପ- ୧/୪୨, କାଉଲ- ୧/୩୫, ରସିଦ- ୧/୨୬)।

# ମୁମ୍ବାଇକୁ ହରାଇଲା ଦିଲ୍ଲୀ

ମୁମ୍ବାଇ, ୨୪।୩

ରିଷଭ ପନ୍ତଙ୍କ ବିସ୍ଫୋରକ ଅର୍ଦ୍ଧଶତକ ପରେ ବୋଲରଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ପୂର୍ବତନ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ୩୭ ରନରେ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୨୧୪ ରନ ବିଜୟ ଲକ୍ଷ୍ୟର ପିଛା କରି ମୁମ୍ବାଇ ୧୯.୨ ଓଭରରେ ୧୭୬ ରନ କରି ଅଲଆଉଟ ହୋଇ ଯାଇଥିଲା।

### ପନ୍ତଙ୍କ ବିସ୍ଫୋରକ ବ୍ୟାଟିଂ

ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମୁମ୍ବାଇ ବୋଲରମାନେ ମାତ୍ର ୨୯ ରନ ମଧ୍ୟରେ ପୃଥ୍ୱୀ ଶ(୭) ଓ ଅଧିନାୟକ ଶ୍ରେୟାସ ଆୟାର(୧୬)ଙ୍କ ଉଇକେଟ ହାସଲ କରି ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ମାତ୍ର ଅଭିଜ୍ଞ ଓପନର ଶିଖର ଧାୱନ ଓ କଲିନ୍ ଇନ୍‌ଗ୍ରାମଙ୍କ ଦ୍ରୁତ ରନ ସଂଗ୍ରହ ବଳରେ ଦିଲ୍ଲୀ କ୍ୟାପିଟାଲ୍ସ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ ଉଇକେଟ ଯୋଡ଼ିରେ ୮୩ ରନ ଭାଗୀଦାରିପରେ ଇନ୍‌ଗ୍ରାମ ବ୍ୟକ୍ତିଗତ ୪୭(୩୨ ବଲ, ୭ ଚୌକା, ୧ ଛକା) ରନ କରି ଆଉଟ ହୋଇଥିଲେ। ପରେ ଧାୱନ ୪୩(୩୬ ବଲ, ୪ ଚୌକା, ୧ ଛକା)ରେ ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ କ୍ରିଜ୍‌କୁ ଆସିଥିବା ଯୁବ ଉଇକେଟ କିପର ରିଷଭ ପନ୍ତ କିନ୍ତୁ ଖେଳିଥିଲେ ବିସ୍ଫୋରକ ଇନିଂସ। ସେ ଧୂଆଁଧାର ବ୍ୟାଟିଂ କରି ୨୭ ବଲ୍‌ରୁ ୭ ଚୌକା ଓ ୭ ଛକା ସହାୟତାରେ ୭୮ ରନକରି ଅପରାଜିତ ରହିବାରୁ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୨୧୩ ରନର ବଡ଼ ସ୍କୋର କରିଥିଲା। ମୁମ୍ବାଇ ପକ୍ଷରୁ ମିଚେଲ ମ୍ୟାକକ୍ଲିନହାନ ୩ଟି ଏବଂ ଯଶପ୍ରୀତ ବୁମ୍‌ରା, ହାର୍ଦ୍ଦିକ ପାଣ୍ଡ୍ୟା ଓ ବେନ୍ କଟିଂ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୪୫ ରନ ମଧ୍ୟରେ ଟପ୍ ଅର୍ଡରର ୩ ବ୍ୟାଟ୍ସମ୍ୟାନ ଅଧିନାୟକ ରୋହିତ ଶର୍ମା(୧୪), କ୍ୱିଣ୍ଟନ ଡି କକ୍ ଓ ସୂର୍ଯ୍ୟ କୁମାର ଯାଦବଙ୍କ ଉଇକେଟ ହରାଇ ଚାପକୁ ଚାଲି ଆସିଥିଲା। ମିଡଲ୍ ଅର୍ଡରରେ ଯୁବରାଜ ସିଂ ଲଢୁଆ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ଯୁବରାଜ ୩୫ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୩ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୁନାଲ ପାଣ୍ଡ୍ୟା ୧୫ ବଲ୍‌ରୁ ୩୨(୫ ଚୌକା, ୧ ଛକା) ଓ କେରନ ପୋଲାର୍ଡ ୧୩ ବଲ୍‌ରୁ ୨୧(୨ ଚୌକା, ୧ ଛକା) ରନ ସଂଗ୍ରହ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲିପାରି ନ ଥିଲେ। ଯଶପ୍ରୀତ ବୁମ୍‌ରା ଆହତ ସମସ୍ୟା (ଆବ୍‌ସେଣ୍ଟ ହର୍ଟ) ଯୋଗୁ ବ୍ୟାଟିଂ ପାଇଁ ଆସିପାରି ନ ଥିଲେ। ଦିଲ୍ଲୀ ପକ୍ଷରୁ ଈଶାନ୍ତ ଶର୍ମା ଓ କାଗିଶୋ ରାବାଡ଼ା ୨ଟି ଲେଖାଏ ଉଇକେଟ ନେଇଥିଲେ।

**ଆଜିର ମ୍ୟାଚ**
ରାଜସ୍ଥାନ ରୟାଲ୍ସ ବନାମ କିଙ୍ଗ୍ସ ଇଲେଭେନ ପଞ୍ଜାବ
ସ୍ଥାନ: ଜୟପୁର, ସମୟ: ରାତି ୮ଟା।
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୧୩/୬(ପନ୍ତ-୭୮, ଇନ୍‌ଗ୍ରାମ-୪୭, ଧାୱନ-୪୩, ମ୍ୟାକ୍କ୍ଲିନହାନ-୩/୪୦, ବୁମ୍‌ରା-୧/୪୦,ହାର୍ଦ୍ଦିକ-୧/୪୧, କଟିଂ-୧/୨୭)। ମୁମ୍ବାଇ ଇଣ୍ଡିଆନ୍ସ ୧୯.୨ ଓଭରରେ ୧୭୬/ଅଲଆଉଟ(ଯୁବରାଜ-୫୩, କ୍ରୁନାଲ-୩୨, ଡି'କକ୍-୨୭, ଈଶାନ୍ତ-୨/୩୪, ରାବାଡ଼ା-୨/୨୩, ବୋଲ୍ଟ-୧/୪୨, ଟେୱାଟିଆ-୧/୧୨, ପଲ୍-୧/୨୧, ଅକ୍ଷର-୧/୪୨)।



ତୁର୍କୀ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ପାଇଁ ୪ ଖେଳାଳି ।

## ତୁର୍କୀ ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାରୁ ୪

**ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)**

ତୁର୍କୀର ଆଣ୍ଟାଲିୟାସ୍ଥିତ ଲିମ୍‌କା ଲିମ୍‌ରା ସ୍ପୋର୍ଟ୍ସ ହଲ୍‌ରେ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ୫ମ ତୁର୍କୀ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ (ଇନିସ୍ କପ୍) ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୨୯୧ ପ୍ରତିଯୋଗୀ ଭାଗ ନେବା କାର୍ଯ୍ୟକ୍ରମ ରହିଛି। ଏଥିରେ ଭାରତରୁ ଭାଗ ନେବାକୁ ଯାଉଥିବା ୧୮ ଜଣିଆ ଦଳରେ ଓଡ଼ିଶାର ୪ ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ରମୋଦ ଭଗତ, ନୁରୁଲ ହୁସେନ ଖାଁ, ଦିଲେଶ୍ୱର ରାଓ ଏବଂ ଦୀପ ରଞ୍ଜନ ବିଷୋଇ। ଚଳିତ ବର୍ଷ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। କାରଣ ୨୦୧୯ରେ ହେବାକୁ ଯାଉଥିବା ୧୨ଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରୁ ଅତିକମ୍‌ରେ ୭ଟିରେ ଚାମ୍ପିୟନ ହେଲେ ଯାଇ ଟୋକିଓ ପାରା ଅଲିମ୍ପିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ସୁଯୋଗ ମିଳିବ ବୋଲି ଓଡ଼ିଶା ପାରା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସମ୍ପାଦକ ମନୋରଞ୍ଜନ ଦାସ ପ୍ରକାଶ କରିଛନ୍ତି।

## ୱାର୍ନରଙ୍କ ନାମରେ ସର୍ବାଧିକ ଆଇପିଏଲ ଅର୍ଦ୍ଧଶତକ

କୋଲକାତା,୨୪।୩(ପିଟି)

ଏକ ବର୍ଷ ବାସନ୍ଦ ପରେ ଫେରିଥିବା ଅଷ୍ଟ୍ରେଲିଆନ ଓପନର ଡେଭିଡ ୱାର୍ନର ଏଠାରେ ଖେଳାଯାଇଥିବା କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବିପକ୍ଷ ମ୍ୟାଚ୍‌ରେ ୮୫ ରନ୍‌ର ଇନିଂସ ଖେଳିଛନ୍ତି। ଏହା ତାଙ୍କ କ୍ୟାରିୟରର ୪୦ତମ ଆଇପିଏଲ ଅର୍ଦ୍ଧଶତକ। ଯେ କୌଣସି ବ୍ୟାଟ୍ସମ୍ୟାନଙ୍କ ଲାଗି ଏହା ସର୍ବାଧିକ ସଂଖ୍ୟକ ଅର୍ଦ୍ଧଶତକ। ଏହି ଧାରାରେ ଭାରତୀୟ ଅଧିନାୟକ ବିରାଟ କୋହଲି, ପୂର୍ବତନ ଓପନର ଗୌତମ ଗମ୍ଭୀର, ସୁରେଶ ରାଇନା, ରୋହିତ ଶର୍ମା ଓ ଶିଖର ଧାୱନ ଅଷ୍ଟ୍ରେଲିଆନ ବ୍ୟାଟ୍ସମ୍ୟାନଙ୍କ ପଛରେ ରହିଛନ୍ତି। କୋହଲି ୩୮ଟି ଅର୍ଦ୍ଧଶତକ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଗମ୍ଭୀର ଓ ରାଇନା ୩୬ ଅର୍ଦ୍ଧଶତକ ସହ ମିଳିତ ୩ୟ ସ୍ଥାନରେ ରହିଛନ୍ତି। ଏମାନଙ୍କ ପଛକୁ ରୋହିତ ଶର୍ମା (୩୫) ଓ ଶିଖର ଧାୱନ (୩୨) ରହିଛନ୍ତି।

# ତାମିଲନାଡୁକୁ ହରାଇଲା ଓଡ଼ିଶା

କଟକ ଅଫିସ,୨୪।୩

ସୁରଟର ସି.କେ. ପିଠୱାଲା ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଲିଗ୍‌ର ଏକ ମ୍ୟାଚ୍‌ରେ ଓଡ଼ିଶା ୭୪ରନରେ ତାମିଲନାଡୁକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଓଡ଼ିଶାର ଏହା ଦ୍ୱିତୀୟ ବିଜୟ। ଏଲିଟ ଗ୍ରୁପ- ଏ ଓ ବିରେ ସ୍ଥାନ ପାଇଥିବା ଓଡ଼ିଶା ୪ଟି ମ୍ୟାଚରୁ ୨ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ଟେବୁଲର ୧୦ମ ସ୍ଥାନରେ ରହିଛି। ୨୬ରେ କର୍ଣ୍ଣାଟକ ବିପକ୍ଷରେ ଓଡ଼ିଶା ପରବର୍ତ୍ତୀ ମ୍ୟାଚ୍ ଖେଳିବ। ରବିବାର ମ୍ୟାଚ୍‌ରେ ଭ୍ରମଣକାରୀ ଓଡ଼ିଶା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ରଶ୍ମିତା ଚିନ୍ନାରା ଓ ଅଞ୍ଜଳି ସିଂ ଓପନିଂ ଉଇକେଟ ଭାଗୀଦାରିରେ ୫୯ରନ ସଂଗ୍ରହ କରିଥିଲେ। ରଶ୍ମିତା ୧୯ରନରେ ଓ ଅଞ୍ଜଳି ୩୫ରନରେ ଆଉଟ ହେବା ପରେ ପୁନମ ନାୟକ ଅପରାଜିତ ୫୮ ଓ ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ୪୮ରନ ବଳରେ ଓଡ଼ିଶା ୪ ଉଇକେଟ ବିନିମୟରେ ୨୦୦ରନ କରିଥିଲା।



ଲୁଇସା ଦାସ ଓ ପୁନମ ନାୟକ ।

**୨୩ବର୍ଷରୁ କମ୍ ମହିଳା କ୍ରିକେଟ**

ରାଣୀ ଟୁଡୁ ୧୬ରନରେ ଆଉଟ ହୋଇଥିଲେ। ତାମିଲନାଡୁ ପକ୍ଷରୁ ଯୋଗ୍ୟା କୌଶୁରୀଙ୍କୁ ୨ଟି ଉଇକେଟ ମିଳିଥିଲା। ଜବାବରେ ତାମିଲନାଡୁ ୧୨୬ରନରେ ଅଲଆଉଟ ହୋଇଥିଲା। ଏସ. ଅନୁଷା ସଂଘର୍ଷପୂର୍ଣ୍ଣ ୭୧ରନର ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଲୁଇସା ଦାସ ୪ଟି ଓ ଇନ୍ଦ୍ରାଣୀ ଛତ୍ରିଆ ୩ଟି ଉଇକେଟ ଅକ୍ତିଆର କରିବା ସହ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ଦଳଗତ କାଟାରେ ଅନୁଗୋଳ, ଭୁବନେଶ୍ୱରକୁ ସ୍ୱର୍ଣ୍ଣ

**ରାଜ୍ୟ ଜୁନିୟର କରାଟେ ଉଦ୍‌ଯାପିତ**

ଭୁବନେଶ୍ୱର, ୨୪।୩(କ୍ରୀଡ଼ା ପ୍ରତିନିଧି)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ଜୁନିୟର, କ୍ୟାଡେଟ ଓ ୨୧ ବର୍ଷରୁ କମ୍ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ବାଳକ ଟିମ୍ କାଟାରେ ଅନୁଗୋଳକୁ ସ୍ୱର୍ଣ୍ଣ, ଖୋର୍ଦ୍ଧାକୁ ରୌପ୍ୟ ଏବଂ ଗଞ୍ଜାମ ଓ ବାଲେଶ୍ୱରକୁ ବ୍ରୋଞ୍ଜ ପଦକ ମିଳିଛି। ସେହିପରି ବାଳିକା ଟିମ୍ କାଟାରେ ଭୁବନେଶ୍ୱର ସ୍ୱର୍ଣ୍ଣ, ଖୋର୍ଦ୍ଧା 'ଏ' ରୌପ୍ୟ ଓ ଖୋର୍ଦ୍ଧା 'ବି' ବ୍ରୋଞ୍ଜ ପଦକ ହାସଲ କରିଛି। ଉଦ୍‌ଯାପନୀ ଉତ୍ସବରେ ରୁଚି ଫୁଡ୍‌ଲାଇନ୍‌ର ଡାଇରେକ୍ଟର ରଶ୍ମି ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଦାସ, ପ୍ରଦୀପ କୁମାର ସରକାର, ଏସ.ଆର. ସାସମଲ, ରବି ଖୁଣ୍ଟିଆ, ସେନସେଇ ଜୟଦେବ ପଟ୍ଟନାୟକ, ସେନ୍‌ସେଇ ଖାରବେଳ ମଲିକ, ଗୌରୀ ମହାନ୍ତି, ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅବିନାଶ ପୁହିର, ମୀର ଅଜମତ ଅଲୀ, ଦିଲୀପ କୁମାର ଜେନା, ଅନୁପମା ସ୍ୱାଇଁ, ଅନୁରାଧା ପାତ୍ର, ସୁସ୍ମିନି ପାଲଟାସିଂ, ରାଜେଶ ଦାସ, ସିନ୍ଧୁ ତନୟା ଖୁଣ୍ଟିଆ, ବାସୁଦେବ, ସନ୍ଦୀପ ଦାସ, ଦେବୀଦତ୍ତ ବେଜ୍, ରାଜୀବ ସିଂ, ମହେଶ ବରାଳ, ଦୀପକ ସାମନ୍ତରା, ସନ୍ଦିପ ମହାନ୍ତି, ସୌମ୍ୟରଞ୍ଜନ ଦାସ, ସୁରେଶ ଜାଲ, ଗୋପାଲ ଦିପ୍, ଦେବବ୍ରତ, ଚିନ୍ମୟୀ ଭୂୟାଁ, ରଜନୀ ବିଶି, ମହେଶ ଡୋରା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।




କୃତୀ କରାଟେକାମାନେ ପଦକ ସହ ଅତିଥିଙ୍କ ଗହଣରେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୨୦ | Press Regd. No. R.N. 21326/74 Postal Regd. No. BN/42/18-20. | ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୨୫/୨୦୧୯ | Bhubaneswar, Monday, March 25/ 2019

# କଳରାପତରିଆ ବାଘ ଚମଡ଼ା ଜବତ ଘଟଣା: ଆଉ ୩ ଗିରଫ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ସମ୍ବଲପୁର ଜିଲା କୁଚିଣ୍ଡାରୁ କଳରାପତରିଆ ବାଘ ଚମଡ଼ା ଜବତ ଘଟଣାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ(ଏସ୍‌ଟିଏଫ୍) ରବିବାର ଆଉ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଲଇକେରାର ନରେନ୍ଦ୍ର ପିଙ୍ଗ୍, ଦେବଗଡ଼ ରିଆମାଳର ମାନ୍‌ଫୁଲ ପ୍ରଧାନ ଓ ଜମାଖେରାର ଅକ୍ଷୟ ଭୋଇ। ଏମାନଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଛି। ଏହି ୩ ଅଭିଯୁକ୍ତଙ୍କୁ ମିଶାଇ ମୋଟ ଗିରଫ ସଂଖ୍ୟା ୧୦ରେ ପହଞ୍ଚିଛି। ସୂଚନାଯୋଗ୍ୟ, ଏହି ମାମଲାରେ ପୂର୍ବରୁ ଏସ୍‌ଟିଏଫ୍ ୭ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ଜଣେ ବନ କର୍ମଚାରୀ ଓ ଜଣେ ସେନା ଅଧିକାରୀ ଥିବା ଜଣାପଡ଼ିଥିଲା। ସେମାନେ ବିକ୍ରି କରିବା ଉଦ୍ଦେଶ୍ୟରେ ବାଘଛାଲ ପାଖରେ ରଖିଥିଲେ। ଏସ୍‌ଟିଏଫ୍ ଗିରଫ ୭ଜଣଙ୍କ ମଧ୍ୟରୁ ୬ଜଣଙ୍କୁ ୩ ଦିନ ରିମାଣ୍ଡରେ ନେଇଥିଲା। ସେମାନଙ୍କଠାରୁ ମିଳିଥିବା ତଥ୍ୟକୁ ଆଧାର କରି ପୁଣିଥରେ ଚଢ଼ାଉ କରିଥିଲା। ଏ ସମ୍ପର୍କରେ ଏସ୍‌ଟିଏଫ୍ ଏସ୍‌ପି ରାହୁଲ ପିଆର କହିଛନ୍ତି, ୬ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବା ପରେ ଆମକୁ କିଛି ନୂଆ ଲିଙ୍କ୍ ମିଳିଥିଲା। ଏ ଦିଗରେ ତଦନ୍ତ କରିବା ବେଳେ ଆଉ ୩ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ସେମାନେ ବେଆଇନ ଭାବେ କଳରାପତରିଆ ବାଘ ଚମଡ଼ା ବେପାର କରନ୍ତି।

# ଦୁର୍ଘଟଣାରୁ ବର୍ତ୍ତିଲା ଟାଟା-ଏଏଲ୍‌ଏଲ୍‌ପି ଏକ୍ସପ୍ରେସ୍

ରାଉରକେଲା ଅଫିସ,୨୪।୩

ରେଲୱେ ଟ୍ରାକ୍‌ମ୍ୟାନଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବନ୍ଧମୁଣ୍ଡା ଅଞ୍ଚଳରେ ଏକ ନିଶ୍ଚିତ ରେଳ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ପାରିଛି। ରବିବାର ସକାଳେ ବନ୍ଧମୁଣ୍ଡା ଡିଜେଲ କଲୋନୀ ଡି କ୍ୟାବିନ ନିକଟ ଦେଇ ଟାଟା ଏଏଲ୍‌ଏଲ୍‌ପି ଏକ୍ସପ୍ରେସ୍ ରାଉରକେଲା ଦିଗରୁ ଆସୁଥିବା ବେଳେ ରେଳ ଧାରଣାରେ ଫାଟ ଥିବା ଦେଖି ଗ୍ୟାଙ୍ଗମ୍ୟାନ ରାମଶ୍ରେୟ ଦାସ ବିଚଳିତ ହୋଇ ପଡ଼ିଥିଲେ। ସେ ତତ୍‌କ୍ଷଣାତ୍ ଏକ ନାଲି ରଙ୍ଗର ପତାକା ଦେଖାଇ ଟ୍ରେନ୍‌କୁ ଅଟକାଇବାକୁ ଚେଷ୍ଟା କରିଥିଲେ। କେହି ଜଣେ ଦୂରରୁ ବିପଦ ସଙ୍କେତ ପ୍ରଦାନ କରୁଥିବା ଦେଖି ଚାଳକ ଟ୍ରେନ୍ ଅଟକାଇବାକୁ ତୁରନ୍ତ ପଦକ୍ଷେପ ନେଇଥିଲେ। ଫଳରେ ବିପଦପୂର୍ଣ୍ଣ ସ୍ଥାନଠାରୁ ଟ୍ରେନ୍ ଅଳ୍ପ ଦୂରରେ ଅଟକି ଯାଇଥିଲା। ଟ୍ରାକ୍ ମରାମତି କରାଯାଇ ପ୍ରାୟ ଘଣ୍ଟାଏ ପରେ ଟ୍ରେନ୍ ପୁନର୍ବାର ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା। ଟ୍ରେନ୍ ଚାଲିଯିବା ପରେ ଟ୍ରାକ୍‌ର ସ୍ଥାୟୀ ମରାମତି ଚାଲିଥିବା ଜଣାଯାଇଛି।

# ବୁଡ଼ି ଯାଉଥିବା ଶିଶୁକନ୍ୟାଙ୍କୁ ଉଦ୍ଧାର କଲେ ବାଳକ


ଇତିପ୍ରଜ୍ଞା


ସାଇ ଶୁଭଙ୍କର

ରଘୁନାଥପୁର, ୨୪।୩( ଡି.ଏନ.ଏ.): ରଘୁନାଥପୁର ଥାନା ସାଦେଇପୁର ପଞ୍ଚାୟତ ଜଗନ୍ନାଥପୁର ଖରିପଡିଆ ଗାଁର ୮ ବର୍ଷର ବାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ପୋଖରୀରେ ବୁଡି ଯାଉଥିବା ୬ ବର୍ଷର ଶିଶୁକନ୍ୟା ଉଦ୍ଧାର ପାଇଥିଲେ। ସମ୍ପ୍ରତି ପଡିଶା ଘରର ବିବାହ ଭୋଜି ଅନୁଷ୍ଠିତ ହେଉଥିବାବେଳେ ପ୍ରତାପ ସ୍ୱାଇଁଙ୍କ ଝିଅ ଇତିପ୍ରଜ୍ଞା ନିଜ ସାଙ୍ଗମାନଙ୍କ ସହ ସେଠାରେ ଉପସ୍ଥିତ ଥିଲେ। ୪ରୁ ୫ ଜଣ ପିଲା ନିକଟସ୍ଥ ପୋଖରୀରେ ଲାଗିଥିବା ପାଣି ମଟରରୁ କିପରି ପାଣି ଉଠୁଛି ଦେଖିବାକୁ ସେଠାରେ ପହଞ୍ଚି ଥିଲେ। ଏହି ସମୟରେ ଇତିପ୍ରଜ୍ଞା ପୋଖରୀ ଭିତରକୁ ଖସି ପଡିଥିଲେ। ସେଠାରେ ଉପସ୍ଥିତ ଥିବା ସୁଶାନ୍ତ ସ୍ୱାଇଁଙ୍କ ପୁଅ ସାଇ ଶୁଭଙ୍କର ସାହସର ସହ ଇତିପ୍ରଜ୍ଞାଙ୍କ ହାତକୁ ଧରି ଟାଣି ଆଣିଥିଲେ। ଏହା ଭିତରେ ଇତିପ୍ରଜ୍ଞା ପାଣି ପିଇ ଦେଇଥିଲେ। ପାଟି ଶୁଣି ପରିବାର ଲୋକ ପହଞ୍ଚି ତାଙ୍କର ଚିକିତ୍ସା କରାଇଥିଲେ। ସାଇ ଶୁଭଙ୍କର ସ୍ଥାନୀୟ ସ୍କୁଲରେ ୩ୟ ଶ୍ରେଣୀରେ ପଢୁଥିବାବେଳେ ଇତିପ୍ରଜ୍ଞା ପ୍ରଥମ ଶ୍ରେଣୀର ପଢୁଛନ୍ତି। ତେବେ ସାଇ ଶୁଭଙ୍କରଙ୍କର ସାହସିକତା କାର୍ଯ୍ୟ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ସାବାସୀ ଦିଆଯାଇଛି।




For a test drive, SMS 'RENAULT' to 53030 or call on 1800 300 44444 (Open from Monday to Sunday, 7:00 am - 11:00 pm).
Also available in CSD. Special offers for Defence Personnel, Government, PSU and Corporate employees.

Terms and conditions apply. #Price mentioned is for the base variant for ex-showroom and is exclusive of local taxes. Offers may vary across variants and cities. Benefits are applicable only on select variants of KWID & DUSTER of 2019 manufacturing. Additional offers available on select stocks only. The abovementioned offers are valid till 31st March, 2019. ^^0 % Rate of Interest is calculated on a loan amount of ₹2,05,312 for a tenure of 18 months. Rate of interest may vary based on loan amount and tenure. Finance at the sole discretion of Renault Finance. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). ^Benefits of ₹65,000 include Insurance at ₹1 & Exchange bonus of ₹20,000. Exchange at the sole discretion of Renault Selection only. ##Benefits up to ₹2,00,000 include cash benefits of ₹2,00,000 on select variants. All benefits of CAPTUR applicable only to versions of 2018 year of manufacturing. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

SHOWROOMS: ODISHA: BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +917290055349. ROURKELA: RENAULT Rourkela Mob: + 91 8860875802, + 91 9778845542. SAMBALPUR: RENAULT Sambalpur Mob: +91 8860048351.

L&K | SAATCHI & SAATCHI




8.5 crore+ HEROES
ଅଗଣିତ ସମ୍ପର୍କ
World leading brands from the House of Hero
Splendor+ | Super Splendor | iSmart+ | Passion Pro | Glamour | HF Deluxe | Xtreme 200R | Maestro Edge | Pleasure | Destini 125
₹1500/- ସୈନିକମାନଙ୍କ ପାଇଁ ଅତିରିକ୍ତ ଲାଭ
HeroFinCorp.
HeroMotoCorpIndia @HeroMotoCorp HeroMotoCorpLimited TheHeroMotoCorp heromotocorp.com
INDIA'S FIRST 5 YEAR WARRANTY* *Conditions apply

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. ^As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ସନୀ ହୀରୋ - 7799766401. ଏସେନ୍ ହୀରୋ - 7799766425. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. କଟଣା: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ପୁରୀ: ସଞ୍ଜୀବ ହୀରୋ - 06752-255881, 8448389695. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ନା ସାକନରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଗଛରୁ ପଡ଼ି ଜଣଙ୍କ ମୃତ୍ୟୁ

ଦଶପଲ୍ଲା,୨୪।୩ (ଡି.ଏନ.ଏ.): ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତ ନଛିପୁର ବଡସାହି ଗ୍ରାମରେ ରବିବାର ଗଛରୁ ପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିଣ୍ଟୁ ଖମାରୀ। ପିଣ୍ଟୁ ପୂର୍ବାହ୍ନରେ ବାଡିରେ ଥିବା ଏକ ତେନ୍ତୁଳିଗଛରେ ଚଢିଥିବା ବେଳେ ଅସାବଧାନତା ହେତୁ ତଳକୁ ଖସିପଡିଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ପିଣ୍ଟୁଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

### ନିଆଁଲାଗି ଜଳିଗଲା ଗୋଦାମ କାଠ




ନୂଆଗାଁ,୨୪।୩ (ଡି.ଏନ.ଏ.): ନୟାଗଡ଼ ଜିଲା ଦଶପଲ୍ଲା ନିଗମ ଅଧୀନରେ ଥିବା ମହୀପୁର କାଠ ଗୋଦାମରେ ରବିବାର ଅପରାହ୍ନ ୫ଟାରେ ନିଆଁ ଲାଗି ବହୁ କାଠ ପୋଡିଯାଇଛି। ଦଶପଲ୍ଲା ନିଗମ ଜରିଆରେ ବନ ବିଭାଗ ବିଭିନ୍ନ ସ୍ଥାନରୁ କାଠ କ୍ରୟକରି ଏହି ଗୋଦାମରେ ଗଚ୍ଛିତ ରଖିଥାନ୍ତି। ପରବର୍ତ୍ତୀ ସମୟରେ ସେଗୁଡିକୁ ବିକ୍ରି କରାଯାଇଥାଏ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅପାରଗତା ଯୋଗୁ ମହୀପୁର ଗୋଦାମରେ କାଠ ବିକ୍ରିହୋଇ ନ ପାରି ମାଟି ଖାଉଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଏହି ଗୋଦାମରେ ଶହ ଶହ ଟ୍ରିପ୍ କାଠ ଗଦା ହୋଇରହିଥିବା ବେଳେ ରବିବାର ସେଥିରେ ନିଆଁଲାଗିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ନୂଆଗାଁ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ୩ଘଣ୍ଟା କାଳ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବାର କାରଣ ଜଣାପଡି ନ ଥିବାବେଳେ ଜଙ୍ଗଲରେ ଲାଗିଥିବା ନିଆଁ ଉଡିଆସି ଅଗ୍ନିକାଣ୍ଡ ଘଟିଥିବା କର୍ମଚାରୀମାନେ କହିଛନ୍ତି।

### ନିଆଁ ଲିଭାଇବା ପାଇଁ ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ



ରଣପୁର,୨୪।୩(ସ୍ୱ.ପ୍ର.): ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଗଲାଣି। ଏ ସମୟରେ ଜଙ୍ଗଲରେ ନିଆଁ ଲାଗିବାର ଆଶଙ୍କା ରହିଛି। ଏହି ନିଆଁକୁ କିପରି ଆୟତ କରାଯିବ ସେ ନେଇ ରବିବାର ରଣପୁର ବନ ବିଭାଗ କାର୍ଯ୍ୟାଳୟ ପରିସରରେ ରଣପୁର ଦମକଳ ବାହିନୀ ତରଫରୁ ଜଙ୍ଗଲ ନିଆଁ ନିବାରଣଜନିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଦମକଳ ବାହିନୀ ଅଧିକାରୀ ସରୋଜ କୁମାର ଦାସ ଯୋଗଦେଇ ବନ ବଭାଗ କର୍ମଚାରୀ ଓ ତାଙ୍କ ସହିତ ବିଭିନ୍ନ ବନ ସଂରକ୍ଷଣ ସମିତିର କର୍ମକର୍ତ୍ତାଙ୍କୁ ନିଆଁ ଲିଭାଇବାର ବିଭିନ୍ନ ଡେମୋ କରାଇ ପ୍ରଶିକ୍ଷଣ ଦେଇଥିଲେ । ବିଶେଷ କରି ବର୍ଷା ପରେ ପରେ ମେ ମାସ ପର୍ଯ୍ୟନ୍ତ ଜଙ୍ଗଲରେ ନିଆଁ ଲାଗିବାର ଆଶଙ୍କା ରହିଥାଏ। ସୂଚନାଯୋଗ୍ୟ, ଜଙ୍ଗଲରେ ନିଆଁ ଲାଗିଲେ ବୃକ୍ଷଲତା ଓ ଜୀବଜନ୍ତୁଙ୍କ ଅଶେଷ କ୍ଷତି ଘଟିଥାଏ। କାର୍ଯ୍ୟକ୍ରମରେ ବନ ବିଭାଗ ଅଧିକାରୀ ଶରତ କୁମାର ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

### ଦୁର୍ଘଟଣାରେ ଗୁରୁତର ବୃଦ୍ଧଙ୍କ ମୃତ୍ୟୁ

ଖଣ୍ଡପଡ଼ା/ଭାପୁର,୨୪।୩ (ସ୍ୱ.ପ୍ର./ଡି.ଏନ.ଏ.): ହୋଲିପର୍ବ ସମୟରେ ଜଣେ ବୃଦ୍ଧ ବାଇକ୍ ଦୁର୍ଘଟଣାରେ ଶୁକ୍ରବାର ଗୁରୁତର ଆହତ ହୋଇଥିଲେ। ତେବେ ସମ୍ପୃକ୍ତ ବୃଦ୍ଧଙ୍କର ରବିବାର ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି, ଭାପୁର ପଞ୍ଚାୟତ ଭାଲୁଖାଇ ଗ୍ରାମର ବିଦ୍ୟାଧର ନାୟକ। ସନ୍ଧ୍ୟାରେ ସେ ନିଜ ଘରକୁ ଫେରୁଥିବାବେଳେ ଏକ ହିରୋହଣ୍ଡା ସ୍ପ୍ଲେଣ୍ଡର ନଂ-ଓଡି ୩୩କେ୯୧୬୭ ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ପରିବାର ତରଫରୁ ଏ ଘଟଣା ନେଇ ଅଭିଯୋଗ ପରେ ଫତେଗଡ ପୋଲିସ ଉକ୍ତ ଗାଡି ଜବତ କରିଛି। ଆହାତ ବୃଦ୍ଧ ପ୍ରଥମେ ଭାପୁର, ଭୁବନେଶ୍ୱର ଓ ପରେ କଟକରେ ଚିକିତ୍ସିତ ହୋଇଥିଲେ।



ପୁରୀ ଅଭିମୁଖେ ବାହାରିଥିବା ରଥକାଠ ବୋଝେଇ ଟ୍ରକ୍।

## ପୁରୀ ପଠାଗଲା ୨୯ ଖଣ୍ଡ ରଥକାଠ

ଦଶପଲ୍ଲା,୨୪।୩(ଡି.ଏନ.ଏ.): ଦଶପଲ୍ଲା ବନାଞ୍ଚଳ ଚଢେୟାପଲ୍ଲୀ ସେକ୍ସନରୁ ରବିବାର ୧୨ ଓ ୨୦ ଫୁଟିଆ ୨୯ଖଣ୍ଡ ଅସନ, ଧଉରା କାଠ ଟ୍ରକ ଯୋଗେ ପୁରୀ ପଠାଯାଇଛି। ଚଳିତବର୍ଷ ତିନି ରଥ ପାଇଁ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ପୂର୍ବ ବର୍ଷର ୧୯୫ ଖଣ୍ଡ କାଠ ବଳକା ରହିଛି। ରଥ ନିର୍ମାଣ ପାଇଁ ଆଉ ୬୭୦ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ନୟାଗଡ ବନଖଣ୍ଡ ଅଧୀନ ବିଭିନ୍ନ ଜଙ୍ଗଲରୁ ପର୍ଯ୍ୟାୟକ୍ରମେ କାଠ କଟାଯାଉଛି। ପ୍ରଥମ ପର୍ଯ୍ୟାୟରେ ଦୁଇଟି ଟ୍ରକ ଯୋଗେ ୫୭ ଖଣ୍ଡ କାଠ ବଡଦାଣ୍ଡ ରଥଖଳାରେ ପହଞ୍ଚିଥିଲା। ପରେ ୨ୟ, ୩ୟ ଓ ୪ର୍ଥ ପର୍ଯ୍ୟାୟରେ ରଥଖଳା ଓ ଖପୁରିଆ ସ' ମିଲକୁ କାଠ ପଠାଯାଇଥିଲା। ରବିବାର ୫ମ ପର୍ଯ୍ୟାୟରେ ୨୯ ଖଣ୍ଡ ଅସନ ଓ ଧଉରା କାଠ ପଠାଯାଇଥିବା ବନାଞ୍ଚଳ ଅଧିକାରୀ ସୋମନାଥ ନାୟକ ପ୍ରକାଶ କରିଛନ୍ତି।

## ଯେଉଁଠି ଶୁଭ ମନାସି ଅଟକିଯାନ୍ତି ଯାତ୍ରୀ

### ମା' ଶିମିଳେଇ ଠାକୁରାଣୀ

ଖଣ୍ଡପଡ଼ା,୨୪।୩(ସ୍ୱ.ପ୍ର.)

ପୁରାତନ କିମ୍ବଦନ୍ତୀ ହେଉ କିମ୍ବା ଲୋକକଥା । ତେବେ ଦୀର୍ଘ ବର୍ଷରୁ ପ୍ରଚଳିତ ହୋଇ ଆସୁଥିବା ଅନେକ ଘଟଣାକୁ କେହି କେହି ଅନ୍ଧବିଶ୍ୱାସ ଏହା ଦୈବୀଶକ୍ତି ବୋଲି ମାନନ୍ତି । ଏ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ପ୍ରତ୍ୟକ୍ଷ ଠାକୁରାଣୀ 'ମା ଶିମିଳେଇ ଠାକୁରାଣୀ' । ଯେଉଁଠି ପଥଚାରୀ ଯାତ୍ରୀ ହେଉ ବା ଯେ କୌଣସି ଯାନବାହନ ଏହି ରାସ୍ତା ଅତିକ୍ରମ କରିବାବେଳେ ରାସ୍ତାକଡରେ ବିରାଜିତ ମା' ଠାକୁରାଣୀଙ୍କ ନିକଟରେ ଟିକିଏ ଅଟକି ନିଜର ଶୁଭ ମନାସିଥାନ୍ତି। କଣ୍ଟିଲୋ-ଫତେଗଡ ରାଜପଥ ପଥରଚକଡା ପାନ୍ଥ ନିବାସ ସାମନାରେ, କୁକୁଡାଖାଇ ନାଳର ଅନତି ଦୂରରେ ମା'ଶିମିଳି ଚଣ୍ଡୀ ଠାକୁରାଣୀ ବିରାଜିତ ହୋଇଛନ୍ତି । ହିନ୍ଦୁ ଶାସ୍ତ୍ରାନୁସାରେ ନିଜ ଇଷ୍ଟଦେବୀ/ଦେବତାଙ୍କୁ ସ୍ମରଣ କରି ଯାତ୍ରା କରାଯାଇଥାଏ । କୁହାଯାଏ, ଶହ ଶହ ବର୍ଷ ପୂର୍ବେ ଏହି ଠାକୁରାଣୀଙ୍କ ମନ୍ଦିର ନିକଟରେ ଏକ ବିଶାଳ ଶିମିଳି ବୃକ୍ଷ ରହିଥିଲା । ଶିମଳି ଗଛରେ ବିରାଜିତା



ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି।

ବୋଲି ସେ ମା' ଶିମିଳି ଠାକୁରାଣୀ-ମଙ୍ଗଳା ସ୍ୱରୂପା । ଲୋକମୁଖରୁ ଶୁଣାଯାଏ, ଏଠାରେ ଏକ ଭୂଆଁ ବାସ କରୁଥିଲା । ଏହି ପ୍ରତ୍ୟକ୍ଷ ଠାକୁରାଣୀ କୁକୁଡ଼ା ବଳିରେ ସନ୍ତୁଷ୍ଟ ହୋଇଥାନ୍ତି ବୋଲି କୁହାଯାଏ । ତେଣୁ ଏହା ନିକଟରେ ରହିଥିବା ଏକ ନାଳ କୁକୁଡାଖାଇ ଭାବେ ପରିଚିତ । ପ୍ରତ୍ୟହ ନିକଟସ୍ଥ ପଥରଚକଡା ଗ୍ରାମରୁ ଗୋପାଳୁଣୀ ଓ ଗୋପାଳମାନେ କଣ୍ଟିଲୋକୁ ଗାଈ ଦୁଗ୍ଧ ଓ ଦହି ବିକ୍ରି ପାଇଁ ଆସିବା ସମୟରେ ନିଶ୍ଚିତ ଭାବରେ ମା'ଙ୍କ ନିକଟରେ ଖାଣ୍ଟି କ୍ଷୀର କିଛି ଅର୍ପଣ କରିଥାନ୍ତି । କେହି ଏଥିରେ ତ୍ରୁଟି କିମ୍ବା ଅବମାନନା କଲେ ଅଘଟଣ ଘଟିଥାଏ ବୋଲି ବିଶ୍ୱାସ କରାଯାଏ । ପଥଚାରୀ ହୁଅନ୍ତୁ ବା କୌଣସି ଯାନବାହନରେ ଯାତ୍ରା କରୁଥିବା ଯାତ୍ରୀ ବିଶେଷ କରି ପ୍ରତ୍ୟହ ଏହି ରାସ୍ତାଦେଇ ଯାଉଥିବା ବସ୍ ମା'ଙ୍କ ମନ୍ଦିର ସାମନାରେ ଗାଡିକୁ ଟିକିଏ ଅଟକାଇ ସେଠାରେ ଦୀପଟିଏ ଜାଳି ଦିଅନ୍ତି। ଓ ସେଠାରେ ଥିବା ଏକ ଦାନବାକ୍ସରେ କିଛି ଅର୍ଥ ପକାଇ ଯାତ୍ରା କରିଥାନ୍ତି । ମା' ଶିମିଳି ଚଣ୍ଡୀଙ୍କ ନାମ ସୁମରଣା କରି ଆଗକୁ ବଢିଲେ ପଥାଚାରୀ କି ଯାତ୍ରୀମାନେ ବିନା ବାଧାରେ ଘରେ ପହଞ୍ଚିଥାନ୍ତି ବୋଲି କିମ୍ବଦନ୍ତୀ କୁହେ । ଅତୀତରେ ଠାକୁରାଣୀ ଏକ ଗଛ ମୂଳେ ପୂଜା ପାଇ ଆସୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଛୋଟିଆ ମନ୍ଦିରଟିଏ ନିର୍ମାଣ କରିଥିଲେ । ପରବର୍ତ୍ତୀ ସମୟରେ ନିଜର ମନସ୍କାମନା ପୂର୍ଣ୍ଣ ହେବା ପରେ ଠାକୁରାଣୀଙ୍କ ପୁରାତନ ମନ୍ଦିର ସ୍ଥାନରେ ଏକ ନୂତନ ମନ୍ଦିର ରାଜପଥ ପାର୍ଶ୍ୱରେ ନିର୍ମାଣ କରାଇଛନ୍ତି । ସେ ହେଉଛନ୍ତି କଣ୍ଟିଲୋ ବାପୁଜୀ ନଗରସ୍ଥିତ ଜନୈକ ଅବସରପ୍ରାପ୍ତ କର୍ମଚାରୀ ସୁରେନ୍ଦ୍ର ନାଥ ସାହୁ । ପୂର୍ବରୁ ନିୟମିତ ପୂଜା କରାଯାଉ ନ ଥିବା ଠାକୁରାଣୀଙ୍କୁ ଏବେ ପୂଜା କରୁଛନ୍ତି ପଥରଚକଡା ନିବାସୀ ପୂଜାରୀ ଧନେଶ୍ୱର ଶତପଥି ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖସେପାଖ



ସମାବେଶରେ ଯୋଗଦେଇଥିବା ମହିଳାପୁରୁଷ।

ନୟାଗଡ଼ ଅଫିସ,୨୪।୩

୨ ବର୍ଷ ୩ ମାସର ବ୍ୟବଧାନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୟାଗଡ଼ ଜିଲା ଗସ୍ତରେ ଆସି ଏକ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ଏଥିପାଇଁ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ରାତି ଉଜାଗର ରହି ସେମାନେ କାର୍ଯ୍ୟକ୍ରମ ଯେପରି ସଫଳ ହେବ ସେଥିରେ ଲାଗିପଡିଥିଲେ।

### ଯିଏ ଯେଉଁଠି ପାରିଲା ବସ୍ ରଖିଲା

ସମାବେଶରେ ଯୋଗଦେବା ପାଇଁ ଜିଲାର ବିଭିନ୍ନ ସ୍ଥାନରୁ ମହିଳାମାନଙ୍କ ପାଇଁ ବସ୍ ବ୍ୟବସ୍ଥା ହୋଇଥିଲା । ସମାବେଶ ସ୍ଥଳରେ ପହଞ୍ଚିବା ପରେ ବସ୍‌ଗୁଡ଼ିକ ଏଣେତେଣେ ରହିଥିବା ଦେଖିବାକୁ ମିଳିଥିଲା। ଡ୍ରାଇଭରମାନେ ମନଇଚ୍ଛା ଯିଏ ଯେଉଁଠି ପାରିଲେ ଗାଡି ପାର୍କିଂ କରିଥିଲେ। ଫଳରେ ଟ୍ରାଫିକ ବ୍ୟବସ୍ଥା ଅନିୟନ୍ତ୍ରିତ ହୋଇପଡ଼ିଥିଲା। ଚାରିପଟୁ ଲୋକମାନେ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

### ପ୍ରାର୍ଥୀ ଘୋଷଣା ନ କରି କଲେ ପ୍ରଚାର

ସମାବେଶରେ ନୟାଗଡ଼, ଖଣ୍ଡପଡ଼ା ଓ ରଣପୁର ବିଧାୟକଙ୍କ ସମେତ ଅନ୍ୟ ନେତାମାନେ ଯୋଗଦେଇଥିଲେ। ନୟାଗଡ଼ ନିର୍ବାଚନମଣ୍ଡଳୀରେ ଏହି କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ଏହି ଆସନ ପାଇଁ ବିଧାୟକ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ, ଯାହାକୁ ବିରୋଧୀମାନେ ଅସ୍ତ୍ର କରିଥିଲେ। କଂଗ୍ରେସର ଜିଲା ସଭାପତି ରଣଜିତ୍ ଦାଶ ଏହାକୁ ଲୋକଦେଖାଣିଆ କାର୍ଯ୍ୟକ୍ରମ ବୋଲି ପ୍ରକାଶ କରିଥିଲେ। ପ୍ରତି ଗ୍ରାମରୁ ଅଙ୍ଗନୱାଡ଼ି ଦିଦିମାନେ ମହିଳାମାନଙ୍କୁ ଜୋରଜବରଦସ୍ତି ଆଣିଥିବା ସେ କହିଥିଲେ। ସେହିପରି ଭାଜପାର ନୟାଗଡ଼ ବିଧାୟକ ପ୍ରାର୍ଥୀ ହୋଇଥିବା ଇରାନୀ ରାୟ କହନ୍ତି, ଲୋକମାନଙ୍କୁ ଭଣ୍ଡାଇବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଛି।

### ମଞ୍ଚ ତଳେ ବିଧାୟକ ପ୍ରାର୍ଥୀ

ଜିଲାସ୍ତରୀୟ ଏହି ପ୍ରଚାର କାର୍ଯ୍ୟକ୍ରମରେ ଜଣେ ବିଧାୟକ ପ୍ରାର୍ଥୀ ଓ ଜିଲାପରିଷଦ ଉପାଧ୍ୟକ୍ଷଙ୍କ ମଞ୍ଚ ପରିବର୍ତ୍ତେ ତଳେ ଦେଖିବାକୁ ମିଳିଥିଲା । ଏ ସମ୍ପର୍କରେ ଜିଲା ପରିଷଦ ଉପାଧ୍ୟକ୍ଷ ଅଖିଳ କୁମାର ଜାନି କହନ୍ତି, ସେ ତଳେ ରହି କର୍ମୀମାନଙ୍କ କଥା ବୁଝୁଥିଲେ। ଅନ୍ୟପଟେ ବିଜେଡ଼ିର ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ବେହେରା ପ୍ରଥମେ ମଞ୍ଚରେ ବସିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଆସିବା ସମୟରେ ଜଣେ ନେତାଙ୍କ ଇଙ୍ଗିତରେ ସେ ତଳକୁ ଯାଇ କର୍ମୀମାନଙ୍କ ସହିତ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଛିଡ଼ା ହୋଇ ରହିଥିଲେ।

### ଖଗେଶ୍ୱରଙ୍କ ନିଆରା ବେଶ

ନୟାଗଡ଼ ଷ୍ଟାଡିୟମଠାରେ ଅନୁଷ୍ଠିତ ପ୍ରଚାର କାର୍ଯ୍ୟକ୍ରମରେ ଖଗେଶ୍ୱର ଦେଓରୀଙ୍କ ନିଆରା ବେଶଭୂଷା ଉପସ୍ଥିତ କର୍ମୀ ଓ ଜନସାଧାରଣଙ୍କୁ ଆକୃଷ୍ଟ କରିଥିଲା। ବରଗଡ଼ର ଏହି ବ୍ୟକ୍ତି ଜଣକ ନିଜକୁ ନବୀନ ପଟ୍ଟନାୟକଙ୍କ ଫ୍ୟାନ୍ କହୁଥିବା ବେଳେ ତାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଉଥିବା ପ୍ରକାଶ କରିଥିଲେ। ନିଜ ମୁଣ୍ଡରେ ହେୟାର କଟରେ ଆୱାର ସିଏମ୍ ନବୀନ ବୋଲି ଲେଖିଥିଲେ। ସେହିଭଳି ଘରେ ଘରେ ଶଙ୍ଖ ବାଜିବ ବୋଲି ବୁଲି ବୁଲି ମହିଳାମାନଙ୍କୁ କହିଥିଲେ।

### ମଞ୍ଚରେ ମନୋରଞ୍ଜନ କାର୍ଯ୍ୟକ୍ରମ

ମୁଖ୍ୟମନ୍ତ୍ରୀ ନୟାଗଡ଼ରେ ମଧ୍ୟାହ୍ନ ୧୨ଟା ୧୦ରେ ପହଞ୍ଚିଥିଲେ। ଏହା ପୂର୍ବରୁ ପୂର୍ବାହ୍ନ ୧୦ଟାରୁ ମହିଳାମାନେ ଆସି ସଭାରେ ଯୋଗ ଦେଇଥିଲେ। ଅପେକ୍ଷାକୁ ପ୍ରଶମିତ କରିବା ପାଇଁ ବିଜେଡ଼ିର ବିଭିନ୍ନ କାର୍ଯ୍ୟକ୍ରମକୁ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଷଣ କରିଥିଲେ।



ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

## ସୌର ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ

ନୟାଗଡ଼ ଅଫିସ,୨୪।୩

ଶନିବାର ଓ ରବିବାର ଦୁଇ ଦିନ ଧରି ନୟାଗଡ଼ ସୌର ବ୍ରାହ୍ମଣ ସମାଜର ବାର୍ଷିକ ସମ୍ମିଳନୀ ଇଟାମାଟିସ୍ଥିତ ବଂଶୀଧର ଡିଗ୍ରୀ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସୌର ବ୍ରାହ୍ମଣ ସମାଜର ସାଧାରଣ ସମ୍ପାଦକ ମନୋରଞ୍ଜନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ତାପସ କୁମାର ମହାପାତ୍ର, କଟକ ଜିଲା ସମ୍ପାଦକ ଅଚ୍ୟୁତାନନ୍ଦ ନାୟକ, ସନ୍ତୋଷ ମହାପାତ୍ର ଅତିଥି ଭାବେ




ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ।

ଯୋଗଦେଇଥିଲେ। ସମ୍ପାଦକ ରତ୍ନାକର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି କୁମୁଦ ଚନ୍ଦ୍ର ନାୟକ, ଉପସଭାପତି ଦୁର୍ଯ୍ୟୋଧନ ନାୟକ, ସମ୍ପାଦକ ରତ୍ନାକର ନାୟକ, ସହ ସମ୍ପାଦକ ସନ୍ତୋଷ କୁମାର ରାୟ, କୋଷାଧ୍ୟକ୍ଷ ଭାବେ ଭିକାରୀ ଚରଣ ନାୟକଙ୍କୁ ମନୋନୀତ କରାଯାଇଥିଲା । ରବୀନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଦୀପ୍ତ ନାୟକ ଧନ୍ୟବାଦ ଦେଇଥିଲେ।

## ପରମ୍ପରାକୁ ବଞ୍ଚାଇ ରଖିଛି ଗୋପାଳ ଉତ୍ସବ

ବୋଲଗଡ,୨୪।୩(ଡି.ଏନ.ଏ.)

ବୋଲଗଡ଼ ବ୍ଲକର ବିଭିନ୍ନ ଗ୍ରାମରେ ଗୋପାଳ ଉତ୍ସବ ପାଳନ କରାଯାଇଛି। ଗୁରୁବାର ଦୋଳପୂର୍ଣ୍ଣିମୀ ଅବସରରେ ପରମ୍ପରାକୁ ବଜାୟ ରଖି ଗୋପାଳମାନେ ଆନନ୍ଦ ଉଲ୍ଲାସର ସହିତ ଏହି ପର୍ବ ପାଳନ କରିଛନ୍ତି। ବୋଲଗଡ ବ୍ଲକର ସଂପୁର ଗ୍ରାମରେ ଗୋପାଳ ମାନେ ବିଭିନ୍ନ କୌଶଳର ବାଡିଖେଳ ପ୍ରଦର୍ଶନ କରିଥିଲେ। ପାରମ୍ପରିକ ଢୋଲ ବାଦ୍ୟର ତାଳେତାଳେ ଗୋପାଳମାନଙ୍କ ଦ୍ୱାରା ପ୍ରଦର୍ଶିତ ଏହି ବାଡିଖେଳ ବେଶ ଆନନ୍ଦଦାୟକ ହୋଇଥିଲା। ଏହି ଦୃଶ୍ୟ ଦେଖିବାକୁ ସ୍ଥାନୀୟ ଅଞ୍ଚଳରୁ ବହୁସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା । ଫଗୁ ଦଶମୀ ଦିନ ବାଡିପୂଜା କରାଯାଇଥିଲା ବେଳେ ଦୋଳପୂର୍ଣ୍ଣିମୀ ଦିନ କ୍ଷୀର ବନ୍ଦାଣ ହୋଇଥିଲା। ପରେ ରାଧାକୃଷ୍ଣ ଏବଂ ଗୋପପୁରର ଗୋପାଳ ବେଶରେ ଗ୍ରାମ ପରିକ୍ରମା କରି ଗୋପାଳଙ୍କ ଓଗାଳ ଗୀତର ତାଳେ ବାଡି ଖେଳ ପ୍ରଦର୍ଶନ ହୋଇଥିଲା। କେଉଁ ଆବାହମାନ କାଳରୁ ପିଢି ପରେ ପିଢି ଏହି ପରମ୍ପରାକୁ ବଞ୍ଚାଇ ରଖିଥିବାର ଗ୍ରାମର ଗୋପାଳମାନେ କୁହନ୍ତି।

## ମା'ଘୁମୁରା ଦେବୀଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଦଶପଲ୍ଲା,୨୪।୩(ଡି.ଏନ.ଏ.): ଦଶପଲ୍ଲା ବ୍ଲକର ଆଦିବାସୀ ଅଧ୍ୟୁଷିତ ବାଣିଗୋଛା ଗ୍ରାମପଞ୍ଚାୟତର ଡାକୁଡାସ୍ଥିତ ମା' ଘୁମୁରା ଦେବୀଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବିବାର ପାଳିତ ହୋଇଯାଇଛି । ପୂଜକ ପ୍ରମୋଦ ବେହେରାଙ୍କ ତତ୍ତ୍ୱାବଧାନରେ ଠାକୁରାଣୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ଆଶୀର୍ବାଦ ଲାଭ କରିବା ନିମନ୍ତେ ଭକ୍ତମାନେ ଅଧିଆ ପଡିଥିଲେ। ମା'ଘୁମୁରା ଦେବୀ କମିଟି ସଭାପତି ଗୋବର୍ଦ୍ଧନ ପ୍ରଧାନ, ସମ୍ପାଦକ ଫୁଲଚନ୍ଦ ପ୍ରଧାନ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ଜାନି, ସଭ୍ୟ ରବି ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ନିକଟସ୍ଥ ଗ୍ରାମର ବହୁ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

■ରେଲ୍‌ୱେ ଟିକେଟ୍ ଟଙ୍କା ଫେରସ୍ତ ଘଟଣା

## ଜମାଖାତାରୁ ଲୁଟିନେଲେ ୧.୭ ଲକ୍ଷ ଟଙ୍କା

ରଣପୁର,୨୪।୩(ସ୍ୱ.ପ୍ର.)

ଠକମାନେ ବିଭିନ୍ନ ଉପାୟରେ ବ୍ୟାଙ୍କ ଜମାଖାତାରୁ ଅନ୍ୟଜଣଙ୍କ ଟଙ୍କା ଉଠାଇ ଦେଇଥିବାବେଳେ ଏବେ ଏକ ଭିନ୍ନ ଉପାୟରେ ଠକାମିର ଶିକାର ହୋଇଛନ୍ତି ଜଣେ ଜମାକାରୀ। ରେଲ୍‌ୱେ ଟିକେଟ୍ ଟଙ୍କା ତୁମ ଆକାଉଣ୍ଟରେ ଫେରସ୍ତ କରିବାକୁ କହି ନୟାଗଡ ଜିଲା ରଣପୁର ଥାନା ଲଖନପୁର ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କ ସ୍ତ୍ରୀଙ୍କ ବ୍ୟାଙ୍କ ଜମାଖାତାରୁ ଶନିବାର ୧ଲକ୍ଷ ୭ହଜାର ୮୧୭ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି ସୌଭାଗ୍ୟ ରଞ୍ଜନ ରାଉତରାୟ ଓ ତାଙ୍କ ସ୍ତ୍ରୀ ସୋନାଲି ଜେନା। ଏନେଇ ସୌଭାଗ୍ୟ ରବିବାର ରଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ସୌଭାଗ୍ୟ ଗତ ୧୫ ତାରିଖରେ ଗୋଆରୁ ମୁମ୍ବାଇ ଯିବା ପାଇଁ ୧୦୬୦ଟଙ୍କା ଦେଇ ରେଲ୍‌ୱେ ଟିକେଟ୍ କରିଥିଲେ । ତେବେ ରିଜର୍ଭେସନ ନ ମିଳିବାରୁ ସେ ଟିକେଟ୍‌ଟିକୁ କ୍ୟାନ୍‌ସଲ୍ କରିଥିଲେ । ଏହି ଟିକେଟ୍‌ଟିକୁ କ୍ୟାନ୍‌ସଲ୍ କରି ଟଙ୍କା ଫେରସ୍ତ ପାଇଁ ରେଲ୍‌ୱେ ଗ୍ରାହକ ସହାୟତା ନମ୍ବରରେ ସୌଭାଗ୍ୟ ଯୋଗାଯୋଗ କରିଥିଲେ। ସୌଭାଗ୍ୟଙ୍କୁ ରେଲ୍‌ୱେ ବ୍ୟାଙ୍କରଙ୍କ ନମ୍ବର ୮୨୪୯୫୩୫୭୫୫ରେ ଯୋଗାଯୋଗ କରିବାକୁ କୁହାଯାଇଥିଲା । ଏହାପରେ ସୌଭାଗ୍ୟ ଉକ୍ତ ନମ୍ବରରେ ଯୋଗାଯୋଗ କରିବାରୁ ତାଙ୍କ ବ୍ୟାଙ୍କ ଜମାଖାତା ନମ୍ବର ସହିତ ଏଟିଏମ୍ କାର୍ଡର ନମ୍ବର ମଗାଯାଇଥିଲା । ସୌଭାଗ୍ୟଙ୍କ ଷ୍ଟେଟ୍‌ବ୍ୟାଙ୍କ ଆକାଉଣ୍ଟକୁ ୧ହଜାର ଟଙ୍କା ଜମା କରିଥିଲେ । ଏହାପରେ ବ୍ୟାଙ୍କର ତୁମ ଆକାଉଣ୍ଟରେ ଟଙ୍କା ଦେଇ ହେବ ନାହିଁ କହି ଅନ୍ୟ କୌଣସି ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେବାକୁ କହିଥିଲେ । ତେଣୁ ସୌଭାଗ୍ୟ ତାଙ୍କ ସ୍ତ୍ରୀଙ୍କ ଆକ୍ସିସ ବ୍ୟାଙ୍କ ଖାତା ନମ୍ବର ଦେଇଥିଲେ । ଏହାପରେ ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟରୁ ୧ଲକ୍ଷ ଟଙ୍କା ଉଠାଣ ହୋଇଯାଇଥିଲା। ଏହା ସହିତ ସୌଭାଗ୍ୟଙ୍କ ଷ୍ଟେଟ୍ ବ୍ୟାଙ୍କଖାତାରୁ କେହି ୭ ହଜାର ୮୧୭ଟଙ୍କା ମଧ୍ୟ ଉଠାଇ ନେଇଥିଲେ। ଏହି ବିଷୟରେ ସୌଭାଗ୍ୟ ରେଲ୍‌ୱେ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ସେ ବାଧ୍ୟ ହୋଇ ଥାନାରେ ଅଭିଯୋଗ କରିଛନ୍ତି ।

## ବନ ବଞ୍ଚିଲେ ଜନ ବଞ୍ଚିବେ

### ବିଶ୍ୱ ବନ ଦିବସରେ ସଚେତନତା

ଖଣ୍ଡପଡା,୨୪।୩(ସ୍ୱ.ପ୍ର.)

ବୃକ୍ଷହିଁ ପରିବେଶର ମୁଖ୍ୟ ସମ୍ପଦ, ଏହି ବୃକ୍ଷ ଦ୍ୱାରା ଆସନ୍ନ ବନ୍ୟା, ବାତ୍ୟାକୁ ପ୍ରତିହତ କରିବା ସମ୍ଭବ ହୋଇପାରିବ । ବୃକ୍ଷ ଉତ୍ତାପକୁ ନିୟନ୍ତ୍ରଣ କରିବା ଦ୍ୱାରା ମାନବ ସମାଜ ସ୍ଥିତି ସମ୍ଭବ ହୋଇପାରିଛି । ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ପାହାଡ ପର୍ବତ ଓ ପରିବେଶର ସୁରକ୍ଷା ସହ ବୃକ୍ଷ ରୋପଣ କରି ବୃକ୍ଷକୁ ବଞ୍ଚାଇ ରଖିବାର ଆନ୍ତରିକତାପୂର୍ଣ୍ଣ ଉଦ୍ୟମ ହିଁ ଏକମାତ୍ର ବିକଳ୍ପ। ବନ ବଞ୍ଚିଲେ ଜନ ବଞ୍ଚିବେ। ବିଶ୍ୱ ବନ ଦିବସ ଅବସରରେ ଖଣ୍ଡପଡା ବ୍ଲକ କଣ୍ଟିଲୋଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଶବିତ୍ ଅନ୍ତର୍ଯାମୀ ସାହୁ ଯୋଗଦେଇ ଏହି ମତ ପୋଷଣ କରିଥିଲେ।

ସାରା ରାଜ୍ୟରେ ବିଶ୍ୱ ବନ ଦିବସ ପାଳନ କରାଯାଉଛି । ଏହି ଅବସରରେ ସାହୁ କଣ୍ଟିଲୋ ଅଞ୍ଚଳର କେତେକ ଯୁବକଙ୍କୁ ନେଇ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିବା ସହିତ ଉଦାହରଣ ଦେଇ ପରିବେଶ ସମ୍ପର୍କରେ ସଚେତନ କରାଇଥିଲେ। ଗଛପ୍ରତି ପିଲାଙ୍କ ଶ୍ରଦ୍ଧା ଭାବ ଆଣିବା ପାଇଁ ସେ ସାଙ୍ଗରେ ନେଇଥିବା ବିଭିନ୍ନ ଗଛର ମଞ୍ଜି ବିତରଣ କରିଥିଲେ। ଏହାକୁ ନିଜ ବାଡିବଗିଚା କିମ୍ବା ସାଧାରଣ ସ୍ଥାନରେ ପୋତି ଗଛ ହେବା ପରେ ତାହାର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଜୀବଜଗତର ସବୁଠାରୁ ଉପକାରୀ ବନ୍ଧୁ ହେଉଛି ବୃକ୍ଷ। କେବଳ ଗଛଲତାଙ୍କ ଅବଦାନ ପାଇଁ ଜୀବଜଗତ ତିଷ୍ଠି ରହିପାରିଛି। କେତେକ କ୍ଷେତ୍ରରେ ଗଛଲତା ଓ ଜଙ୍ଗଲ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇ ଜୀବଜନ୍ତୁଙ୍କ ପ୍ରତି ଅଣଦେଖା କରାଯାଉଛି। ଜଙ୍ଗଲର ଦ୍ରୁତ ଅବକ୍ଷୟ ଯୋଗୁ ବନ୍ୟ ଜନ୍ତୁ ଏବେ ସହରାଭିମୁଖୀ। ସରକାର ବନ୍ୟଜନ୍ତୁ ସୁରକ୍ଷା ଦିଗରେ ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି । ମାତ୍ର ପ୍ରଥମେ ଜଙ୍ଗଲ ସୁରକ୍ଷା ପ୍ରତି ଯତ୍ନବାନ ହୋଇ ପରେ ବନ୍ୟଜନ୍ତୁ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପଡିବ ବୋଲି ସାହୁ ସୂଚନା ଦେଇଥିଲେ। ଜଙ୍ଗଲ ହେଉ ଅବା ବନ୍ୟଜନ୍ତୁଙ୍କ ସୁରକ୍ଷା ଏହା କେବଳ ସରକାରଙ୍କ ଦାୟିତ୍ୱ କହି ପ୍ରସଙ୍ଗକୁ ଏଡାଇ ନ ଦେଇ ସମସ୍ତେ ଏଥିପ୍ରତି ଧ୍ୟାନ ଦେବା ଉଚିତ। ଏହି ଅବସରରେ ସେ ପ୍ରସ୍ତୁତ କରିଥିବା ବିଭିନ୍ନ ପୋଷ୍ଟର ଦେଖାଇ ଗଛଲତା ସହିତ ଜୀବଜନ୍ତୁ ବଞ୍ଚି ନ ରହିଲେ ମଣିଷ ସମାଜ ତିଷ୍ଠି ରହିବା ଅସମ୍ଭବ ବୋଲି ପ୍ରକାଶ କରିଥିଲେ।




ସଚେତନତା କାର୍ଯ୍ୟକ୍ରମରେ ସହଯୋଗୀଙ୍କ ସହ ଅନ୍ତର୍ଯାମୀ ସାହୁ।

## ଉଚ୍ଚ ବିଦ୍ୟାଳୟରେ ବିଶ୍ୱଜଳ ଦିବସ

ବୋଲଗଡ଼,୨୪।୩(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ଗେଡିଆପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ରବିବାର ବିଶ୍ୱ ଜଳ ଦିବସ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୌରୋହିତ୍ୟ କରିଥିଲେ। ଏନ୍‌ସିସି ଅଧିକାରୀ ଶିକ୍ଷକ ଦିବାକର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହିତ ଜଳର ଆବଶ୍ୟକତା ଓ ସଂରକ୍ଷଣ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ହରେକୃଷ୍ଣ ବେହେରା 'ଜଳ ହିଁ ଜୀବନ' ଶୀର୍ଷକ ଏକ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ଶିକ୍ଷକ ଲକ୍ଷ୍ମୀଧର ପଣ୍ଡା ଜଳର ବିଜ୍ଞାନଭିତ୍ତିକ ତଥ୍ୟ ପ୍ରଦାନ କରିଥିଲେ। ଏନ୍‌ସିସି କ୍ୟାଡେଟ୍ ଦିବ୍ୟଜ୍ୟୋତି ମତଗଜସିଂ ଜଳଦିବସ ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପ୍ରଣତି ମହାପାତ୍ର ଧନ୍ୟବାଦ ଦେଇଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ,
ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର ହତ୍ୟା ସନ୍ଦେହରେ ସ୍ତ୍ରୀ, ସମ୍ପର୍କୀୟ ଅଟକ

**ନୟାଗଡ଼ ଅଫିସ,୨୪।୩:** ନୟାଗଡ଼ ଜିଲା ଶରଣକୁଳ ବାଉଁଶିଆ ରାସ୍ତାର କୁସୁମୀ ନଦୀପଠାରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ହେଲେ ଶରଣକୁଳ ଥାନା ଶିଖରପୁର ଗ୍ରାମର କାର୍ତ୍ତିକ ପ୍ରଧାନ। କାର୍ତ୍ତିକଙ୍କୁ ହତ୍ୟା କରାଯାଇଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଶରଣକୁଳ ପୋଲିସ ଏହି ଘଟଣାରେ ତାଙ୍କ ସ୍ତ୍ରୀ ଓ ଜଣେ ସମ୍ପର୍କୀୟଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶ ଯେ, କିଛିଦିନ ହେଲା କାର୍ତ୍ତିକ ଭୁବନେଶ୍ୱରଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଶୁକ୍ରବାର ସେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ହରିହରପୁର ଗ୍ରାମର ତାଙ୍କ ଶ୍ୱଶୁର ଘରକୁ ଆସିଥିଲେ। କାର୍ତ୍ତିକଙ୍କ ସ୍ତ୍ରୀ ମଧ ବାପଘରକୁ ଯାଇଥିଲେ। କୌଣସି କାରଣରୁ ଉଭୟଙ୍କ ମଧରେ ଝଗଡ଼ା ଲାଗିବାରୁ ଶନିବାର କାର୍ତ୍ତିକ ଶିଖରପୁର ପଳାଇ ଆସିଥିଲେ। କାର୍ତ୍ତିକ କୁଆଡ଼େ ପଳାଇ ଯାଇଥିବା ନେଇ ସ୍ତ୍ରୀ ଘରେ କହିବା ପରେ ପରିବାର ଲୋକେ ବିଭିନ୍ନ ଆଡ଼େ ଖୋଜାଖୋଜି କରିଥିଲେ। ହେଲେ କାର୍ତ୍ତିକଙ୍କ କୌଣସି ପତ୍ତା ମିଳି ନ ଥିଲା। ଏପରିସ୍ଥଳେ ରବିବାର ସକାଳେ ତାଙ୍କ ମୃତଦେହ ନଦୀପଠାରୁ ଉଦ୍ଧାର କରାଯାଇଥିଲା। ଶରଣକୁଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କାର୍ତ୍ତିକଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ୨୮/୧୯ରେ ଏକ ମାମଲା ରୁଜୁ କରିଛି। ନୟାଗଡ଼ରୁ ଏକ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି।

### ଯୁବକଙ୍କ ମୃତ୍ୟୁ ଘଟଣା ମୃତକଙ୍କ ପରିବାରକୁ ୧୦ଲକ୍ଷ କ୍ଷତିପୂରଣ ଦାବି

**ପୁରୀ ଅଫିସ, ୨୪।୩:** ବିଲ ଦେଇ ଯାଇଥିବା ଏକ ବିପଦସଙ୍କୁଳ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ବାୟାବର ଗ୍ରାମର ପାଣ୍ଡବ ବରାଳଙ୍କ ମୃତ୍ୟୁ ଘଟିଥିଲା। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ତିନିଜଣ ମଧ ଆହତ ହୋଇଥିଲେ। ବିଦ୍ୟୁତ୍ ବିଭାଗର ଅବହେଳାରୁ ଏହି ଅଘଟଣ ଘଟିଥିବା ନେଇ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆରସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି ସଚେତନ ନାଗରିକ ମଞ୍ଚ ସଭାପତି ତଥା ମାନବାଧିକାର କର୍ମୀ ଆଇନଜୀବୀ ପ୍ରସନ୍ନ କୁମାର ଦାଶ। ଅଭିଯୋଗରେ ଦର୍ଶାଯାଇଛି ଯେ, ପାଣ୍ଡବଙ୍କ ବିଲ ଦେଇ ଏକ ବିଦ୍ୟୁତ୍ ତାର ତଳକୁ ଝୁଙ୍କି ରହିଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଦ୍ୟୁତ୍ ବିଭାଗ ଏଥିଲାଗି କୌଣସି ଗୁରୁତ୍ୱ ଦେଇ ନ ଥିଲା। ତାର ଛିଣ୍ଡି ବିଲରେ ପଡିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ଫଳରେ ବିଲରେ କାମ କରିବା ବେଳେ ପାଣ୍ଡବ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଏକମାତ୍ର ରୋଜଗାରକ୍ଷମ ପୁଅକୁ ହରାଇ ତାଙ୍କ ପରିବାର ବେସାହାରା ହୋଇପଡିଛି। ମୃତକଙ୍କ ପରିବାରକୁ ୧୦ଲକ୍ଷ କ୍ଷତିପୂରଣ, ଆହତମାନଙ୍କ ଚିକିତ୍ସା, ଦାୟିତ୍ୱରେ ଅବହେଳା କରିଥିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଏବଂ ଲାଇନ୍ମ୍ୟାନ୍ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମାନବାଧିକାର କର୍ମୀ ଦାଶ ଦାବି କରିଛନ୍ତି।

### ୩ଲକ୍ଷ ଟଙ୍କା ଲୁଟ୍ ଘଟଣା ମୁଖ୍ୟ ଅଭିଯୁକ୍ତ ଗିରଫ, ୨ ଫେରାର

**ନିରାକାରପୁର,୨୪।୩(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ କେରାଣ୍ଡିଟାଙ୍ଗୀସ୍ଥିତ ପେଟ୍ରୋଲ ପମ୍ପର ୨ କର୍ମଚାରୀଙ୍କଠାରୁ ଗତ ୧୧ ତାରିଖରେ ୩ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗ ହୋଇଥିଲା। ଏନେଇ ପେଟ୍ରୋଲ ପମ୍ପ ମ୍ୟାନେଜର ଲକ୍ଷ୍ମୀଧର ନାୟକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନିରାକାରପୁର ପୋଲିସ ଏନେଇ କେସ୍ ନଂ ୨୧/୧୯ରେ ତଦନ୍ତ କରିଥିଲା। ଶନିବାର ପୋଲିସ ଚଢ଼ାଉ କରି ରାମେଶ୍ୱର ପଞ୍ଚାୟତ ଖଜୁରୀପଡା ମୁସଲମାନ ସାହିର ସେକ୍ ରସିଦ୍ଙ୍କୁ ଜଟଣୀ ମାଛ ବଜାରରୁ ମାଛ ବିକ୍ରି କରୁଥିବା ସମୟରେ ଗିରଫ କରିଛି। ତା ନିକଟରୁ ଗୋଟିଏ ମୋବାଇଲ୍ ଫୋନ୍ ପୋଲିସ ଜବତ କରିଛି। ଏ ଘଟଣାରେ ଖଜୁରୀପଡାର ଅନ୍ୟ ୨ ଅଭିଯୁକ୍ତ ସୁଲେମାନ୍ ଖାଁ ଓ ସେକ୍ ଜମିଦ୍ ଫେରାର୍ ଅଛନ୍ତି। ପେଟ୍ରୋଲ୍ ପମ୍ପର ୨ କର୍ମଚାରୀ ଉକ୍ତ ଟଙ୍କା ଏସ୍ବିଆଇ ବ୍ୟାଙ୍କରେ ଜମା କରିବାକୁ ଆସୁଥିଲେନ୍। ଏ ସମୟରେ ବାଇକ୍‌ରେ ୩ ଯୁବକ ଆସି ନୂଆ ଜଗନ୍ନାଥ ସଡ଼କ ଉପରେ କର୍ମଚାରୀଙ୍କ ଗାଡି ଅଟକାଇ ଆକ୍ରମଣ କରିବା ସହ ଟଙ୍କା ଲୁଟି ନେଇଥିଲେ। ଅଭିଯୁକ୍ତଙ୍କ ନାମରେ ଏକାଧିକ ମାମଲା ରହିଥିବା ଏସ୍ଆଇ ଶରତ ପାଇକରାୟ ସୂଚନା ଦେଇଛନ୍ତି।

■ ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ

# ପ୍ରଦର୍ଶିତ ହେବ ମହାପ୍ରଭୁଙ୍କ ବ୍ୟବହୃତ ସାମଗ୍ରୀ

**ପୁରୀ ଅଫିସ, ୨୪।୩**

ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ତରଫରୁ ପ୍ରତିଷ୍ଠା କରାଯାଇଛି ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ। ଗତବର୍ଷ ମାର୍ଚ୍ଚ ମାସରେ ଉଦ୍‌ଘାଟିତ ଏହି ସଂଗ୍ରହାଳୟରେ ମହାପ୍ରଭୁଙ୍କ ବ୍ୟବହୃତ ସାମଗ୍ରୀ ପ୍ରଦର୍ଶୀତ ହେବ। ଖୁବ୍ ଶିଘ୍ର ଏହି ସାମଗ୍ରୀ ହସ୍ତଶିଳ୍ପ ସଂଗ୍ରହାଳୟରେ ସ୍ଥାନ ପାଇବ ବୋଲି ଜଣାପଡିଛି। ଏହି ସ୍ୱତନ୍ତ୍ର ଗ୍ୟାଲେରିର ନାମ ରହିଛି ଶ୍ରୀଜଗନ୍ନାଥ ସଂସ୍କୃତି ଗ୍ୟାଲେରି। ଏଥିପାଇଁ ରାଜ୍ୟ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ପକ୍ଷରୁ

**ଗଳା ଲାଗି ଲୁଗା, ପୁରୁଣା ଶେଯ, ପଟି ଦିଅଁ**

ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇଥିଲା। ଗତବର୍ଷ ବୟନିକାର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଆସି ତତ୍କାଳୀନ ନୀତି ପ୍ରଶାସକ ପ୍ରଦୀପ କୁମାର ଦାଶଙ୍କୁ ସାକ୍ଷାତ୍ କରିଥିଲେ। ମହାପ୍ରଭୁଙ୍କ କେଉଁ ବେଶ ଓ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦର୍ଶୀତ ହେବ ସେ ବିଷୟରେ ବିଶଦ୍ ଆଲୋଚନା କରିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶକ୍ରମେ ପ୍ରାଥମିକ ପର୍ଯ୍ୟାୟରେ ମହାପ୍ରଭୁଙ୍କ ଲାଗି ଲୁଗା, ପାଟ, ପୁରୁଣା ଶେଯ, ପଟିଦିଅଁ, ଗୁଆ ଖୋଳପା, ଚନ୍ଦନ କାଠ, ଖଟୁଲି, ରଥ ଦଉଡ଼ି, ରଥ କନା ଏବଂ ଦାରୁବିଗ୍ରହଙ୍କ ଭୋଗରେ ବ୍ୟବହାର ହେଉଥିବା ବିଭିନ୍ନ ସାଇଜର ହାଣ୍ଡି କୁଡ଼ୁଆ ଇତ୍ୟାଦି ପ୍ରଦାନ କରାଯାଇଛି ।

ଏତଦ୍‌ବ୍ୟତୀତ ମହାପ୍ରଭୁଙ୍କ ବ୍ୟବହାରରେ ଲାଗୁଥିବା ପିତ୍ତଳ ଓ ରୁପା ପାତ୍ର ସଜ (ଯେଉଁଗୁଡ଼ିକ ଭବିଷ୍ୟତରେ ବ୍ୟବହାରଯୋଗ୍ୟ ନୁହେଁ) ମଧ ଉକ୍ତ ଗ୍ୟାଲେରିରେ ପ୍ରଦର୍ଶନ କରିବା ନିମନ୍ତେ ଆବେଦନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଦାରୁବିଗ୍ରହଙ୍କ ବ୍ୟବହୃତ ପିତ୍ତଳ ସଜ ଯଥା ଝରି, ଗରା, ବଟା, ଥାଳି, ପରଖ, ଘଣ୍ଟି, ବଇଠି, ଦର୍ପଣ, ଆଳତି କାଠି, ରୁପାର ପିଙ୍ଗଣ, ରୁପାବଟା, ରୁପା ଆଳତି କାଠି ମହଜୁଦ୍ ରହିଛି। ଏହିସବୁ ସାମଗ୍ରୀ ଶ୍ରୀଜଗନ୍ନାଥ ସଂସ୍କୃତି ଗ୍ୟାଲେରିରେ ପ୍ରଦର୍ଶୀତ ହେବା ଲାଗି ପ୍ରଦାନ ନିମନ୍ତେ ଗତ ୧୫ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯାଇଥିଲା। ଏହାକୁ କମିଟି ଅନୁମୋଦନ ଦେଇଥିବା ଜଣାପଡିଛି। ଏହାଦ୍ୱାରା ମ୍ୟୁଜିୟମ୍‌କୁ ବୁଲି ଆସୁଥିବା ପ୍ରତ୍ୟେକ ଦେଖଣାହାରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଅଧିକ ଜାଣିପାରିବେ।

# ବିଶ୍ୱ ଯକ୍ଷ୍ମା ଦିବସ ପାଳିତ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

**ପୁରୀ ଅଫିସ, ୨୪।୩**

ଜିଲା ଯକ୍ଷ୍ମା ସୋସାଇଟି ଆନୁକୂଲ୍ୟରେ ରବିବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଏଥିରେ ଡ. ହରିଶ୍ ଚନ୍ଦ୍ର ପଣ୍ଡିତ ମୁଖ୍ୟଅତିଥି, ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍ଏଚ୍ଏମ୍) ପୁରୀ ମୁଖ୍ୟ ଟି. ନାରାୟଣ ରାଓ, ସାମାଜିକ କର୍ମୀ ପ୍ରତିମା ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା, କଲେଜ ଅଧକ୍ଷା ସୁଲୋଚନା ଦେବୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଯକ୍ଷ୍ମା ଅଧିକାରୀ ଡ. ଲଲାଟେନ୍ଦୁ ମିଶ୍ର ଯକ୍ଷ୍ମା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ ବାଲୁକାରେ ଯକ୍ଷ୍ମା ଦିବସର ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯକ୍ଷ୍ମା ବିଭାଗର ସମସ୍ତ କର୍ମଚାରୀ, ଆଶା ଓ ଏଏନ୍ଏମ୍ ଛାତ୍ରୀ ଉପସ୍ଥିତ ଥିଲେ।

# ପୁସ୍ତକ ମେଳା କବିତା ଆସର

**ପୁରୀ ଅଫିସ, ୨୪।୩**

ସାମାଜିକ ଅନୁଷ୍ଠାନ ପ୍ରୟାସ ଓ ପୁରୀ ପୁସ୍ତକ ମେଳା କମିଟି ମିଳିତ ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ମେଳା ରବିବାର ଚତୁର୍ଥ ଦିବସରେ ପହଞ୍ଚିଛି। ରବିବାର ସାହିତ୍ୟ ମଞ୍ଚରେ ବିଶ୍ୱ କବିତା ଆସର ଆୟୋଜିତ ହୋଇଥିଲା। ଶ୍ରୀକ୍ଷେତ୍ରର ବହୁ କବି, ସାହିତ୍ୟିକ, ଲେଖକ ଏଥିରେ ଅଂଶଗ୍ରହଣ କରିଥିଲେ। ପରେ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ, ଭଜନ ସଙ୍ଗୀତ ପରିବେଷଣ କରି ଗ୍ରାହକ, ଦର୍ଶକଙ୍କ ମନ ଜିଣିଥିଲେ। ଛୁଟିଦିନ ଥିବାରୁ ପୁସ୍ତକ ମେଳାରେ ଗ୍ରାହକ, ସାହିତ୍ୟିକ, କବି ଓ ଲେଖକଙ୍କ ଭିଡ଼ ଜମିଥିଲା। ପ୍ରକାଶକ ସଂସ୍ଥା ଏବଂ ଲେଖକ ନିଜ ନିଜ ମଧରେ ଭାବର ଆଦାନପ୍ରଦାନ କରିଥିଲେ। ରାଜ୍ୟର ବହୁ ସୁନାମଧନ୍ୟ ପୁସ୍ତକ ବିକ୍ରେତା, ପ୍ରକାଶନ ସଂସ୍ଥା ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି। ପୁସ୍ତକ ମେଳାରେ ଖାଦ୍ୟ ଓ ବାଣିଜ୍ୟମେଳା ଆୟୋଜନ କରାଯାଇଛି। ଖାଦ୍ୟ ଷ୍ଟଲ୍‌ଗୁଡ଼ିକରେ ଗ୍ରାହକଙ୍କ ବେଶ୍ ଭିଡ଼ ଜମିଛି। ସେହିପରି ବାଣିଜ୍ୟ ମେଳାରେ ବହୁ ଘରୋଇ କମ୍ପାନୀ ଅଂଶଗ୍ରହଣ କରିଛନ୍ତି। ପ୍ରୟାସ ତଥା ମେଳା କମିଟି ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଓ ସଭାପତି ଜ୍ୟୋତିର୍ବିଦ୍ ଅନାମ ଚନ୍ଦ୍ର ସାହୁ ପ୍ରମୁଖ ମେଳା ପରିଚାଳନା କରୁଛନ୍ତି।



ପୁସ୍ତକ ମେଳାରେ ଆୟୋଜିତ ବ୍ୟଙ୍ଗ କବି ସମ୍ମିଳନୀ।

■ ବାଟମଙ୍ଗଳା ପୀଠରେ ପ୍ରବଚନ କାର୍ଯ୍ୟକ୍ରମ

# 'ଭଗବତ୍ ଚିନ୍ତନ ଦ୍ୱାରା ସମସ୍ୟାର ସମାଧାନ ହୁଏ'

**ଖଣ୍ଡପଡ଼ା ୨୪।୩ (ସ୍ୱ.ପ୍ର.)**

ଜୀବନରେ ଆମକୁ କେବେ ନା କେବେ ଅସ୍ୱୀକୃତିର ସମ୍ମୁଖୀନ ହେବାକୁ ପଡିଥାଏ । ବନ୍ଧୁ, ପରିଜନମାନେ ମଧ ଅଣସ୍ୱୀକୃତି କରିପାରନ୍ତି। ଏହାଦ୍ୱାରା ମଣିଷ ବିଚଳିତ ହୋଇପଡ଼େ ଓ ନିଜ ଉପରୁ ବିଶ୍ୱାସ ହରାଇ ବସେ । ତେବେ ଏଭଳି ସ୍ଥିତିରେ ମଣିଷ ଭଗବତ୍ ଚିନ୍ତନ କରିବା ଦ୍ୱାରା ସମସ୍ତ ସମସ୍ୟାର ସମାଧାନ ମିଳିଥାଏ ବୋଲି ଶୁକ୍ରବାର ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ଗ୍ରାମ ବାଟମଙ୍ଗଳା ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ କରମଳା, ବ୍ରହ୍ମଗିରିରୁ ଆସିଥିବା ପ୍ରବଚକ ସମ୍ବିତ ଦାସ ମତ ପ୍ରକାଶ କରିଥିଲେ । ସେ ଠାକୁର ଅଭିରାମ ପରମହଂସଙ୍କ ବାଣୀକୁ ଆଧାର କରି ଜୀବନ ତତ୍ତ୍ୱ ଓ ଶରୀର ତତ୍ତ୍ୱ ଉପରେ ପ୍ରବଚନ ଦେଇଥିଲେ। ସେ କହିଥିଲେ, ସଂଘର୍ଷ ବିନା ଜୀବନ ପଙ୍ଗୁ । ସହଜରେ ମିଳୁଥିବା ସଫଳତା ତୁଳନାରେ ସଂଘର୍ଷଜନିତ ସଫଳତା ଅଧିକ ସୁଖଦାୟକ ବୋଲି ପ୍ରବଚକ ଦାସ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମର୍ଦ୍ଦରାଜପୁର, କଣ୍ଟିଲୋ, ବେଣାଗାଡି, ବାଣପୁର ଆଦି ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

## ଶ୍ରୀମନ୍ଦିରରେ ଭକ୍ତଙ୍କୁ ଲୁଟ୍, ଜଣେ ଗିରଫ

**ପୁରୀ ଅଫିସ, ୨୪।୩**

ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିବା ଜଣେ ଭକ୍ତଙ୍କୁ ଶ୍ରୀମନ୍ଦିରରେ ଲୁଟ୍ କରାଯାଇଛି। ଲୁଟ୍ ଅଭିଯୋଗରେ ସିଂହଦ୍ୱାର ପୋଲିସ ଏକ ମାମଲା (ନଂ.୨୦/୧୯) ରୁଜୁ କରି ବାଲିସାହି ବାନାମ୍ବର ଲେନ୍‌ର ରାକେଶ କୁମାର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଥିବା ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି। ଆଇଆଇସିଙ୍କ ସୂଚନା ମୁତାବକ, ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ଭଜନା ବଳ ଠାକୁରଙ୍କୁ ଦର୍ଶନ କରୁଥିବା ସମୟରେ ରାକେଶ ତାଙ୍କ ମନିପର୍ସ ଲୁଟ୍ କରିଥିଲେ। ଏହା ଜାଣିପାରି ଭଜନା ପାଟି କରିବାରୁ ପୋଲିସ ରାକେଶଙ୍କୁ ଧରି ଥାନାକୁ ଆଣିଥିଲା। ତାଙ୍କଠାରୁ ଭଜନାଙ୍କ ମନିପର୍ସ ଜବତ କରାଯାଇଥିଲା। ସେଥିରେ ୩୪୦ ଟଙ୍କା ଥିଲା। ସେହିପରି ରାକେଶଙ୍କଠାରୁ ଅନ୍ୟ ଏକ ପର୍ସ ମଧ ଜବତ ହୋଇଛି। ସେଥିରେ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବା ଆଇଆଇସି ମହାରଣା କହିଛନ୍ତି।

## ବିଦ୍ୟୁତ୍ ଶର୍ଟସର୍କିଟ୍‌ଜନିତ ଅଗ୍ନିକାଣ୍ଡ

**ଖଣ୍ଡପଡ଼ା/ଭାପୁର, ୨୪।୩(ସ୍ୱ.ପ୍ର./ଡି.ଏନ.ଏ.)**

ଭାପୁର ବ୍ଲକ ଅନ୍ତର୍ଗତ ବାଉଁଶବାଟି ପଞ୍ଚାୟତସ୍ଥିତ ଛେଳିଆ ଗ୍ରାମ ସନାତନ ବାରିକଙ୍କ ଘରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ସନାତନଙ୍କ ଫ୍ରିଜ୍‌ରେ ବିଦ୍ୟୁତ୍ ଶର୍ଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି। ଖବର ପାଇ ଭାପୁର ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଅଗ୍ନିକାଣ୍ଡରେ ପ୍ରାୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଅନୁମାନ କରାଯାଇଛି।

■ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ଘଟଣା

# ଅନୁଧ୍ୟାନ କଲେ ଆର୍‌ପିଏଫ୍ ସିକ୍ୟୁରିଟି କମିଶନର

**ପୁରୀ ଅଫିସ, ୨୪।୩**

ପୁରୀ ରେଳଷ୍ଟେଶନରେ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ ଘଟଣାକୁ ଇତିମଧ୍ୟରେ ଦୁଇଦିନ ବିତିଯାଇଛି। ହେଲେ ଏପର୍ଯ୍ୟନ୍ତ କାରଣ ସ୍ପଷ୍ଟ ହୋଇପାରିନାହିଁ। କିପରି ଟ୍ରେନ୍‌ରେ ନିଆଁ ଲାଗିଲା, ତାହାର ଖୋଳତାଡ଼ ଜାରି ରହିଛି। ରବିବାର ଆର୍‌ପିଏଫ୍‌ର ବରିଷ୍ଠ ସିକ୍ୟୁରିଟି କମିଶନର ପି. ଶଙ୍କର କୁଟ୍ଟେ ପୁରୀ ଷ୍ଟେଶନ ଆସି ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ କରିଛନ୍ତି। ଏଥିସହ ଷ୍ଟେଶନର ସୁରକ୍ଷା ବ୍ୟବସ୍ଥା କିପରି ରହିଛି ତାହା ବୁଲି ଦେଖିଛନ୍ତି।

ଗତ ୪ ବର୍ଷ ମଧ୍ୟରେ ପୁରୀ ରେଳଷ୍ଟେଶନରେ ତିନୋଟି ବଡ଼ଧରଣର ଅଗ୍ନିକାଣ୍ଡ ହୋଇଛି। ତେଣୁ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଏହାକୁ ଗୁରୁତର ସହ ନିଆଯାଇଛି। ଅପରାହ୍ନରେ ଆର୍‌ପିଏଫ୍‌ର ବରିଷ୍ଠ ସିକ୍ୟୁରିଟି କମିଶନର କୁଟ୍ଟେ ଏବଂ ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନର ବରୁଣ ବେହେରା ଷ୍ଟେଶନରେ ପହଞ୍ଚି ଅଗ୍ନିକାଣ୍ଡର ଅନୁଧ୍ୟାନ କରିଥିଲେ। କେଉଁ ପରିସ୍ଥିତିରେ ଏବଂ ଏହା ପଛର କାରଣ କ'ଣ ହୋଇଥାଇପାରେ ସେନେଇ ଦୀର୍ଘ ସମୟ ଧରି ତର୍ଜମା କରିଥିଲେ। ଏହାପରେ ଷ୍ଟେଶନର ସୁରକ୍ଷା ବ୍ୟବସ୍ଥା କିପରି ରହିଛି ସେନେଇ ପାରିପାର୍ଶ୍ୱିକ ସ୍ଥିତିକୁ ବୁଲି ଦେଖିଥିଲେ। ଷ୍ଟେଶନ ସମ୍ମୁଖଭାଗକୁ ଯାଇ ପାଚେରି, ଅଟୋ ପାର୍କିଂ ସ୍ଥଳ ଆଦି ବୁଲିଥିଲେ। ତେବେ ସୁରକ୍ଷା ବ୍ୟବସ୍ଥାକୁ କିପରି ଆହୁରି କଡ଼ାକଡ଼ି କରାଯାଇପାରିବ ସେ ଦିଗରେ ଆର୍‌ପିଏଫ୍ କର୍ମଚାରୀଙ୍କ ସହ କଥା ହୋଇଥିଲେ। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳ। ଏଠାକୁ ଦେଶ, ବିଦେଶର ଯାତ୍ରୀ ଆସୁଛନ୍ତି। ପ୍ରାୟ ସବୁ ସମୟରେ ପୁରୀ ଷ୍ଟେଶନରେ ଯାତ୍ରୀଙ୍କ ଗହଳି ଲାଗିଥାଏ। ହେଲେ ଏକାଧିକଥର ଟ୍ରେନ୍‌ରେ ଅଗ୍ନିକାଣ୍ଡ ଏଠାକାର ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଇଛି। ତିନୋଟି ଘଟଣାର କାରଣ ସ୍ପଷ୍ଟ ହୋଇପାରି ନାହିଁ, ଯାହାକି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି ।

ସୂଚନାଥାଉ କି, ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସ୍ ଶୁକ୍ରବାର ସକାଳେ ପୁରୀରେ ପହଞ୍ଚି ୪ନଂ. ପ୍ଲାଟ୍‌ଫର୍ମରେ ଠିଆ ହୋଇଥିଲା। ମଧ୍ୟାହ୍ନ ପ୍ରାୟ ୧୨ଟା ୫୦ରେ ହଠାତ୍ ସ୍ଲିପର କୋଚ୍ ଏସ୍-୪(୦୧୮୨୪୫)ରେ ପ୍ରଥମେ ନିଆଁ ଲାଗିଥିଲା। ପରେ ପରେ ଏସ୍-୩ (୦୧୮୨୦୩) ଏବଂ ଏସ୍-୫(୧୫୨୩୨)କୁ ନିଆଁ ବ୍ୟାପୀ ଥିଲା। ଏସ୍-୪ ବଗି ସମ୍ପୂର୍ଣ୍ଣ ପାଉଁଶ ହୋଇଯାଇଥିବା ବେଳେ ଅନ୍ୟ ୨ଟି ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା। ସାଇଣ୍ଟିଫିକ୍ ଟିମ୍ ଏହାର ଯାଞ୍ଚ କରିବା ସହ ନମୁନା ସଂଗ୍ରହ କରିଥିବା ବେଳେ ଜିଆର୍‌ପି ୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।



ପୁରୀ ରେଳଷ୍ଟେଶନ ବୁଲି ଦେଖୁଛନ୍ତି ଆର୍‌ପିଏଫ୍ ସିକ୍ୟୁରିଟି କମିଶନର।

■ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ବାର୍ଷିକୋତ୍ସବ

# ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୨୪।୩**

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍‌ର ୩୧ତମ ବାର୍ଷିକୋତ୍ସବ ପୌର ସଦନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ରାମକୃଷ୍ଣ ମିଶନର ସମ୍ପାଦକ ସ୍ୱାମୀ ଆପଟେଶ୍ୱରନନ୍ଦଜୀ ମହାରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଶିକ୍ଷାବିତ୍ ଡ. ପାର୍ଥ ସରକାର, ଲୋକନାଥ ପାଣି ସମ୍ମାନିତ ଅତିଥି, ଯୁବ ବୈଜ୍ଞାନିକ ଡ. ସନ୍ଦୀପ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କଲେଜ ଚେୟାରମ୍ୟାନ ଅନିମା ଦାସ, କଲେଜ ଅଧକ୍ଷ ପ୍ରଫେସର ଅମିୟକାନ୍ତ ମିଶ୍ର ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କଲେଜର ସ୍ମରଣିକା ଉନ୍ମୋଚନ ହୋଇଥିଲା। କଲେଜର ସମସ୍ତ ଅଧାପିକା ଓ ଅଧାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ।

■ ଯୋଜନାର ମିଳୁନି ସୁଫଳ

# ଭିଟାମାଟି ଛାଡୁଛନ୍ତି ଶ୍ରମିକ

**ଖୋର୍ଦ୍ଧା ଅଫିସ,୨୪।୩**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଠାରୁ ଆରମ୍ଭ କରି ଅନେକ ଲୋକ ହିତକର ଯୋଜନା ଖୋର୍ଦ୍ଧା ଜିଲାରେ କାର୍ଯ୍ୟକାରୀ ହେଉଛି। ହେଲେ ଏହାର ସୁଫଳ ଶ୍ରମିକ ପାଉନାହାନ୍ତି। ପ୍ରକୃତ ଶ୍ରମିକ ଭିଟାମାଟି ଛାଡୁଥିବାବେଳେ ନିଯୁକ୍ତି ନାଁରେ କେତେଜଣ ଜବ୍‌କାର୍ଡଧାରୀ କର୍ମକୁଣ୍ଠ ହେଉଥିବା ଅନୁରୂପ ଅଭିଯୋଗ ହୋଇଆସୁଛି। ସାଧାରଣରେ ପ୍ରଶ୍ନ ଉଠୁଛି, ଗାଁରେ ଏତେ କାର୍ଯ୍ୟ ହେଉଥିବାବେଳେ ଦିନକୁଦିନ ଦାଦନଙ୍କ ସଂଖ୍ୟା କମିବା ପରିବର୍ତ୍ତେ ବଢୁଛି କିପରି। ବର୍ଷେ ଭିତରେ ୫୬୭ ଶ୍ରମିକ ଦାଦନ ଖଟିବାକୁ ଯାଇଥିବା ବେସରକାରୀ ସର୍ଭେରୁ ଜଣାପଡିଛି। ସରକାରୀ କଳର ଆବଶ୍ୟକ ସମୀକ୍ଷା, ଲୋକଙ୍କ ସଚେତନତା ଅଭାବ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକର ନିଷ୍କ୍ରୀୟତା ଯୋଗୁ ଦାଦନ ଶ୍ରମିକଙ୍କ ସଂଖ୍ୟା ଦିନକୁଦିନ ବଢି ଚାଲିଛି। ପୁଣି କେତେଜଣ ଦଲାଲଙ୍କ ମିଥ୍ୟା ପ୍ରତିଶ୍ରୁତି ଓ ଦାଦନଙ୍କ ସହର ବୁଲିବା ନିଶା ଏହାକୁ ବୃଦ୍ଧି କରାଉଥିବା ଅନ୍ୟତମ କାରଣ। ସେହିପରି ଶ୍ରମ ବିଭାଗର ଦୂରଦୃଷ୍ଟି ଅଭାବ ଯୋଗୁ ଦଲାଲମାନଙ୍କୁ ଆଖିଦୃଷ୍ଟିଆ ଦଣ୍ଡ ବିଧାନ କରାଯାଉନାହିଁ। ଫଳରେ ସେମାନେ କାର୍ଯ୍ୟଧାରା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସର ଅନୁଯାୟୀ, କାର୍ଯ୍ୟ ନ ମିଳିଲେ ଜବ୍‌କାର୍ଡଧାରୀମାନଙ୍କୁ ବେରୋଜଗାରୀ ଭତ୍ତା ମିଳିବାର ସରକାରୀ ବ୍ୟବସ୍ଥା ରହିଛି। ଆଇନରେ ଏତେ କଟକଣା ସତ୍ତ୍ୱେ ଉପେକ୍ଷିତ ହୋଇପଡୁଛନ୍ତି ଜିଲାର ଜବ୍‌କାର୍ଡଧାରୀମାନେ। ଜିଲାରେ ଏ ଯୋଜନା ଚାଲୁ ରହିଥିଲେ ହେଁ ଏହା ଜବ୍‌କାର୍ଡଧାରୀଙ୍କୁ ଦାଦନ ଯିବାରେ ରୋକିପାରୁନାହିଁ। ଜିଲାର ଖୋର୍ଦ୍ଧା, ବୋଲଗଡ, ବେଗୁନିଆ, ବାଣପୁର, ଟାଙ୍ଗୀ, ଚିଲିକା, ଜଟଣୀ ଆଦି ବ୍ଲକ ଅଞ୍ଚଳରେ ଜେସିବି, ଟ୍ରାକ୍ଟର ଆଦି ଯନ୍ତ୍ର ଲାଗୁଥିବା ଅଭିଯୋଗ ରହିଛି। ତେବେ କାଗଜପତ୍ରରେ ଜବକାର୍ଡଧାରୀ କାର୍ଯ୍ୟ କରୁଛନ୍ତି ବୋଲି ଚତୁରତାର ସହ ମିଛ ଶ୍ରମ ଦିବସ ସୃଷ୍ଟି କରାଯାଉଛି। ପ୍ରମାଣପତ୍ରକୁ ଦେଖିଲେ ଜିଲାରେ ସବୁ କିଛି ଠିକ୍ ଠାକ ଚାଲୁଥିବା ଜଣାପଡିଛି। ପ୍ରଶାସନ ମଧ ଏଯାବତ୍ ଜିଲାରେ ମେଶିନ କାର୍ଯ୍ୟ କରୁଥିବା କଥାକୁ ସ୍ୱୀକାର ନ କରି ସବୁ କିଛି ଠିକ୍‌ଠାକ ଚାଲୁଥିବା ଡିଣ୍ଡିମ ପିଟୁଛି। ଅନ୍ୟପକ୍ଷେ ଏହି ଯନ୍ତ୍ରଗୁଡ଼ିକୁ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଅଧିକାଂଶ ସ୍ଥାନରେ ଲଗାଇ ମାଲାମାଲ ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଖୋର୍ଦ୍ଧାର ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର କୁହନ୍ତି, ପ୍ରାୟତଃ ସବୁ ସ୍ଥାନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ମେଶିନ କରୁଛି। ଏହା ସମସ୍ତଙ୍କ ଦେହସୁହା ହୋଇଯିବାରୁ ଅଭିଯୋଗ ହେଉନାହିଁ। ଖଜୁରି ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ ନୀତିରେ ଏଠି ସମସ୍ତେ ଜାଣି ଅଜଣା। ପୁଣି ଅଧିକାଂଶ ରାଜନୈତିକ ବ୍ୟକ୍ତି ନିଜ ନିଜ ସମର୍ଥକଙ୍କ ନାମରେ ଜବକାର୍ଡ କରାଇ ନିଜ ଖର୍ଚ୍ଚ ସହ ଜବ୍‌କାର୍ଡଧାରୀଙ୍କ ଘରେ ବସି ଟଙ୍କା ରୋଜଗାର କରିବାରେ ବ୍ୟସ୍ତ। ଏଣୁ ଏ ନେଇ ଅଭିଯୋଗ କଲେ କିଛି ସୁଫଳ ମିଳୁନି। ଖୋର୍ଦ୍ଧାର ଶ୍ରୀରଞ୍ଜନ ମଙ୍ଗରାଜ କୁହନ୍ତି, ଯୋଜନାର ଲକ୍ଷ୍ୟ କାଗଜକଲମରେ ପୂରଣ ହେଉଛି। ଜିଲାରୁ ଦାଦନ ଶ୍ରମିକଙ୍କ ସମସ୍ୟା ପୂର୍ବ ପରି ଲାଗି ରହିଛି। କେବଳ ଯାହା ପଞ୍ଚାୟତସ୍ତରୀୟ ନେତା, ବ୍ଲକସ୍ତରୀୟ ଅଧିକାରୀ ଓ କର୍ମଚାରୀ ମାଲାମଲ ହେଉଛନ୍ତି। ନିଯୁକ୍ତି ନାଁରେ ଲୋକଙ୍କୁ କର୍ମକୁଣ୍ଠ କରାଯାଉଛି। ଚିଲିକା ଅଞ୍ଚଳର ପ୍ରମୋଦ ପ୍ରଧାନ କୁହନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଜବ୍‌କାର୍ଡ ମିଳିବାରେ ରାଜନୀତି ଚାଲିଛି। ଏଥିରେ ସାମିଲ ହେଲେ ପରିବାର ପ୍ରତିପୋଷଣ ହୋଇପାରିବ ନାହିଁ, ବରଂ କର୍ମକୁଣ୍ଠ ହୋଇଯିବ। ଅନ୍ୟପକ୍ଷେ କାମ ନ କରି ୧୦ ପ୍ରତିଶତ ଟଙ୍କା ମିଳୁଛି,ଯେଉଁଥିରେ ପରିବାର ଚଳିବା ସମ୍ଭବ ନୁହେଁ। ଠିକି କରି ରୋଜଗାର କରିବା ଅପେକ୍ଷା ପରିବାର ଭରଣପୋଷଣ ଉଦ୍ଦେଶ୍ୟରେ ପେଟ ଚାଖଣ୍ଡକ ପାଇଁ ଭିଟାମାଟି ଛାଡିବାକୁ ପଡୁଛି। ସେ ବର୍ଷେ ହେଲା ବାହାରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି।